# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, September 3/2025 | Page 14 | ₹ 7.00

୫୧ଶ ଭାଗ ୨୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 279 | ମୂଲ୍ୟ ₹୭/-


# ସ୍ୱଳ୍ପବୟସ୍କଙ୍କ ଆତ୍ମହତ୍ୟା ପ୍ରବଣତା ବଢୁଛି

ମାନସିକ ଚାପ ଓ ଅବସାଦ ବୃଦ୍ଧି ଯୋଗୁ ଲୋକଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ବିଶ୍ୱରେ ଘଟୁଥିବା ପ୍ରତି ୧୦୦ ମୃତ୍ୟୁ ମଧ୍ୟରୁ ଏକାଧିକ ଆତ୍ମହତ୍ୟାଜନିତ। ବିଶେଷକରି ସ୍ୱଳ୍ପବୟସ୍କଙ୍କ ମାନସିକ ସ୍ୱାସ୍ଥ୍ୟ ସଙ୍କଟ ଏଥିପାଇଁ ଦାୟୀ ବୋଲି ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ତେବେ ଜନସଚେତନତା ସୃଷ୍ଟି ସହ ଉପଯୁକ୍ତ କାଉନ୍‌ସେଲିଂ ଦ୍ୱାରା ଏହାର ନିରାକରଣ ସମ୍ଭବ ବୋଲି ବିଶେଷଜ୍ଞ ତଥା ମନସ୍ତତ୍ତ୍ୱବିତ୍‌ମାନେ ମତ ଦେଇଛନ୍ତି।




## ସଚେତନତା, କାଉନ୍‌ସେଲିଂ ଜରୁରୀ: ବିଶେଷଜ୍ଞ

ଜେନେଭା/ଭୁବନେଶ୍ୱର/କଟକ/ବ୍ରହ୍ମପୁର,୨।୯ (ବନ୍ଦନା ସେଠୀ/ ଶିଳ୍ପା ପ୍ରିୟଦର୍ଶିନୀ/ ଅଶୋକ ସାହୁ)

ବିଶ୍ୱରେ ବର୍ଷକୁ ୭.୨୭ ଲକ୍ଷ ଲୋକ ଆତ୍ମହତ୍ୟା କରୁଛନ୍ତି। ପ୍ରତି ୧୦୦ ଜଣରେ ଜଣେରୁ ଊର୍ଦ୍ଧ୍ୱ (୧.୧%) ବ୍ୟକ୍ତି ଜୀବନ ହାରୁଛନ୍ତି। ପ୍ରତି ୨୦ଜଣଙ୍କ ଆତ୍ମହତ୍ୟା ଉଦ୍ୟମରେ ଜଣେ ବ୍ୟକ୍ତିଙ୍କ ପ୍ରାଣହାନି ଘଟୁଛି। ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଉଥିବା ଲୋକଙ୍କ ମଧ୍ୟରୁ ୫୩% ହେଉଛନ୍ତି ମହିଳା ବୋଲି ଜାତିସଂଘର ସ୍ୱାସ୍ଥ୍ୟ ସଂସ୍ଥା ଡବ୍ଲ୍ୟୁଏଚ୍‌ଓ ୨୦୨୧ରେ ପ୍ରକାଶିତ ଏକ ରିପୋର୍ଟ ଆଧାରରେ ଏହାର ମାନସିକ ସ୍ୱାସ୍ଥ୍ୟ ବିଭାଗ ଅନ୍ତରୀଣ ମୁଖ୍ୟ ଦେଭୋରା କେଷ୍ଟେଲ କହିଛନ୍ତି। ଆତ୍ମହତ୍ୟା ଅଗଣିତ ଜୀବନ ଓ ଜୀବିକାକୁ ଉଜାଡ଼ି ଦେଉଛି। ଆତ୍ମହତ୍ୟାକାରୀଙ୍କ ବନ୍ଧୁ, ସମ୍ପର୍କୀୟମାନେ ଅକଳ୍ପନୀୟ ଅସୁବିଧା ଦେଇ ଗତି କରୁଛନ୍ତି। ବିଶ୍ୱରେ ଭୌଗୋଳିକ ଓ ସାମାଜିକ-ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ସ୍ୱଳ୍ପ ବୟସ୍କମାନଙ୍କ କ୍ଷେତ୍ରରେ ଆତ୍ମହତ୍ୟା ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇ ରହିଆସିଛି। ୨୦୨୧ରେ ୧୫ରୁ ୨୯ ବର୍ଷୀୟା ଝିଅ ଓ ମହିଳାଙ୍କ କ୍ଷେତ୍ରରେ ମୃତ୍ୟୁର ଦ୍ୱିତୀୟ ବଡ଼ କାରଣ ଆତ୍ମହତ୍ୟା ହୋଇଥିବାବେଳେ ସମାନ ବୟସ୍କ ପୁରୁଷଙ୍କ ପାଇଁ ଏହା ତୃତୀୟ ବୃହତ୍ କାରଣ ହୋଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି। ୨୦୦୦ରୁ ୨୦୨୧ ମଧ୍ୟରେ ଏହି ବୟସ ବର୍ଗର ଲୋକଙ୍କଠାରେ ବିଶ୍ୱବ୍ୟାପୀ ୩୫% ଆତ୍ମହତ୍ୟା ହାର ହ୍ରାସ ପାଇଥିଲେ ମଧ୍ୟ ଏହାକୁ ରୋକିବା ନେଇ ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ୨୦୧୫ରୁ ୨୦୩୦ ମଧ୍ୟରେ ଆତ୍ମହତ୍ୟା ହାର ଏକତୃତୀୟାଂଶ ହ୍ରାସ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ବର୍ତ୍ତମାନର ଅଗ୍ରଗତିକୁ ଦେଖିଲେ ୨୦୩୦ ବେଳକୁ ଏଥିରେ ମାତ୍ର ୧୨% ସଫଳତା ମିଳିପାରେ ବୋଲି ଡବ୍ଲ୍ୟୁଏଚ୍‌ଓ ଉକ୍ତ ରିପୋର୍ଟରେ ଦର୍ଶାଇଛି। ୱାର୍ଲ୍ଡ ମେଣ୍ଟାଲ ହେଲ୍‌ଥ ଟୁଡେ ଏବଂ ମେଣ୍ଟାଲ ହେଲ୍‌ଥ ଆଟ୍‌ଲାସ୍ ୨୦୨୪ ଶୀର୍ଷକ ଦୁଇଟି ରିପୋର୍ଟକୁ ☞ ପୃଷ୍ଠା-୪

# ଅଭିବୃଦ୍ଧି ପାଇଁ ମାଇଲଖୁଣ୍ଟ ହେବ ସେମିକଣ୍ଡକ୍ଟର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୯(ରବିନାରାୟଣ ଜେନା)

ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ-୨୦୨୫ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ସେମିକଣ୍ଡକ୍ଟର ସମ୍ମିଳନୀ ଏକ ଐତିହାସିକ ମଞ୍ଚ, ଯେଉଁଥିରେ ବିଶ୍ୱନେତା, ନୀତି ନିର୍ଦ୍ଦେଶକ, ଗବେଷକ, ଷ୍ଟାର୍ଟଅପ୍

## ସେମିକନ୍ ଇଣ୍ଡିଆ-୨୦୨୫



ସେମିକନ୍ ଇଣ୍ଡିଆ-୨୦୨୫ରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ।

ଏବଂ ଶିଳ୍ପ ପ୍ରବର୍ତ୍ତକମାନେ ଭାରତର ସେମିକଣ୍ଡକ୍ଟର ଭବିଷ୍ୟତକୁ ଗଢ଼ିବା ପାଇଁ ଏକତ୍ରିତ ହୋଇଛନ୍ତି। ଭାରତରେ ପ୍ରଥମ 'ମେଡ୍ ଇନ୍ ଇଣ୍ଡିଆ' ଚିପ୍‌ର ଲୋକାର୍ପଣ ସତରେ ପ୍ରେରଣାଦାୟକ, ଯାହା ଆମର ରାଷ୍ଟ୍ରର ପ୍ରଯୁକ୍ତିଗତ ନେତୃତ୍ୱ ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟ ସୃଷ୍ଟି କରିଛି।

ଏହି ଅବସରରେ ଓଡ଼ିଶା ପକ୍ଷରୁ ତିନୋଟି ଚିପ୍ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରେ ପିଏମ୍‌ଇସି ବ୍ରହ୍ମପୁର ☞ ପୃଷ୍ଠା-୪

## ସୁଦାନ ଭୂସ୍ଖଳନରେ ୧୦୦୦ ମୃତ

### ସମ୍ପୂର୍ଣ୍ଣ ଗାଁ ନିଶ୍ଚିହ୍ନ

କାଏରୋ,୨।୯

ସୁଦାନର ଡାର୍‌ଫୁର ପଶ୍ଚିମାଞ୍ଚଳରେ ଭୂସ୍ଖଳନ ଘଟି ଗୋଟିଏ ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେବା ସହ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଅଗଷ୍ଟ ଶେଷ ଭାଗରେ ପ୍ରବଳ ବର୍ଷା ଲାଗିରହିବା ଫଳରେ କେନ୍ଦ୍ରୀୟ ଡାର୍‌ଫୁରର ମରାହ ପର୍ବତମାଳାର ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶିକ୍ଷକଙ୍କ ପାଇଁ ପରୀକ୍ଷା**


ଓଡ଼ିଶା ସରକାର

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

No. T-73: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୦୮।୦୯।୨୦୨୫ରିଖ ସୋମବାର ଦିନ ସକାଳ ୧୦.୦୦ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ** ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ **ତା୦୩।୦୯।୨୦୨୫ରିଖ ଦିବା ୧୧ଘଟିକାରୁ** ଆରମ୍ଭ ହୋଇ **ସର୍ବାଧିକ ୧୦୦୦ ଜଣ** ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ୍ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିପାରିବେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09001/11/0014/2526



DSPL - 246



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓମ୍‌ଫେଡ୍ କ୍ଷୀର ଓଡ଼ିଶାର | ଓଡ଼ିଶା ଶାସନ | KORAPUT COFFEE TRIBAL COFFEE HOUSE



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶୁଭ ଉଦ୍‌ଘାଟନ**

**ଓମ୍‌ଫେଡ୍ କାଫେ ଓ କୋରାପୁଟ କଫି କାଫେ**

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମ୍ମାନିତ ଅତିଥି

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ଓଡ଼ିଶା ନିବାସ, ନୂଆଦିଲ୍ଲୀ | ୩ ସେପ୍ଟେମ୍ବର ୨୦୨୫, ସନ୍ଧ୍ୟା ୭:୩୦

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ || ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ || ଓମ୍‌ଫେଡ୍ || ଟିଡ଼ିକଲ୍
ଓଡ଼ିଶା ସରକାର

OIPR-06014/13/0053/2526

**ପଓ୍ବନ ଖେରାଙ୍କୁ ଇସି ନୋଟିସ**

ନୂଆଦିଲ୍ଲୀ ଓ ଜଙ୍ଗପୁରା ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ କଂଗ୍ରେସ ମୁଖପାତ୍ର ପଓ୍ବନ ଖେରାଙ୍କ ନାମ ଥିବା ନେଇ ମଙ୍ଗଳବାର ଭାଜପା ମୁଖପାତ୍ର ଅମିତ ମାଲବ୍ୟ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ନିର୍ବାଚନ କମିଶନ (ଇସି) ପଓ୍ବନଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୮ ତାରିଖ ପୂର୍ବାହ୍ନ ୧୧ଟା ସୁଦ୍ଧା ନୋଟିସର ଜବାବ ରଖିବାକୁ ପଓ୍ବନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ଆଫଗାନିସ୍ତାନ ଭୂକମ୍ପ ମୃତ୍ୟୁସଂଖ୍ୟା ୧,୪୧୧

**କାବୁଲ,୨।୯**

ଆଫଗାନିସ୍ତାନର କୁନାର ପ୍ରଦେଶରେ ସଂଘଟିତ ଭୟାବହ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୧,୪୧୧ରେ ପହଞ୍ଚିଥିବାବେଳେ ୩,୧୨୪ ଜଣ ଆହତ ହୋଇଛନ୍ତି। ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦଙ୍କ ସୂଚନା ଅନୁଯାୟୀ, ଭୂକମ୍ପରେ ୫,୦୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି। ରବିବାର ବିଳମ୍ବିତ ରାତିରେ ଲୋକେ ଶୋଇଥିବାବେଳେ ଭୂକମ୍ପ ଅନୁଭୂତ ହୋଇଥିଲା। ଫଳରେ ବହୁ ଘର ଭୁଶୁଡ଼ିବା ସହ ଏହାତଳେ ରହିଯାଇ ୧,୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲା। ଏବେ ବି କେତେଜଣ ଭଗ୍ନାବଶେଷ ତଳେ ରହିଯାଇଥିବା ଆଶଙ୍କା କରାଯାଉଛି। ତେବେ ଖରାପ ପାଗ ଯୋଗୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ବିଳମ୍ବିତ ହୋଇଥିବାବେଳେ ଉଦ୍ଧାରକାରୀ ଟିମ୍ ଭଗ୍ନାବଶେଷ ତଳୁ ଲୋକଙ୍କୁ ଖୋଜୁଛି। ୨୦୨୧ରେ ତାଲିବାନ୍ ଆଫଗାନିସ୍ତାନରେ କ୍ଷମତାକୁ ଆସିବା ପରେ ଏହା ତୃତୀୟ ବଡ଼ ଭୂକମ୍ପ।

### ଗୁଳି ଫୁଟାଇ ପୋଲିସ ହାଜତରୁ ଆପ୍ ବିଧାୟକ ଚମ୍ପଟ

**ଚଣ୍ଡିଗଡ଼,୨।୯**

ଏକ ବଳାତ୍କାର ମାମଲାରେ ଗିରଫ ହୋଇଥିବା ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକ ପୋଲିସ ଉପରକୁ ଗୁଳି ଫୁଟାଇ ହାଜତରୁ ଖସି ପଳାଇଛନ୍ତି। ବିଧାୟକ ଓ ତାଙ୍କ ସହଯୋଗୀମାନେ ୨ଟି ଗାଡ଼ିରେ ଫେରାର ହୋଇଯାଇଥିବାବେଳେ ପୋଲିସ ସେମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ସନୌର ଆସନର ଆପ୍ ବିଧାୟକ ହରମିତ୍ ପଠାନମାଜରା ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଥିବାର ମିଛ କହି ଜଣେ ମହିଳାଙ୍କ ସହ ସମ୍ପର୍କରେ ରହିବା ସହ ତାଙ୍କୁ ଯୌନ ଶୋଷଣ କରିବା, ଧମକ ଦେବା ଆଦି ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ବଳାତ୍କାର, ଠକେଇ ଓ ଧମକ ଦେବା ଅଭିଯୋଗରେ ମାମଲା ରୁଜୁ ହେବା ସହ ମଙ୍ଗଳବାର ସକାଳେ କର୍ନାଲରୁ ଗିରଫ କରାଯାଇଥିଲା। ସ୍ଥାନୀୟ ଥାନାରେ ହରମିତ୍ ଓ ତାଙ୍କ ସହଯୋଗୀମାନେ ପୋଲିସ ଟିମ୍ ଉପରକୁ ଗୁଳିମାଡ଼ କରି ୨ଟି ଗାଡ଼ିରେ ଖସିପଳାଇଥିଲେ। ପୋଲିସ ପିଛାକରି ଗୋଟିଏ ଗାଡ଼ିକୁ କାବୁ କରିଥିବାବେଳେ ବିଧାୟକ ଥିବା ଗାଡ଼ିକୁ ଧରିପାରି ନ ଥିଲା।

### ଦିଲ୍ଲୀ ଦଙ୍ଗା ମାମଲା: ଶର୍ଜିଲ, ଉମର ଖାଲିଦଙ୍କୁ ଜାମିନ ମିଳିଲାନି

**ନୂଆଦିଲ୍ଲୀ,୨।୯(ପି.ଟି.)**

୨୦୨୦ ଫେବୃଆରୀ ଦିଲ୍ଲୀ ଦଙ୍ଗା ମାମଲାର ଅଭିଯୁକ୍ତ ଉମର ଖାଲିଦ, ଶର୍ଜିଲ ଇମାମ ଓ ଅନ୍ୟ ୭ ଜଣଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଅଭିଯୁକ୍ତମାନେ ୨୦୨୦ରୁ ଜେଲରେ ରହିଛନ୍ତି। ସେମାନଙ୍କ ଜାମିନ ଆବେଦନକୁ ତଳକୋର୍ଟ ଖାରଜ କରିଦେବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭାରତକୁ ବିଶ୍ୱରେ ବଦନାମ କରିବା ପାଇଁ ଦଙ୍ଗା ପଛରେ ସୁଚିନ୍ତିତ ଷଡ଼ଯନ୍ତ୍ର ସହ ଆଗୁଆ ଯୋଜନା ହୋଇଥିଲା ବୋଲି ସରକାରୀ ଓକିଲ କହିବା ସହ ଜାମିନ ଆବେଦନକୁ ବିରୋଧ କରିଥିଲେ।

## ଦିଲ୍ଲୀରେ ଆଜି



ଦିଲ୍ଲୀର ଯଶୋଭୂମି କନ୍‌ଭେନଶନ ସେଣ୍ଟରଠାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମିକନ୍ ଇଣ୍ଡିଆ ୨୦୨୫ର ଉଦ୍‌ଘାଟନ କରିଛନ୍ତି। ପାଖରେ ଉପସ୍ଥିତ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା । (ଫଟୋ-ଚମନ ଗୌତମ)

## କେ. କବିତା ବିଆର୍‌ଏସ୍‌ରୁ ନିଲମ୍ବିତ

**ନୂଆଦିଲ୍ଲୀ,୨।୯**

ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମଙ୍ଗଳବାର ଦଳ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର)ଙ୍କ ଝିଅ ତଥା ବିଧାନ ପରିଷଦ ସଦସ୍ୟ କେ. କବିତାଙ୍କୁ ଦଳରୁ ନିଲମ୍ବନ କରିଛି। ବିଆର୍‌ଏସ୍‌ର କେତେଜଣ ବରିଷ୍ଠ ନେତାଙ୍କୁ ସର୍ବସାଧାରଣରେ ସମାଲୋଚନା କରିଥିବାରୁ କବିତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଆର୍‌ଏସ୍ ପକ୍ଷରୁ କୁହାଯାଇଛି, କବିତାଙ୍କ ଦଳବିରୋଧୀ କାର୍ଯ୍ୟ ଓ ମନ୍ତବ୍ୟକୁ ଗମ୍ଭୀରତାର ସହ



ନିଆଯାଇଛି। ତାଙ୍କର ଏଭଳି ବ୍ୟବହାର ଦଳକୁ କ୍ଷତି ପହଞ୍ଚାଉଥିବାରୁ ତୁରନ୍ତ ଦଳରୁ ନିଲମ୍ବନ କରିବାକୁ ଅଧ୍ୟକ୍ଷ କେସିଆର୍ ନିଷ୍ପତ୍ତି ନେଇଥିଲେ। ସମ୍ପର୍କୀୟ ଭାଇ ତଥା ବିଆର୍‌ଏସ୍‌ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଟି. ହରିଶ ରାଓ ଏବଂ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଜେ. ସନ୍ତୋଷ କୁମାର ବିପୁଳ ସମ୍ପତ୍ତି ଠୁଳ କରିବା ସହ କଂଗ୍ରେସ ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀଙ୍କ ସହ ସେମାନଙ୍କର କୌଶଳଗତ ବୁଝାମଣା ଥିବା କବିତା କିଛିଦିନ ପୂର୍ବରୁ ଅଭିଯୋଗ କରିଥିଲେ।

# ଦିଲ୍ଲୀରେ ଲୋକଙ୍କ ଘରେ ପଶିଲା ପାଣି

### ଉତ୍ତର ଭାରତରେ ବର୍ଷା ବିପ୍ଳାତ

### ଯମୁନା ବିପଦ ସଙ୍କେତ ଉପରେ ପ୍ରବାହିତ

**ନୂଆଦିଲ୍ଲୀ,୨।୯**



ଦିଲ୍ଲୀରେ ଯମୁନା ନଦୀ ବିପଦ ସଙ୍କେତ ଅତିକ୍ରମ କରିଛି। (ଫଟୋ-ଚମନ ଗୌତମ)

ସମଗ୍ର ଉତ୍ତର ଭାରତରେ ବର୍ଷା ବିପ୍ଳାତ ଲାଗିରହିଥିବାବେଳେ ଜମ୍ମୁ-କଶ୍ମୀର, ପଞ୍ଜାବ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ ସମେତ ବିଭିନ୍ନ ରାଜ୍ୟରେ ବନ୍ୟା ଆସି ବ୍ୟାପକ ଧନଜୀବନ କ୍ଷତି ହୋଇଛି। ବହୁ ରାସ୍ତା ପାଣିରେ ବୁଡ଼ିରହିବା ସହ ଅନେକ ଘର ଭାସିଯାଇଛି। ବାଦଲଫଟା ବର୍ଷା ଯୋଗୁ ଗତ କିଛିଦିନ ମଧ୍ୟରେ ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡରେ ହଠାତ୍ ବନ୍ୟା ଆସି ଅନେକ ଶହ ଲୋକଙ୍କ ଜୀବନ ଯାଇଛି। ଜମ୍ମୁ-କଶ୍ମୀରରେ ୧୨୨ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ପଞ୍ଜାବ ବନ୍ୟାରେ ୨୯ ଜଣଙ୍କ ଜୀବନ ଯାଇଛି। ଅନେକ ହଜାରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ହିମାଚଳପ୍ରଦେଶରେ ହଠାତ୍ ବନ୍ୟା ଓ ଭୂସ୍ଖଳନରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରବଳ ବର୍ଷା ଲାଗିରହିଥିବାରୁ ସେଠାରେ ମଧ୍ୟ ବନ୍ୟା ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ଯମୁନା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ଟ୍ରାନ୍ସ-ଯମୁନା ବେଲ୍ଟର ଖାଲୁଆ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଛି। ବ୍ୟାରେଜ୍‌ଗୁଡ଼ିକ କ୍ରମାଗତ ପାଣି ଛାଡୁଥିବାରୁ ଜଳପତ୍ତନ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ପୁରୁଣା ଯମୁନା ବ୍ରିଜ୍ ନିକଟରେ ବିପଦ ସଙ୍କେତ ୨୦୫.୩୩ ମିଟର ହୋଇଥିବାବେଳେ ସେଠାରେ ୨୦୫.୮୧ ମିଟର ଉଚ୍ଚରେ ଜଳ ପ୍ରବାହିତ ହେଉଛି ଓ ଏହା ଆହୁରି ବଢ଼ିବା ସମ୍ଭାବନା ରହିଛି।

ପ୍ରବଳ ବର୍ଷା ଲାଗିରହିଥିବାରୁ ମଙ୍ଗଳବାର ଜମ୍ମୁ-କଶ୍ମୀର, ଗୁରୁଗ୍ରାମ, ଉତ୍ତରପ୍ରଦେଶ ଓ ଚଣ୍ଡିଗଡ଼ରେ ସ୍କୁଲ୍‌ଗୁଡ଼ିକ ବନ୍ଦ ରହିଛି। ସୋମବାର ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ୨୦ କିଲୋମିଟର ବ୍ୟାପୀ ଟ୍ରାଫିକ୍ ଜାମ୍ ହୋଇଥିଲା। ଫଳରେ ଗୁରୁଗ୍ରାମର ଘରୋଇ ଓ କର୍ପୋରେଟ୍ ଅଫିସ୍‌ଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ଘରୁ କାମ କରିବାକୁ କହିଥିଲେ। ବନ୍ୟା ଯୋଗୁ ଦିଲ୍ଲୀ-ଏନ୍‌ସିଆର୍‌ର ବିଭିନ୍ନ ରାସ୍ତା ସମେତ ଜମ୍ମୁ-କଶ୍ମୀର ଓ ଉତ୍ତରାଖଣ୍ଡର ବହୁ ରାସ୍ତା ଅବରୋଧ ହୋଇଛି। ପଞ୍ଜାବରେ ଅଗଷ୍ଟରେ ୨୫୩.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକଠାରୁ ୭୪ ପ୍ରତିଶତ ଅଧିକ ଏବଂ ୨୫ ବର୍ଷ ମଧ୍ୟରେ ସର୍ବାଧିକ। ସେଠାର ୧୦ ଜିଲାରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଛି। ୭ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀ, ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର, ରାଜସ୍ଥାନ ଓ ହରିୟାଣାରେ ପ୍ରବଳ ବର୍ଷା ଲାଗି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ସତର୍କ କରାଇଛି।

## ମା'ଙ୍କ ଅପମାନ ସହିବନି ଦେଶ

**ନୂଆଦିଲ୍ଲୀ, ୨।୯ (ପି.ଟି.)**

### କଂଗ୍ରେସ, ଆର୍‌ଜେଡିକୁ ପ୍ରଧାନମନ୍ତ୍ରୀଙ୍କ ସମାଲୋଚନା



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ବିହାରର ଗ୍ରାମୀଣ ମହିଳାଙ୍କ ପାଇଁ 'ବିହାର ଷ୍ଟେଟ୍ ଜୀବିକା ନିଧି କ୍ରେଡିଟ୍ କୋ-ଅପରେଟିଭ୍ ଫେଡେରେଶନ ଲିମିଟେଡ୍'ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କଂଗ୍ରେସର ଭୋଟର ଅଧିକାର ଯାତ୍ରାର ଏକ ସଭାରେ ନିଜ ମା'ଙ୍କୁ ନେଇ ଦିଆଯାଇଥିବା ଅଶାଳୀନ ମନ୍ତବ୍ୟକୁ ପ୍ରସଙ୍ଗକରି ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, କଂଗ୍ରେସ ଏବଂ ଆର୍‌ଜେଡିର ମଞ୍ଚ ଉପରୁ ତାଙ୍କ ମା'ଙ୍କ ନାଁ ନେଇ ଗାଳିଗୁଲଜ କରାଯାଇଛି। ଏହା କେବଳ ତାଙ୍କ ମା'ଙ୍କ ଅପମାନ ନୁହେଁ ବରଂ ଏହା ଦେଶର ପ୍ରତି ମା'ଙ୍କର ଅପମାନ। ମା'ଙ୍କ ପ୍ରତି ଅପମାନକୁ ଦେଶ ସହିବ ନାହିଁ ଏବଂ ଏହାକୁ ନେଇ ଦେଶବାସୀ ବିରୋଧୀ ଦଳଗୁଡ଼ିକୁ ଉଚିତ ଜବାବ ଦେବେ ବୋଲି ମୋଦି କହିଛନ୍ତି। ତାଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ମା'ମାନଙ୍କ ମର୍ଯ୍ୟାଦା ଓ ଆତ୍ମସମ୍ମାନକୁ ସର୍ବଦା ପ୍ରାଥମିକତା ଦେଇ ଆସୁଛନ୍ତି ବୋଲି ସେ କହିଛନ୍ତି।

## ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରୁ ଟିକସ କମିପାରେ

**ନୂଆଦିଲ୍ଲୀ,୨।୯(ପି.ଟି.)**

### ଆଜିଠୁ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ସମେତ ବିଦ୍ୟୁତ୍‌ଚାଳିତ ଯାନରେ ଟିକସ ହ୍ରାସ ପ୍ରସ୍ତାବ ଉପରେ ବିଚାର ପାଇଁ ବୁଧବାରଠାରୁ ୨ ଦିନିଆ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ ବସୁଛି। ବର୍ତ୍ତମାନ ଜିଏସ୍‌ଟିରେ ୪ଟି ସ୍ଲାବ୍ ରହିଥିବାବେଳେ ୧୨ ଏବଂ ୨୮% ସ୍ଲାବ୍‌କୁ ହଟାଇ କେବଳ ୫ ଏବଂ ୧୮% ସ୍ଲାବ୍ ରଖିବାକୁ ପ୍ରସ୍ତାବ ରହିଛି। ତମାଖୁ ଆଦି କେତେକ ସାମଗ୍ରୀ ଉପରେ ୪୦% ଜିଏସ୍‌ଟି ଲଗାଇବା ପ୍ରସ୍ତାବ ଉପରେ ବିଚାର କରାଯିବ। ୧୨ ଏବଂ ୨୮% ସ୍ଲାବ୍‌ରେ ଥିବା ସାମଗ୍ରୀଗୁଡ଼ିକ ୫ ଏବଂ ୧୮% ସ୍ଲାବ୍ ମଧ୍ୟକୁ ଆସିଲେ ବିଭିନ୍ନ ସାମଗ୍ରୀ ଶସ୍ତା ହେବ ବୋଲି ଆଶା କରାଯାଉଛି। ତେବେ ଏହାଦ୍ୱାରା ରାଜ୍ୟଗୁଡ଼ିକ ସହିବାକୁ ଥିବା ରାଜସ୍ୱ କ୍ଷତି ଭରଣା ପାଇଁ ବିରୋଧୀଶାସିତ ରାଜ୍ୟଗୁଡ଼ିକ କ୍ଷତିପୂରଣ ଦାବି କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଜିଏସ୍‌ଟି କାଉନ୍‌ସିଲ୍‌ରେ ସମସ୍ତ ରାଜ୍ୟର ମନ୍ତ୍ରୀ ସଦସ୍ୟ ରହିଛନ୍ତି। ଜିଏସ୍‌ଟିରେ ସଂସ୍କାର ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଭାଷଣରେ ସୂଚନା ଦେଇଥିଲେ।

## ଅନଶନ ଭାଙ୍ଗିଲେ ଜରାଙ୍ଗେ

**ମୁମ୍ବାଇ, ୨।୯**

ମରାଠା ଆନ୍ଦୋଳନର ନେତୃତ୍ୱ ନେଉଥିବା ମନୋଜ ଜରାଙ୍ଗେ ପାଟିଲ ମଙ୍ଗଳବାର ଆଜାଦ ମଇଦାନରେ ଅନଶନ ଭାଙ୍ଗିଛନ୍ତି। ମନ୍ତ୍ରୀ ରାଧାକୃଷ୍ଣ ବିଖେ ପାଟିଲଙ୍କ ସହ ଆଲୋଚନା ପରେ ସେ ଅନଶନରୁ ଓହରିଥିଲେ। ଜରାଙ୍ଗେ ୮ ଦାବ ନେଇ ଗତ ୨୯ରୁ ଅନଶନରେ ବସିଥିଲେ। ସେଥିମଧ୍ୟରୁ ମହାରାଷ୍ଟ୍ର ସରକାର ୬ଟି ଦାବି ଗ୍ରହଣ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।

## ମଣିପୁର ଯିବେ ପ୍ରଧାନମନ୍ତ୍ରୀ

**ଗୁଆହାଟୀ,୨।୯**

ଜାତିଆଣ ହିଂସା ପ୍ରଭାବିତ ମଣିପୁରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ମାସ ୧୩ ଓ ୧୪ରେ ଗସ୍ତ କରିପାରନ୍ତି। ମୋଦିଙ୍କ ଗସ୍ତ ନେଇ କିଛିଦିନ ହେଲା କଳ୍ପନାଜଳ୍ପନା ଲାଗିରହିଥିବାବେଳେ ମଣିପୁର ସାଧାରଣ ପ୍ରଶାସନ ବିଭାଗ ସରକାରୀ ନୋଟ୍‌ରୁ ଏହା ଅଧିକ ପୁଷ୍ଟ ହୋଇଛି। ଭିଭିଆଇପିଙ୍କ ପ୍ରସ୍ତାବିତ ଗସ୍ତ ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଓ ଅଧିକାରୀଙ୍କୁ ମଣିପୁର ମୁଖ୍ୟ ସଚିବ ସ୍ୱାଗତ କରିଥିଲେ। ଭିଭିଆଇପିଙ୍କ ନାଁ ଉଲ୍ଲେଖ ନ ଥିବାବେଳେ ସେ ଇମ୍ଫାଲର କାଙ୍ଗଲା ଏବଂ ଚୁରାଚାନ୍ଦପୁରର ପିସ୍ ଗ୍ରାଉଣ୍ଡକୁ ଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସରକାରୀ ଅଧିକାରୀମାନେ ଏନେଇ କୌଣସି ସୂଚନା ଦେଉ ନ ଥିବାବେଳେ ପ୍ରଧାନମନ୍ତ୍ରୀ ଆସିବା ନିଶ୍ଚିତ ବୋଲି ଭାଜପାର ଜଣେ ବିଧାୟକ ସ୍ପଷ୍ଟ କରିଛନ୍ତି। ୨୦୨୩ ମେ'ରୁ ମଣିପୁରର ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୬୦ ହଜାରରୁ ଅଧିକ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ରହୁଛନ୍ତି। ଦୀର୍ଘଦିନ ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ଉକ୍ତ ରାଜ୍ୟକୁ ଗସ୍ତ କରିବାକୁ ଯାଉଛନ୍ତି। ଏତେଦିନେ ପ୍ରଧାନମନ୍ତ୍ରୀ ମଣିପୁର ଯିବାକୁ ସାହସ ଓ ସହାନୁଭୂତି ଜୁଟାଇଥିବା କଂଗ୍ରେସ କଟାକ୍ଷ କରିବା ସହ ବହୁତ ବିଳମ୍ବ ହୋଇଗଲା ବୋଲି କହିଛି।

## ତରଳୁଛି ହିମହ୍ରଦ, ନିରୀକ୍ଷଣ ଜରୁରୀ

### ଚିନ୍ତାବ୍ୟକ୍ତ କଲା ସିଡବ୍ଲ୍ୟୁସି

**ନୂଆଦିଲ୍ଲୀ, ୨।୯ (ପି.ଟି.)**



ଭାରତରେ ୪୦୦ରୁ ଅଧିକ ହିମ ହ୍ରଦ ଚିନ୍ତାଜନକ ଭାବେ ତରଳି ବିସ୍ତାରିତ ହେବାରେ ଲାଗିଛି। ଉତ୍ତର ଭାରତରେ ବନ୍ୟା, ଭୂସ୍ଖଳନ, ବାଦଲଫଟା ବର୍ଷା ପରି ପ୍ରାକୃତିକ ବିପର୍ଯ୍ୟୟ ବଢ଼ି ଚାଲିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ହିମ ହ୍ରଦ ବିସ୍ତାରିତ ହେବାର ଧାରା ଚିନ୍ତାଜନକ ହୋଇଥିବା ବେଳେ ଏହାକୁ ନେଇ ତୀବ୍ର ନିରୀକ୍ଷଣ କରାଯିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ନିଜର ସଦ୍ୟତମ ରିପୋର୍ଟରେ ପ୍ରକାଶ କରିଛି।

ଗତ ଜୁନ୍ ପାଇଁ ଭାରତରେ ଥିବା ହିମ ହ୍ରଦ ଏବଂ ଜଳାଶୟଗୁଡ଼ିକର ମାସିକ ମନିଟରିଂ ରିପୋର୍ଟରେ ସିଡବ୍ଲ୍ୟୁସି କହିଛି, ଲଦାଖ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ ଏବଂ ଅରୁଣାଚଳ ପ୍ରଦେଶରେ ଥିବା ୪୩୨ଟି ହିମ ହ୍ରଦ ବିସ୍ତାରିତ ହେବାରେ ଲାଗିଛି। ଏହାର ପ୍ରଭାବରେ ବିନାଶକାରୀ ବନ୍ୟା ଏବଂ ଭୂସ୍ଖଳନର ସମ୍ଭାବନା ଥିବାରୁ ବିସ୍ତାରିତ ହେଉଥିବା ହିମ ହ୍ରଦଗୁଡ଼ିକ ଉପରେ କଡ଼ା ନଜର ରଖାଯିବାର ଆବଶ୍ୟକତା ରହିଛି। ଗତ ଜୁନ୍‌ରେ ଭାରତରେ ମୋଟ ୬୮୧ଟି ହିମ ହ୍ରଦ ମଧ୍ୟରୁ ୪୩୨ଟିର ଜଳ ବିସ୍ତାରିତ କ୍ଷେତ୍ରରେ ବୃଦ୍ଧି ଘଟିଛି। ରିପୋର୍ଟ ଅନୁଯାୟୀ, ୨୦୧୧ ପରଠାରୁ ଭାରତରେ ଥିବା ହିମହ୍ରଦଗୁଡ଼ିକର ସମୁଦାୟ କ୍ଷେତ୍ରଫଳରେ ୩୦%ରୁ ଅଧିକ ବୃଦ୍ଧି ଘଟିଛି। ୨୦୧୧ରେ ଏହି ସଂଖ୍ୟା ୧,୯୧୭ ହେକ୍ଟର ଥିବାବେଳେ ୨୦୨୫ରେ ଏହା ୨,୫୦୮ ହେକ୍ଟରରେ ପହଞ୍ଚିଛି। ଅରୁଣାଚଳ ପ୍ରଦେଶରେ ଥିବା ସର୍ବାଧିକ ୧୯୭ ହିମ ହ୍ରଦ ବିସ୍ତାରିତ ହୋଇଛି। ଏହା ପଛକୁ ଲଦାଖର ୧୨୦, ଜମ୍ମୁ-କଶ୍ମୀରର ୫୭, ସିକିମର ୪୭, ହିମାଚଳ ପ୍ରଦେଶର ୬ ଏବଂ ଉତ୍ତରାଖଣ୍ଡରେ ଥିବା ୫ ହିମ ହ୍ରଦର ଜଳ ବିସ୍ତାରିତ କ୍ଷେତ୍ରରେ ବୃଦ୍ଧି ଘଟିଥିବା ଏହି ରିପୋର୍ଟ କହିଛି। ଗତ ଜୁନ୍‌ରେ ସାମଗ୍ରିକ ଭାବେ ହିମାଳୟ ଅଞ୍ଚଳରେ ଥିବା ୧,୪୩୫ଟି ହିମ ହ୍ରଦ ତରଳି ବିସ୍ତାରିତ ହୋଇଛି। ବାଦଲଫଟା ବର୍ଷା, ବନ୍ୟା, ଭୂସ୍ଖଳନ ଆଦି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ସମ୍ପ୍ରତି ତାଣ୍ଡବ ରଚିଥିବା ବେଳେ ସିଡବ୍ଲ୍ୟୁସିର ଉକ୍ତ ରିପୋର୍ଟ ସାମ୍ନାକୁ ଆସିଛି।

## 'ଅଭିନେତ୍ରୀଙ୍କ ସହ ଭେଦଭାବ ହୁଏ'



କ୍ରୀତି ସାନନ୍

**ମୁମ୍ବାଇ:** ସମ୍ପ୍ରତି ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀମାନଙ୍କ ମଧ୍ୟରେ ଅଭିନେତ୍ରୀ କ୍ରୀତି ସାନନ୍ ରହିଛନ୍ତି। ସେ ଅନେକ ବଲିଉଡ୍ ଚଳଚ୍ଚିତ୍ରରେ କାର୍ଯ୍ୟକରି ନିଜ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ଢେର୍ ପ୍ରଶଂସା ସାଉଣ୍ଟିଛନ୍ତି। ସୋମବାର ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କ୍ରୀତି କହିଛନ୍ତି, ବଲିଉଡ୍ ତଥା ଅନ୍ୟାନ୍ୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତାଙ୍କ ତୁଳନାରେ ଅଭିନେତ୍ରୀମାନଙ୍କୁ ଭେଦଭାବର ସାମ୍ନା କରିବାକୁ ପଡ଼ିଥାଏ। ତାଙ୍କ ସହ ଏପରି ବ୍ୟବହାର ଅନେକଥର ହୋଇଛି, ଯାହା ତାଙ୍କୁ ହୀନ ମନେ କରାଇଥାଏ। କ୍ରୀତି କହିଛନ୍ତି, ଯଦିଓ ବଲିଉଡ୍‌ରେ ଏପରି ଅଧିକଥର ହୁଏନାହିଁ, ତେବେ ମଧ୍ୟ ଏଠାରେ ଅଭିନେତାମାନଙ୍କୁ ଅଭିନେତ୍ରୀଙ୍କଠାରୁ ଅତିରିକ୍ତ ସୁବିଧା ମିଳିଥାଏ। ସେମାନଙ୍କୁ ଭଲ କାର୍‌ରେ ଯିବାଆସିବା କରିବା ଏବଂ ହୋଟେଲ ରହିବା ପାଇଁ ଭଲ ରୁମ୍ ମିଳିଥାଏ। ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତ୍ରୀମାନଙ୍କୁ ଅଭିନେତାଙ୍କ ପରି ସମାନ ଗୁରୁତ୍ୱ ଏବଂ ସୁବିଧା ମିଳି ନ ଥାଏ। ଏହା ପରୋକ୍ଷରେ ଅଭିନେତ୍ରୀମାନଙ୍କୁ ନିଜକୁ ନେଇ ହୀନ ଅନୁଭବ କରିବାକୁ ବାଧ୍ୟ କରିଥାଏ ବୋଲି କ୍ରୀତି କହିଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିରେ ଏପରି ଅନେକ ସହକାରୀ ନିର୍ଦ୍ଦେଶକ ରହିଛନ୍ତି, ଯେଉଁମାନେ ଶୁଟିଂ ଲାଗି ଅଭିନେତ୍ରୀମାନଙ୍କୁ ଆଗୁଆ ଡକାଇ ଦିଅନ୍ତି। ଯାହାଫଳରେ ସେମାନଙ୍କୁ ଅଭିନେତାଙ୍କ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ଏପରି ମାନସିକତାରେ ପରିବର୍ତ୍ତନ ଅଣାଯିବାର ଆବଶ୍ୟକତା ରହିଛି ବୋଲି ସାନନ୍ କହିଛନ୍ତି।




# ପୂର୍ବ ରାତି ୨ଟାରେ ଫିଟିବ ଶ୍ରୀମନ୍ଦିର ଦ୍ୱାର

## ଛତିଶା ନିଯୋଗ ବୈଠକରେ ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ଅନୁମୋଦନ

**ପୁରୀ,୨।୯**
**(ଅଜିତ କୁମାର ମହାନ୍ତି)**

ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ ମଙ୍ଗଳବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିଥିବାବେଳେ ଛତିଶା ନିଯୋଗର ସଦସ୍ୟ ତଥା ସେବାୟତମାନେ ଉପସ୍ଥିତ ଥିଲେ। ଆଗାମୀ ୭ତାରିଖରେ ଚନ୍ଦ୍ରଗ୍ରହଣ ହେବାକୁ ଥିବାରୁ ବୈଠକରେ ଏ ନେଇ ନୀତି ନିର୍ଘଣ୍ଟ ସ୍ଥିର ହେବା ସହ ଅନୁମୋଦନ କରାଯାଇଛି। ଚନ୍ଦ୍ରଗ୍ରହଣ ଦିବସର ପୂର୍ବରାତ୍ର ୨ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯିବା ସହ ୨ଟା ୪୦ ସୁଦ୍ଧା ମଙ୍ଗଳ ଆଳତି ନୀତି ସରି ଅନ୍ୟାନ୍ୟ ନୀତିକାନ୍ତି କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ଶ୍ରୀମନ୍ଦିରରେ ସେହିଦିନ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରାଯିବ ବୋଲି ସେବାୟତମାନେ ମତ



ରଖିଥିଲେ। ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଶ୍ରୀମନ୍ଦିରରେ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ନୀତି ଶେଷ କରି ମହାପ୍ରଭୁ ବାହୁଡ଼ା ବିଜେ କରିବା ନେଇ ସ୍ଥିର କରାଯାଇଛି। ରାତ୍ର ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ କରିବା ମାତ୍ରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ଦୈନିକ ନୀତି ଅନୁଷ୍ଠିତ ହେବ। ସେହିପରି ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ପାଇଁ ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା କିପରି ହେବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଅନ୍ୟପକ୍ଷରେ ଯାତ୍ରୀଦର୍ଶନ ନେଇ ସୁବ୍ୟବସ୍ଥା ସମ୍ପର୍କରେ ସମସ୍ତ ନିଯୋଗ ସହିତ ବୈଠକରେ ଆଲୋଚନା କରାଯାଇଥିଲା। ତେବେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ପରିଡ଼ା ମତ ରଖିଥିଲେ। ମହାପ୍ରଭୁଙ୍କ ପୂଜା ଓ ଦର୍ଶନ ନାମରେ ଅନ୍‌ଲାଇନରେ ଫେକ୍ ୱେବ୍‌ସାଇଟ୍ ଖୋଲିଥିବା ସଂସ୍ଥାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୋଲିସ ସହ ଆଲୋଚନା କରାଯାଇଥିବା ପରିଡ଼ା ବୈଠକରେ ସୂଚନା ଦେଇଥିଲେ।

# ପଞ୍ଚମ ବୃତ୍ତି ପରୀକ୍ଷା ୨୨ରେ

**କଟକ,୨।୯(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ନିମନ୍ତେ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ବୋର୍ଡ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏହି ପରୀକ୍ଷା ସେପ୍ଟେମ୍ବର ୨୨ (ସୋମବାର) ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ମଣ୍ଡଳ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀମାନଙ୍କୁ ବୋର୍ଡ ପକ୍ଷରୁ ଅବଗତ କରାଯାଇଛି। ସେହିପରି ମଣ୍ଡଳ ଶିକ୍ଷାଧିକାରୀମାନେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସେପ୍ଟେମ୍ବର ୧୯ଠାରୁ ପ୍ରଶ୍ନପତ୍ର ସଂଗ୍ରହ କରି ସମ୍ପୃକ୍ତ ପରୀକ୍ଷା ପରିଚାଳକଙ୍କୁ ହସ୍ତାନ୍ତର କରିବେ। ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ରଖିବା ପାଇଁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଫୁଲବାଣୀ, ତାଳଚେର ମେଡିକାଲ କଲେଜକୁ ଏନ୍‌ଏମ୍‌ସି ମଞ୍ଜୁରୀ

**ଭୁବନେଶ୍ୱର,୨।୯**
**(ରବିନାରାୟଣ ଜେନା)**

ଓଡ଼ିଶାର ଆଉ ଦୁଇଟି ସରକାରୀ ମେଡିକାଲ କଲେଜକୁ ମଙ୍ଗଳବାର କେନ୍ଦ୍ରର ଜାତୀୟ ଭେଷଜ କମିଶନ(ଏନ୍‌ଏମସି) ପକ୍ଷରୁ ଅନୁମତି ମିଳିଛି। ଫଳରେ ରାଜ୍ୟରେ ଚଳିତ ଶିକ୍ଷାବର୍ଷ ପାଇଁ ଏମବିବିଏସ୍ ପାଠ୍ୟକ୍ରମରେ ଆଉ ୨୦୦ ଆସନ ଅନୁମୋଦିତ ହୋଇଛି। ଫୁଲବାଣୀ ସରକାରୀ ମେଡିକାଲ କଲେଜ ପାଇଁ ୧୦୦ ଟି ସିଟ୍ ଅନୁମୋଦିତ ହୋଇଥିବାବେଳେ ତାଳଚେର ସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ

**▪ ଆଉ ୨୦୦ ଏମବିବିଏସ୍ ଆସନ ଅନୁମୋଦିତ**

ମେଡିକାଲ କଲେଜ ପାଇଁ ମଧ୍ୟ ୧୦୦ ଟି ସିଟ୍ ଅନୁମୋଦିତ ହୋଇଛି। ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରୁ ପାଠପଢ଼ା ଆରମ୍ଭ ହେବ। ଏହି ମଞ୍ଜୁରୀକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଉ ଏକ ମାଇଲ ଖୁଣ୍ଟ କରି ପାରିଛି। ଗୋଟିଏ ବର୍ଷରେ ୨୦୦ ଅଧିକ ଓଡ଼ିଆ ଛାତ୍ରୀଛାତ୍ର ଚଳିତ ଶିକ୍ଷାବର୍ଷଠାରୁ ଡାକ୍ତରୀ ଶିକ୍ଷା ଗ୍ରହଣ କରି ପାରିବେ। ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ଓ ସ୍ୱାସ୍ଥ୍ୟ ଶିକ୍ଷାରେ ଉନ୍ନତି ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ କରି ଚାଲିଛନ୍ତି। ଏହି ମଞ୍ଜୁରୀ ଦ୍ୱାରା ସରକାରଙ୍କ ଉଦ୍ୟମ ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଫୁଲବାଣୀ ଓ ତାଳଚେରର ଏହି ଦୁଇଟି ମେଡିକାଲକୁ ଏନ୍‌ଏମ୍‌ସି ଅନୁମତି(ଏଲ୍‌ଓପି) ଖୁବଶୀଘ୍ର ମିଳିବ ବୋଲି ଅଗଷ୍ଟ ୨୩ରେ 'ଧରିତ୍ରୀ'ରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା।

# ୧୯କୁ ଘୁଞ୍ଚିଲା ଏନ୍‌ଆର୍‌ଟିଏସ୍ ପରୀକ୍ଷା

**କଟକ,୨।୯(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍‌ଆର୍‌ଟିଏସ୍) ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଏହି ପରୀକ୍ଷା ସେପ୍ଟେମ୍ବର ୧୯ ତାରିଖ (ଶୁକ୍ରବାର) ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରୁ ସେପ୍ଟେମ୍ବର ୧୦ରୁ ଡାଉନ୍‌ଲୋଡ୍ କରାଯାଇପାରିବ ବୋଲି ବୋର୍ଡ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏନ୍‌ଆର୍‌ଟିଏସ୍ ପରୀକ୍ଷା ସେପ୍ଟେମ୍ବର ୧୦ରେ ହେବାର ଥିଲା।

# ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଅବଧି ବୃଦ୍ଧି

**ଭୁବନେଶ୍ୱର,୨।୯**
**(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟ, ରହଣି ଓ ଚଳାଚଳର ଅବଧି ବୃଦ୍ଧି କରିଛି। ଏହାଦ୍ୱାରା ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ହେବା ସହ ନିରନ୍ତର ଯାତ୍ରା ସୁବିଧା ଯୋଗାଇବାରେ ବିଶେଷ ସହାୟକ ହେବ। ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ୱତନ୍ତ୍ର ଟ୍ରେନ ଭଞ୍ଜପୁରରୁ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ଓ ପୁରୀରୁ ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ ଚଳାଚଳ କରିବ। ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ଶାଲିମାର ସ୍ୱତନ୍ତ୍ର ଶାଲିମାରରୁ ସେପ୍ଟେମ୍ବର ୧୪ ଓ ପୁରୀରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚଳାଚଳ କରିବ। ଯାତ୍ରୀମାନେ ଏହି ସମ୍ପ୍ରସାରଣକୁ ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଉଛି।






**ଆଜିର ମନ୍ତବ୍ୟ**

"ଭାରତ ସହ ରୁଷିଆର ସମ୍ପର୍କକୁ ପାକିସ୍ତାନ ସମ୍ମାନ କରେ। ଏଥିରେ ଆମର କୌଣସି ଆପତ୍ତି ନାହିଁ। ଆଞ୍ଚଳିକ ପ୍ରଗତି ପାଇଁ ପାକ୍ ମଧ୍ୟ ରୁଷିଆ ସହ ଦୃଢ଼ ସମ୍ପର୍କ ସ୍ଥାପନ କରିବାକୁ ଇଚ୍ଛୁକ।
—ଶେହବାଜ ଶରିଫ, ପାକିସ୍ତାନ ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୪ ଟା।
- ପ୍ରଣାମ ଗୁରୁଜୀ ସମ୍ମାନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ ଟା।

## କଟକ
- ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ ରକ୍ତଦାନ ଶିବିର, ସ୍ଥାନ: ନୂଆପଡ଼ା ଇଣ୍ଡିପେଣ୍ଡେଣ୍ଟ କ୍ଲବ, ସମୟ: ସକାଳ ୯ଟା।
- କଟକ ସତସଙ୍ଗ ବିହାର ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: କହ୍ନେଇପୁର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ନୂତନ ପରିଚାଳନା କମିଟି ବୈଠକ, ସ୍ଥାନ: ନୀଳାଦ୍ରି ଭକ୍ତ ନିବାସ, ସମୟ: ପୂର୍ବାହ୍ନ ୧୧ଟା।
- ସୁନ୍ଦରାକାଣ୍ଡ ପାଠ, ସ୍ଥାନ: ଦଇତାପଡ଼ା ସାହି ବିନାୟକ ସମିତି, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ବିଧାୟକଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଅଭିଯୋଗ ପ୍ରକୋଷ୍ଠ, ଶ୍ରୀରାମନଗର, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର
- ଖଇରା ବଜାର ବନ୍ଦ, ସ୍ଥାନ: ପ୍ରସ୍ତାବିତ ଖଇରା ବିଜ୍ଞାପିତ ଅଞ୍ଚଳର ସମସ୍ତ ୩୯ ଗ୍ରାମ, ସମୟ: ସକାଳ ୭ଟାରୁ ଅପରାହ୍ନ ୨ଟା।
- ମଧ୍ୟସ୍ଥତା ତାଲିମ କର୍ମଶାଳାର ଚତୁର୍ଥ ଦିବସ, ସ୍ଥାନ: ଜିଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅବସର ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: କାଞ୍ଚନ କମଳା ଉଚ୍ଚ ବିଦ୍ୟାଳୟ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ସୁନ୍ଦରପୁର ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ, ଧୁଷୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦୁଝର
- ହରିହାଟ (ସାମୂହିକ ଭାଗବତ ପଠନ), ସ୍ଥାନ: ସ୍ୱାମଶାସନ ସୋମେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ, ପାଟଣା, ସମୟ: ସକାଳ ୯ଟା ୪୦।

## ମୟୂରଭଞ୍ଜ
- ମହିଳା ପ୍ରାର୍ଥୀଙ୍କ ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ସକାଳ ୭ଟା।

## ବ୍ରହ୍ମପୁର
- ଉଦ୍ଭିଦ ବିଜ୍ଞାନ ପାଠଚକ୍ର, ସ୍ଥାନ: ମହାମାୟୀ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଜୋନ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଗୁଣ୍ଡପଡା ହାଇସ୍କୁଲ ଓ ଟିନିଶିଳ୍ପ ହାଇସ୍କୁଲ ବାବନପୁର, ଆସିକା ବ୍ଲକ, ସମୟ: ସକାଳ ୯ଟା।

## ଢେଙ୍କାନାଳ
- ଗଣେଶ ପୂଜା ଭସାଣି ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର
- ମିଳିତ ସୁରକ୍ଷା ଏଜେନ୍ସି ପକ୍ଷରୁ ଉପକୂଳ ମିଳିତ ସମରାଭ୍ୟାସ ସାଗରକବଚ ୨ ଆରମ୍ଭ, ସ୍ଥାନ: ନେହେରୁ ବଙ୍ଗଳା ମାଛଧରା ବନ୍ଦର, ପାରାଦୀପ, ସମୟ: ସକାଳ ୬ ଟା।
- ପୋର୍ଟ ଡିଏଭି ସ୍କୁଲର ବାର୍ଷିକ କ୍ରୀଡ଼ା କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ବଡ଼ପଡ଼ିଆ ପାରାଦୀପ, ସମୟ: ସକାଳ ୮ ଟା।
- ସଙ୍ଗଠନ ସୃଜନ ଅଭିଯାନ ମାଧ୍ୟମରେ ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ସଭାପତି ଚୟନ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ସାରଳା ଦେବୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ, ସ୍ଥାନ: ମଣିକୁଣ୍ଡା, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- କଳିଙ୍ଗନଗର ରୋଟାରି କ୍ଲବର ୧୨ତମ ଅଧିଷ୍ଠାନ ଦିବସ, ସ୍ଥାନ: ଯାଜପୁର ରୋଡ୍ ହୋଟେଲ ଯଯାତି କୋର୍ଟୟାର୍ଡ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ରୟାଲ ଡ୍ୟାନ୍ସଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ, ସ୍ଥାନ: ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ପାର୍ଶ୍ୱ ପରିବର୍ତ୍ତନ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ୪ର୍ଥ ଦିବସରେ ପାରାୟଣ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୭ଟା। ପ୍ରବଚନରେ ଅଜାମିଳ ଉପଖ୍ୟାନ ଓ ପ୍ରହଲାଦ ଚରିତ, ସମୟ: ସନ୍ଧ୍ୟା ୭ଟା।
- ଆବିଷ୍କାର ଓ ପ୍ରବାହ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବର ଅଙ୍କୁରାରୋପଣ, ସ୍ଥାନ: ଦଶପଲ୍ଲାର ସାତପାଟଣା ପିଏମ୍‌ଶ୍ରୀ ରାଧାମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ମା' ମାଣିକେଶ୍ୱରୀ ବାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଡାଙ୍ଗସୋରଡ଼ା, ଚନ୍ଦ୍ରପୁର, ସମୟ: ଅପରାହ୍ନ ୬ ଟା।

## ନବରଙ୍ଗପୁର
- ଷଷ୍ଠତମ ଜିଲା ପରିଷଦର ଅଷ୍ଟମ ସାଧାରଣ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ନୀତି ଆୟୋଗ ସିଇଓ ଦ୍ୱାରା ଭରଚୁଆଲ ସମୀକ୍ଷା, ସ୍ଥାନ: ଭିସି ହଲ, କୋରାପୁଟ, ସମୟ: ସକାଳ ୯ଟା ୩୦।
- କୋରାପୁଟ ଜିଲାପାଳଙ୍କ ଦଶମନ୍ତପୁର ଗସ୍ତ, ସ୍ଥାନ: ଦଶମନ୍ତପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ, ସ୍ଥାନ: ଦଶମନ୍ତପୁର କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଗଣେଶଙ୍କ ଲଡୁ ନିଲାମ୍, ସ୍ଥାନ: ପଛାଙ୍ଗି ବସ୍‌ଷ୍ଟାଣ୍ଡ ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି
- ବିଜୁଳି, ଘଡଘଡି ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ବିଏସ୍‌ଏନ୍‌ଏଲ୍ ପେନସନ ଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶିବିର, ସ୍ଥାନ: କଚେରୀସ୍ଥିତ ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ୟଙ୍ଗ ମୁସ୍‌ଲିମ କମିଟି ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତଭଣ୍ଡାର, କଣ୍ଟାବାଞ୍ଜି, ସମୟ: ସକାଳ ୯ଟାରୁ ସନ୍ଧ୍ୟା ୭

## ରାଉରକେଲା
- ୟୁଜିଆଇ ପ୍ରାକ୍ତନ ଛାତ୍ର ସଂସଦ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜେଲ୍ ରୋଡ୍, ଛେଣ୍ଡ, ସମୟ: ସକାଳ ୮ଟା।
- ସୁଶୀଳାବତୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟନାରାୟଣ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଗଜାନନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ରାଜୀ କରମା ପୂଜା, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ନିକଟସ୍ଥ ସିରାସୀତା ଟୁଙ୍ଗୁରୀ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା, ସ୍ଥାନ: ଚଣ୍ଡୀଭଟା ହାଇସ୍କୁଲ ପଡ଼ିଆ ଝାରବନ୍ଧ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ସଂସ୍କୃତ ଦିବସ, ସ୍ଥାନ: ମହର୍ଷି ଦୟାନନ୍ଦ ଗୁରୁକୁଳ ଆଶ୍ରମ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ହୋଟେଲ କ୍ଲାସିକ, ସମୟ: ପୂର୍ବାହ୍ନ ୧୧ଟା।
- ଭେଟ୍‌ନେରୀ ସର୍ଜନଙ୍କ କଳାବ୍ୟାଚ୍ ପରିଧାନ, ସ୍ଥାନ: ଜୁନାଗଡ଼ ଭେଟ୍‌ନେରୀ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲା ପ୍ରକ୍ରିୟା ପ୍ରୟୋଗଶାଳା, ସ୍ଥାନ: ଦେବଗଡ଼ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର
- ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ତରଭା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ବାନରସେନା ମଞ୍ଚ ନୂଆପଡା ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା ୪୫।
- ଏନ୍‌ଡିୟୁଜେ ସଂଘର ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଙ୍ଗଠନ ସୃଜନ ଅଭିଯାନକୁ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଅଗ୍ରେସନ ଭବନ ଖଡିଆଳ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ପ୍ରଥମ ପୃଷ୍ଠାରୁ...**

## ସୁଦାନ ଭୂସ୍ଖଳନରେ...

ଟାରାସିନ୍ ଗ୍ରାମରେ ରବିବାର ଭୂସ୍ଖଳନ ହୋଇଥିଲା। ଉକ୍ତ ଗାଁ ମାଟିରେ ମିଶିଯିବା ସହ ୧,୦୦୦ରୁ ଊର୍ଦ୍ଧ୍ୱ ବାସିନ୍ଦାଙ୍କ ଜୀବନ ଯାଇଛି। କେବଳ ଜଣେ ଜୀବିତ ଥିବା ସୁଦାନ ସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମୃତଦେହଗୁଡ଼ିକୁ ବାହାର କରିବାରେ ଜାତିସଂଘ ଏବଂ ଅନ୍ତର୍ଜାତୀୟ ସହାୟତା ପ୍ରଦାନକାରୀ ସଂଗଠନର ସାହାଯ୍ୟ ମଗାଯାଇଛି। ସୁଦାନରେ ୨୦୨୩ ଏପ୍ରିଲରୁ ସେନା ଏବଂ ଅର୍ଦ୍ଧସାମରିକ ରାପିଡ୍ ସପୋର୍ଟ ଫୋର୍ସ (ଆର୍‌ଏସ୍‌ଏଫ୍) ମଧ୍ୟରେ ସଂଘର୍ଷ ପରେ ଗୃହଯୁଦ୍ଧ ଲାଗିରହିଥିବାବେଳେ ଏଭଳି ବିପର୍ଯ୍ୟୟ ଦେଖାଦେଇଛି। ତେବେ ସେନା ଓ ଆର୍‌ଏସ୍‌ଏଫ୍ ମଧ୍ୟରେ ସଂଘର୍ଷ ଓ କଟକଣା ଯୋଗୁ ଜାତିସଂଘ ଓ ଅନ୍ୟାନ୍ୟ ସହାୟତାକାରୀ ସଂସ୍ଥା ମରାହ ପର୍ବତମାଳା ସମେତ ଡାର୍‌ଫୁର ଅଞ୍ଚଳର ଅଧିକାଂଶ ଭାଗରେ ପହଞ୍ଚିବା ସହଜ ନୁହେଁ। ସୁଦାନ ଗୃହଯୁଦ୍ଧରେ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୧.୪ କୋଟି ଲୋକ ଘରଦ୍ୱାର ଛାଡ଼ି ପଳାଇଛନ୍ତି। ଦେଶରେ ବିଭିନ୍ନ ଭାଗରେ ଦୁର୍ଭିକ୍ଷ ଦେଖାଦେଇଥିବାବେଳେ ଲୋକେ ଜୀବନ ବଞ୍ଚାଇବା ପାଇଁ ଘାସ ଖାଉଛନ୍ତି।

## ଅଭିବୃଦ୍ଧି ପାଇଁ ମାଇଲଖୁଣ୍ଟ...

ଦ୍ୱାରା ହାଇ ପର୍ଫମାନ୍ସ ମଲ୍ଟିପ୍ଲୟାର ଆଇସି-ସି୨ଏସ୍୦୦୬୧ରେ ବିକାଶ ସହିତ ଏନ୍‌ଆଇଟି ରାଉରକେଲା ଦ୍ୱାରା ଭିଜି ଆମ୍ପ୍ଲିଫାୟାର ଏବଂ ସେନସର ସର୍କିଟ-ସି୨ଏସ୍୦୦୧୮ ଏସ୍ପ୍ରେଜେଣ୍ଟ ଏନକ୍ରିସନ କୋର୍-ସି୨ଏସ୍୦୦୧୭ ରହିଛି। ଏହା ଭାରତର ପ୍ରଥମ 'ମେଡ୍ ଇନ୍ ଇଣ୍ଡିଆ' ଚିପ୍ ପ୍ରୟାସର ଅଂଶ ହୋଇଥିବାରୁ ଓଡ଼ିଶା ପାଇଁ ଏହା ଅତ୍ୟନ୍ତ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅସାଧାରଣ ସଫଳତା ଆମ ରାଜ୍ୟରେ ନୂତନ ପ୍ରତିଭା ଓ ନବୀନତାକୁ ପ୍ରଦର୍ଶନ କରୁଛି। ଭାରତର ସେମିକଣ୍ଡକ୍ଟର୍ ଯାତ୍ରାରେ ଓଡ଼ିଶାର ଗତିଶୀଳ ଭୂମିକାକୁ ସ୍ପଷ୍ଟ କରୁଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ରାଜ୍ୟ କ୍ୟାବିନେଟ୍ ନୂତନ ସେମିକଣ୍ଡକ୍ଟର ନୀତି-୨୦୨୫ ଆଣିଛି। ଯେଉଁଥିରେ ଭୁବନେଶ୍ୱରରେ ଦୁଇଟି ନୂତନ କେନ୍ଦ୍ର ପ୍ରତିଷ୍ଠା ହେବାକୁ ରହିଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର ବିଶ୍ୱର ବିକାଶକୁ ନିର୍ଣ୍ଣୟ କରିବାକୁ ରହିଥିବାବେଳେ ଏଥିରେ ଓଡ଼ିଶାର ବଡ଼ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ସାରାବିଶ୍ୱ ଭାରତକୁ ବିଶ୍ୱାସ ଓ ଭରସା କରୁଛି ଏବଂ ଭାରତ ସହିତ ସେମିକଣ୍ଡକ୍ଟରର ଭବିଷ୍ୟତ ନିର୍ମାଣ କରିବାକୁ ବିଶ୍ୱ ପ୍ରସ୍ତୁତ ହେଉଛି। ତେବେ ପୂର୍ବରୁ 'ତେଲ ଥିଲା କଳା ସୁନା, କିନ୍ତୁ ସେମିକଣ୍ଡକ୍ଟରର ଚିପ୍ସଗୁଡ଼ିକ ଏବେ ଡିଜିଟାଲ ଡାଇମଣ୍ଡ(ହୀରା) ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ଦଶନ୍ଧି ତୈଳ ଦ୍ୱାରା ପରିଭାଷିତ ହୋଇଥିଲା। ତୈଳ କୂପ ଜରିଆରେ ଦୁନିଆର ଭାଗ୍ୟ ନିର୍ଦ୍ଧାରଣ ହେଉଥିଲା। ଏସବୁ କୂପରୁ କେତେ ପେଟ୍ରୋଲିୟମ ଉତ୍ପାଦିତ ହେଉଛି, ତାହାକୁ ଆଧାରକରି ବିଶ୍ୱ ଅର୍ଥବ୍ୟବସ୍ଥାର ଉତ୍ଥାନପତନ ନିରୂପଣ ହେଉଥିଲା। ତେବେ ଏକବିଂଶ ଶତାବ୍ଦୀର ସାମର୍ଥ୍ୟ କ୍ଷୁଦ୍ର ଚିପ୍ ଉପରେ ନ୍ୟସ୍ତ ରହିଛି। କ୍ଷୁଦ୍ରାକୃତି ହେବା ସତ୍ତ୍ୱେ ଏସବୁ ଚିପରେ ବିଶ୍ୱର ପ୍ରଗତିକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବାର ଅପାର ସମ୍ଭାବନା ରହିଛି।

ମୋଦି କହିଥିଲେ, ବିଶ୍ୱ ସେମିକଣ୍ଡକ୍ଟର ବଜାରର ଆକାର ୬୦୦ ବିଲିୟନ ଡଲାରରେ ପହଞ୍ଚି ସାରିଛି। ଆଗାମୀ ଦିନରେ ଏହା ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଯେଭଳି ଗତିରେ ଅଗ୍ରସର ହେଉଛି, ତାକୁ ଦେଖିଲେ ୧ ଟ୍ରିଲିୟନ ଡଲାର ବଜାରରେ ଭାରତ ଏକ ବଡ଼ ଅଂଶଧନ ହାସଲ କରିବ। ଭାରତ ଯେଉଁ ଗତିରେ ଆଗକୁ ବଢ଼ୁଛି ତାହା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ୨୦୨୧ ମସିହାରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ୨୦୨୩ ସୁଦ୍ଧା ଭାରତର ପ୍ରଥମ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ମଞ୍ଜୁର କରାଯାଇଥିଲା। ବର୍ତ୍ତମାନ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଚାଲିଛି। ଏଥିରେ ୧୮ ବିଲିୟନ ଡଲାରରୁ ଅଧିକ, ଅର୍ଥାତ୍ ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସାମିଲ ରହିଛି। ଏହା ଭାରତ ପ୍ରତି ବଢ଼ୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି।

ସେ କହିଥିଲେ, ଫାଇଲ୍‌ଠାରୁ କାରଖାନା ପର୍ଯ୍ୟନ୍ତ ସମୟ ଯେତେ କମ୍ ହେବ ଏବଂ କାଗଜପତ୍ର କାମ ଯେତେ କମ୍ ହେବ, ସେତେ ଶୀଘ୍ର ୱେଫର କାର୍ଯ୍ୟ ଆରମ୍ଭ ହୋଇପାରିବ। ସରକାର ଏହି ପଦ୍ଧତିରେ ଏବେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ଜାତୀୟ ଏକକ ୱିଣ୍ଡୋ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି, ଯାହା କେନ୍ଦ୍ର ଏବଂ ରାଜ୍ୟ ଉଭୟଙ୍କ ସମସ୍ତ ଅନୁମୋଦନକୁ ଗୋଟିଏ ପ୍ଲାଟ୍‌ଫର୍ମରେ ଉପଲବ୍ଧ କରିପାରିବ। ଫଳସ୍ୱରୂପ, ନିବେଶକମାନଙ୍କୁ ବ୍ୟାପକ କାଗଜପତ୍ରରୁ ସମସ୍ୟାରୁ ମୁକ୍ତ କରାଯିବାରେ ସହାୟକ ହୋଇପାରିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆଜିର ସମାରୋହରେ ପ୍ରାୟ ୪୦ରୁ ୫୦ଟି ଦେଶର ପ୍ରତିନିଧିତ୍ୱ ସହିତ ବିଶ୍ୱର ବିଭିନ୍ନ ସ୍ଥାନରୁ ସେମିକଣ୍ଡକ୍ଟର କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତର ନବସୃଜନ ଏବଂ ଯୁବଶକ୍ତିର ଉପସ୍ଥିତି ମଧ୍ୟ ରହିଛି। ଏହି ଅନନ୍ୟ ମିଶ୍ରଣ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଏହି ଅବସରରେ ଚଳିତ ବର୍ଷର ପ୍ରଥମ ତ୍ରୈମାସର ଜିଡିପି ଅଭିବୃଦ୍ଧି ସଂଖ୍ୟା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର ଅଭିବୃଦ୍ଧି ପୁଣିଥରେ ସବୁ ଆକଳନ, ପ୍ରତ୍ୟାଶା ଏବଂ ପୂର୍ବାନୁମାନକୁ ପଛରେ ପକାଇ ଦେଇଛି। ସେ କହିଥିଲେ, ସାରା ବିଶ୍ୱର ବିଭିନ୍ନ ଅର୍ଥବ୍ୟବସ୍ଥା ନାନା ସମସ୍ୟାର ସାମ୍ନା କରୁଛନ୍ତି। ଆର୍ଥିକ ସ୍ୱାର୍ଥ ଦ୍ୱାରା ପରିଚାଳିତ ଆହ୍ୱାନ ସତ୍ତ୍ୱେ ଭାରତ ୭.୮ ପ୍ରତିଶତ ବିକାଶ ହାର ହାସଲ କରିଛି। ଉତ୍ପାଦନ, ସେବା, କୃଷି ଏବଂ ନିର୍ମାଣ ସମେତ ସବୁ କ୍ଷେତ୍ରରେ ଅଭିବୃଦ୍ଧି ସ୍ପଷ୍ଟ ରୂପେ ପରିଲକ୍ଷିତ ହୋଇଛି। ଅଭିବୃଦ୍ଧିର ଏହି ଗତିପଥ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ହେବା ଦିଗରେ ଦ୍ରୁତ ଗତିରେ ଆଗେଇ ନେଉଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଗୋଟିଏ ପ୍ଲଗ୍-ଏଣ୍ଡ-ପ୍ଲେ ଭିତ୍ତିଭୂମି ମଡେଲ ଅଧୀନରେ ଦେଶବ୍ୟାପୀ ସେମିକଣ୍ଡକ୍ଟର ପାର୍କ ବିକଶିତ କରାଯାଉଛି, ଯାହା ଜମି, ବିଦ୍ୟୁତ୍ ଯୋଗାଣ, ବନ୍ଦର ଓ ବିମାନବନ୍ଦର ସଂଯୋଗୀକରଣ ଏବଂ ଏକ ଦକ୍ଷ ଶ୍ରମିକ ପୁଲ ଭଳି ସୁବିଧା ପ୍ରଦାନ କରିଥାଏ। ଯେତେବେଳେ ଏପରି ଭିତ୍ତିଭୂମିକୁ ପ୍ରୋତ୍ସାହନ ସହିତ ଯୋଡାଯାଏ, ସେତେବେଳେ ଶିଳ୍ପ ଅଭିବୃଦ୍ଧି ଅନିବାର୍ଯ୍ୟ। ଭାରତ ବ୍ୟାକଏଣ୍ଡ କାର୍ଯ୍ୟରୁ ଆଗକୁ ବଢ଼ି ଏକ ପୂର୍ଣ୍ଣ-ଷ୍ଟାକ୍ ସେମିକଣ୍ଡକ୍ଟର ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଛି। ସେହି ଦିନ ଆଉ ବେଶୀ ଦୂର ନାହିଁ ଯେତେବେଳେ ଭାରତର ସବୁଠାରୁ ଛୋଟ ଚିପ୍ ବିଶ୍ୱର ସବୁଠାରୁ ବଡ଼ ପରିବର୍ତ୍ତନ ଆଣିବ। ସେହି ଦିନ ଆଉ ବେଶୀ ଦୂରରେ ନାହିଁ ଯେତେବେଳେ ବିଶ୍ୱ କହିବ: ଭାରତରେ ଡିଜାଇନ୍, ଭାରତରେ ନିର୍ମିତ ସାମଗ୍ରୀକୁ ବିଶ୍ୱ ଭରସା କରୁଛି ବୋଲି ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶାର ୩ ଚିପ୍ ଉପହାର




ସେମିକନ୍ ଇଣ୍ଡିଆ-୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉପହାର ଦିଆଯାଇଥିବା ଓଡ଼ିଶା ନିର୍ମିତ ୩ ଚିପ୍।

## ସ୍ୱଳ୍ପବୟସ୍କଙ୍କ ଆତ୍ମହତ୍ୟା...

ବିଶ୍ଳେଷଣ କରି କୁହାଯାଇଛି, ଲିଙ୍ଗ ଅନୁସାରେ ମାନସିକ ରୋଗରେ ଭିନ୍ନତା ଥାଇପାରେ। କିନ୍ତୁ ମୋଟାମୋଟି ଭାବେ ମହିଳାମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ଅନେକ ଦେଶର ସରକାର ନିଜସ୍ୱ ମାନସିକ ସ୍ୱାସ୍ଥ୍ୟ ନୀତି ଆଣି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରୁଛନ୍ତି। ଏପରି କି ଲୋକଙ୍କୁ ମାନସିକ ରୋଗରୁ ରକ୍ଷା କରିବା ପାଇଁ ସେବା କ୍ଷେତ୍ରରେ ପୁଞ୍ଜିନିବେଶ କରୁଛନ୍ତି। ତଥାପି ମେଣ୍ଟାଲ ହେଲ୍‌ଥ ସର୍ଭିସ୍ ବର୍ତ୍ତମାନ ଏକ ବୃହତ୍ ଆହ୍ୱାନରେ ପରିଣତ ହୋଇଛି ବୋଲି ଡବ୍ଲ୍ୟୁଏଚ୍‌ଓ ନିର୍ଦ୍ଦେଶକ ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍ କହିଛନ୍ତି।

### ବିଶେଷଜ୍ଞଙ୍କ ମତରେ...

#### ■ ସଚେତନତା ଜରୁରୀ



ମାନସିକ ଚାପ ବା ଅବସାଦ ଆତ୍ମହତ୍ୟାର ଅନ୍ୟତମ ପ୍ରମୁଖ କାରଣ। ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବାର ବହୁ ପୂର୍ବରୁ ତାଙ୍କଠାରେ ମାନସିକ ଅବସାଦର ଲକ୍ଷଣ ଦେଖାଦେଇଥାଏ। ସେହି ସମୟରେ ଅନ୍ୟ ଲୋକ ଉକ୍ତ ମଣିଷକୁ ସେଥିରୁ ବାହାର କରି ଆଣିପାରିବେ। ଡାକ୍ତରଙ୍କ ପରାମର୍ଶ ହେଉ କିମ୍ବା ଦୁଇପଦ ଭଲ କଥା ହେବା ଦ୍ୱାରା ମାନସିକ ଅବସାଦରୁ ମଣିଷ ବଞ୍ଚି ଯାଇପାରିବ। ଏହାସହ ଲୋକଙ୍କୁ ଅଧିକରୁ ଅଧିକ ମାତ୍ରାରେ ସଚେତନ କରିବା ଜରୁରୀ ରହିଛି।

**– ପ୍ରଫେସର ଡା. ଅଜୟ ମିଶ୍ର, ବିଭାଗୀୟ ମୁଖ୍ୟ, ମାନସିକ ରୋଗ ବିଭାଗ, ଏସ୍‌ସିବି ମେଡିକାଲ**

#### ■ କାଉନ୍‌ସେଲିଂର ଆବଶ୍ୟକତା ରହିଛି



ମାନସିକ ଚାପ କେବଳ ଆତ୍ମହତ୍ୟା କାରଣ ହୋଇ ନ ଥାଏ। କାରଣ ମଣିଷର ମଧ୍ୟ ମସ୍ତିଷ୍କରେ ସେରୋଟନିୟମ ସ୍ନାୟୁ ଦୋଷ ଥାଏ, ଯାହାର ପରିମାଣ କମିଗଲେ ମଧ୍ୟ ମଣିଷ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥାଏ। ମାନସିକ ଚାପ ହେଉ ବା ଏହି ସ୍ନାୟୁଦୋଷର ପରିମାଣ କମିବା ହେଉ ଉଭୟ ହେଲେ ଏହାର ଲକ୍ଷଣ ଦେଖାଦେବ। କୌଣସି ବ୍ୟକ୍ତିଙ୍କଠାରେ ଯଦି ଏଭଳି କୌଣସି ଲକ୍ଷଣ ଦେବା ମାତ୍ରେ ତାଙ୍କ ପରିବାର ଲୋକ ହୁଅନ୍ତୁ ବା ଆଖପାଖ ଲୋକ ଉକ୍ତ ବ୍ୟକ୍ତିଙ୍କୁ ଡାକ୍ତର ପରାମର୍ଶ କରାଇବା ଆବଶ୍ୟକ, ଯଦ୍ୱାରା ଉପଯୁକ୍ତ କାଉନସେଲିଂ ଉକ୍ତ ବ୍ୟକ୍ତିଙ୍କ ମାନସିକ ଏହି ଚିନ୍ତାଧାରାକୁ ବଦଳାଇପାରିବ।

**– ଡା. ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ**

#### ■ ସାମାଜିକ ଗଣମାଧ୍ୟମର ପ୍ରଭାବ ବିଗିଡ଼ାଉଛି



ଜଣଙ୍କୁ ଆକ୍ରମଣ କରିବା ଯେଭଳି ପାପ, ଆତ୍ମହତ୍ୟା ମଧ୍ୟ ଏକ ଅପରାଧ। କିଛିବର୍ଷ ମଧ୍ୟରେ ସୋସିଆଲ ମିଡିଆ ଯୋଗୁ ଏହା ବହୁ ଗୁଣରେ ବଢ଼ିଛି। ପୂର୍ବରୁ ଯେଉଁଠି ଆତ୍ମହତ୍ୟା ହେଉଥିଲା ଜଣାପଡୁ ନ ଥିଲା। କିନ୍ତୁ ଏବେ ଆତ୍ମହତ୍ୟା ପଛରେ ଷ୍ଟୋରି। ସାମାଜିକ ଗଣମାଧ୍ୟମରୁ କିଭଳି ଆତ୍ମହତ୍ୟା କରିବ, କିଭଳି ଆକ୍ରମଣ କରିବ ସେଥିରୁ ଜଣେ ଶିଖୁଛି। ଆତ୍ମହତ୍ୟା ବଢ଼ିବାର କାରଣ ସାମାଜିକ ଗଣମାଧ୍ୟମ ଓ ସହନଶୀଳତାର ଅଭାବ। ଯେଉଁମାନେ ବିଷାଦଗ୍ରସ୍ତ ଥିବେ, ସେମାନେ କାହାକୁ କହିପାରିବେନି। ମାନସିକ ବିଷାଦଗ୍ରସ୍ତଙ୍କ ପାଇଁ କେନ୍ଦ୍ର ସରକାର ଏକ ନମ୍ବର ୧୪୪୧୬ ଜାରି କରିଛନ୍ତି। ଏହା ହେଉଛି ଟେଲି ମାନସ ନମ୍ବର। ଏଥିରେ ଫୋନ କଲେ ୨୪ ଘଣ୍ଟା ସାଇକୋଲୋଜିଷ୍ଟମାନେ ଉପଦେଶ ଦେବେ। ଓଡ଼ିଶା ଟେଲିମେଡିସିନ ସେଲ୍‌ର ନୋଡାଲ ଅଫିସର ଭାବେ କହିବି ଯେ, ଏହି ନମ୍ବରରେ ଫୋନ କଲେ ବହୁ ସମାଧାନ ହୋଇପାରିବ। ଏପରି କି ଅନେକ ଲୋକ ଏଥିରୁ ଉପକୃତ ହୋଇଥିବା ମଧ୍ୟ ଜଣାପଡ଼ିଛି। ସେମାନେ ଆତ୍ମହତ୍ୟା ନ କରି ବଞ୍ଚିବା ଶିଖିଛନ୍ତି।

**– ଡା. ବିଭୁ କଲ୍ୟାଣ ସାହୁ, ମାନସିକ ରୋଗ ବିଶେଷଜ୍ଞ, ନିଶା ନିବାରଣ କେନ୍ଦ୍ର, ଏମ୍‌କେସିଜି ମେଡିକାଲ କଲେଜ, ବ୍ରହ୍ମପୁର**

#### ■ ମାନସିକ ବିଷାଦଗ୍ରସ୍ତ ବ୍ୟକ୍ତି ନିଜ ଭିତର ଦୁଃଖକୁ ମାରିବାକୁ ଚାହିଁଥାଏ



ମାନସିକ ବିଷାଦଗ୍ରସ୍ତ କ'ଣ, ସେନେଇ ପ୍ରଥମେ ସମସ୍ତେ ସଚେତନ ହେବା ଆବଶ୍ୟକ। କୌଣସି ଖରାପ ପରିସ୍ଥିତି ଆମ ଜୀବନରେ ଆସିଲେ ତାହାର ସମ୍ମୁଖୀନ ନ ହୋଇ ସବୁବେଳେ ଦୁଃଖରେ ରହିବା, ନକାରାତ୍ମକ ଚିନ୍ତା କରିବା, ଜୀବନରେ ସବୁ ସରିଯାଇଛି ଭାବି ଆତ୍ମହତ୍ୟା କରିବାକୁ ଭାବିବା, ନିଜକୁ ମୂଲ୍ୟହୀନ ଭାବିବା, ଲୋକଙ୍କ ସହ ନ ମିଶିବା ଆଦି ଲକ୍ଷଣ ୧୫ ଦିନରୁ ଅଧିକ ଲାଗିକି ରହିଲେ ତାହାକୁ ମାନସିକ ବିଷାଦ ରୋଗ ବା ଡିପ୍ରେସନ ବୋଲି କୁହାଯାଏ। ମାନସିକ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଥିବା ଲୋକ ବାସ୍ତବରେ ମରିବାକୁ ଚାହିଁ ନ ଥାଏ, ସେ ନିଜ ଭିତରେ ଥିବା ଦୁଃଖ, ସମସ୍ୟାକୁ ମାରିବାକୁ ଚାହିଁ ଏଭଳି ପଦକ୍ଷେପ ନେଇଥାଏ। ତେବେ ମାନସିକ ବିଷାଦ ରୋଗ ସମ୍ପୂର୍ଣ୍ଣରୂପେ ନିରାକରଣ ହୋଇପାରିବ। ଏଥିପାଇଁ ମେଡିସିନ ଖାଇବେ କିମ୍ବା ସାଇକୋଲୋଜିକାଲ ଥେରାପି ନେଇ ରୋଗକୁ ପ୍ରତିହତ କରିହେବ।

**– ଡା. ପ୍ରଶାନ୍ତ କୁମାର ସେଠୀ, କ୍ଲିନିକାଲ ସାଇକୋଲୋଜି ଲେକ୍‌ଚରର୍, ଏସ୍‌ସିବି ମେଡିକାଲ କଲେଜ**

#### ■ ମାନସିକ ଅବସାଦ ଏକ ରୋଗ



ମାନସିକ ଅବସାଦ ଏକ ରୋଗ। ମାତ୍ର ଏହାକୁ ରୋଗ ବୋଲି ଅନେକ ଲୋକ ବିଶ୍ୱାସ କରନ୍ତି ନାହିଁ। ଜଣେ ଅବସାଦଗ୍ରସ୍ତ ହୋଇଥିବାବେଳେ ସେ ଜାଣିଶୁଣି ଅଭିନୟ କରୁଛି ବୋଲି କହିଥାନ୍ତି, ମାତ୍ର ବାସ୍ତବ କଥାକୁ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ। ଫଳରେ ମାନସିକ ଚାପର ବଶବର୍ତ୍ତୀ ହୋଇ ଧୀରେ ଧୀରେ ସେ ଆତ୍ମହତ୍ୟା କରିବାକୁ ପଛାଇ ନ ଥାଏ। ଜଣେ ମାନସିକ ବିଷାଦଗ୍ରସ୍ତ କି ନୁହେଁ ତାହା ତାଙ୍କ ପାଖଲୋକ ବା ଘରଲୋକ ଲକ୍ଷଣ ଦେଖି ଜାଣିପାରିବେ। ନିଦ ନ ହେବା, ଚିଡ଼ିଚିଡ଼ି ହେବା, ଖିଆପିଆ ଠିକ୍ ଭାବେ ନ କରିବା, ନିଜର ଯତ୍ନ ନ ନେବା, ନକାରାତ୍ମକ ଚିନ୍ତା କରିବା, ଆତ୍ମହତ୍ୟା କରିବା ନେଇ ବାରମ୍ବାର କହିବା ଆଦି ଲକ୍ଷଣ ଦେଖାଯାଇଥାଏ। ମାନସିକ ବିଷାଦଗ୍ରସ୍ତ ହେବା ସହଜ କଥା ନୁହେଁ, ମାତ୍ର ପାଖଲୋକ ନିରୀକ୍ଷଣ କଲେ ଆରମ୍ଭରୁ ହିଁ ଜାଣିପାରିବେ। ମାତ୍ର କିଛି କ୍ଷେତ୍ରରେ ଘରଲୋକ ଏହାକୁ ଗୁଣି କିମ୍ବା ଖରାପ ସମୟ ଭାବି ଜ୍ୟୋତିଷ ଏବଂ ଗୁଣିଆ ପାଖକୁ ଦୌଡ଼ିଥାନ୍ତି। ତେବେ ମାନସିକ ବିଷାଦରୁ ରକ୍ଷା ପାଇବା ପାଇଁ ହେଲେ ଯୋଗ, ବ୍ୟାୟାମ କରିବା ସହିତ ନିଜକୁ ସମୟ ଦେବା ଦରକାର ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ।

**– ଡା. ଅଶ୍ରୁମୋଚନ ସାହୁ, ଆସୋସିଏଟ୍ ପ୍ରଫେସର, ମାନସିକ ରୋଗ ବିଭାଗ, ଏସ୍‌ସିବି ମେଡିକାଲ କଲେଜ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବତେଇ ଦଉଚି ପରକୁ**
**ବୁଦ୍ଧି ନ ଆସଇ ଘରକୁ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର। କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ'ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେକ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଟେ ଯାଉ ଯାଉ ଦେଖିଲି କୂଅ;**
**ଆଉ ବୁଢ଼ୀକାଳେ ହୋଇବ ପୁଅ?**

ବୟସ ଓ ସମୟ ଆଗରେ ମଣିଷ ହାର ମାନିଥାଏ। କ୍ଷମତାର ସମୟ ଉତ୍ତୀର୍ଣ୍ଣ ହେବା ପରେ ଆଉ କିଛି କଳାକୌଶଳ ପ୍ରଦର୍ଶନ କରିବାକୁ ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜିର ଗ୍ରହଯୋଗ ପ୍ରଭାବ ନିଜ ନିଜ ସ୍ତରରେ ଅର୍ଥ, ସମ୍ମାନ, ସାମାଜିକ ପ୍ରତିଷ୍ଠା ପ୍ରଦାନ କରିବ। ଆର୍ଥିକ ସଙ୍କଟ ଦୂର ହେବା ସହ ନୂତନ ଯୋଜନା ଆରମ୍ଭ କରିବାକୁ ମନ ବଳାଇବେ ଓ ସଫଳତା ମଧ୍ୟ ପାଇବେ। ବ୍ୟବସାୟ କ୍ଷେତ୍ର, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ଏପରି କି ପାରିବାରିକ ଜୀବନରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ**: ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ଆନୁଷ୍ଠାନିକ କାମରେ କିମ୍ବା ରାଜନୈତିକ କ୍ଷେତ୍ରରେ ଅପ୍ରିୟ ସତ୍ୟ ବିରୋଧଭାବ ପୋଷଣ କରିବ। ଆର୍ଥିକ ସ୍ଥିତି ଭଲ ରହିବାରୁ ଖୁସି ମିଜାଜରେ କାମ କରିବାର ସ୍ପୃହା ଜାଗ୍ରତ ହେବ।

**ମିଥୁନ**: ସଯୌକ୍ତିକ ମନ୍ତବ୍ୟ ବୁଦ୍ଧିଜୀବୀ, କର୍ମକ୍ଷେତ୍ର ଓ ସାମାଜିକ ଜୀବନରେ ପ୍ରଶଂସନୀୟ କରାଇବ। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱୀମାନେ ନୀରବ ରହିବେ। ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପାଖରେ ପାଇପାରୁ ନ ଥିବା ଫାଇଲ୍ ପତ୍ର କିମ୍ବା କୌଣସି ଜିନିଷଟି ପାଇଁ ବିବାଦ ବଢ଼ିପାରେ।

**କର୍କଟ**: ସଫଳତାଜନିତ ପ୍ରତ୍ୟେକ ସ୍ଥାନରେ ପ୍ରଶଂସିତ ହେଲେ ମଧ୍ୟ ତାହା ପୂର୍ଣ୍ଣ ସନ୍ତୋଷ ଦେଇ ନ ପାରେ। କର୍ମାରମ୍ଭ ପ୍ରତିପଦ ହେବ, ମାତ୍ର ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିବ। ନିର୍ମାଣ, ବାଣିଜ୍ୟ ତଥା ପରିବହନରେ ସମସ୍ୟା ସମାଧାନ ହେବ। ପରିବାରରେ କୌଣସି ବ୍ୟକ୍ତିର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସମ୍ଭାବନା ରହିଛି।

**ସିଂହ**: ପାରିବାରିକ କ୍ଷେତ୍ର ଭଲ ରହିବ କିନ୍ତୁ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି। ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ ଜୀବନରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇପାରେ।

**କନ୍ୟା**: ପରୋକ୍ଷ ଶତ୍ରୁତାଜନିତ ବିଭିନ୍ନ ପ୍ରତିବନ୍ଧକ ଲାଗି ରହିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରର ବିବାଦୀୟ ଆଲୋଚନାରେ ମୁଣ୍ଡ ନ ପୂରାଇବା ଭଲ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ। ଆଜି ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବ।

**ତୁଳା**: ଆଜି ପ୍ରତ୍ୟେକ ସ୍ତରରେ ସୁନାମ ଅର୍ଜନ କରିବା ସହ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେଇପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଯାତ୍ରା, ବନ୍ଧୁମିଳନ, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇପାରନ୍ତି।

**ବିଛା**: ଯିଏ ଯେତେ ଶତ୍ରୁତା କରୁନା କାହିଁକି ଆପଣଙ୍କ କୌଣସି ଅସୁବିଧା ହେବନାହିଁ। ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ଟଙ୍କା ପଇସା ହଜିଯାଇପାରେ। ସାହିତ୍ୟ, ସଂଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ସୁନାମ ଅର୍ଜନ କରିବାର ସୁଯୋଗ ପ୍ରାପ୍ତ ହେବ। କାମ ହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ**: ଆପଣଙ୍କ ଜଣାଶୁଣା ବ୍ୟକ୍ତି ଈର୍ଷାପରାୟଣବଶତଃ ସମସ୍ୟା ସୃଷ୍ଟି କରିପାରନ୍ତି। ଆଲୋଚନା ବେଳେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରତି ଆଗ୍ରହ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଯଥା ସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର**: କର୍ମବ୍ୟସ୍ତତା ମଧ୍ୟରେ ଅସୁସ୍ଥତାଜନିତ ମନ ଭଲ ଲାଗିବ ନାହିଁ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ, ସାହିତ୍ୟରେ, ପରିବାରରେ, ପରିବହନରେ ସମସ୍ୟା ସମାଧାନ ହୋଇଯିବ। ଯେତେ ଭଲକଥା କହିଲେ ମଧ୍ୟ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କ ସହ ସୁସମ୍ପର୍କ ରହିବ ନାହିଁ। ଆଜିର ଯାତ୍ରାରେ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ।

**କୁମ୍ଭ**: ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ। ସଭାସମିତି କିମ୍ବା ଆଲୋଚନା ପରିସରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ସହକର୍ମୀଙ୍କ ସ୍ୱାର୍ଥକାତର କଥାରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବାକୁ ପଡ଼ିପାରେ। ଆଜିର ବ୍ୟବସାୟିକ ସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ।

**ମୀନ**: ଆଜି ନୂଆ କାମଟିଏ ଆରମ୍ଭ କରି ଖୁସି ରହିବେ ଏବଂ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ଇଚ୍ଛା ନ ଥାଇ ମଧ୍ୟ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବ ନାହିଁ। ଆନୁଷ୍ଠାନିକ କାମ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟରେ ଅଂଶଗ୍ରହଣ କରି ଖୁସି ମନାଇ ପାରନ୍ତି।

ଆଜି ସେପ୍ଟେମ୍ବର ୩ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ପାର୍ଶ୍ୱପରିବର୍ତ୍ତନ, ବଡ଼ ଏକାଦଶୀ ବୁଧବାର, ବୁଧିବାମନ ଓଷା ଶେଷ ପାଳି। ରାଶିନକ୍ଷତ୍ର-ପୂର୍ବଷାଢ଼ା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୫ମି. ଗତେ ଘ.୦୭.୧୪ମି. ମଧ୍ୟେ, ଘ.୧୦.୧୩ମି. ଗତେ ଘ.୧୧.୨୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୧୮ମି. ମଧ୍ୟେ ରାହୁ କାଳ।

# ବର୍ଷକରେ ଋଣ ୨୫,୦୪୧ କୋଟି

ଭୁବନେଶ୍ୱର,୨।୯ (ରବିନାରାୟଣ ଜେନା)

ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକବର୍ଷ ତଥା ୨୦୨୫ ମାର୍ଚ୍ଚ ସୁଦ୍ଧା ୨୫ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ହାତ ଉଦ୍ଧାର ତଥା ଋଣ କରିଛନ୍ତି ବୋଲି ରାଜ୍ୟ ପ୍ରମୁଖ ମହାଲେଖାକାରଙ୍କ ଇକ୍‌ଜିଟ୍ କନଫରେନ୍ସ-୨୦୨୫ରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ରାଜ୍ୟ ସରକାର ୨୫ହଜାର ୩୮୧କୋଟି.୫୮ କୋଟି ଟଙ୍କା ସର୍ବସାଧାରଣରୁ ଋଣ କରିଛନ୍ତି। ହେଲେ ସେଥିମଧ୍ୟରୁ ସରକାରଙ୍କ ହାତରେ ୧୫୬.୬୧କୋଟି ଟଙ୍କାର ଆପତକାଳୀନ ପାଣ୍ଠି(କଣ୍ଟିଜେନସୀ ଫଣ୍ଡ) ରହିଛି। ମାତ୍ର ସମୁଦାୟ ଋଣ ପରିମାଣ ୨୫ହଜାର ୪୧କୋଟି ୯୬ଲକ୍ଷ ଟଙ୍କା ରହିଛି। ଅନ୍ୟପକ୍ଷରେ ୨୦୨୩-୨୪ ଆର୍ଥିକବର୍ଷରୁ ଓପନିଂ ବାଲାନ୍ସରୁ କମ୍ୟୁଲେଟିଭ୍ ବାଲାନ୍ସକୁ ବିଯୁକ୍ତ କରିବା ପରେ ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ୩.୬୦କୋଟି ଟଙ୍କା ବକେୟାରେ ଅଛନ୍ତି।

ପିଏଜି ପକ୍ଷରୁ ରାଜ୍ୟ ପୂର୍ଣ୍ଣାଙ୍ଗ ବିତ୍ତୀୟ ସ୍ଥିତାବସ୍ଥାରେ କୁହାଯାଇଛି ଯେ, ରାଜ୍ୟ ସରକାର ଏହି ଅବଧି ମଧ୍ୟରେ ବିଭିନ୍ନ ଉତ୍ସରୁ ୧ଲକ୍ଷ ୮୩ହଜାର ୯୬୨.୬୮କୋଟି ଟଙ୍କା ପାଇଥିବାବେଳେ ୧ଲକ୍ଷ ୬୧ହଜାର ୩୧୨.୧୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସେଥିମଧ୍ୟରେ ଭିତ୍ତିଭୂମି ବାବଦରେ ସରକାର ୪୫ହଜାର ୪୮୦.୬୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି ଅବଧି ମଧ୍ୟରେ ୪୨ହଜାର ୭୩୨.୪୫କୋଟି ଟଙ୍କା ସରକାର ବିଭିନ୍ନ ଉତ୍ସରୁ ପାଇଥିବାବେଳେ ୧୭ହଜାର ୩୫୦.୮୭କୋଟି ଟଙ୍କା ବିଭିନ୍ନ ବାବଦରେ ଦେୟ କରିଛନ୍ତି। ମାର୍ଚ୍ଚ ସୁଦ୍ଧା ସରକାରଙ୍କ ହାତରେ ୧୪ହଜାର ୯୫୪କୋଟି ଟଙ୍କା ରହିଥିବାବେଳେ ବିତ୍ତୀୟ ନିଅଣ୍ଟ ୨୫ହଜାର ୪୧କୋଟି ଟଙ୍କା ରହିଥିବା ରିପୋର୍ଟରୁ ଜଣାଯାଇଛି।

ଏନେଇ ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ଭିତ୍ତିଭୂମି ନିର୍ମାଣ ଅପେକ୍ଷା କାର୍ଯ୍ୟକ୍ରମ ବାବଦରେ ଅଧିକ ଅର୍ଥ ଖର୍ଚ୍ଚ କରିଛନ୍ତି। ସେଥିମଧ୍ୟରେ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ଦରମା, ପେନସନ୍ ସହିତ ଜନକଲ୍ୟାଣମୂଳକ ଯୋଜନା 'ସୁଭଦ୍ରା' ଭଳି ବିଭିନ୍ନ ଯୋଜନାରେ ଅଧିକ ପରିମାଣ ଅର୍ଥ ଖର୍ଚ୍ଚ ହୋଇଛି।

# ଦଳ ବିରୋଧୀ କାର୍ଯ୍ୟ: ବିଜେଡିରୁ ୨ ନିଲମ୍ବିତ

ଭୁବନେଶ୍ୱର, ୨।୯ (ସୁନିତ୍ ମିଶ୍ର)

ଦଳ ବିରୋଧୀ କାର୍ଯ୍ୟକରିବା ଅଭିଯୋଗରେ ବିଜେଡି ୨ ଜଣଙ୍କୁ ନିଲମ୍ବନ କରିଛି। ଗୋପ ବ୍ଲକ୍ ସୋରିସିଆପଦାର ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ସତ୍ୟବାଦୀ ବ୍ଲକ୍ ଗଦାବଳରାମପୁର ପଞ୍ଚାୟତର କୃଷ୍ଣଚନ୍ଦ୍ର ସ୍ୱାଇଁ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ଉଭୟଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଦଳୀୟ ମୁଖ୍ୟାଳୟ ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତରେ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି।

# ତାଲୁଆରେ ଝାଡ଼ାବାନ୍ତି: ଜଣେ ମୃତ, ୮ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଚଣ୍ଡିଖୋଲ,୨।୯ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ବ୍ଲକ ସାଉଡ଼ିଆ ପଞ୍ଚାୟତ ଅନ୍ତର୍ଗତ ତାଲୁଆ ଗ୍ରାମର ୧୨ନଂ. ୱାର୍ଡରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ଆକ୍ରାନ୍ତ ହୋଇ ରବିବାର ଚିକିତ୍ସାଧୀନ ଅବସ୍ଥାରେ ଗ୍ରାମର ଝରଣା ମଲିକ(୪୭)ଙ୍କ କଟକ ବଡ଼ ମେଡିକାଲରେ ମୃତ୍ୟୁ ହୋଇଛି। ୮ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ଦୁଇ ଜଣ କାଳୀ ମଲିକ ଓ ପୁଅ ଉମାକାନ୍ତ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ପଞ୍ଚୁ ମଲିକ (୭୦) ଓ ପୁଅ ପ୍ରଭାତ ମଲିକ(୪୦) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ଜିଲା ମହାମାରୀ ବିଶେଷଜ୍ଞ ଡାକ୍ତର ଜ୍ୟୋତିରଞ୍ଜନ ରାଉତ, ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ମନୋରମା ସ୍ୱାଇଁ, ସରପଞ୍ଚ ଜଗନ୍ନାଥ ଖଣ୍ଡାଇଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଗାଁରେ ପହଞ୍ଚି ଜଳ ନମୁନା ସଂଗ୍ରହ କରିଛନ୍ତି। ଲୋକଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଇଛନ୍ତି। ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ମାଧ୍ୟମରେ ଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ସୋମବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ବିଡିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଉକ୍ତ ଗ୍ରାମରେ ପ୍ରାୟ ୧୭ ପରିବାରର ଲୋକସଂଖ୍ୟା ୮୦ରୁ ଊର୍ଦ୍ଧ୍ୱ ହେବ। ସମସ୍ତେ ଗରିବ ଅନୁସୂଚିତ ଜାତିବର୍ଗର। ଏଠାରେ ଗୋଟିଏ ହେଲେ ବି ସରକାରୀ ନଳକୂପ ନାହିଁ। ସମସ୍ତେ ଏକ ଖୋଲାକୂଅ ପାଣି ବ୍ୟବହାର କରନ୍ତି। କାହାରି ଘରେ ଶୌଚାଳୟ ନାହିଁ। ଗ୍ରାମ ଚାରିପଟେ ନାଗଦଳ ଭର୍ତ୍ତି ଜଳାଶୟ ରହିଛି। ତେବେ ଦୂଷିତ ପାନୀୟ ଜଳ ପାଇଁ ଝାଡ଼ାବାନ୍ତି ବ୍ୟାପୁଥିବା ଡାକ୍ତରୀ ଦଳ ପ୍ରକାଶ କରିଛନ୍ତି।

# ଡ୍ରେନ୍ ସଫାକରି ସଚେତନ କଲେ ବିଡିଓ



ଡ୍ରେନ୍ ସଫା କରୁଛନ୍ତି ବିଡିଓ।

ନୂଆପଡ଼ା,୨।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) କାର୍ମି ଓରାମ ନିଜ ହାତରେ ଡ୍ରେନ୍ ସଫାକରି ଚର୍ଚ୍ଚାକୁ ଆସିଛନ୍ତି। ଏହାସହ ସେ ଡ୍ରେନ୍‌ରେ ଅଳିଆ ଆବର୍ଜନା ନ ପକାଇବାକୁ ଲୋକଙ୍କୁ ସଚେତନ କରିଛନ୍ତି। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ ସୋମବାର ସିନାପାଲି ପଞ୍ଚାୟତଠାରେ ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ରହିଥିଲା । ଏହି କାର୍ଯ୍ୟକ୍ରମରେ ବିଡିଓ ଓରାମଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ଓ ରାଜନୈତିକ ଦଳର ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସିନାପାଲି ବସ୍‌ଷ୍ଟାଣ୍ଡ ଅଞ୍ଚଳର ଡ୍ରେନ୍‌ଗୁଡିକ ଅଳିଆ ଆବର୍ଜନାରେ ଭରି ରହିଛି ବୋଲି କେତେଜଣ ଲୋକ ଅଭିଯୋଗ କରି ପ୍ରଶାସନକୁ ସମାଲୋଚନା କରିଥିଲେ। ଏହା ଶୁଣିବା ପରେ ବିଡିଓ ଓରାମ ସଙ୍ଗେ ସଙ୍ଗେ ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ବିଷୟରେ ପଚାରି ବୁଝିବା ସହ ଡ୍ରେନରେ ଅଳିଆ, ଆବର୍ଜନା ଥିବା ଦେଖିବାକୁ ପାଇଥିଲେ। ଅଳିଆ ପଡିଥିବାରୁ ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇପାରୁ ନାହିଁ। ଏହା ଦେଖି ବିଡିଓ ନିଜ ହାତରେ ଅଳିଆ ସଫା କରିଥିଲେ। ଏହି ସମୟରେ ପାଖରେ ଥିବା ଅଧିକାରୀ, କର୍ମଚାରୀ ଓ ଅଭିଯୋଗକାରୀ ଏହା ନ କରିବାକୁ କହିଥିଲେ। ହେଲେ ବିଡିଓ କାହା କଥା ନ ଶୁଣି ଅଳିଆ ସଫା କରିବାରେ ଲାଗିଥିଲେ। ପରେ କର୍ମଚାରୀମାନେ ଦେଇଥିବା ଗ୍ଲୋବକୁ ବିଡିଓ ହାତରେ ଲଗାଇ ପୁଣି ଅଳିଆ ସଫା କରିବା ଆରମ୍ଭ କରିଥିଲେ। ବିଡିଓଙ୍କ ଏଭଳି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ।

# ବର୍ଷାରେ ବୁଡ଼ିଲା ବାଲେଶ୍ୱର



ନୂଆସାହି ଛକରେ ବର୍ଷା ଜଳରେ ଆସୁଥିବା ଆମ୍ବୁଲାନ୍ସ।



ଶପିଂ ମଲ୍‌ରେ ପାଣି ପଶିଯାଇଛି।

- ଆମ୍ବୁଲାନ୍ସ ଉପରେ ପଡ଼ିଲା ଗଛ
- ପ୍ରଭାବିତଙ୍କୁ ଶୁଖିଲା, ରନ୍ଧା ଖାଦ୍ୟ ବଣ୍ଟନ

ବାଲେଶ୍ୱର, ୨।୯ (ବାଞ୍ଛାନିଧି ଦେ)

ସୋମବାର ବିଳମ୍ବିତ ରାତି ୨ଟାରୁ ଆରମ୍ଭ ହୋଇଥିଲା ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା। ଦୀର୍ଘ ୪ ଘଣ୍ଟା ଧରି ଅବିଶ୍ରାନ୍ତ ବର୍ଷା ଫଳରେ ମଙ୍ଗଳବାର ସହରର ଅବସ୍ଥା ବେହାଲ୍ ହୋଇପଡ଼ିଥିଲା। ସହରର କେତେକ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ବିଭିନ୍ନ ରାସ୍ତାରେ ଆଣ୍ଠୁଏ ଉପରେ ପାଣି ପ୍ରବାହିତ ହୋଇ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ବାଲିଆଛକଠାରେ ଥିବା ଏକ ଶପିଂ ମଲ୍‌ରେ ପାଣି ପଶିଯାଇଥିଲା। ସହରର ତଳିଆ ଅଞ୍ଚଳର ବିଭିନ୍ନ ଗଳି, ଛକ ଓ ରାସ୍ତାରେ ୩/୪ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା। ସହରର ବିଭିନ୍ନ ରାସ୍ତା ଓ ଛକଗୁଡ଼ିକରେ ବର୍ଷାଜଳ ଜମି ରହି ଯାତାୟାତ ପ୍ରଭାବିତ ହୋଇଥିଲା। ବହୁ ଦୋକାନ ଓ ଘର ଭିତରେ ବର୍ଷା ପାଣି ପ୍ରବେଶ କରିବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଜଳ ନିଷ୍କାସନ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଉପଜିଲାପାଳ ଶିବ ମାଲବୀୟ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି ପ୍ରମୁଖ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ।

ଜିଲାରେ ୬୦୫ମି.ମି. ବର୍ଷା ହୋଇଥିବା ବେଳେ ବାଲେଶ୍ୱର ସହରରେ ୧୨୮ ମି.ମି. ବର୍ଷା ରେକର୍ଡ ହୋଇଥିବା ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଚିଡ଼ିଆପୋଲ ରାସ୍ତାରେ ବର୍ଷା ଜଳ ସୁଅ ଛୁଟୁଥିବା ବେଳେ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକରେ ପାଣି ଭର୍ତ୍ତି ହୋଇଯାଇଥିଲା। ସେହିପରି ବସ୍‌ଷ୍ଟାଣ୍ଡ-ରେମୁଣା ଗୋଲେଇ ରାସ୍ତାର ନୂଆସାହି ଛକଠାରେ ୪ ଫୁଟ୍ ଉଚ୍ଚର ବର୍ଷା ଜଳ ଜମି ରହି କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ଏପରିକି ରାସ୍ତା ପାର୍ଶ୍ୱରେ ଥିବା ବହୁ ଦୋକାନ ଓ ଘର ଭିତରକୁ ବର୍ଷା ପାଣି ପଶିଯାଇଥିଲା। ଟ୍ରାଫିକ ସମସ୍ୟା ଉପୁଜିବା ଫଳରେ ପୋଲିସ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଥିବା ଶତାଧିକ ଦୋକାନ ଦିନତମାମ ବନ୍ଦ ରହିଥିଲା। ଫଳରେ ଲକ୍ଷାଧିକ ଟଙ୍କାର ବ୍ୟବସାୟ ଠପ୍ ହୋଇଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ପଛପଟ ରାସ୍ତାରେ ଏକ ଗଛର ଡାଳ ଭାଙ୍ଗି ଆମ୍ବୁଲାନ୍ସ ଉପରେ ପଡ଼ିଥିଲା। ଦମକଳ ବାହିନୀ ପହଞ୍ଚି ଗଛକାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଚିଡ଼ିଆପୋଲ, ସେଲଟ୍ୟାକ୍ସ କଲୋନୀ, ଗୋପାଳଗାଁ, ମାଣିଖମ୍ବ, ସୁଏଲପୁର, ସିନେମା ଛକ, କଂଗ୍ରେସ ଗଳି, ମୋତିଗଞ୍ଜ, ପତୁଆଁପଦା, ଆଇଟିଆଇ ଛକ, ତେଲେଙ୍ଗାସାହି, ଶୋଭାରାମପୁର, ପ୍ରୁଫ୍‌ରୋଡ୍, ଆଇଟିଆର୍ କଲୋନୀ, ଖପରାପଦା ଛକ, ସେଣ୍ଟ୍ରାଲ ସ୍କୁଲ ଛକ, ଅରଡ଼ବଜାର, ରାଣୀପାଟଣା, ନୂଆସାହି, ଗୁଡ଼ିପଦା, ଏକତାନଗର ଓ ଦ୍ୱାରିକାନଗର, ହରିପୁର ଆଦି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତଳିଆ ଅଞ୍ଚଳରେ ବର୍ଷାପାଣି ପଶିଥିବାରୁ ଲୋକମାନେ ଘରୁ ବାହାରି ପାରି ନ ଥିଲେ। ଏପରିକି ଘର ଭିତରେ ପାଣି ଲହଡ଼ି ମାରୁଥିବାରୁ ରୋଷେଇ ବନ୍ଦ ରହିଥିଲା। ବହୁ ମାଟି ଘର ଭୁଶୁଡ଼ି ପଡ଼ିଥିଲା। ରାସ୍ତା ପାର୍ଶ୍ୱ ଦୋକାନୀ ଓ ତଳିଆ ଅଞ୍ଚଳରେ ଥିବା ଘର ଭିତରୁ ପାଣି ପମ୍ପ ଲଗାଯାଇ ଜଳ ନିଷ୍କାସନ କରାଯାଇଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ଗୁଡ଼ିପଦା, ଅରଡ଼ବଜାର, କଂଗ୍ରେସ ଅଫିସ ଗଳି, ତେଲେଙ୍ଗାସାହି, ପତୁଆଁପଦା ଆଦି ଅଞ୍ଚଳରେ ପ୍ରଭାବିତ ଲୋକମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା। ତହସିଲ ପକ୍ଷରୁ ଭୁଶୁଡ଼ି ପଡ଼ିଥିବା ଘର ପାଇଁ ପଲିଥିନ୍ ପ୍ରଦାନ କରାଯାଇଥିଲା।

# ୩ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଉଠାଇନେଲା ପୋଲିସ

ଫୁଲବାଣୀ,୨।୯ (ରାକେଶ କୁମାର ରାଉତ)

ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁପ୍ରବେଶ କାରୀଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅଞ୍ଚଳର ରହୁଥିବା ଜାଫର ସେକ୍ସ(୬୮) ଓ ତାଙ୍କ ସ୍ତ୍ରୀ କମିଲା ବେଗମ(୬୦)ଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସେମାନେ ଦୀର୍ଘବର୍ଷ ଧରି ରହି ଆସୁଛନ୍ତି। ଦମ୍ପତିଙ୍କର ୨ଟି ପୁଅ ଓ ଗୋଟିଏ ଝିଅ ଅଛି। ଜାଫର ଛତା ମରାମତି କରନ୍ତି। ସେହିପରି କୋଟଗଡ ଅଞ୍ଚଳରେ ରହୁଥିବା ନାଜୁର୍ ମୁଲ୍ଲା(୪୨)ଙ୍କୁ ମଧ୍ୟ ପୋଲିସ ଉଠାଇ ନେଇଛି। ସେ ରାଜମିସ୍ତ୍ରି କାମ କରି ଚଳୁଥିଲେ। ନାଜୁର ସ୍ଥାନୀୟ ଅଞ୍ଚଳରେ ବିବାହ କରିଛନ୍ତି ଏବଂ ତାଙ୍କର ୨ ଝିଅ ଓ ଗୋଟିଏ ପୁଅ। ସମସ୍ତଙ୍କୁ ଷ୍ଟେ ହୋମକୁ ପଠାଇ ଦିଆଯାଇଛି। ନାଗରିକତା ପ୍ରମାଣ ପାଇଁ ୩୦ ଦିନ ସମୟ ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ଚାଇନା ଗ୍ଲୋବାଲ ସାଉଥ୍ ମିଡିଆ ଫୋରମ କାର୍ଯ୍ୟକ୍ରମରେ ଯୋଗଦେବେ ସୁଧୀର ପଣ୍ଡା

ଭୁବନେଶ୍ୱର, ୨।୯

ଦକ୍ଷିଣ-ପୂର୍ବ ଚାଇନାର ୟୁନାନ ରାଜ୍ୟର କୁନ୍‌ମିଙ୍ଗ୍‌ରେ ସେପ୍ଟେମ୍ବର ୪ରୁ ୮ଯାଏ ଅନୁଷ୍ଠିତ ହେବାକୁ ଯାଉଛି ୨୦୨୫ ଗ୍ଲୋବାଲ ସାଉଥ୍ ମିଡିଆ ଓ ଥିଙ୍କ୍ ଟ୍ୟାଙ୍କ ଫୋରମ। ଫୋରମର ଉଦ୍‌ଘାଟନୀ ଉତ୍ସବରେ 'ସଦର୍ନ ମେସେଞ୍ଜର୍ସ' ସାଂସ୍କୃତିକ ଭାବବିନିମୟ କାର୍ଯ୍ୟକ୍ରମ ରହିଛି। ଫୋରମ୍‌ରେ ମଧ୍ୟ ସାଉଥ୍ ଓ ସାଉଥ୍‌ଇଷ୍ଟ ଏସିଆ ମିଡିଆ ନେଟ୍‌ୱର୍କ ବାର୍ଷିକ ସମ୍ମିଳନୀ, ଷ୍ଟଡି ଟୁର୍ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବ। ଫୋରମରେ ୮୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ୧୦୦ରୁ ଅଧିକ ସରକାରୀ ବିଭାଗ, ଥିଙ୍କ୍ ଟ୍ୟାଙ୍କ୍‌ସ, ଉଦ୍ୟୋଗୀ, ମିଡିଆ ସଙ୍ଗଠନର ୪୦୦ରୁ ଅଧିକ ପ୍ରତିନିଧି ଭାଗ ନେଉଛନ୍ତି। ଏଥିରେ ଯୋଗଦେବା ପାଇଁ ନିମନ୍ତ୍ରିତ ଭାରତୀୟ ପ୍ରତିନିଧିଙ୍କ ମଧ୍ୟରେ ରହିଛନ୍ତି 'ପ୍ରତିଦିନ' ଓ 'ପ୍ରତିଦିନ ଟିଭି' ପକ୍ଷରୁ ସୁଧୀର କୁମାର ପଣ୍ଡା। ସେପ୍ଟେମ୍ବର ୩ ସନ୍ଧ୍ୟାରେ ସୁଧୀର ୭ଦିନିଆ ଚାଇନା ଯାତ୍ରା କରୁଛନ୍ତି।



ସୁଧୀର କୁମାର ପଣ୍ଡା

# ୩ ମାଓବାଦୀ ଗିରଫ

ମାଲକାନଗିରି,୨।୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ବିସ୍ଫୋରକ ସହ ୩ ମାଓବାଦୀଙ୍କୁ ମଙ୍ଗଳବାର ଗିରଫ କରିଛି। ଚିନ୍ତାଗୁଫା ଥାନାରୁ ସିଆର୍‌ପିଏଫ୍ ବାହିନୀ ସର୍ଚ୍ଚ ଲାଗି ଡବାକୋଣ୍ଟା ଗ୍ରାମକୁ ଯାଇଥିଲେ। ଏହି ସମୟରେ ଫେଣ୍ଟାପାଡ ଗ୍ରାମ ନିକଟରେ ୩ଜଣ ମାଓବାଦୀ ବିସ୍ଫୋରକ ସାମଗ୍ରୀ ସହ ଥିବା ଦେଖି ସେମାନଙ୍କୁ ଗିରଫ କରିଥିଲେ। ଗିରଫମାନେ ହେଲେ ପୋଡିୟମ ଜଗା, ମାଡବି ମାସା ଓ ପୋଜା ମାଡବି। ଏମାନଙ୍କଠାରୁ ଗୋଟିଏ ଟିଫିନ୍ ବୋମା, ୫ ଡିଟୋନେଟର, ୫ ମିଟର କୋଡେକ୍ସ ତାର, ୫ ଜିଲୋଟିନ୍, ୧୦ ମିଟର ତାର ଓ ଚାରଟି ପେନ୍‌ସିଲ ସେଲ୍ ଜବତ କରାଯାଇଛି। ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଇନ୍‌ଫର୍ମର ସନ୍ଦେହରେ ୨ ଜଣଙ୍କୁ ହତ୍ୟା

ମାଲକାନଗିରି,୨।୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ମାଓବାଦୀମାନେ ଇନ୍‌ଫର୍ମର ସନ୍ଦେହରେ ଗ୍ରାମର ୨ ବ୍ୟକ୍ତିଙ୍କୁ ସୋମବାର ହତ୍ୟା କରିଛନ୍ତି। ସେମାନେ ହେଲେ ସିରସେଟୀ ପଞ୍ଚାୟତର ପଦାମ ପୋଜା ଓ ପଦାମ ଦେବେନ୍ଦ୍ର। ଉଭୟଙ୍କୁ ମାଓବାଦୀମାନେ ସୋମବାର ରାତିରେ ଘରୁ ଅପହରଣ କରିନେଇ ହତ୍ୟା କରିଥିଲେ। ଏଥିସହ ମୃତଦେହ ନିକଟରେ ଏକ ପୋଷ୍ଟର ଛାଡ଼ି ଯାଇଛନ୍ତି। ଉକ୍ତ ପୋଷ୍ଟରରେ ଏହି ୨ଜଣ ପୋଲିସ ସୂଚନାଦାତା ହୋଇଥିବାରୁ ଏମାନଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ରହିଛି।






# ଶିକ୍ଷକଙ୍କ ପାଇଁ ପରୀକ୍ଷା

ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ୬ରୁ ୧୪ ବର୍ଷ ବୟସ ମଧ୍ୟରେ ସବୁ ବାଳିକା ବାଳକଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିଶ୍ଚିତ କରାଯାଇଛି। ଏହି ଦୁଇ ସ୍ତରର ସ୍କୁଲ ସହ ମାଧ୍ୟମିକ ସ୍କୁଲରେ ଗୁଣାତ୍ମକ ଶିକ୍ଷା ପାଇଁ ୟୁନାଇଟେଡ୍ ନେଶନ୍ସ ଇଣ୍ଟରନ୍ୟାଶନାଲ୍ ଚିଲ୍ଡ୍ରେନ୍ସ ଏମରଜେନ୍ସି ଫଣ୍ଡ(ୟୁନିସେଫ୍) ସରକାରଙ୍କ ସହ ମିଶି କାମ କରୁଛି। ଏହା ସହ ଜାତୀୟ ଶିକ୍ଷାନୀତି ୨୦୨୦ ମଧ୍ୟ ସମାନ ଓ ଗୁଣାତ୍ମକ ଶିକ୍ଷା ଯୋଗାଇଦେବାର ଲକ୍ଷ୍ୟ ରଖିଛି। ଶିକ୍ଷା କ୍ଷେତ୍ରରେ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକର ସହଭାଗିତା ରହିଥିଲେ ମଧ୍ୟ ଦେଶରେ ସ୍କୁଲ ପିଲାଙ୍କ ଶିକ୍ଷାରେ ଉନ୍ନତି ପାରିପାର୍ଶ୍ୱିକ ଶୈକ୍ଷିକ ପରିବେଶ ଉପରେ ନିର୍ଭରକରେ। ସ୍କୁଲକୁ ଯେପରି ସବୁ ପିଲା ପଢ଼ିବାକୁ ଯିବେ ସେଥିପାଇଁ ମଧ୍ୟାହ୍ନଭୋଜନଠାରୁ ଆରମ୍ଭକରି ମାଗଣାରେ ସାଇକେଲ, ପୋଷାକ, ବହି ଆଦି ଯୋଗାଇ ଦିଆଯାଉଛି। ଏପରିକି ମାଡ଼ ଭୟରେ ପିଲାମାନେ ସ୍କୁଲ ଛାଡ଼ି କିଭଳି ନ ଯିବେ ସେଥିପାଇଁ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ନାମିତ କରାଯାଇଛି। କେବଳ ନାମରେ ଅଟକିଯାଇନାହିଁ, ଯଦି କୌଣସି ଶିକ୍ଷୟିତ୍ରୀଶିକ୍ଷକ ମାଡ଼ ମାରୁଥିବାର ପ୍ରମାଣ ମିଳୁଛି,ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାର ଦୃଷ୍ଟାନ୍ତ ମଧ୍ୟ ଗଣମାଧ୍ୟମରୁ ଜଣାପଡୁଛି। ଶିକ୍ଷକଙ୍କ ଶିକ୍ଷାଦାନର ପ୍ରତିବଦ୍ଧତା ଉପରେ ପିଲାଙ୍କ ପାଠପଢ଼ା ନିର୍ଭର କରେ। ଛାତ୍ରୀଛାତ୍ର କିଭଳି ସହଜରେ ପାଠ ବୁଝିପାରିବେ ଓ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବ, ସେହି ଦିଗରେ ଶିକ୍ଷକମାନେ ଚେଷ୍ଟା କରିବା ଦରକାର। ଏହା କହିଲାବେଳକୁ ନିଶ୍ଚିତ ଭାବେ ଧ୍ୟାନ ଦିଆଯିବା ଦରକାର ଯେ, ଶ୍ରେଣୀଗୃହ ଓ ମାଷ୍ଟରଙ୍କର ସର୍ବନିମ୍ନ ଯୋଗ୍ୟତା ସହ ଚାହିଦା ମଧ୍ୟ ପୂରଣ ହେବା କଥା। କେବଳ ଦରମା ବଢ଼ିଲେ ଶିକ୍ଷୟିତ୍ରୀ ଶିକ୍ଷକ ଉଚିତ ମାନର ପାଠ ପଢ଼ାଇବେ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ। ଆଜକୁ ଚାରି ପାଞ୍ଚ ଦଶନ୍ଧି ପୂର୍ବେ ଶିକ୍ଷକମାନଙ୍କ ଅନୁଶାସନରେ ପିଲାମାନେ ରହୁଥିଲେ। ଅର୍ଥାତ୍ ପାଠପଢ଼ାରେ ଶ୍ରେଣୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିଲା। ପିଲାମାନେ ମଧ୍ୟ ବିନା ଟ୍ୟୁଶନରେ ଭଲ ପଢ଼ିବାକୁ ଚେଷ୍ଟା କରୁଥିଲେ। ଶିକ୍ଷକଙ୍କ ପ୍ରତି ସମ୍ମାନ ଓ ଭୟ ମଧ୍ୟ ଥିଲା। ସାଧାରଣରେ କୁହାଯାଇଥାଏ–ଭୟ ଥିଲେ ଜୟ ହୁଏ। ଏବେ ଶୈକ୍ଷିକ ବାତାବରଣ ଫୁଲାଫାଙ୍କିଆ ହୋଇଯାଇଥିବାରୁ ଅନେକ ପିଲା ଶ୍ରେଣୀରେ ମନ ଦେଇ ପଢୁନାହାନ୍ତି। ପ୍ରାଇଭେଟ୍ କୋଚିଂ ଧୀରେ ଧୀରେ ଶ୍ରେଣୀଗୃହ ପଢ଼ାକୁ ପ୍ରତିସ୍ଥାପନ କରିଚାଲିଛି, ଯାହା ଆଗକୁ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କଲାଣି।

ଏବେ ସ୍କୁଲ ପାଠ ପାଇଁ ଯେମିତି ଟ୍ୟୁଶନ ହୋଇଯାଇଛି ସବୁକିଛି। କେନ୍ଦ୍ରର କମ୍ପ୍ରେହେନସିଭ୍ ମୋଡ୍ୟୁଲାର ସର୍ଭେ( ସିଏମ୍ଏସ୍) ପକ୍ଷରୁ ଅଗଷ୍ଟ ଶେଷ ସପ୍ତାହରେ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ, ଦେଶରେ ସରକାରୀ ଓ ବେସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କ ମଧ୍ୟରୁ ପାଖାପାଖି ୩୦ ପ୍ରତିଶତ ସ୍କୁଲ ପାଠ ବୁଝିବା ପାଇଁ ଘରୋଇ କୋଚିଂ ଉପରେ ନିର୍ଭର କରୁଛନ୍ତି। ନ୍ୟାଶନାଲ ସାମ୍ପୁଲ ସର୍ଭେର ୮୦ ତମ ରାଉଣ୍ଡର ଏକ ଅଂଶ ଭାବେ ସିଏମ୍ଏସ୍ ଏହି ତଥ୍ୟ ପ୍ରସ୍ତୁତ କରିଛି ଏବଂ ଏହାକୁ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଉପସ୍ଥାପନ କରାଯାଇଛି। ଏଥିରେ ଓଡ଼ିଶାର ତଥ୍ୟକୁ ଦେଖିଲେ ନବମ ଓ ଦଶମ ଶ୍ରେଣୀର ୬୮.୭ ପ୍ରତିଶତ ପିଲା ଏବଂ ପ୍ରାଥମିକ ସ୍ତରରେ ୩୪.୨ ପ୍ରତିଶତ (ମୋଟ ପିଲା ସଂଖ୍ୟାର ୫୦ ପ୍ରତିଶତରୁ ଅଧିକ) ପିଲାଙ୍କୁ ସେମାନଙ୍କ ଅଭିଭାବକମାନେ ଟ୍ୟୁଶନ ପଠାଉଛନ୍ତି। ଏଥିପାଇଁ ସହରାଞ୍ଚଳରେ ଅଭିଭାବକମାନେ ବାର୍ଷିକ ୧୦,୮୯୯ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗ୍ରାମାଞ୍ଚଳରେ ଏହା ୩,୫୪୭ ଟଙ୍କା।

ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଲାଗି ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ହେଲେ ସବୁ ବିଦ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ସେଭଳି ଶିକ୍ଷକ ନ ଥିବାରୁ ପିଲାମାନେ ଠିକ୍ ଭାବେ ପାଠ ବୁଝିପାରୁନାହାନ୍ତି। ଫଳସ୍ୱରୂପ, ଘରୋଇ ଟ୍ୟୁଶନ ଦରକାର ପଡୁଛି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ୧ ସେପ୍ଟେମ୍ବରରେ ଦେଇଥିବା ରାୟ ପ୍ରଣିଧାନଯୋଗ୍ୟ। ଶିକ୍ଷକ ଭାବେ ନିଯୁକ୍ତି ପାଇବାକୁ ଚାହୁଁଥିବା ଓ ଚାକିରିରେ ଥିବା ଶିକ୍ଷକ ପଦୋନ୍ନତି ପାଇଁ ଆଶା ରଖିଥିଲେ, ସେମାନଙ୍କୁ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)ରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ବୋଲି କୋର୍ଟ କହିଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ସ୍କୁଲରେ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କ ମାନ କମ୍ ଥିବା ସ୍ପଷ୍ଟ ହେଉଛି। ପାଠ ବୁଝିପାରୁ ନ ଥିବାରୁ ଅନେକ ମାତାପିତା ଓ ଅଭିଭାବକ ସେମାନଙ୍କ ପିଲାଙ୍କୁ ଟ୍ୟୁଶନ ଦେବାକୁ ବାଧ୍ୟ ହେଉଛନ୍ତି। ଅଧିକ ମାର୍କ ରଖିବା ଲୋଭରେ ନିଜ ପିଲାଙ୍କୁ ଦୌଡ଼ାଉଥିବା ମାତାପିତା ଟ୍ୟୁଶନକୁ ଯେଭଳି ଗୁରୁତ୍ୱ ଦେଉଛନ୍ତି, ସ୍କୁଲ ଶିକ୍ଷାର ମାନ ପ୍ରତି ପ୍ରାଧାନ୍ୟ ଦେଉନାହାନ୍ତି। ଅନ୍ୟ ଏକ ଚିନ୍ତାର ବିଷୟ ହେଉଛି, ଯଦି ଟ୍ୟୁଶନ ଉପରେ ପିଲାମାନେ ଅଧିକ ନିର୍ଭରଶୀଳ ହେବେ, ତା'ହେଲେ ସେହି ଟ୍ୟୁଶନର ମୂଲ୍ୟ ବୃଦ୍ଧି ହେବ ଏବଂ ଅଭିଭାବକଙ୍କୁ ଅଧିକା ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ସେଭଳି ସ୍ଥିତି ଉପୁଜିଲେ ଅର୍ଥନୈତିକ ଦୁର୍ବଳ ଶ୍ରେଣୀରେ ପ୍ରଥମେ କନ୍ୟା ଓ ଦ୍ୱିତୀୟ ସ୍ତରରେ ପୁଅପିଲାମାନଙ୍କର ପାଠପଢ଼ିବା ବନ୍ଦ ହୋଇଯାଇପାରେ, ଯାହା ଦେଶ ପାଇଁ ଅଧିକ କ୍ଷତିକାରକ ହେବ। ଦୁଃଖର ବିଷୟ, ଏହି ଦିଗକୁ କେହି ଧ୍ୟାନ ଦେଉନାହାନ୍ତି।

# ୟୁଏସ୍ ଦୋକାନରେ ଟ୍ରମ୍ପ ମ୍ୟାନେଜର



ସହଦେବ ସାହୁ

ଗୋଟିଏ ବଡ଼ କୋଠା ଭିତରେ ବଜାର ଥିଲେ ତାକୁ ଆମେରିକାରେ ମଲ୍ କହନ୍ତି (ସବୁଦିନିଆ ହାଟ ବା ବିପଣି)। ଗୋଟିଏ ପ୍ରକୋଷ୍ଠରେ ବା ସାନ କୋଠାରେ ପ୍ରାୟ ସବୁ ଜିନିଷ ବିକୁଥିବା ଦୋକାନକୁ ଡିପାର୍ଟମେଣ୍ଟ ଷ୍ଟୋର୍ କହନ୍ତି । ଡୋନାଲ୍ଡ ଟ୍ରମ୍ପ ତାଙ୍କର ଦ୍ୱିତୀୟ ପାଳିର ରାଷ୍ଟ୍ରପତିତ୍ୱରେ ସାରା ଯୁକ୍ତରାଷ୍ଟ୍ରକୁ ଏକ ଡିପାର୍ଟମେଣ୍ଟ ଷ୍ଟୋର୍ ବୋଲି ଭାବି ଏପ୍ରିଲ ୨(୨୦୨୫)ରୁ ଏକ ଅର୍ଥନୈତିକ ଜରୁରୀ ପରିସ୍ଥିତି ଜାରି କରି ତାହାର ମ୍ୟାନେଜର ଭଳି କାମ କରୁଛନ୍ତି। ତାଙ୍କର ଅର୍ଥନୈତିକ ଜ୍ଞାନ ତାଙ୍କୁ ହିଁ ଜଣା, 'ଫେଡେରାଲ୍ ରିଜର୍ଭ'ର ଚେୟାରମ୍ୟାନ ଜିରୋମ୍ ପୋୱେଲ୍ କାହିଁକି ସୁଧହାର କମାଉ ନାହାନ୍ତି ତାଙ୍କ ଉପରେ ଖପା, ବିଦେଶରେ କାରଖାନା ବସାଇ ବାଣିଜ୍ୟ ଯୁଦ୍ଧର ଫଳ ଓଲଟା କରିବାକୁ ହାର୍ଲି ଡାଭିଡସନ୍ କାମ କରୁଛି ବୋଲି ତାକୁ ଗାଳି, ତାଙ୍କ ଅଫିସିଆଲ୍ ବିମାନ ଏଆରଫୋର୍ସ ୱାନ୍‌ର ଦାମ୍ କାହିଁକି ବଢ଼ାଇଲ ବୋଲି ବୋଇଂ କମ୍ପାନୀକୁ ଗାଳି। ଟ୍ରମ୍ପଙ୍କ ପ୍ରଥମ ପାଳିରେ ଥିଲା ଗାଳି, ଦ୍ୱିତୀୟ ପାଳିରେ ଟାରିଫ୍ ବା ବହିର୍ଶୁଳ୍କକୁ ଅସ୍ତ୍ର କରିଛନ୍ତି । ତାଙ୍କ ଆର୍ଥିକ ଜୁଲମ୍ (ଏକ୍ସଟର୍ସନ୍) ଚାଇନାର ଜିଙ୍କ କମ୍ୟୁନିଷ୍ଟ ପୁଞ୍ଜିବାଦ ଭଳି ଦିଶୁଛି। ଏପରି ତାଙ୍କ ନିଜ ଦଳ ରିପବ୍ଲିକାନ୍ ପାର୍ଟିରେ ଆଦର୍ଶ ସିଏ ଭୁଲି ଯାଉଛନ୍ତି। ସରକାର ଓ ବ୍ୟବସାୟ ଭିତରେ ଥିବା ସମ୍ପର୍କକୁ କଳୁଷିତ କରୁଛନ୍ତି। ଫେଡେରାଲ୍ ରିଜର୍ଭ (କେନ୍ଦ୍ର ବ୍ୟାଙ୍କ)ର ବୋର୍ଡ ଅଫ୍ ଗଭର୍ନର୍ସର ଜଣେ କୃଷ୍ଣକାୟ ମେମ୍ବର ଲିସା କୁକ୍‌ଙ୍କୁ ବହିଷ୍କାର ଆଦେଶ ଦେଇଛନ୍ତି। ବାଣିଜ୍ୟ ଦରକାର କରେ ସ୍ଥିରତା, ଭବିଷ୍ୟତକୁ ଦେଖି ବର୍ତ୍ତମାନର ଉତ୍ପାଦନ। କିନ୍ତୁ ଟ୍ରମ୍ପ କେତେବେଳେ ହସ୍ତକ୍ଷେପ କରିବେ କି ପଦକ୍ଷେପ ନେବେ ସମସ୍ତେ ଅନିଶ୍ଚିତ। ଟ୍ରମ୍ପଙ୍କ ଖିଆଲ ଅଜଣା ରହୁଥିବାରୁ ବ୍ୟବସାୟ ହ୍ରାସ ପାଉଛି । କିଛିଦିନ ତଳେ କଷ୍ଟରେ ଚାଲୁଥିବା ସେମିକଣ୍ଡକ୍ଟର କମ୍ପାନୀ 'ଇଣ୍ଟେଲ୍'ର ସିଇଓ ଲିପ୍ ବୁ ଟାନ୍ ଇସ୍ତଫା ଦିଅନ୍ତୁ ବୋଲି ଟ୍ରମ୍ପ କହୁଥିଲେ, ପରେ କହିଲେ, ଇଣ୍ଟେଲ୍ କମ୍ପାନୀର ଅଂଶଧନର ୧୦% ସରକାରଙ୍କୁ ନ ଦେଲେ ତାଙ୍କୁ ବାଇଡେନ୍ ସରକାର ସମୟର ଅନୁଦାନ ଫେରାଇବାକୁ ପଡ଼ିବ। ଏତକ ପାଇବା ପରେ ଟ୍ରମ୍ପ ଟାନ୍‌ଙ୍କୁ ପ୍ରଶଂସା କଲେ। ସରକାର ଘରୋଇ କମ୍ପାନୀର ଇକ୍ୱିଟି ଗ୍ରହଣ କରନ୍ତି ନାହିଁ, କିନ୍ତୁ ଟ୍ରମ୍ପ କରୁଛନ୍ତି। ଏନ୍‌ଭିଡିଆ ବିଶ୍ୱର ବୃହତ୍ତମ ସେମିକଣ୍ଡକ୍ଟର କମ୍ପାନୀ ଯାହାର ଚିପ୍ ଗୁଡ଼ିକ 'ଏଆଇ' ଉତ୍କର୍ଷ କାଳରେ ଅତ୍ୟାବଶ୍ୟକ । ଏପ୍ରିଲ ମାସରେ ଟ୍ରମ୍ପ ତାର ଚାଇନାକୁ ରପ୍ତାନି କରିବା ଉପରେ ୨୦% ଶୁଳ୍କ ବସାଇଲେ, କମ୍ପାନୀ ତା'ର ରୋଜଗାରର ୧୫% ସରକାରକୁ ଦେବ ବୋଲି ରାଜି ହେଲାରୁ ଏପ୍ରିଲରେ ତା' ପ୍ରତ୍ୟାହାର କଲେ। ରପ୍ତାନି ଉପରେ ଟିକସ ବସାଇପାରିବ ନାହିଁ ବୋଲି ସମ୍ବିଧାନରେ ଥିବା ବ୍ୟବସ୍ଥାର ଖିଲାପ କରୁଛନ୍ତି ଟ୍ରମ୍ପ । ନିପ୍ପନ ଷ୍ଟିଲ୍ ଯେତେବେଳେ ୟୁଏସ୍ ଷ୍ଟିଲ୍‌କୁ କିଣିନେବାକୁ ଚାହିଁଲା ଟ୍ରମ୍ପ ରୋକିଦେଲେ – ଯେ ପର୍ଯ୍ୟନ୍ତ କମ୍ପାନୀ କେତେଗୁଡ଼ିଏ କାମ ଉପରେ ଯଥା କର୍ମଚାରୀମାନଙ୍କ ଦରମା, କମ୍ପାନୀର ନାମ ବଦଳାଇବା ଆଦି କ୍ଷେତ୍ରରେ ସରକାରଙ୍କୁ ଭିଟୋ କ୍ଷମତା ନ ଦେଇଛି ।



ଟ୍ରମ୍ପଙ୍କ ଶିଳ୍ପନୀତିରେ ଶୁଳ୍କ ଏକ ଖଣ୍ଡାଧାର ଏବଂ ଯୁକ୍ତରାଷ୍ଟ୍ର ଏକ ପ୍ରକାଣ୍ଡ ଡିପାର୍ଟମେଣ୍ଟ ଷ୍ଟୋର ; ସେ ଷ୍ଟୋର୍‌ର ଏକ ମାତ୍ର ମ୍ୟାନେଜର ଟ୍ରମ୍ପ । ଟ୍ରମ୍ପଙ୍କ ଟିକସ ଓ ବ୍ୟୟର ପରିମାଣ ଉପରେ ଟ୍ରମ୍ପଙ୍କ ନୀତି ପ୍ରତି ଓ ତାଙ୍କ ପ୍ରତି କିଏ କେତେ ସମର୍ଥନ କରୁଛି ତାହା ଲକ୍ଷ୍ୟ କରି ହ୍ୱାଇଟ୍ ହାଉସ୍ ୫ଟି କମ୍ପାନୀ ଓ ବ୍ୟବସାୟଗୋଷ୍ଠୀର ଏକ ତାଲିକା ତିଆରି କରିଛି, ଯଥେଷ୍ଟ ଦେଉ ନ ଥିବା କମ୍ପାନୀମାନେ ସମର୍ଥନ ପାଇବେ ନାହିଁ। କାରଣ ଏବେ ୱାଶିଂଟନରେ ଡିମୋକ୍ରାଟ୍ କି ରିପବ୍ଲିକାନ୍ ନାହାନ୍ତି, କେବଳ ଆମର ଆଉ ପର। ଟ୍ରମ୍ପଙ୍କ ନିକଟରେ ପହଞ୍ଚିବାକୁ ଦରକାର ଟ୍ରମ୍ପଙ୍କ ପାଖ ଲୋକ, ଯିଏ ଲବି କରିପାରୁଥିବ, ମନଜିଣି ପାରୁଥିବ ଅର୍ଥାତ୍ ଲବିଷ୍ଟ –ଲବିକରିବା ଲୋକ। ପାକିସ୍ତାନ ଲବିକରିବାରେ ଜିତି ଯାଇଛି, ପାକିସ୍ତାନ ନିଯୁକ୍ତ କରିଛି କିଥ୍ ସିଲର୍, ସେ ଦୁଇ ଦଶନ୍ଧି ଧରି ଟ୍ରମ୍ପଙ୍କ ବଡି ଗାର୍ଡ ଥିଲେ । ପାକିସ୍ତାନ ତାଙ୍କୁ ମାସିକ ଡଲାର ୫୦,୦୦୦ ଦେଉଛି। ମାସକ ପରେ ମେ ମାସରେ ଭାରତ ନିଯୁକ୍ତ କଲା ଜାସନ ମିଲର୍‌କୁ। ମିଲର ସିନିୟର ଉପଦେଷ୍ଟା ଥିଲେ ଟ୍ରମ୍ପଙ୍କ ୨୦୧୬, ୨୦୨୦ ଆଉ ୨୦୨୪ ନିର୍ବାଚନୀ ପ୍ରଚାରରେ। ବର୍ଷକୁ କଣ୍ଟ୍ରାକ୍ଟ ଡଲାର ୧୮ ଲକ୍ଷ, ମାସିକ ଫି ୧୫୦,୦୦୦ ଡଲାର । ଦୁହେଁ ଟ୍ରମ୍ପଙ୍କ କାନକୁହା । କିନ୍ତୁ ପାକିସ୍ତାନ ମାତ୍ ମାରିନେଲା । ସିଲରଙ୍କ ଲବି (କାନକୁହା) ଟ୍ରମ୍ପଙ୍କ ପାକିସ୍ତାନୀ ପ୍ରେମ ବଢ଼ାଇଦେଲା, ପାକିସ୍ତାନ ସେନାମୁଖ୍ୟ ମୁନିର ହ୍ୱାଇଟ୍‌ହାଉସକୁ ନିମନ୍ତ୍ରଣ ପାଇଲା, ଜୁନ ୧୮ରେ ଟ୍ରମ୍ପଙ୍କ ଅତିଥି, ପାକିସ୍ତାନ ଉପରେ ଟାରିଫ୍ ୧୯%ରେ ରହିଲା – ଅଥଚ ଭାରତ ଉପରେ ଟାରିଫ୍ ୨୫%, ପରେ ଆଉ ୨୫% । ଟ୍ରମ୍ପ କାକୁତି ମିନତି ଚାହାନ୍ତି, ବିଦେଶୀ ନେତାଏ ତାଙ୍କୁ ଫୋନ୍ କରନ୍ତୁ, ତୋଷାମୋଦ କରନ୍ତୁ, କୋଟି କୋଟି ଡଲାର ପୁଞ୍ଜି ନିବେଶ କରିବାର ପ୍ରତିଶ୍ରୁତି ଦିଅନ୍ତୁ । ଯଦି ତାଙ୍କ ସହ ଗଲ୍ଫ ଖେଳିପାରିବେ ଓ ହାରିବେ ତ ଆହୁରି ଭଲ (ଯଥା ପ୍ରାକ୍ତନ ଜାପାନୀ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଏହା କରିଥିଲେ)। ମୋଦି ତ ହ୍ୱାଇଟ୍ ହାଉସ୍ ଟ୍ରମ୍ପଙ୍କ ଫୋନ୍ ଧରିଲେ ନାହିଁ । ଯେମିତି ୟୁକ୍ରେନର ଜେଲେନେସ୍କି କି ଦକ୍ଷିଣ ଆଫ୍ରିକାର ସିରିଲ୍ ରାମଫୋସା ଓଭାଲ୍ ଅଫିସ୍‌ରେ ଗାଳି ଖାଇଲେ ମୋଦିଙ୍କ କ୍ଷେତ୍ରରେ ସେମିତି ହୋଇଥିଲେ ରାହୁଲ କେତେ ମଜା ଉଠାଇଥାଆନ୍ତେ! ମେକ୍ସିକୋ ପ୍ରେସିଡେଣ୍ଟ କ୍ଲଡିଆ ଶୀନବାମ ଆଉ ଭିଏତ୍‌ନାମର ଲୋ ଟାମ୍ ଓ ଦକ୍ଷିଣ କୋରିଆର ଲି ଜାଏ–ମିୟୁଙ୍ଗ ଫୋନ୍ କରି ନିମ୍ନତର ଟାରିଫ୍ କରାଇନେଲେ। ଅଥଚ ସୁଇଜରଲାଣ୍ଡର ପ୍ରେସିଡେଣ୍ଟ କାରୀନ୍ କେଲ୍ଲର–ଶଟ୍ଟର ଆସିଲେ ବି ଟ୍ରମ୍ପ ଦେଖାକଲେ ନାହିଁ କି ୩୯% ଟାରିଫ୍ କମିଲା ନାହିଁ।

ୟୁଏସ୍ ଏକ ସୁନ୍ଦର ଡିପାର୍ଟମେଣ୍ଟ ଷ୍ଟୋର୍, ତା'ର ମ୍ୟାନେଜର୍ ମୁଁ ବୋଲି ଟ୍ରମ୍ପ ତାଙ୍କ ଆଚରଣରେ ଦେଖାଉଛନ୍ତି । ରାଷ୍ଟ୍ରପତି ପଦରେ ଯୋଗଦେବାର ୩ ମାସ ଭିତରେ କହିଲେ ଇଣ୍ଟରନେଟ୍ ଦେଶର ବ୍ୟବସାୟକୁ ସାରିଦେଇଛି । ଆମ ବିନା ମେକ୍ସିକୋ ଆଉ କାନାଡା ତିଷ୍ଠିପାରିବେ ନାହିଁ । ଚାଇନା ଆଉ ଜାପାନ ଆମଠୁ ଡଲାର୍ ଆଦାୟ କରୁଛନ୍ତି । ଟାରିଫ ବଢ଼ାଇ ସେମାନଙ୍କ ସାମଗ୍ରୀରୁ ଡଲାର ଉଠାଇବାକୁ ପଡ଼ିବ। ସେତେବେଳେ ସେମାନେ ଦେଖିବେ ଯେ ଶୁଳ୍କ ଖୁବ୍ ବେଶି, ସେମାନେ ଆମ ପାଖକୁ ଦଉଡ଼ିବେ, ମୂଳଚାଲ କରିବେ। ଆମ ପାଖରେ ଗୋଟିଏ ଜିନିଷ ଅଛି ଯାହା ସେମାନଙ୍କର ନାହିଁ, ମାର୍କିନ୍ ଖାଉଟି, ଆମେରିକାନ୍ କଞ୍ଜୁମର୍ସ। ଆମେରିକା ଖାଦ୍ୟ ଆମଦାନୀ କରୁଛି ୧୦୦୦ କୋଟି ଡଲାରରୁ ବେଶି। କିନ୍ତୁ ଟ୍ରମ୍ପଙ୍କ ଅର୍ଥନୈତିକ ବୋକାମି ଆମେରିକା ପାଇଁ ବହୁତ ଜଞ୍ଜାଳ ଆଣିବ। ଆମେରିକା ଗୋଟିଏ ସୁପର୍ ଲଗଜୁରି ଷ୍ଟୋର୍, ସେଠି ମାଲମତା ଭରି ରହିଛି – ଏପରି ଭାବିବା ଭୁଲ୍ । ଦେଶଟା ଗୋଟିଏ କମ୍ପାନୀ ବା ଦୋକାନ ନୁହେଁ କି ପ୍ରେସିଡେଣ୍ଟ ସିଇଓ (ମୁଖ୍ୟ ପରିଚାଳକ) ନୁହନ୍ତି । ଆମେରିକାର ଶ୍ରମିକମାନେ ତାଙ୍କ କର୍ମଚାରୀ ନୁହନ୍ତି। ଯେତେବେଳେ ବର୍ତ୍ତମାନର ଭଣ୍ଡାର ସରିଯିବ ଦୋକାନୀ ନୂଆ ସାମଗ୍ରୀ କିଣିବା ବେଳେ ଅଧିକା ମୂଲ୍ୟ ଦେବ, କାରଣ ଟାରିଫ୍ ବଢ଼ିଛି। ଦେଶର ରାଜସ୍ୱ ବଢ଼ିଲା, କିନ୍ତୁ ଖାଉଟିର କ୍ରୟଶକ୍ତି କମିଲା, କମ୍ ବିକ୍ରି ହେଲେ ଦୋକାନୀ କ୍ଷତିରେ ପଡ଼ିବ, ଦୋକାନର କର୍ମଚାରୀମାନେ ଛଟେଇ ହେବେ। ଶେଷରେ ଦୋକାନ ଦେବାଳିଆ ହୋଇ ବନ୍ଦ ହୋଇଯିବ । ସୁପର ମାର୍କେଟ୍ ବା ଡିପାର୍ଟମେଣ୍ଟ ଷ୍ଟୋର୍ ତ କଳାବଜାର ବା ହୋର୍ଡିଂ କରିପାରିବ ନାହିଁ। ତୋଷାମଦ କରି ଯେଉଁ ରାଷ୍ଟ୍ରନେତାମାନେ ଏବେ ଶୁଳ୍କ କମାଇଛନ୍ତି ସେମାନେ ଜବାବ୍ ଦେଇଥିବା ପୁଞ୍ଜି (ଯଥା ୟୁରୋପୀୟ ସଂଘ ୬୦୦ ବିଲିଅନ୍ ଡଲାର୍ ପୁଞ୍ଜି ଲଗାଇବ ୨୦୨୮ ସୁଦ୍ଧା) ଆସିବ ତ! ସେତେବେଳକୁ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟ ଓ ମନ ଭଲ ଥିଲେ ତ! ଟ୍ରମ୍ପ ଆଇନକୁ ଦୁଇଥାକିଆ କରିଛନ୍ତି, ସାଙ୍ଗ ଓ ମିତ୍ରମାନଙ୍କୁ କ୍ଷମାଦେବା ଓ ଶତ୍ରୁମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା । ମୋ ବନ୍ଧୁମାନଙ୍କ ପାଇଁ ସବୁକିଛି, ବିରୋଧୀମାନଙ୍କ ପାଇଁ ଆଇନ । ଦୋଷୀ ସାବ୍ୟସ୍ତ ନ ହେଲା ଯାଏ ବ୍ୟକ୍ତିଟି ନିର୍ଦ୍ଦୋଷ– ଏ ନୀତି ଟ୍ରମ୍ପଙ୍କ ଆଖିକୁ ଦିଶୁନାହିଁ । ବିଶ୍ୱର ସମସ୍ତଙ୍କୁ ନୀଚକରି ଦେଖିଲେ କ'ଣ ମେକ୍ ଆମେରିକା ଗ୍ରେଟ୍ ଏଗେନ୍ ସମ୍ଭବ ହେବ, ଯୁକ୍ତରାଷ୍ଟ୍ରକୁ ମହାନ୍ କହିବାକୁ କେହି ବାହାରିବେ ନାହିଁ।

sahadevas@yahoo.com

# ପେଟ ପାଇଁ ସବୁ ନାଟ



ଉମାଶଙ୍କର ପ୍ରସାଦ

ଭାରତୀୟ ଜନସଂଖ୍ୟାର ୩ ଭାଗରୁ ୧ ଭାଗ ହେଉଛନ୍ତି ଶିଶୁ। ସେମାନଙ୍କ ମଧ୍ୟରୁ କେତେକେ ଅଭାବ ଅନଟନ, ବିଭିନ୍ନ ପ୍ରକାର ରୋଗ ଏବଂ ଦାରିଦ୍ର୍ୟର ଶିକାରହୋଇ ନିଜର ଶୈଶବକୁ ବିଭିନ୍ନ ବିପର୍ଯ୍ୟୟ ପରିସ୍ଥିତିକୁ ଆଦରି ନେଇଥାନ୍ତି। ଦାରିଦ୍ର୍ୟର କଷାଘାତ ରେ ପ୍ରପୀଡ଼ିତ ହୋଇ ପେଟ ଚାଖଣ୍ଡକ ପାଇଁ ସେମାନେ ଜୀବନକୁ ପାଣିଛଡ଼ାଇ ଅନେକ ଦୁଃସାହସିକ କାର୍ଯ୍ୟକରି ଦର୍ଶକଙ୍କ ମନୋରଞ୍ଜନକରି ନିଜ ପେଟ ତଥା ପରିବାର ପ୍ରତିପୋଷଣ କରିଥାନ୍ତି। ଏଇ କିଛିଦିନ ତଳେ ଭୁବନେଶ୍ୱର ନାଲ୍‌କୋ ଛକରେ ଦେଖିଲି ୧୦ ରୁ ୧୧ ବର୍ଷର ଝିଅଟିଏ ବାଉଁଶରେ ବନ୍ଧାଯାଇଥିବା ଏକ ଦଉଡ଼ି ଉପରେ ବାଡ଼ିଟିଏ ଧରି ନିଜର ସନ୍ତୁଳନ ରକ୍ଷାକରି ଦୁଃସାହସିକ ବାଉଁଶରାଣୀ ଖେଳ ଦେଖାଇ କିଛି ଅର୍ଥ ରୋଜଗାର କରୁଛି। ମୁଁ ଏହି ଖେଳ ପ୍ରଦର୍ଶନ କରୁଥିବା ନିରୀହ ଝିଅଟିର ବାପାଙ୍କୁ ପଚାରିବାରୁ ସେ ଲୁହ ଛଳ ଛଳ ଆଖିରେ କହିଥିଲେ, ବାବୁ ଆମର ସମ୍ବଳ କିଛି ନାହିଁ । ତେଣୁ ପିଲାଟି ଦିନୁ ଆମ ପିଲାମାନଙ୍କୁ ଗୁଜୁରାଣ ମେଣ୍ଟାଇବା ପାଇଁ ବିଭିନ୍ନ ପ୍ରକାର ଖେଳ ଶିଖାଇଥାଉ । ତେବେ ଏ ଦୁଃସାହସିକ ଖେଳ ଜୀବନକୁ ପାଣିଛଡ଼ାଇ ଦର୍ଶକଙ୍କ ମନୋରଞ୍ଜନ କରିବା ପଛର କାରଣ ହେଉଛି ଏ ପେଟ ପାଇଁ ନାଟ। ଡୋମ୍ବାରୀ ତଥା ଅନେକ ଆଦିବାସୀ ସମ୍ପ୍ରଦାୟର ପରିବାର ନିଜର ଏପରି ଦୁଃସାହସିକ ଖେଳ ପ୍ରଦର୍ଶନ କଲାବେଳେ ସମଗ୍ର ସମାଜକୁ ଏକ ବାର୍ତ୍ତା ଦେଇଥାଏ ଯାହା ହେଉଛି ଆଜି ମଧ୍ୟ ଦାରିଦ୍ର୍ୟର କଷାଘାତରେ ଶଢୁଥିବା ଲୋକ ଏବଂ ଧନିକ ମଧ୍ୟରେ ରହିଛି ବିରାଟ ପାର୍ଥକ୍ୟ। ଏହି ପାର୍ଥକ୍ୟର କେବେ ଅବସାନ ଘଟିବ ଏହି ନିରୀହ ଶିଶୁମାନେ ନିଜ ଜୀବନ ସହ ଖେଳିବା ବନ୍ଦକରି ନିଜ ଜୀବନକୁ ବିକଶିତ କରିବେ ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟିକରେ। ସରକାର କିନ୍ତୁ ଏହି ସମ୍ପ୍ରଦାୟର ବିକାଶ ପାଇଁ ବାହୁସ୍ଫୋଟ ମାରିଥିବା ବେଳେ ଏହା ପଛରେ ଥିବା ବାସ୍ତବତାକୁ ଏ ପର୍ଯ୍ୟନ୍ତ ଉପଲବ୍ଧି କରି ନ ପାରିବା ପରିତାପର ବିଷୟ।

କେବଳ ଡୋମ୍ବାରୀ ସମାଜର ସେହି ପିଲାମାନେ ନୁହନ୍ତି, ଆମ ଦେଶରେ ୧୬ ବର୍ଷ ବୟସର ପିଲା ୩ ଭାଗରୁ ଭାଗେ ଶିଶୁ ଶ୍ରମରେ ନିୟୋଜିତ ହୋଇ ନିଜର ପରିବାରର ପ୍ରତିପୋଷଣ କରିଥାନ୍ତି। ସାରା ପୃଥିବୀରେ ୧୦ ରୁ ୧୪ ବର୍ଷ ମଧ୍ୟରେ ଅଗଣିତ ବାଳିକା ବାଳକ ଶିଶୁ ଶ୍ରମିକ ଭାବେ କାମ କରିବାର ଦେଖାଯାଏ! ବାଲ୍ୟକାଳକୁ ମଣିଷ ଜୀବନ ଗଠନ ପ୍ରଣାଳୀର ଆଦ୍ୟଭୂମି ବୋଲି କୁହାଯାଏ। କିନ୍ତୁ ଏହି ସମୟରେ ପିଲାଟି ବିଦ୍ୟାଳୟ ଯିବା ପରିବର୍ତ୍ତେ ଜୀବିକାର୍ଜନ କରିବା ପାଇଁ ଶ୍ରମଭୂମିକୁ ଯାଏ ଖଟିବାକୁ। ନିଜ ଜୀବନରେ ଥିବା ଆଖିରେ



ଆଖିଏ ସ୍ୱପ୍ନ ବାଉଁଶରାଣୀ ଦଉଡ଼ି ଉପରେ ଝୁଲି ରହିଥାଏ। ତେବେ ଏହି ପରିସ୍ଥିତି ପାଇଁ ଦାୟୀ କିଏ ? ଉଭୟ ଗ୍ରାମ ଓ ସହରାଞ୍ଚଳରେ ଏ ଦୃଶ୍ୟ ଅତିବ ମର୍ମସ୍ପର୍ଶୀ। ମାତାପିତାଙ୍କ ଦାରିଦ୍ର୍ୟ, ନିରକ୍ଷରତା ଏବଂ ସମାଜର ପଛୁଆ ଜାତି ହିସାବରେ ସେମାନଙ୍କ ପିଲା ଯେକୌଣସିମତେ ଗୋଡି ଖଟିବା ସହ ଏପରି ବିପଦପୂର୍ଣ୍ଣ ଖେଳ ଖେଳିବାକୁ ବାଧ୍ୟ ହୋଇଥାନ୍ତି। ପାଠ ପଢ଼ିବା ସମୟରେ ଏହି ସମ୍ପ୍ରଦାୟର ପିଲାମାନଙ୍କୁ ଛୋଟ ବୟସରୁ ଦୁଃସାହସିକ ବାଉଁଶରାଣୀ ଖେଳର ତାଲିମ ଦିଆଯାଇଥାଏ। ସାଇକେଲ ରିମ୍ ଭିତରେ ନିଜର ସମଗ୍ର ଶରୀରକୁ ପ୍ରବେଶ କରାଇବା ଆଦିବାସୀ ସମ୍ପ୍ରଦାୟର ପିଲାମାନଙ୍କ ଛଡ଼ା ଅନ୍ୟାନ୍ୟ ସମ୍ପ୍ରଦାୟର ୧୦ରୁ ୧୫ ବର୍ଷର ପିଲାମାନେ ପରଦୁଆରେ ଶ୍ରମକରି ନିଜର ତଥା ପରିବାରର ପ୍ରତିପୋଷଣ କରନ୍ତି।

ଯଦି ଭାରତର ସମ୍ବିଧାନକୁ ଆଖି ପକାଇବା ତେବେ ଦେଖିବାକୁ ପାଇବା ଧାରା ୨୪ରେ ସ୍ପଷ୍ଟ ଉଲ୍ଲିଖିତ ହୋଇଛି ଯେ ୧୪ ବର୍ଷରୁ କମ୍ ବୟସର କୌଣସି ପିଲା କୌଣସି କଳକାରଖାନା, ଖଣିଖାଦାନ ବା କୌଣସି ବିପଦସଙ୍କୁଳ ସ୍ଥାନରେ କାମ କରିପାରିବେ ନାହିଁ। କିନ୍ତୁ ଆଇନ ତା' ବାଟରେ, ଆଜି ମଧ୍ୟ ସ୍ୱଳ୍ପ ବୟସର ଶିଶୁ ଶ୍ରମିକମାନେ ବାଣ କାରଖାନା, ହାତବୁଣା ଗାଲିଚା ଶିଳ୍ପ, କାଚ କାରଖାନାରେ ଖଟୁଥିବା ଦେଖାଯାଏ! ଏପରି ହେବାର କାରଣ ଆଇନକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ବାବୁମାନଙ୍କ ଉପରେ ପଦକ୍ଷେପ ନିଆଯାଉନାହିଁ। ଗ୍ରାମାଞ୍ଚଳରେ ଶିଶୁଶ୍ରମିକମାନେ କ୍ଷେତ, ବୃକ୍ଷରୋପଣ, ମତ୍ସ୍ୟ ଏବଂ କୁଟୀରଶିଳ୍ପରେ ନିୟୋଜିତ ହେବାର ଦେଖାଯାଏ। ସରକାରୀ ବିଦ୍ୟାଳୟରେ ମାଗଣା ପାଠ ପଢ଼ିବାର ସମସ୍ତ ସୁବିଧା ଏଯୋଗାଇ ଦିଆଯାଉଥିଲେ ସୁଦ୍ଧା ବାଳିକାବାଳକମାନେ ପରିବାରର ଆୟ ବୃଦ୍ଧି ନିମନ୍ତେ ଅର୍ଥ ଲୋଭରେ ପଡ଼ି ପାଠପଢ଼ା ଛାଡ଼ିଦେଇଥାନ୍ତି। ବାଳଶ୍ରମିକ ନିଯୁକ୍ତି ନ ଦେବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ବାଳଶ୍ରମିକ ନିଯୁକ୍ତି ବନ୍ଦ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଗଲାଣି। ଯେଉଁ ଶିଳ୍ପ କାରଖାନାରେ ବାଳଶ୍ରମିକ ଖଟୁଛନ୍ତି , ତା'ର ଉତ୍ପାଦ କ୍ରୟ କରିବାକୁ ଲୋକେ ସଂଘବଦ୍ଧ ହୋଇ ବାରଣ କରୁଛନ୍ତି। ୧୯୯୫ ମସିହାରେ ଭାରତୀୟ ଗାଲିଚା ଉତ୍ପାଦନକାରୀ, ରପ୍ତାନିକାରୀ ଏବଂ ସ୍ୱେଚ୍ଛାସେବୀ ସଂଘଗୁଡ଼ିକ 'ରୁଗ୍‌ମାର୍କ' ନାମରେ ଏକ ବ୍ରାଣ୍ଡ ନାମ ସୃଷ୍ଟି କରିଛନ୍ତି, ଯାହା ସାର୍ଟିଫିକେଟ ପରି କାମକରେ। ଏହି ନାମର ମୋହର ବସିବା ଦ୍ୱାରା ଜଣାଯାଏ ଉକ୍ତ ଉତ୍ପାଦନକାରୀ ପଦାର୍ଥରେ ବାଳଶ୍ରମିକ ନିଯୁକ୍ତି ହୋଇନାହାନ୍ତି। ଆଜିକାଲି ବୈଷୟିକ ଶିକ୍ଷା ଏକ ବାଧ୍ୟ ପାଠ୍ୟକ୍ରମ ରୂପେ ସରକାରଙ୍କ ଦ୍ୱାରା ପ୍ରଚଳିତ ହୋଇଛି ଯାହା ଶିଶୁ ଶ୍ରମିକଙ୍କ ପେଟ ପାଇଁ ନାଟର ପରିସମାପ୍ତି ଘଟାଇ ଆଶାର କିରଣ ସଞ୍ଚରଣ କରୁଛି। କିନ୍ତୁ ଏହାକୁ ଫଳପ୍ରଦ କରିବା ପାଇଁ ସରକାର ବିହିତ ପଦକ୍ଷେପ ନେଲେ ଉକ୍ତ ସମସ୍ୟାର ସମାଧାନ ହେବ।

ମୋ: ୬୩୭୦୬୭୫୫୬୨

## ଏଇ ଭାରତରେ

ଅହମଦାବାଦ୍‌ର ଝିଅ ହ୍ରିଧିମା ୩ ବର୍ଷ ବୟସରୁ ସାପ, କଇଁଛ ଓ ଅନ୍ୟ ଜୀବଙ୍କୁ ଉଦ୍ଧାର କରୁଛନ୍ତି। ହ୍ରିଧିମାଙ୍କ ବୟସ ଏବେ ୪ ବର୍ଷ। ତାଙ୍କ ବୟସ ଯେତେବେଳେ ୩ ବର୍ଷ ଥିଲା, ସେତେବେଳୁ ତାଙ୍କ ମା' ସାପ ଓ ଅନ୍ୟ ଜୀବ ଉଦ୍ଧାର କରିବାକୁ ଯିବା ସମୟରେ ସେ ସାଙ୍ଗରେ ଯାଉଥିଲେ। ଏହି ସମୟରେ ଉଦ୍ଧାର କାର୍ଯ୍ୟର ପ୍ରତ୍ୟେକଟି ପର୍ଯ୍ୟାୟକୁ ସେ ଧ୍ୟାନର ସହ ନିରୀକ୍ଷଣ କରୁଥିଲେ। ହ୍ରିଧିମାଙ୍କ ଆଗ୍ରହକୁ ଦେଖି ମାତାପିତା ତାଙ୍କୁ ଏହି କାର୍ଯ୍ୟ ଲାଗି ଉତ୍ସାହିତ କରିଥିଲେ। କିନ୍ତୁ ପ୍ରତିଟି କ୍ଷେତ୍ରରେ ତାଙ୍କ ସହ ରହୁଥିଲେ। ଏବେ ସତର୍କତା ଅବଲମ୍ବନପୂର୍ବକ ମାତାପିତାଙ୍କ ତତ୍ତ୍ୱାବଧାନରେ ସେ ସାପ ଓ କଇଁଛ ଉଦ୍ଧାରକରି ସୁରକ୍ଷିତ ସ୍ଥାନରେ ଛାଡୁଛନ୍ତି। କିନ୍ତୁ ଅତ୍ୟନ୍ତ ବିପଜ୍ଜନକ ଓ ବଡ଼ ପ୍ରଣୀ ଉଦ୍ଧାର କରିବାକୁ ତାଙ୍କୁ ସୁଯୋଗ ଦିଆଯାଉନାହିଁ। କମ୍ ବୟସରେ ସେ ପ୍ରକୃତି ଓ ପ୍ରାଣୀଙ୍କୁ ଭଲପାଇଥିବାରୁ ତାଙ୍କ ମନରେ ସାହସ ସୃଷ୍ଟି ହୋଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ସେପ୍ଟେମ୍ବର ୧୯୭୬

- ହିମାଳୟର ପୂର୍ବ ଓ ପଶ୍ଚିମାଞ୍ଚଳର ପ୍ରାୟ ୧୦୦ଟି ସ୍ଥାନରେ ତମ୍ବା, ସିସା ଓ ଦସ୍ତା ଗଚ୍ଛିତ ଥିବା ଭାରତୀୟ ଭୂତତ୍ତ୍ୱ ସର୍ଭେର ଅନୁସନ୍ଧାନରୁ ଜଣାପଡ଼ିଛି।
- ଜ୍ଞାନପୀଠ ବିଜେତା, ବିଶିଷ୍ଟ ମରାଠୀ ସାହିତ୍ୟିକ ବିଷ୍ଣୁ ସଖାରାମ ଖାଣ୍ଡେକରଙ୍କ ୭୯ ବର୍ଷ ବୟସରେ ପରଲୋକ।
- ପାର୍ଲାମେଣ୍ଟ ସଭ୍ୟମାନଙ୍କୁ ପେନ୍‌ସନ୍ ଦେବା ସମ୍ପର୍କୀୟ ବିଲ୍ ଲୋକସଭାରେ ବିପୁଳ ହର୍ଷଧ୍ୱନି ମଧ୍ୟରେ ଗୃହୀତ।

## ଚିରନ୍ତନୀ

ତାପିତ ମରମ ଯେତେ ବିରହୀ
ସବୁ ଜ୍ୱାଳା ଏ ପବନେ ମରଇ
କାଙ୍ଗାଳ ଧନୀ ବାସେ ସମାନେ
ଭେଦାଭେଦ ଛୋଟ ବଡ଼ ନ ମାନେ
ଆସିଛି ସେ ପୁଷ୍ପକ ବିମାନେ
ଯାଏ ଖେଳି ଫୁଲେ ଫୁଲେ କି କହି ।
–(ଫଗୁଣ ଜ୍ୟୋତ୍ସ୍ନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | | 1 | | |
| | 4 | 2 | | | | | 7 | |
| | 9 | | | | 5 | 4 | 2 | 3 |
| 3 | | | | 8 | | | | |
| | | | 6 | | 3 | | | 7 |
| | 5 | 4 | | | | 3 | | |
| 7 | | | | | | | | |
| | | | | | 6 | | | |
| | | | 3 | 5 | 9 | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 3 | 2 | 5 | 6 | 9 | 7 |
| 5 | 2 | 7 | 6 | 8 | 9 | 1 | 4 | 3 |
| 3 | 6 | 9 | 1 | 4 | 7 | 2 | 8 | 5 |
| 6 | 7 | 2 | 4 | 5 | 8 | 3 | 1 | 9 |
| 8 | 4 | 1 | 9 | 3 | 2 | 5 | 7 | 6 |
| 9 | 5 | 3 | 7 | 6 | 1 | 8 | 2 | 4 |
| 7 | 9 | 5 | 2 | 1 | 3 | 4 | 6 | 8 |
| 2 | 8 | 4 | 5 | 9 | 6 | 7 | 3 | 1 |
| 1 | 3 | 6 | 8 | 7 | 4 | 9 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରକ୍ଷଣାବେକ୍ଷଣ କରିବ କିଏ

ମହାଶୟ,

ଖବରକାଗଜଗୁଡ଼ିକରେ ପ୍ରକାଶ ପାଇଛି ଯେ, ସରକାର ୨୦୨୫–୨୬ ବର୍ଷରେ ୩୦ ଜଣ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରାଇବେ। ପୂର୍ବ ବର୍ଷ ଅର୍ଥାତ୍ ୨୦୨୪–୨୫ ବର୍ଷରେ ୨୫ ଜଣ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ଏହା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ପ୍ରଶ୍ନ ଉଠେ ଯେ, ଏହି ପ୍ରତିମୂର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ କରିବ କିଏ ? ରକ୍ଷଣାବେକ୍ଷଣ ବିହୀନ ପ୍ରତିମୂର୍ତ୍ତି ସ୍ଥାପନ ସେମାନଙ୍କ ପ୍ରତି ଅସମ୍ମାନ ହେବ। ଜୟନ୍ତୀ ଓ ଶ୍ରାଦ୍ଧଦିବସରେ ଆମେ ସେମାନଙ୍କୁ ସ୍ମରଣ କରି ପୁଷ୍ପମାଲ୍ୟ ଅର୍ପଣ କରିଥାଉ, କିନ୍ତୁ ବାକି ଦିନଗୁଡ଼ିକରେ ଶୁଖିଲା ଫୁଲ, ପକ୍ଷୀମାନଙ୍କ ମଳ, ଚୂନ ଛାଡ଼ି ଯାଇଥିବା ଆସ୍ଥାନର କାନ୍ଥ, ଅରମା ଲଟାବୁଦା ଗହଣରେ ଧୂଳି ଧୂସରିତ ପ୍ରତିମୂର୍ତ୍ତିଗୁଡ଼ିକ ନାରଖାର ଦିଶନ୍ତି। ଏପରି ଦୟନୀୟ ଅବସ୍ଥାରେ ପ୍ରତିମୂର୍ତ୍ତିଗୁଡ଼ିକୁ ଉନ୍ମୁକ୍ତ ଆକାଶ ତଳେ ଛାଡ଼ିଦେବା ବରପୁତ୍ରମାନଙ୍କ ପ୍ରତି ଘୋର ଅପମାନ। ମୂର୍ତ୍ତି ପ୍ରତିଷ୍ଠାର ଉଦ୍ଦେଶ୍ୟ ସମ୍ମାନ ପରିବର୍ତ୍ତେ ଅସମ୍ମାନରେ ପରିଣତ ହେବ। ତେଣୁ ସରକାରଙ୍କୁ ଅନୁରୋଧ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ସେହି ମୂର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣର ସ୍ଥାୟୀ ବ୍ୟବସ୍ଥା କରିବାକୁ ଭୁଲନ୍ତୁ ନାହିଁ।

–ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭିସୁଟ୍ ଛାତ୍ରଙ୍କ କ୍ଷତାକ୍ତ ମୃତଦେହ ଠାବ

■ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ
■ ୩ ଦଳ ଗଠନ କରି ତଦନ୍ତ କରୁଛି ପୋଲିସ

ସମ୍ବଲପୁର,୨୧୯(ପ୍ରମୋଦ ବହିଦାର)

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ଜଣେ ଛାତ୍ରଙ୍କ କ୍ଷତାକ୍ତ ମୃତଦେହ ନିକଟସ୍ଥ ପାୱାର ଚ୍ୟାନେଲ ବ୍ରିଜ୍‌ତଳୁ ମଙ୍ଗଳବାର ଜବତ କରାଯାଇଛି। ମୃତକ ମେକାନିକାଲ ଇଞ୍ଜିନିୟରିଂ ବିଭାଗ ଶେଷବର୍ଷ ଛାତ୍ର ଏବଂ ସେ ଯାଜପୁର ମଙ୍ଗଳପୁର ଥାନା ଅନ୍ତର୍ଗତ ନାରୀଗାଁର ଅଞ୍ଜନେୟ ଦାସ(୨୨) ବୋଲି ଚିହ୍ନଟ କରାଯାଇଛି। ସୋମବାର ରାତିରେ ନିକଟସ୍ଥ ପାୱାର ଚ୍ୟାନେଲ(ପିସି) ବ୍ରିଜତଳୁ କେତେଜଣ ସହପାଠୀ ଅଞ୍ଜନେୟଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭିମ୍‌ସାର ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ଖବର ପାଇ ବୁର୍ଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତ ସ୍ୱରୂପ ପୋଲିସ ୩ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସନ୍ଧ୍ୟାରେ ଛାଡ଼ିଦେଇଛି।

ପଚରାଉଚରା ବେଳେ ସହପାଠୀ ଛାତ୍ରମାନେ କହିଛନ୍ତି, ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ଅଞ୍ଜନେୟଙ୍କ ଜଣେ ସହପାଠିନୀ ସେମାନଙ୍କୁ ଫୋନ କରିଥିଲେ। ଅଞ୍ଜନେୟଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଛି, ମାତ୍ର ମୋବାଇଲ ଲୋକେଶନ ପାୱାର ଚ୍ୟାନେଲ ବ୍ରିଜ୍ ନିକଟରେ ଦର୍ଶାଉଛି ବୋଲି କହିଥିଲେ। ସେଠାକୁ ଯାଇ ସେମାନେ ଯାଞ୍ଚ କରିବାକୁ ଯୁବତୀ ବନ୍ଧୁ ନିବେଦନ କରିଥିଲେ। ତାଙ୍କ ନିବେଦନ ଅନୁସାରେ, ସହପାଠୀମାନେ ସେଠାରେ ପହଞ୍ଚିବାବେଳକୁ ବ୍ରିଜତଳେ ଅଞ୍ଜନେୟ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଏକ ଆମ୍ବୁଲାନ୍ସରେ ଭିମ୍‌ସାର୍‌କୁ ନେଇଥିଲେ। ସେତେବେଳେ ସେ ଜୀବିତ କି ମୃତ ସେମାନେ ଜାଣି ପାରି ନ ଥିଲେ। ମାତ୍ର ଭିମ୍‌ସାରରେ ପହଞ୍ଚିଲା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଅଟକ ଛାତ୍ରମାନେ କହିଥିବା ବୁର୍ଲା ଏସ୍‌ଡିପିଓ ବଳେଶ୍ୱର ଗିଦ୍ଧି କହିଛନ୍ତି। ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି ସମସ୍ତ ଦିଗରୁ ତଦନ୍ତ କରାଯାଉଛି। ୩ଟି ସ୍ୱତନ୍ତ୍ର ଦଳ ଗଠନ କରାଯାଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।


ମୃତ ଭିସୁଟ୍ ଛାତ୍ର ଅଞ୍ଜନେୟ ଦାସ।

ଅପରପକ୍ଷରେ ମୃତ ଅଞ୍ଜନେୟ ରହୁଥିବା ପୁଲସ୍ତ ହଷ୍ଟେଲ ୱାର୍ଡେନ୍‌ଙ୍କଠାରୁ ବିଳମ୍ବିତ ରାତିରେ ଖବର ପାଇ ତାଙ୍କ କକା, ମାମୁ ଓ ଭାଇ ଆସି ମଙ୍ଗଳବାର ସକାଳେ ବୁର୍ଲାରେ ପହଞ୍ଚିଥିଲେ। ତାଙ୍କ କକା ରବୀନ୍ଦ୍ର ନାଥ ଦାସ ଅଞ୍ଜନେୟଙ୍କୁ ହତ୍ୟା କରାଯାଇଛି ବୋଲି ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପାରିପାର୍ଶ୍ୱିକ ସ୍ଥିତି ଅନୁସାରେ ତାଙ୍କୁ ଏଠାରେ ହତ୍ୟା କରି ବ୍ରିଜ୍‌ତଳକୁ ଫିଙ୍ଗି ଦିଆଯାଇଛି। ତାଙ୍କ ଜଙ୍ଘ, ମୁହଁ ଓ ଛାତିରେ ଗଭୀର କ୍ଷତ ଦେଖିବାକୁ ମିଳିଛି। ସେହିପରି ସେ ହାତରେ ପିନ୍ଧିଥିବା ସୁନାମୁଦି, ମୋବାଇଲ୍ ଓ ପର୍ସ ମିଳିନାହିଁ। ତେଣୁ କେହି ଲୁଟ୍ ଉଦ୍ଦେଶ୍ୟରେ ହତ୍ୟା କରିଥାଇପାରନ୍ତି ବୋଲି ରବୀନ୍ଦ୍ର ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ବୁର୍ଲା ଥାନାରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଦଫା ୧୦୩(୧)ରେ ଏକ ମାମଲା(ନଂ.୩୮୧/୨୫)ରେ ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମଙ୍ଗଳବାର ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ଅଞ୍ଜନେୟ ହେଉଛନ୍ତି ତାଙ୍କ ମାତାପିତାଙ୍କ ଦ୍ୱିତୀୟ ପୁତ୍ର। ବର୍ତ୍ତମାନ ତାଙ୍କ ମାତାପିତା ତୀର୍ଥଯାତ୍ରାରେ ଅଛନ୍ତି ବୋଲି ପରିବାର ଲୋକେ କହିଛନ୍ତି।

# ବେଲପାହାଡ଼ ପୌର ପରିଷଦ ପୂର୍ବତନ ନିର୍ବାହୀ ଅଧିକାରିଣୀ ଗିରଫ

**ଉନ୍ନତି ଯୋଜନା ଆତ୍ମସାତ୍ ଘଟଣା**

**ଆଜି ହେବେ କୋର୍ଟ ଚାଲାଣ**

ବେଲପାହାଡ଼, (ସୁବାସ ପ୍ରଧାନ)/ ଭୁବନେଶ୍ୱର,୨୧୯(ସତ୍ୟଜିତ୍ ରାଉତ)


ମଧୁସ୍ମିତା ସିଂ

ସରକାରୀ ଟଙ୍କା ଆତ୍ମସାତ୍ ଘଟଣାରେ ଝାରସୁଗୁଡ଼ା ବେଲପାହାଡ଼ ପୌର ପରିଷଦର ପୂର୍ବତନ ନିର୍ବାହୀ ଅଧିକାରିଣୀ ତଥା ବର୍ତ୍ତମାନର ମୟୂରଭଞ୍ଜ ଜିଲା ଜାମଦା ତହସିଲଦାର ମଧୁସ୍ମିତା ସିଂଙ୍କୁ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମଙ୍ଗଳବାର ଗିରଫ କରିଛି। ଉନ୍ନତି ଯୋଜନାରେ ଆସିଥିବା ଅର୍ଥକୁ ଅନ୍ୟ କାମରେ ବିନିଯୋଗ କରି ଅର୍ଥ ହେରଫେର କରିବା ଅଭିଯୋଗରେ ମଧୁସ୍ମିତାଙ୍କୁ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ମାଙ୍କଡ଼କେଣ୍ଡିଆସ୍ଥିତ ତାଙ୍କ ଘରୁ ଗିରଫ କରାଯାଇଥିବାବେଳେ ବୁଧବାର ସମ୍ବଲପୁର ଓପିଆଇଡି କୋର୍ଟକୁ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

ବେଲପାହାଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ ଗୌର ପ୍ରଧାନଙ୍କ ଏତଲା ଆଧାରରେ ବେଲପାହାଡ଼ ଥାନାରେ ଅଗଷ୍ଟ ୧୮ରେ ଏକ ମାମଲା(ନଂ.୧୭୦/୨୦୨୫) ରୁଜୁ ହୋଇଥିଲା। ପରେ ଏହାର ତଦନ୍ତ ଭାର ଇଓଡବ୍ଲ୍ୟୁ ନେଇ ଖୋଳତାଡ଼ ଆରମ୍ଭ କରିଥିଲା। 'ଉନ୍ନତି ଯୋଜନା'ରେ ମିଳିଥିବା ପ୍ରାୟ ୨କୋଟି ଟଙ୍କା ହେରଫେର ଘଟଣାରେ ପ୍ରଥମେ ପୌରପରିଷଦ ଆକାଉଣ୍ଟାଣ୍ଟ ବିଭୂତି ସାହୁ ଓ ସାନିଟେଶନ୍ ଏକ୍ସପର୍ଟ ସୌମ୍ୟ ବିଶ୍ୱରଞ୍ଜନ ମହାଲିଙ୍କ ବିରୋଧରେ ଏତଲା ହୋଇଥିଲା। ଇଓଡବ୍ଲ୍ୟୁ ଅଗଷ୍ଟ ୨୩ରେ ମାମଲା(ନଂ.୧୨/୨୦୨୫) ରୁଜୁ କରି ତଦନ୍ତ କରୁଛି। ପୌରପରିଷଦ ପାଇଁ ଉନ୍ନତି ଯୋଜନା ଅଧୀନରେ ଆବଣ୍ଟିତ ଅର୍ଥ ନିର୍ଦ୍ଦିଷ୍ଟ ଖର୍ଚ୍ଚ ପାଇଁ ଥିବାବେଳେ ଉପଯୁକ୍ତ ଦସ୍ତାବିଜ୍ ଏବଂ ଅନୁମୋଦନ ବିନା ଅନ୍ୟ କାମରେ ବ୍ୟବହାର ହୋଇଥିଲା। ମଧୁସ୍ମିତା ୨୦୨୨ ଅକ୍ଟୋବର ୪ରୁ ୨୦୨୫ ମେ' ୩୧ ପର୍ଯ୍ୟନ୍ତ ବେଲ୍‌ପାହାଡ଼ ପୌର ପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୌରପରିଷଦକୁ ଉନ୍ନତି ଯୋଜନା ଅଧୀନରେ ୨ କୋଟି ଟଙ୍କା ମିଳିଥିଲା, ଯାହାକି ରାସ୍ତା, ଡ୍ରେନ୍ ଆଦିର ନିର୍ମାଣ ଓ ଉନ୍ନତୀକରଣ କାର୍ଯ୍ୟ ହେବାର ଥିଲା। ହେଲେ ଏହି ଅର୍ଥକୁ ସୌନ୍ଦର୍ଯ୍ୟକରଣ ଏବଂ ସାଜସଜ୍ଜା କାର୍ଯ୍ୟରେ ଖର୍ଚ୍ଚ କରାଇଥିବା ଦେଖାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଉନ୍ନତି ପାଣ୍ଠିରୁ ୧.୫୬ କୋଟି ଟଙ୍କା ବିନା କାଗଜପତ୍ର ଏବଂ ଅନୁମୋଦନରେ ଖର୍ଚ୍ଚ ହୋଇଛି। ଏପରିକି ଏଥିପାଇଁ କୌଣସି ଦସ୍ତାବିଜ୍ ମଧ୍ୟ କରାଯାଇ ନାହିଁ। ୨୦୦ଟି ଡେକୋରେଟିଭ୍ ଲାଇଟ୍ (ପ୍ରତି ଲାଇଟ୍ ପିଛା ୭୮ ହଜାର ଟଙ୍କା) ଟଙ୍କା ହିସାବରେ କିଣାଯାଇଥିବା ପୌରପରିଷଦର ଦସ୍ତାବିଜ୍‌ରେ ଉଲ୍ଲେଖ ରହିଛି। କିନ୍ତୁ ଯାଞ୍ଚ ସମୟରେ ଜଣାପଡ଼ିଛି ଯେ, ୧୭୧ ଲାଇଟ୍ ଲଗାଯାଇଥିବାବେଳେ ଏହା ବାବଦକୁ ୨୨.୬୨ ଲକ୍ଷ ଟଙ୍କା ଅଭିଯୁକ୍ତ ମଧୁସ୍ମିତା ଏବଂ ଅନ୍ୟମାନେ ମିଳିମିଶି ହେରଫେର କରିଥିଲେ। ସେହିପରି ୮୩ଲକ୍ଷ ୮୭ ହଜାର ୪୪୫ ଟଙ୍କା ଆନନ୍ଦ ସପ୍ଲାୟାର୍ସକୁ ବଲ୍କ କେମିକାଲ୍ ଯୋଗାଣ ପାଇଁ ଦିଆଯାଇଥିବା ଦର୍ଶାଯାଇଥିବା ବେଳେ ଏନେଇ କୌଣସି ଦସ୍ତାବିଜ୍ ମଧ୍ୟ ରଖାଯାଇନାହିଁ। ସେହିପରି କୌଣସି ଭାଉଚର୍ସ, ବିଲ୍ ଆଦି ବିନା ଲାଡ୍‌ଲି ଏଣ୍ଟରପ୍ରାଇଜେସ୍‌କୁ ୧୮ ଲକ୍ଷ ୨୮ ହଜାର ୪୮୦ ଟଙ୍କା ଦିଆଯାଇଥିବା ଦର୍ଶାଯାଇଛି। ଏହି ମାମଲାରେ ଆକାଉଣ୍ଟାଣ୍ଟ ବିଭୂତି ଗିରଫ ହୋଇଥିବାବେଳେ ସୋମ୍ୟ ଫେରାର ଅଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗତ ୩୦ତାରିଖରେ ମଧୁସ୍ମିତାଙ୍କୁ ସରକାର ନିଲମ୍ବନ କରିଥିଲେ।

# ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ


ସ୍କୁଲ ଆଗରେ ଉତ୍ତେଜିତ ଗ୍ରାମବାସୀ।

■ତାତିଲେ ଲୋକେ, ପ୍ରଧାନଶିକ୍ଷକଙ୍କୁ ତାଲା ପକାଇଲେ
■ଉଦ୍ଧାର ପାଇଁ ଯାଇଥିବା ପୋଲିସ ହଟହଟା

ଭବାନୀପାଟଣା,୨୧୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଳଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଥିଲା। ପ୍ରଧାନଶିକ୍ଷକ ଦୁଲେନ୍ଦ୍ର ମେହେର ସ୍କୁଲର କେତେଜଣ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଜୁନାଗଡ଼ ବିଇଓଙ୍କଠାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବା ପାଇଁ ଅପରାହ୍ନରେ ଜୁନାଗଡ଼ ଶିକ୍ଷା ବିଭାଗର ବିଆର୍‌ସିସି ସୁଶାନ୍ତ ଠାକୁର,ଏବିଇଓ କ୍ଷୀରୋଦ ଭୋଇ, ଶିକ୍ଷୟିତ୍ରୀ ଚିନ୍ମୟୀ ପରିଡା ସ୍କୁଲକୁ ଯାଇଥିଲେ। ତେବେ ଏହି ସମୟରେ ଛାତ୍ରୀଙ୍କ ଅଭିଭାବକ ଓ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ମାଡିଆସିବା ଦେଖି ଭୟରେ ପ୍ରଧାନ ଶିକ୍ଷକ ମେହେର ସ୍କୁଲ ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ଉପସ୍ଥିତ ଗ୍ରାମବାସୀ ମଧ୍ୟ ଆଗପଟରୁ ତାଲା ପକାଇ ଦେଇଥିଲେ। ପରିସ୍ଥିତି ଅଣାୟତ୍ତ ହେବା ଦେଖି ଜୁନାଗଡ଼ ବିଇଓ ତପନ ମାଝୀ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜୁନାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍କୁଲ ଭିତରୁ ପ୍ରଧାନ ଶିକ୍ଷକ ମେହେରଙ୍କୁ ପୋଲିସ ଉଦ୍ଧାର କରି ଗାଡ଼ିରେ ବସାଇବାବେଳେ ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡିକୁ ଛାଡି ନ ଥିଲେ। ଫଳରେ ଦୀର୍ଘ ସମୟ ଧରି ସେଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଏଥିଯୋଗୁ ସ୍କୁଲ ସମ୍ମୁଖଦେଇ ଯାଇଥିବା ୨୬ନଂ. ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏପରି କି ପ୍ରଧାନ ଶିକ୍ଷକ ମେହେରଙ୍କୁ ସ୍କୁଲ ବାହାରକୁ ଆଣିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ପ୍ରାୟ ଘଣ୍ଟାଏ ପରେ ପୋଲିସ ପ୍ରଧାନ ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ଆଣିବାରେ ସକ୍ଷମ ହୋଇଥିଲା। ଏ ନେଇ ଜୁନାଗଡ଼ ବିଇଓ ତପନ ମାଝୀଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକଙ୍କ ନାମରେ ଅଭିଯୋଗ ଆସିବା ପରେ ତଦନ୍ତ ପାଇଁ ଏବିଇଓ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ପଠାଯାଇଥିଲା। ବୁଧବାର ପ୍ରଧାନଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ। ଅନ୍ୟପଟେ ପ୍ରଧାନ ଶିକ୍ଷକ ମେହେରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ।

# ନାବାଳକଙ୍କ ସହ ଅପ୍ରାକୃତ ଯୌନସମ୍ପର୍କ, ଯୁବକ ଗିରଫ

ବଅଁରପାଳ,୨୧୯ (ସୁବାସ ସାହୁ)

ଅନୁଗୋଳ ଜିଲ୍ଲା ନାଲ୍‌କୋନଗର ଥାନା ଅଞ୍ଚଳର ଜଣେ ୪ ବର୍ଷର ନାବାଳକଙ୍କ ସହ ଅପ୍ରାକୃତ ଯୌନସମ୍ପର୍କ କରାଯାଇଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକ ନାରାୟଣ ସୁଦୁ (୨୮)ଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ନାବାଳକ ଜଣକ ଘର ପାଖରେ ଖେଳୁଥିବା ବେଳେ ଅଭିଯୁକ୍ତ ଯୁବକ ତାଙ୍କୁ ଚୋକଲେଟ ଖାଇବାକୁ ଦେବାର ପ୍ରଲୋଭନ ଦେଖାଇ ନିଛାଟିଆ ସ୍ଥାନକୁ ନେଇ ଅପ୍ରାକୃତ ଯୌନ ସମ୍ପର୍କ ରଖିଥିଲେ। ପ୍ରାୟ ଘଣ୍ଟାଏ ପରେ ନାବାଳକ ଜଣକ କାନ୍ଦି କାନ୍ଦି ଘରକୁ ଆସି ଘଟଣା ବିଷୟରେ କହିଥିଲେ। ଏହାପରେ ନାବାଳକଙ୍କ ବାପା ନାଲ୍‌କୋ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

# କୋର୍ଟରେ ଆତ୍ମସମର୍ପଣ କଲେ ଗ୍ୟାଙ୍ଗଷ୍ଟର ସକିଲ

କଟକ,୨୧୯(କାର୍ତ୍ତିକ ସାହୁ)

ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲ କଟକ ଜେଏମ୍‌ଏଫ୍‌ସି କୋର୍ଟରେ ମଙ୍ଗଳବାର ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ମଙ୍ଗଳାବାଗ ଥାନାର ଏକ ମାମଲାରେ ସକିଲ ଅଭିଯୁକ୍ତ ଥିବା ବେଳେ ପୋଲିସର ୱାଣ୍ଟେଡ୍ ତାଲିକାରେ ରହିଥିଲେ। ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ କମିଶନରେଟ ପୋଲିସ ପକ୍ଷରୁ ଅପରାଧୀମାନଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ତଦନୁସାରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅପରାଧୀମାନଙ୍କୁ ବାନ୍ଧି ଜେଲକୁ ପଠାଇବା କାର୍ଯ୍ୟ ଆରମ୍ଭ କରିଛି। ୨ ଦିନ ତଳେ ସକିଲଙ୍କ ସହଯୋଗୀ ଜୁହାଉଦ୍ଦିନ ଅବଦୁଲ କାଦିର ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଏହି ଗିରଫଦାରି ପରେ ସକିଲ ପୋଲିସଠାରୁ ନିଜକୁ ଲୁଚାଇ ରଖୁଥିଲେ। ମାତ୍ର ଅଚାନକ ମଙ୍ଗଳବାର ସେ କୋର୍ଟରେ ଆତ୍ମସମର୍ପଣ କରିବା ଭଳି ଘଟଣା ଘଟିଛି। ଏହାକୁ ନେଇ କଟକରେ ଅସାମାଜିକ, ଅପରାଧୀମାନଙ୍କ ମଧ୍ୟରେ ଛନକା ପଶିବା ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି।

# ବନ୍ଧାହେଲେ ପୁରୁଷ ବନ୍ଧୁ, ଲଜ୍ ମାଲିକ

**ଥାନାରେ ନାବାଳିକା ବିଷାକ୍ତ ଜିନିଷ ଖାଇବା ଘଟଣା**


କେଦାର ଦାସ


ଯୋଗେନ୍ଦ୍ର କୁମାର ସିଂ

ବ୍ରହ୍ମପୁର,୨୧୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲ୍ଲା ଗୋପାଳପୁର ଥାନା ପରିସରରେ ସୋମବାର ଅପରାହ୍ନରେ ଜଣେ ନାବାଳିକା କିଛି ବିଷାକ୍ତ ଜିନିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନାବାଳିକାଙ୍କ ପୁରୁଷ ବନ୍ଧୁ ନିମଖଣ୍ଡି ଥାନା ଅନ୍ତର୍ଗତ ଯୋଗିଆପାଲୁର କେଦାର ଦାସ(୨୮) ଓ ଲଜ୍ ମାଲିକ ଗୋପାଳପୁରର ଯୋଗେନ୍ଦ୍ର କୁମାର ସିଂ(୩୯)। କେଦାର ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ଲଜ୍‌ରେ ରଖିବା ଓ ସେଠାରେ ତାଙ୍କୁ ଅବଧାରଣ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଯୋଗେନ୍ଦ୍ର ଉଭୟଙ୍କୁ ନିଜ ଲଜ୍‌ରେ ରହିବାକୁ ଅନୁମତି ଦେଇଥିବାରୁ ଗିରଫ ହୋଇଥିବା ବ୍ରହ୍ମପୁର ମୁଖ୍ୟାଳୟରେ ଖବରଦାତା ସମ୍ମିଳନୀରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ୨ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସେହିପରି ପୀଡ଼ିତା ଛାତ୍ରୀଙ୍କ ନିକଟରୁ ଜବତ ହୋଇଥିବା ବୋତଲ ପରୀକ୍ଷା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍ ପଠାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏଥିସହ ଗୋପାଳପୁର ବେଳାଭୂମି ବୁଲିବାକୁ ଆସୁଥିବା ନାବାଳିକାଙ୍କୁ କେହି ଲଜ୍‌ରେ ରହିବାକୁ ଅନୁମତି ନ ଦେବାକୁ ପରାମର୍ଶ ଦେଇଛନ୍ତି। ଏଭଳି ବେଆଇନ କାମ କରୁଥିବା ଲଜ୍ ମାଲିକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ କେଦାର ସୋମବାର ମଧ୍ୟାହ୍ନରେ ତାଙ୍କ ୧୭ ବର୍ଷୀୟା ବାନ୍ଧବୀଙ୍କୁ ଫୋନ କରି ଖଲ୍ଲିକୋଟ କଲେଜ ଡାକିଥିଲେ। ସେଠାରୁ ତାଙ୍କୁ ନିଜ ବାଇକ୍‌ରେ ବସାଇ ଗୋପାଳପୁର ଆଣିଥିଲେ। ବାଇକ ପାର୍କିଂ କରି ସେଠାରେ ଛିଡ଼ା ହୋଇଥିବା ଲଜ୍ ମାଲିକ ଯୋଗେନ୍ଦ୍ରଙ୍କୁ ଫୋନ ପେ'ରେ ୭୦୦ ଟଙ୍କା ଦେଇ ଏକ ରୁମ୍ ବୁକ୍ କରିଥିଲେ। ଛାତ୍ରୀଙ୍କ ସହ ରୁମରେ ପ୍ରାୟ ୨ ଘଣ୍ଟା ରହିବା ପରେ ସେମାନଙ୍କ ମଧ୍ୟରେ କୌଣସି କଥାକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା। ପାଟିତୁଣ୍ଡ ଶୁଣି ଲଜ୍ ମାଲିକ ରୁମ୍ ଛାଡ଼ିବାକୁ ବାଧ୍ୟ କରିବାରୁ ଉଭୟେ ବାହାରି ଆସିଥିଲେ। ସେଠାରୁ ଛାତ୍ରୀଙ୍କ ସହ ପୁରୁଷ ବନ୍ଧୁ ଥାନାକୁ ଆସିଥିଲେ। ଛାତ୍ରୀ ଜଣକ ନାବାଳିକା ଜଣାପଡ଼ିବା ପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଥାନାକୁ ଡକାଇଥିଲା। ଘଟଣା ସମ୍ପର୍କରେ ପଚାରଉଚରା ବେଳେ ଛାତ୍ରୀ ଜଣକ ନିଜ ବ୍ୟାଗରେ ରଖିଥିବା କୌଣସି ତରଳ ଜିନିଷ ପିଇଦେବାରୁ ବାନ୍ତି ଆରମ୍ଭ ହୋଇଥିଲା। ତୁରନ୍ତ ତାଙ୍କୁ ପରିବାର ଲୋକଙ୍କ ସହାୟତାରେ ଏମ୍‌କେସିଜି ମେଡିକାଲ ଅଣାଯାଇଥିଲା। ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କୁ ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଯିବ ବୋଲି ଏସ୍‌ପି କହିଛନ୍ତି। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୩୧୬/୨୫ରେ ଏକ ମାମଲା ରୁଜୁ କରିଛି।


**PARADIP PORT AUTHORITY**
Tender No.ENG/CE/1569/ SQB/2024/282, Dt.01.09.2025
MECHANIZATON OF SOUTH QUAY BERTH (SQB) ON BOT BASIS INVITATION OF REQUEST FOR QUALIFICATION (RFQ)
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 20.10.2025 till 1400 hours.
Sd/- Executive Engineer (C)
Project Implementation Office
Paradip Port Authority
PPA/PR/36/2025-2026 dtd. 02.09.2025

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ତରଫରୁ ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ), ଦକ୍ଷିଣ ପୂର୍ବ ରେଳପଥ, ଟାଟାନଗର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ଡକ୍ୟୁମେଣ୍ଟ www.ireps.gov.in ରେ ଉପଲବ୍ଧ ହେବ। ... ଟେଣ୍ଡରକୁ ଧାର୍ଯ୍ୟ ତାରିଖରେ ୧୫.୦୦ ଘଣ୍ଟାରେ ବନ୍ଦ କରିଦିଆଯିବ । ଇ-ଟେଣ୍ଡର ବିଜ୍ଞପ୍ତି ନଂ. ... ... www.ireps.gov.in ... (PR-587)

**ବ୍ରାହ୍ମଣୀ ରିଭର ପେଲେଟ୍‌ସ ଲିମିଟେଡ**
ସିଆଇଏନ୍-ୟୁ୨୭୧୦୬ଓଆର୨୦୦୬ପିଏଲ୍‌ସି୦୮୯୧୪
ପଞ୍ଜିକୃତ କାର୍ଯ୍ୟାଳୟ: ୪ର୍ଥ ମହଲା, ଆଇଡିଆଇଏଲ୍ ହାଉସ, ଜନପଥ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୨, ଭାରତ
ଇମେଲ: secretarial@brplind.com
"ଫର୍ମ ନମ୍ବର ଆଇଏନସି-୨୫ଏ"
ପବ୍ଲିକ ଲିମିଟେଡ୍ କମ୍ପାନୀକୁ ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ପରିଣତ କରିବା ପାଇଁ ବିଜ୍ଞପ୍ତି
ଆଞ୍ଚଳିକ ନିର୍ଦ୍ଦେଶକ, କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟ, ପୂର୍ବ କ୍ଷେତ୍ର, କୋଲକାତାଙ୍କ ସମ୍ମୁଖରେ କମ୍ପାନୀ ଆଇନ, ୨୦୧୩, କମ୍ପାନୀ ଆଇନ, ୨୦୧୩ର ଧାରା ୧୪ ଏବଂ କମ୍ପାନୀ (ଇନ୍‌କର୍ପୋରେସନ) ନିୟମ, ୨୦୧୪ର ନିୟମ ୪୧ ସମ୍ପର୍କରେ
ଏବଂ
ମେସର୍ସ ବ୍ରାହ୍ମଣୀ ରିଭର ପେଲେଟ୍‌ସ ଲିମିଟେଡ, ପଞ୍ଜିକୃତ କାର୍ଯ୍ୟାଳୟ:୪ର୍ଥ ମହଲା, ଆଇଡିଆଇଏଲ ହାଉସ, ଜନପଥ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୨, ଭାରତ ସମ୍ପର୍କରେ
.......ଆବେଦନକାରୀ
ଏହଦ୍ୱାରା ସର୍ବସାଧାରଣଙ୍କୁ ଏଠାରେ ସୂଚନା ଦିଆଯାଉଛି ଯେ କମ୍ପାନୀ ଆଇନ, ୨୦୧୩ର ଧାରା ୧୪ ଏବଂ ଉପରୋକ୍ତ ନିୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାକୁ ଚାହୁଁଥିବା କମ୍ପାନୀ ... ... ପବ୍ଲିକ ଲିମିଟେଡ୍ କମ୍ପାନୀରୁ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ପରିଣତ ହେବା ପାଇଁ ... ... ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, କର୍ପୋରେଟ୍ ଭବନ, ... ନିଜାମ ପ୍ୟାଲେସ, ... କୋଲକାତା-୭୦୦୦୨୦ ... ପଞ୍ଜିକୃତ କାର୍ଯ୍ୟାଳୟ: ୪ର୍ଥ ମହଲା, ଆଇଡିଆଇଏଲ ହାଉସ, ଜନପଥ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୨, ଭାରତ।
ବ୍ରାହ୍ମଣୀ ରିଭର ପେଲେଟ୍‌ସ ଲିମିଟେଡଙ୍କ ତରଫରୁ
ତାରିଖ:୦୩.୦୯.୨୦୨୫
ସ୍ଥାନ:ଭୁବନେଶ୍ୱର
(ଶିଳ୍ପା ଶର୍ମା)
ପରିଚାଳନା ନିର୍ଦ୍ଦେଶକ
(ଡିଆଇଏନ:୦୨୦୦୦୩୪୫)

**OFFICE OF THE EXECUTIVE ENGINEER**
**DRINKING WATER & SANITATION MECHANICAL URBAN DIVISION, RANCHI**
Very Short e-Quotation No. 03/2025-26
Rates through e-Quotation has been invited for the items/materials uploaded in https://jharkhandtenders.gov.in for finalization & preparation of estimate for the construction work from reputed manufacturer/authorized dealer of Pump (Mather Platt/WPIL/Kirloskar/Jyoti), Motor (Kirloskar/Crompton Greaves/Jyoti) having valid G.S.T.I.N. of materials. The rates confirming to items/materials with specification shall be submitted online in the website https://jharkhandtenders.gov.in. Details of materials and its specification for the work of Supply, installation and commissioning of 11/3.3 KV 350 HP HT motor pump set & under D.W. & S. Mechanical Urban Division, Ranchi are available on the above e-Tender Portal. Terms & condition will be available in website and quote the rate of materials online upto 08.09.2025 at 15:00 hrs. The quotation will be opened on 09.09.2025 at 16:00 hrs. The quotation is invited to ascertain and assess the rate of materials at par with lowest market rate.
Address for Communication
Office of the Executive Engineer,
Drinking Water & Sanitation Mechanical
Urban Division, Ranchi,
H.E.C. High School Campus, Behind S.B.I. Hatia,
Dhurwa, Ranchi-834004
Email Id- dwsdmechurbanranchi@gmail.com
Executive Engineer,
D.W.& S. Mechanical Urban Division,
Ranchi
PR 361070 Drinking Water and Sanitation (25-26)_D

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm. Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**ଆବଶ୍ୟକ**
ଦୋକାନ ପାଇଁ ବିକ୍ରୟକର୍ତ୍ତା ଏବଂ କର୍ମଚାରୀ ଆବଶ୍ୟକ। ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ ଅଛି। ଦରମା- 7000 ରୁ 10000/- । ସ୍ଥାନ- ପୁରୀ ।
ଯୋଗାଯୋଗ: 9090244178

**REQUIRED**
01. Accountant
Commerce Graduate with deep Knowledge of fully accounting
02. Data Entry Operator
Graduate with good speed of making data entry. Typing min. 30 speed per minute.
03. Liaison Officer
Graduate with 5 year experience in liaisoning
APPLY sahebramkakka@gmail.com

**WANTED**
CUSTOMER CARE OFFICER
(3 Nos.) at (ANGUL). Salary upto 15000/- pm. Qualification: Minimum +2 and PGDC in computer.
SAMSUNG SERVICE CENTER
KALTAX CHHAKA, ANGUL
CONTACT :9938521088 / 8328944142

**WANTED**
A Reputed Office Requires Junior Accountant Cum Personal Assistance Forits Bhubaneswar Office. Contact:
9178181581
9090935556

OFFICE OF THE PRINCIPAL-CUM-SECRETARY
**CHAITANYA SAHOO HIGHER SECONDARY SCHOOL OF SC. & ARTS**
At/P.O.: Nuapatna, P.S.: Tigiria, Dist.: Cuttack - 754035
E-Mail: cscollege.npt@gmail.com
**WALK-IN-INTERVIEW**
Wanted Lecturers in Economics, History, Odia, Sociology & Computer skilled Clerk on Contractual Basis. Desirous candidates with requisite qualifications may attend the interview in the School premises within 10 A.M. to 01 P.M. on Dt.10.09.2025. The appointment is purely temporary & no claim for permanent appointment be made in future.
Sd./- Principal

इंस्टीट्यूट ऑफ बैंकिंग पर्सोनेल सिलेक्शन
INSTITUTE OF BANKING PERSONNEL SELECTION
IBPS
ବିଜ୍ଞାପି ଆର୍‌ଆର୍‌ବି XIV
**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ-I, II ଏବଂ III) ଏବଂ ଅଫିସ ଆସିଷ୍ଟାଣ୍ଟ୍ସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା**
ଆନୁଷ୍ଠାନିକ ୱେବସାଇଟ: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ - I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ଆଗାମୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆରପି ଆର୍‌ଆର୍‌ବି XIV) ଅନଲାଇନ୍ ପରୀକ୍ଷା ... ସମୟସୂଚୀ ଅନୁଯାୟୀ ... ୨୦୨୬ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି ।

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| ଗତିବିଧି | ସମ୍ଭାବ୍ୟ ସମୟସୂଚୀ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଆବେଦନ ଫର୍ମ / ଉଦାହରଣ ଶୁଳ୍କ ପୈଠ | ୦୧.୦୯.୨୦୨୫ରୁ ୨୧.୦୯.୨୦୨୫ |
| ଆବେଦନ ଫର୍ମରେ ପରିବର୍ତ୍ତନ/ସଂଶୋଧନ କରିବା (ବ୍ୟାପକ ପାଇଁ ଅନ୍‌ଲାଇନ୍ ସୁବିଧା ... ) | ପଞ୍ଜୀକରଣ ବନ୍ଦ ହେବା ପରେ (ଆନୁଷ୍ଠାନିକ ... ) |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି) ସଞ୍ଚାଳନ | ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ (ଅଫିସର୍/ଓଏ) | ନଭେମ୍ବର/ଡିସେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ ଫଳାଫଳ | ଡିସେମ୍ବର, ୨୦୨୫ /ଜାନୁଆରୀ, ୨୦୨୬ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ / ସିଙ୍ଗଲ୍ (ଅଫିସର୍/ଓଏ) | ଡିସେମ୍ବର, ୨୦୨୫ /ଫେବୃଆରୀ, ୨୦୨୬ |

ବିବରଣୀ ତଥା ଅପଡେଟ୍ ପାଇଁ ଆନୁଷ୍ଠାନିକ www.ibps.in ୱେବସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
... ପ୍ରାର୍ଥୀମାନେ ... ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।
ମୁମ୍ବାଇ
ତାରିଖ: ୦୧.୦୯.୨୦୨୫ ନିର୍ଦ୍ଦେଶକ

# ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ଧରାପଡ଼ିଲେ ୪

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଛଣଗିରି ଷ୍ଟେଟ୍‌ବ୍ୟାଙ୍କ ପାର୍ଶ୍ୱରେ ଥିବା ସାଇସୋନୁ ସୁନା ଅଳଙ୍କାର ଦୋକାନରୁ ଲୁଟ୍ ଘଟଣାରେ ପୋଲିସ ଜଣେ ଗ୍ରାହକ(ରିସିଭର)ଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ବେଷ୍ଟକାର ପୋଲିସ ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ଲକି ଓରଫ ବିଶ୍ୱଜିତ ପଟ୍ଟନାୟକ(୨୨), ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡ଼ିପଡ଼ା ଗ୍ରାମର ଗୁଲୁ ଓରଫ ଅଶୋକ ସେନାପତି(୩୨), ବୋଲଗଡ଼ ଥାନା ଭୀମପଡ଼ା ଟାଙ୍ଗୀ ସାହିର ଚନ୍ଦନ ନାୟକ(୨୫), ଗ୍ରାହକ ସମ୍ଭର ଗ୍ରାମର ନବ ସାହୁ(୩୨)। ଏମାନଙ୍କଠାରୁ ୧କେଜି ସୁନା, ୨୩୬୩.୯୪୦ ଗ୍ରାମ ରୁପା, ୯ଲକ୍ଷ ୪୫ହଜାର ଟଙ୍କା, ଗୋଟିଏ ଦେଶୀ ବନ୍ଧୁକ, ଗୁଳି ଓ ଭୁଜାଲି ଜବତ ହୋଇଛି। ଏହି ଘଟଣାରେ ୧୦ଜଣ ଅଭିଯୁକ୍ତ ସମ୍ପୃକ୍ତ ରହିଥିବା ବେଳେ ୮ଜଣ ଚିହ୍ନଟ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୪ଜଣଙ୍କୁ ଗିରଫ କରାଯାଇଛି ବୋଲି ମଙ୍ଗଳବାର ଖୋର୍ଦ୍ଧା ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ କହିଛନ୍ତି।

ଗଣମାଧ୍ୟମକୁ ସମ୍ବୋଧିତ କରି କେନ୍ଦ୍ରାଞ୍ଚଳ ଡିଆଇଜି ନାୟକ କହିଛନ୍ତି, ଏହି ଘଟଣା ପୋଲିସ ପାଇଁ ଏକ ବଡ଼ ଚାଲେଞ୍ଜ ରହିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ 'ଅପରେଶନ ଗୋଲ୍ଡେନ ଷ୍ଟ୍ରାଇକ୍' ଆରମ୍ଭ ହୋଇଥିଲା। ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼ ଏବଂ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଲୁଟ୍ ସମୟର ସିସିଟିଭି ଫୁଟେଜ, ବୈଷୟିକ ତଥ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଏବଂ ଲୁଟିଥିବା ସାମଗ୍ରୀ ପୁନରୁଦ୍ଧାର ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏହି ଅପରେଶନରେ ନୟାଗଡ଼, ପୁରୀ, କଟକ ଗ୍ରାମାଞ୍ଚଳ ଏସ୍‌ପି ଏବଂ କମିଶନରେଟ ପୋଲିସ କଟକ ବିଶେଷ ସହଯୋଗ କରିଥିଲେ ବୋଲି ନାୟକ କହିଛନ୍ତି। ଅଭିଯୁକ୍ତ ବିଶ୍ୱଜିତ୍‌ଙ୍କଠାରୁ ୩୧୯ ଗ୍ରାମ ୭୩୦ ଏମ୍‌ଏଲ୍ ସୁନା, ୯୬୮ ଗ୍ରାମ ରୁପା, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଗୁଳି, ଭୁଜାଲି ସମେତ ୮ଲକ୍ଷ ଟଙ୍କା ଜବତ କରାଯାଇଛି। ସେହିପରି ଚନ୍ଦନଙ୍କଠାରୁ ୧୩୪ ଗ୍ରାମ ୬୭୦ ଏମ୍‌ଏଲ୍ ସୁନା, ୫୪୬ ଗ୍ରାମ ରୁପା, ଅଶୋକଙ୍କଠାରୁ ୨୦୭ ଗ୍ରାମ ୮୬୦ ଏମ୍‌ଏଲ୍ ସୁନା, ୮୪୯ ଗ୍ରାମ ୯୪୦ ଏମ୍‌ଏଲ୍ ରୁପା, ୧ଲକ୍ଷ ୪୫ ହଜାର ଟଙ୍କା ଜବତ କରାଯାଇଛି।

ସୂଚନା ମୁତାବକ, ଗତ ୨୪ ତାରିଖ ଅପରାହ୍ନ ସାଢ଼େ ୨ଟାରେ ୮ଜଣ ଯୁବକ ଛଣଗିରି ରାସ୍ତାରେ ବାଇକ୍ ରଖି ହେଲ୍‌ମେଟ ପିନ୍ଧି ସୋନୁ ସୁନା ଅଳଙ୍କାର ଦୋକାନ ଆଗରେ ବୋମା ଓ ବନ୍ଧୁକ ଧରି ଦୋକାନ ଭିତରକୁ ପଶି ସୁନାଗହଣା ଲୁଟି ନେଇଥିଲେ। ଦୋକାନ କର୍ମଚାରୀଙ୍କୁ ବନ୍ଧୁକ, ଭୁଜାଲି ଦେଖାଇ ଭୟଭୀତ କରାଇବା ସହ ଆକ୍ରମଣ କରିଥିଲେ। ଏହି ସମୟରେ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଆସିଥିବା ସରପାରୀ ଗ୍ରାମର ରଞ୍ଜିତ ପ୍ରଧାନ ତାଙ୍କୁ ବିରୋଧ କରିବାରୁ ଲୁଟେରାମାନେ ତାଙ୍କୁ ଗୁଳି କରି ଫେରାର ହେବା ବେଳେ ଲୋକେ ଏକାଠି ହେବା ଦେଖି ଦୁଇଟି ବୋମା ମାଡ଼, ୨ ରାଉଣ୍ଡ ଗୁଳି ଫୁଟାଇ ଫେରାର ହୋଇଯାଇଥିଲେ। ଏନେଇ ଦୋକାନ ମାଲିକ ପୁଷ୍ପରଞ୍ଜନ ସାହୁ ତାଙ୍କ ଦୋକାନରୁ ୧୧କେଜି ୫ଶହ ଗ୍ରାମ ସୁନା, ୫କେଜି ରୁପା ଗହଣା (ଯାହାର ମୂଲ୍ୟ ପ୍ରାୟ ୧କୋଟି ୫୫ଲକ୍ଷ ଟଙ୍କା) ଲୁଟ ହୋଇଥିବା ନେଇ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ପୋଲିସ ଏକ ମାମଲା (ନଂ.୨୯୭/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଡିଆଇଜି ନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ପି ବିବେକାନନ୍ଦଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ଜଙ୍କିଆ ଥାନାଧିକାରୀ ଏସ୍. କେ. ବେହେରା, ସଦର ଥାନାଧିକାରୀ କାହ୍ନୁ ଚରଣ ସ୍ୱାଇଁ, ନିରାକାରପୁର ଥାନାଧିକାରୀ ବିଶ୍ୱଜିତ ରାଉତରାୟ, ବାଲୁଗାଁ ଥାନାଧିକାରୀ ଜୟକୃଷ୍ଣ ପରିଡ଼ା, ବାଣପୁର ଥାନାଧିକାରୀ ଆର୍. ଦେବତା, ଟାଙ୍ଗୀ ଥାନାଧିକାରୀ ଆର୍. କେ. ଭୁଜବଳଙ୍କ ସମେତ ଖୋର୍ଦ୍ଧାର ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ୩ଟି ଟିମ୍ ଏହି ଅପରେଶନରେ ସାମିଲ ହୋଇଥିଲେ ବୋଲି କେନ୍ଦ୍ରାଞ୍ଚଳ ଡିଆଇଜି ନାୟକ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ସୂଚନା ଦେଉଛନ୍ତି।

**ଛଣଗିରି ସୁନାଦୋକାନରୁ ଲୁଟ୍ ଘଟଣା**

- ୧କେଜି ସୁନା, ୨୩୬୩ ଗ୍ରାମ୍ ରୁପା, ୯.୪୫ ଲକ୍ଷ ଟଙ୍କା, ମାରଣାସ୍ତ୍ର ଓ ଗୁଳି ଜବତ
- ଅପରେଶନ ଗୋଲ୍ଡେନ ଷ୍ଟ୍ରାଇକ୍: ୫ଜିଲାରେ ହୋଇଥିଲା ଚଢ଼ାଉ

## ୭ ଚୋରା ବାଇକ୍ ଜବତ, ୨ ଗିରଫ



ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)

ଅପରେଶନ ଗଜ ଅଭିଯାନରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ୭ଟି ଚୋରା ବାଇକ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି ବୋଲି କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ କହିଛନ୍ତି। ଶିଳ୍ପାଞ୍ଚଳ ପୋଲିସ ସୋମବାର ବିଳମ୍ବିତ ରାତିରେ ମୁକୁନ୍ଦପ୍ରସାଦ ଚେକ୍‌ପୋଷ୍ଟ ନିକଟରୁ ୨ଜଣ ବାଇକ୍ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଞ୍ଚଳର ସମୀର ନାୟକ ଓରଫ ଗଗନ (୨୦) ଏବଂ ଆକାଶ କୁମାର ରାଉତ (୨୦)। ଏମାନଙ୍କଠାରୁ ନମ୍ବରବିହୀନ ୭ଟି ଚୋରା ବାଇକ୍, ଦୁଇଟି ମୋବାଇଲ ଫୋନ ଏବଂ ବାଇକ୍ ଚୋରିରେ ବ୍ୟବହୃତ ଏକ ମାଷ୍ଟର ଚାବି ଜବତ ହୋଇଛି।

ସୂଚନାଥାଉ କି, ମୁକୁନ୍ଦପ୍ରସାଦ ବାଇପାସ୍ ଚେକ୍‌ପୋଷ୍ଟଠାରେ ପୋଲିସ ସୋମବାର ରାତିରେ ବ୍ଲକିଂ ଚେକିଂ କରୁଥିଲା। ଏହି ସମୟରେ ଆକାଶ ଓ ଗଗନ ଦୁଇଟି ନମ୍ବରବିହୀନ ବାଇକ୍‌ରେ ଆସିଥିଲେ। ପୋଲିସ ସେମାନଙ୍କୁ ଅଟକାଇ ଗାଡ଼ି କାଗଜପତ୍ର ଯାଞ୍ଚ କଲାବେଳେ ସେମାନେ କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ସନ୍ଦେହ ହେବାରୁ ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବାରେ ଦୁଇଟି ଗାଡ଼ି ଚୋରିକରି ସେମାନେ ଗଡ଼ଖୋର୍ଦ୍ଧା–ଜେମାଦେଇ ରାସ୍ତାପାର୍ଶ୍ୱ ଜଙ୍ଗଲ ମଧ୍ୟରେ ରଖିଥିବା ସ୍ଥାନକୁ ନେଉଥିବା କହିଥିଲେ। ଅଧିକ ତଦନ୍ତ ବେଳେ ସେମାନେ ଜଙ୍ଗଲ ଭିତରେ ୫ଟି ଚୋରି ବାଇକ୍ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା। ସେମାନେ ଖୋର୍ଦ୍ଧା ଓ ଭୁବନେଶ୍ୱର ଅଞ୍ଚଳରୁ ବାଇକ୍ ଚୋରିକରି ଆଣିଥିବା କହିଥିଲେ। ସେମାନଙ୍କ ବୟାନ ମୁତାବକ ପୋଲିସ ବରୁଣେଇ ପମ୍ପହାଉସ ପଛପଟ ଜଙ୍ଗଲରୁ ୫ଟି ନମ୍ବରବିହୀନ ଚୋରା ବାଇକ୍ ଜବତ କରିଛି । ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୨୦୮/୨୫) ରୁଜୁକରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଛି। ଏହି ଚଢ଼ାଉରେ ଭାରପ୍ରାପ୍ତ ଶିଳ୍ପାଞ୍ଚଳ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ସମେତ ଏଏସ୍‌ଆଇ ବି. ବିଶୋଇ, ସମ୍ବିତ୍ ମହାନ୍ତି, ପ୍ରଦୀପ ହରିଚନ୍ଦନ ପ୍ରମୁଖ ସାମିଲ ଥିଲେ।

## ରାସ୍ତାପାର୍ଶ୍ୱକୁ ଓଲଟିଲା କାର୍, ୨ ଗୁରୁତର



ବେଗୁନିଆ,୨।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅନ୍ତର୍ଗତ ଟିକୋତାଳ–କୋଦୋବେରେଣୀ ରାସ୍ତାରେ ଏକ କାର୍ ଯାଉଥିଲା। ମଙ୍ଗଳବାର ରାତି ସାଢ଼େ ୧୦ଟାରେ ଏହି କାରଟି ମାଣିବନ୍ଧ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଅଞ୍ଚଳର ଲୋକେ କାର୍‌ରୁ ଗୁରୁତର ଆହତ ୨ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆହତଙ୍କ ପରିଚୟ ମିଳିନ ଥିବା ବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ନ୍ୟାୟ ଅପେକ୍ଷାରେ ପୀଡ଼ିତାଙ୍କ ପରିବାର

**ପୋଲିସର ଅବହେଳା ପ୍ରତିବାଦ କଲା ରାଷ୍ଟ୍ରୀୟ ଦଳିତ ମହାସଭା**

ବେଗୁନିଆ,୨।୯(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୀଡ଼ିତା ପଛୁଆବର୍ଗର ପରିବାର ପକ୍ଷରୁ ହୋଇଥିବା ଅଭିଯୋଗର ୨୦ଦିନ ପରେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏନେଇ ମଙ୍ଗଳବାର ରାଷ୍ଟ୍ରୀୟ ଦଳିତ ମହାସଭା ପକ୍ଷରୁ ବେଗୁନିଆ ଥାନା ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ରାଜ୍ୟ ସଭାପତି ଅଶୋକ କୁମାର ମଲ୍ଲିକଙ୍କ ନେତୃତ୍ୱରେ ସ୍ଥାନୀୟ ଗୌଡନୂଆଗାଁ ଗ୍ରାମର ପଛୁଆବର୍ଗର ପୀଡ଼ିତା ପରିବାର ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଖୋର୍ଦ୍ଧା ଉପ ଆରକ୍ଷୀ ଅଧୀକ୍ଷକଙ୍କୁ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ପୀଡ଼ିତା ପରିବାରକୁ କ୍ଷତିପୂରଣ ଓ ନ୍ୟାୟ ଦିଆଯାଉ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଗିରଫ କରାଯାଉ। ଏହା ସହ ଅବହେଳା କରିଥିବା ଧଳାପଥର ଫାଣ୍ଡି ଅଧିକାରୀଙ୍କୁ ବହିଷ୍କାର କରାଯାଉ ବୋଲି ଦାବିରେ ଉଲ୍ଲେଖ ରହିଛି।

ଅଭିଯୋଗ ମୁତାବକ, ଗତ ଅଗଷ୍ଟ ୧୦ରେ ବେଗୁନିଆ ଥାନା ଅନ୍ତର୍ଗତ ଗୌଡନୂଆଗାଁ ଗ୍ରାମର ଏକ ପଛୁଆ ବର୍ଗର ପରିବାର ନାରାୟଣ ସ୍ୱାଇଁ ଏବଂ ତାଙ୍କ ଝିଅ ରାସ୍ତାରେ ଯାଉଥିଲେ। ସେହି ଗ୍ରାମର ଅନ୍ୟ ଏକ ତରାଇ ବଂଶର ପରିବାରର ୩ରୁ ୪ଜଣ ନାରାୟଣ ଏବଂ ତାଙ୍କ ଝିଅକୁ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଧଳାପଥର ଫାଣ୍ଡି ପୋଲିସ ନିକଟରେ ନାରାୟଣ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ପରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ବେଗୁନିଆ ଥାନା ଏବଂ ଖୋର୍ଦ୍ଧା ଉପ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲା। ଘଟଣାକୁ ୨୩ ଦିନ ବିତିଥିଲେ ମଧ୍ୟ ପୀଡିତାଙ୍କ ପରିବାରକୁ ନ୍ୟାୟ ମିଳିଲା ନାହିଁ। ଫଳରେ ଆମେ ଆଇନକୁ ହାତକୁ ନେଲୁ ବୋଲି ରାଷ୍ଟ୍ରୀୟ ଦଳିତ ମହାସଭାର ସଭାପତି ଅଶୋକ କୁମାର ମଲ୍ଲିକ କହିଛନ୍ତି।


ପୀଡ଼ିତାଙ୍କ ପରିବାର ବେଗୁନିଆ ଥାନା ସମ୍ମୁଖରେ ଉପ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ଦେଉଛନ୍ତି।

## କବାଟ ଭାଙ୍ଗି ଲୁଟିନେଲେ ଟଙ୍କା, ସୁନାରୁପା ଅଳଙ୍କାର

ବୋଲଗଡ଼,୨।୯(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଗୋବର୍ଦ୍ଧନପୁର ଫାଣ୍ଡି ଅଧୀନ କମଳଲୋଚନପୁର(କଳାଙ୍ଗ) ଗ୍ରାମରେ ଭଗବାନ ସାହୁ(୬୦)ଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ଟଙ୍କା ଓ ସୁନାରୁପା ଅଳଙ୍କାର ଚୋରି କରି ନେଇଯାଇଛନ୍ତି। ଏନେଇ ମଙ୍ଗଳବାର ଅଭିଯୋଗ ପରେ ପୋଲିସ ଖୋର୍ଦ୍ଧାରୁ ଆସିଥିବା ଡଗ୍ ସ୍କ୍ୱାଡ୍ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି।ଅଭିଯୋଗ ଅନୁଯାୟୀ, ଭଗବାନ ଘରେ ଏକ ତେଜରାତି ଓ ଅନ୍ୟାନ୍ୟ ସାମଗ୍ରୀ ଦୋକାନ କରିଥିବା ବେଳେ ରାତିରେ ଦୋକାନ ବନ୍ଦ ପରେ ଶୋଇଥିଲେ। ତେବେ ସକାଳେ ଉଠି ଦେଖିବା ବେଳକୁ ତାଙ୍କ ବାରିପଟ କବାଟ ଭଙ୍ଗାଯାଇ ଅନ୍ୟ ଏକ ବଖରାରେ ଥିବା ଗୋଟିଏ ଷ୍ଟିଲ ଆଲମିରା ଓ ଏକ କାଠସିନ୍ଧୁକ ତାଡି ଦୁର୍ବୃତ୍ତମାନେ ସେଥିରେ ଥିବା ୩ଲକ୍ଷ ଟଙ୍କା, ୧୫୦ଗ୍ରାମ ସୁନା ଓ ୩କେଜି ୫୦୦ଗ୍ରାମ ରୁପା ଅଳଙ୍କାର ଚୋରିକରି ନେଇଯାଇଛନ୍ତି। ଏହାର ଆନୁମାନିକ ମୂଲ୍ୟ ୧୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଅଭିଯୋଗ ପରେ ଏକ ମାମଲା (ନଂ.୨୦୦/୨୫) ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ତଦନ୍ତ ଅଧିକାରୀ ଏସ୍‌ଆଇ ହାଡୁବନ୍ଧୁ ଦାସ କହିଛନ୍ତି।

## ନିଷ୍କାସନ ହୋଇପାରୁନି ବର୍ଷାଜଳ, ଲୋକେ ହଇରାଣ


ଗାଁଦାଣ୍ଡରେ ଜମିରହିଥିବା ବର୍ଷାପାଣି।

ବାଣପୁର,୨।୯(ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ଅନ୍ତର୍ଗତ ଆୟଉପୁର ଗ୍ରାମରେ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଜମି ରହୁଛି। ଫଳରେ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ସ୍ଥାନୀୟ ଲୋକେ ଏବଂ ଛାତ୍ରୀଛାତ୍ର ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ସାମାନ୍ୟ ବର୍ଷା ହେଲେ ମୁଖ୍ୟ ରାସ୍ତାରେ ପାଣି ଜମି ରହୁଛି। ଏପରିକି କେତେଜଣଙ୍କ ଘରେ ରାସ୍ତାର ଅପରିଷ୍କାର ପାଣି ପଶୁଥିବା ନଜିର ରହିଛି। ଅନ୍ୟପଟେ ପାଣି ନିଷ୍କାସନ ହେଉ ନ ଥିବାରୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ନେଇ ସମ୍ଭାବନା ରହିଛି। ଏହି ସମସ୍ୟାର ସମାଧାନ ପାଇଁ ବାଣପୁର ବିଡିଓଙ୍କୁ ନିବେଦନ କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ ବୋଲି ଗ୍ରାମର କିଶୋର ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ଦୁର୍ଯ୍ୟୋଧନ ବେହେରା, ଆଲୋକ ପ୍ରଧାନ, ବିଜୟ ସେଠୀ, ଶଶିଭୂଷଣ ପ୍ରଧାନ, ଦିଲୀପ ପ୍ରଧାନ, ଆଲୋକ ଦଳାଇ, ସୁନୀଲ କୁମାର ସେଠୀ ପ୍ରମୁଖ କହିଛନ୍ତି। ପ୍ରଶାସନିକ ଅଧିକାରୀ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

ବେଗୁନିଆ,୨।୯(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମରେ ହର ପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ ଦଶହରା ଉପଲକ୍ଷେ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁଦର୍ଶନ ମାଣିକଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ଲକ୍ଷ୍ମୀଧର ପ୍ରଧାନ, ସମ୍ପାଦକ, କୋଷାଧ୍ୟକ୍ଷ, କମିଟି ସଦସ୍ୟ, ଗ୍ରାମର ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ପ୍ରତ୍ୟେକ ସାହିର ଯୁବକମାନେ ଉପସ୍ଥିତ ରହି ସର୍ବସମ୍ମତିକ୍ରମେ ପାଞ୍ଚ ଦିନ ଧରି ନାଟକ ପ୍ରତିଯୋଗିତା ଆୟୋଜନ କରାଯିବା ସହ ଶୃଙ୍ଖଳିତ ଭାବେ ପରିଚାଳିତ ହେବା ପାଇଁ ମତ ଉପସ୍ଥାପନ କରିଥିଲେ। ପ୍ରତିଯୋଗିତା ଆସନ୍ତା ୨୮ତାରିଖରେ ଆରମ୍ଭ ହୋଇ ଅକ୍ଟୋବର ୨ରେ ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମରେ ଘାଟିକିଆ, କୁଞ୍ଜୁରି, ପତନୀବର, ଭୁବନେଶ୍ୱର ନୟାପଲ୍ଲୀ ଏବଂ ଅନ୍ତିମ ଦିବସରେ ପୋଡ଼ାଡିହ ହରପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ 'ବାବୁ ମୋତେ ମୁଠେ ଭିକ ଦିଅ' ନାଟକ ପରିବେଷଣ ହେବ ବୋଲି ସ୍ଥିର ହୋଇଛି।

## ଖୋର୍ଦ୍ଧାରେ କଂଗ୍ରେସର 'ସଙ୍ଗଠନ ସୃଜନ ଅଭିଯାନ'



ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

**ଜିଲା ସଭାପତି ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ**

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସଙ୍ଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ଟାଉନ ହଲ୍‌ଠାରେ ଉକ୍ତ ଅଭିଯାନରେ ଏଆଇସିସି ପକ୍ଷରୁ ଖୋର୍ଦ୍ଧା ସାଙ୍ଗଠନିକ ଜିଲା ପାଇଁ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକ ତଥା ଗୁଜରାଟର ପୂର୍ବତନ ମନ୍ତ୍ରୀ କଂଗ୍ରେସର ବରିଷ୍ଠ ନେତା ବିମଲ ଶାହା ଜୀ, ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ଅନନ୍ତ ସେଠୀ, ଦେବାଶିଷ ମହାପାତ୍ର, ବିଶ୍ୱରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ ସହ ସମସ୍ତଙ୍କ ମତାମତ ଆଧାରରେ ମଜବୁତ କରିବା ଏହି ଅଭିଯାନର ମୂଳମନ୍ତ୍ର ବୋଲି ଶାହା କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଏଆଇସିସି ପର୍ଯ୍ୟବେକ୍ଷକ ଶାହା ଗଣମାଧ୍ୟମକୁ କହିଥିଲେ ଯେ, ଏଆଇସିସିର ନିର୍ଦ୍ଦେଶକ୍ରମେ କର୍ମୀ, ନେତା, ଲୋକଙ୍କ ମତ ଆଧାରରେ ଜିଲା ସଭାପତି ଚୟନ କରାଯିବ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଇଚ୍ଛୁକ କର୍ମୀ ଜିଲା ସଭାପତି ପାଇଁ ଆବେଦନ କରିବେ। ମନୋନୀତ କମିଟି ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ୫ ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରି ତୃଣମୂଳ ସ୍ତରରେ ଆଶାୟୀ ପ୍ରାର୍ଥୀଙ୍କ ସମ୍ପର୍କରେ ଡାଟା ସଂଗ୍ରହ ପରେ ଏହାର ସବିଶେଷ ରିପୋର୍ଟ ଏଆଇସିସିକୁ ପ୍ରଦାନ କରିବେ। ପିସିସି ପର୍ଯ୍ୟବେକ୍ଷକ ସେଠୀ କହିଥିଲେ ଯେ, ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ ପାଇଁ ଲୋକଙ୍କ ମତାମତ ନିଆଯିବ। ତଦନୁସାରେ ଆଗାମୀ ରାଜନୈତିକ ରଣନୀତି ପ୍ରସ୍ତୁତ କରାଯିବ। ଓଡ଼ିଶାରେ ଦଳ ଶାସନକୁ ଫେରିବାକୁ ହେଲେ ଏକ ଯୋଗ୍ୟ ନେତୃତ୍ୱର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ ରାଜୀବ ପଟ୍ଟନାୟକ ସଂଯୋଜନା କରିଥିଲେ। କଂଗ୍ରେସ ନେତ୍ରୀ ସୋନାଲି ସାହୁ, କଂଗ୍ରେସ ନେତା ସନ୍ତୋଷ ଜେନା, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ପ୍ରଦୀପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ଜାନକୀ ବଲ୍ଲଭ ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ସ୍ୱାଗତିକା ପଟ୍ଟନାୟକ, ଶିଶିର ପରିଡ଼ା, ଅଶୋକ ମଙ୍ଗରାଜ, ଅମିତ୍ ମହାନ୍ତି, ତପନ ଚକ୍ରବର୍ତ୍ତୀ, ଭୂଷଣ ଛୋଟରାୟ, ସତ୍ୟଜିତ ପଟ୍ଟନାୟକ, ଲିଟୁ ଶତପଥୀ, ଯୋଗୀ ବାହୁବଳେନ୍ଦ୍ର, ସୌମ୍ୟ ବରାଳଙ୍କ ସମେତ ଦଳର ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଗୋ'ମାଂସ ଭର୍ତ୍ତି କଣ୍ଟେନର ଜବତ

ଟାଙ୍ଗୀ,୨।୯(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡେଶ୍ୱର ଛକଠାରେ ପିଛା କରି ଗୋ ରକ୍ଷକମାନେ ଗୋ'ମାଂସ ଭର୍ତ୍ତି ଏକ କଣ୍ଟେନରକୁ ଅଟକାଇଥିଲେ। ଏକ ଔଷଧ କଣ୍ଟେନରରେ ଗୋ'ମାଂସକୁ ପ୍ୟାକେଟ କରାଯାଇ ଫ୍ରିଜରରେ କୋଲକାତାରୁ ହାଇଦ୍ରାବାଦ ଯାଉଥିବା ଜଣାପଡ଼ିଥିଲା। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି କଣ୍ଟେନରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

## ବରିଷ୍ଠ ନାଗରିକ ମଞ୍ଚର ସଙ୍ଗତ, ପଙ୍ଗତ ଆସର

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)

ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧାର ମାସିକ ଆସର ସଙ୍ଗତ–ପଙ୍ଗତ ରବିବାର ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚ ସଭାପତି ଦେବପ୍ରସାଦ ମଜୁମଦାର ସଭାପତିତ୍ୱ କରିଥିଲେ। ଦେଶର ସାମ୍ପ୍ରତିକ ସ୍ଥିତି, ସାମାଜିକ ଚଳଣି, ଆଦର୍ଶ ପରିବାର ଓ ସମାଜରେ ବରିଷ୍ଠ ନାଗରିକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ପ୍ରଦାନ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠାନ ପକ୍ଷରୁ 'ନିଶାମୁକ୍ତ ଭସାଣି ଓ ପ୍ରାଣଘାତୀ ଡିଜେମୁକ୍ତ ରୋଷଣି' ପାଇଁ ଆହ୍ୱାନ ଦିଆଯାଇ ଏକ ପୋଷ୍ଟର ଉନ୍ମୋଚନ କରାଯାଇଥିଲା।

ସମ୍ପାଦକ ରାମଶଙ୍କର କହିଲେ ଯେ, ଭସାଣିରେ ଅତ୍ୟଧିକ ଉଚ୍ଚକ୍ଷମତା ସମ୍ପନ୍ନ ଡିଜେ ବ୍ୟବହାର ଦ୍ୱାରା ବାୟୁ ପ୍ରଦୂଷିତ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ହୃଦରୋଗୀ, ପ୍ରସୂତି ଓ ନବଜାତ ଶିଶୁମାନେ ହଇରାଣ ହେଉଛନ୍ତି। ଏ ନେଇ ସଚେତନତା ଉଦ୍ଦେଶ୍ୟରେ ଏହି ପୋଷ୍ଟର ଉନ୍ମୋଚନ କରାଯାଇଛି। କାର୍ଯ୍ୟକ୍ରମରେ କେଦାରନାଥ ରାୟ, ଦୁର୍ଗାପ୍ରସାଦ ମିଶ୍ର, ମନୋରଞ୍ଜନ ଜେନା, ଅଖିଳ କୁମାର ପ୍ରଧାନ, ଡା. ବାସୁଦେବ ପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ଦାଶ, ରତ୍ନାକର ରଣସିଂହ, ନବକିଶୋର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବରାଳ, ମାୟାଧର ପ୍ରଧାନ, ବେଲେଶ୍ୱର ଯୁଝାରସିଂହ, ସୌଦାମିନି ପଟ୍ଟନାୟକ, ସ୍ୱର୍ଣ୍ଣରେଣୁ ପଟ୍ଟନାୟକ, ପୁଷ୍ପାରାଣୀ ମହାନ୍ତିଙ୍କ ସମେତ ଶତାଧିକ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ। ସହସମ୍ପାଦକ ସନ୍ତୋଷ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଖବରଦାତା ରଞ୍ଜିତ କେଏନ ସାମନ୍ତରାୟ, ପ୍ରକାଶ ହାତୀ, ଶୁଭ୍ରାଂଶୁ ସମାନ୍ତରାୟ, ପ୍ରସନ୍ନ ପାଇକରାୟ, ରାମନାରାୟଣ ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମୂଲ୍ୟବୋଧଭିତ୍ତିକ ପତ୍ରିକା ସମାଜକୁ ଦିଗ୍‌ଦର୍ଶନ ଦିଏ

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)

**ଆମରି ସତ୍ୟର ପଞ୍ଚଦଶ ବାର୍ଷିକୋତ୍ସବ**

ମାସିକ ପତ୍ରିକା 'ଆମରି ସତ୍ୟ'ର ପଞ୍ଚଦଶ ବାର୍ଷିକୋତ୍ସବ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ସମ୍ପାଦକ ଡ.ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଡ.ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ, ସଂସ୍କୃତି ଗବେଷକ ସତ୍ୟବାଦୀ ବଳୀୟାରସିଂହ ଅତିଥିଙ୍କ ପରିଚୟ ପ୍ରଦାନ ଏବଂ ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଆମରିସତ୍ୟ ବିକାଶ ପରିଷଦର ସମ୍ପାଦକ ଆଦିନାରାୟଣ ଖଣ୍ଡୁଆଳ ପରିଷଦର ବାର୍ଷିକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଉଦ୍‌ଘାଟକ ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ପାଠକୀୟ ରୁଚି, ଯୁବବର୍ଗଙ୍କୁ ସାମିଲ ପାଇଁ ଗୁରୁତ୍ୱ ଦେଇଥିଲେ। ପ୍ରକାଶ ପାଉଥିବା ଗବେଷଣାତ୍ମକ ଲେଖା ଅତି ଉପାଦେୟ ହେଉଛି ବୋଲି କହିଥିଲେ। ପଠାଣି ସାମନ୍ତ ପ୍ଲାନେଟୋରିୟମ ପୂର୍ବତନ ନିର୍ଦ୍ଦେଶକ ଡ.ପ୍ରହ୍ଲାଦ ନାୟକ ଜ୍ୟୋର୍ତିବିଜ୍ଞାନ ଓ ବର୍ତ୍ତମାନର ବିଜ୍ଞାନ ମଧ୍ୟରେ ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ସୁଭାଷ ଚନ୍ଦ୍ର ଶତପଥୀ ଯୋଗଦେଇ ମୂଲ୍ୟବୋଧ ଭିତ୍ତିକ ପତ୍ରିକାର ଯୁଗେ ଯୁଗେ ଗୁରୁତ୍ୱ ରହିଆସିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଡ.ଦୀପ୍ତିମୟୀ ମହାନ୍ତି, ଡ. ବିଷ୍ଣୁ ଚରଣ ସାହୁ, ପୂର୍ବତନ ପ୍ରଧାପକ ଡ.ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟ ଗବେଷକ ତ୍ରିଲୋଚନ ମହାପାତ୍ରଙ୍କୁ 'ଆମରିସତ୍ୟ ସମ୍ମାନ', ବିଶିଷ୍ଟ ଗ୍ରନ୍ଥକାର ଗାଳ୍ପିକ ସୁନୀଲ ବୋଷଙ୍କୁ ସାରସ୍ୱତ ସମ୍ମାନ ଏବଂ ସଙ୍ଗୀତଜ୍ଞ ଚିତ୍ତରଞ୍ଜନ ଶାସମଲଙ୍କୁ 'ଡା.ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ 'କୁଳପ୍ରଦୀପ ରଘୁ' ଓ ଜବାହରଲାଲ ସୁବୁଦ୍ଧିଙ୍କ 'ଅହିଂସାର ପ୍ରତୀକ ବାପୁ' ପୁସ୍ତକ ଉନ୍ମୋଚନ ହୋଇଥିଲା। ସୁଦର୍ଶନ ମହାପାତ୍ର, ଆଶିଷ ରାୟ, ଆଦିନାରାୟଣ ଖଣ୍ଡୁଆଳ, ରମାକାନ୍ତ ମିଶ୍ର, ପଦ୍ମନାଭ ପାଣିଗ୍ରାହୀ, ଜବାହାରଲାଲ ସୁବୁଦ୍ଧି, ପ୍ରାଧାପକ ଗୋପାଳକୃଷ୍ଣ ଦାସ, ଉମାଶଙ୍କର ପ୍ରସାଦ, ଡ. ସରୋଜକାନ୍ତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ବ୍ରଜବନ୍ଧୁ ନାୟକ ଧନ୍ୟବାଦ ଦେଇଥିଲେ।

## ତାପଙ୍ଗ ଦଳବେହେରାଙ୍କ ବୀରତ୍ୱ ଗାଥା ଯୁବପିଢ଼ି ଜାଣନ୍ତୁ

**ତାପଙ୍ଗ ଦଳବେହେରାଙ୍କ ୨୫୫ତମ ଜୟନ୍ତୀ**

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)

ତାପଙ୍ଗ ଦଳବେହେରା ସ୍ମୃତି କମିଟି ଓ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ମିଳିତଭାବେ ତାପଙ୍ଗ ଦଳବେହେରାଙ୍କ ସ୍ମୃତି ପୀଠ ତାପଙ୍ଗଠାରେ ୨୫୫ତମ ଜୟନ୍ତୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଦଳବେହେରାଙ୍କ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ ପରେ ସ୍ମୃତି ପରିଷଦର ସଭାପତି ଇଂ.ଶିଶିର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ପ୍ରାରମ୍ଭରେ ସ୍ମୃତି କମିଟିର ସମ୍ପାଦକ ସଂଗ୍ରାମ କେଶରୀ ଜଗଦ୍ଦେବ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣରେ ତାପଙ୍ଗ ଦଳବେହେରାଙ୍କ ବୀରତ୍ୱର ଗାଥା, ତାପଙ୍ଗଗଡ଼ର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ରୋଡ଼ଙ୍ଗଗଡ଼ ବକ୍ସି ଜଗବନ୍ଧୁଙ୍କ ଦାୟାଦ ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟ ଅତିଥି, ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ସୁରଥ ବିଶ୍ୱାଳ ମୁଖ୍ୟ ବକ୍ତା, ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳବେହେରା ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ହରିଚନ୍ଦନ, ଉପଦେଷ୍ଟା ରମଜାନ୍ ଖାଁ, କଳିଙ୍ଗ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନ, ମୃତ୍ୟୁଞ୍ଜୟ ଛୋଟରାୟ, ସତ୍ୟବାଦୀ ବଳିୟାରସିଂହ, ଅମରେନ୍ଦ୍ର ମହାପାତ୍ର, ଭାଗୀରଥି ମଙ୍ଗରାଜ, ବ୍ରଜବନ୍ଧୁ ପରିଡ଼ା, କବି କସ୍ତୁରି ଚରଣ ଦାସ ପ୍ରମୁଖ ଦଳବେହେରାଙ୍କ ବୀରତ୍ୱକୁ ମନେପକାଇଥିଲେ। ୧୮୧୭ରେ ବକ୍ସିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ବିଦ୍ରୋହ ଅଗ୍ନିଶିଖା ପାଇକ ବିଦ୍ରୋହ ବ୍ୟାପକ ରୂପ ଧାରଣ କରିଥିଲା। ଏହା ଚାରିଆଡ଼େ ବ୍ୟାପି ଯାଇଥିଲା। ସବୁଠି ପାଇକ ବୀରମାନେ ରଣହୁଙ୍କାର ଦେଇଥିଲେ। ବକ୍ସିଙ୍କ ବଳିଷ୍ଠ ସହଯୋଗୀ ତାପଙ୍ଗ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟ ନେତୃତ୍ୱରେ ତାପଙ୍ଗ ଯୁଦ୍ଧ ୧୮୨୭ ମସିହାରେ ୭ଦିନ ଧରି ଚାଲିଥିଲା। ଦଳବେହେରାଙ୍କ ବୀରତ୍ୱ ଗାଥା ପାଠ୍ୟ ପୁସ୍ତକରେ ସ୍ଥାନ ପାଇବା, ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ଜନ୍ମୋତ୍ସବ ପାଳନ ଏବଂ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ସୁଉଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଦାବି ଉପସ୍ଥାପିତ ହୋଇଥିଲା। ସ୍ମୃତି ପରିଷଦର ପୂର୍ବତନ ଉପଦେଷ୍ଟା ନିମେଇ ଶ୍ରୀଚନ୍ଦନଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ହାରାମଣି ମହିଳା ସମିତି ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଦଳେଇ ମନୋଜ କୁମାର ବୈରିଗଞ୍ଜନ ଧନ୍ୟବାଦ ଦେଇଥିଲେ।



ତାପଙ୍ଗ ଦଳବେହେରାଙ୍କ ୨୫୫ତମ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ପୁଣି ଉତ୍ତେଜନା

## ୱାର୍ଡେନ, ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବିରୋଧ କରି ଗେଟ୍‌ରେ ତାଲା ପକାଇଲେ ଅଣଛାତ୍ର

ଭୁବନେଶ୍ୱର,୨।୯(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପୁଣି ଅଶାନ୍ତ ହୋଇଛି। ଅଣଛାତ୍ରଙ୍କୁ ହଷ୍ଟେଲ ଖାଲି କରିବା ପାଇଁ କର୍ତ୍ତୃପକ୍ଷ ନୋଟିସ୍ କରିବାର ଦିନକ ପରେ କ୍ୟାମ୍ପସରେ ଉତ୍ତେଜନା ଦେଖାଦେଇଛି। ହଷ୍ଟେଲରେ ଥିବା ରୁମ୍‌ଗୁଡ଼ିକୁ ଅଣଛାତ୍ରମାନେ କବ୍‌ଜା କରି ରହୁଛନ୍ତି, ତୁରନ୍ତ ରୁମ୍ ଖାଲି କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ନୋଟିସ କରିଥିଲେ ସୁଦ୍ଧା ସେମାନେ ଶୁଣୁ ନାହାନ୍ତି। ଏନେଇ ମଙ୍ଗଳବାର ଗୋପବନ୍ଧୁ ଛାତ୍ରାବାସକୁ ହଷ୍ଟେଲ ୱାର୍ଡେନ ଏବଂ ସୁପରିଣ୍ଟେଣ୍ଡେଣ୍ଟ ଯାଞ୍ଚ କରିବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ କେତେଜଣ ଅଣଛାତ୍ର ଫାଟକରେ ତାଲା ପକାଇ ଦେଇଥିଲେ, ଯଦ୍ୱାରା ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହିତ ଉତ୍ତେଜନା ଦେଖାଦେଇଥିଲା।


ଉତ୍କଳ ବିଶ୍ୱବିଦ୍ୟାଳୟ ଫାଟକ ଆଗରେ ପୋଲିସ ପହରା ଦେଉଛି।

ବିଶ୍ୱବିଦ୍ୟାଳୟ ପରିସରରେ ଥିବା ୧, ୨ ଏବଂ ୩ ହଷ୍ଟେଲ ଗୁଡ଼ିକରେ ରହୁଥିବା ଅଣଛାତ୍ରମାନେ ୪ ତାରିଖ ସୁଦ୍ଧା ହଷ୍ଟେଲ ଖାଲି କରିବାକୁ ସୋମବାର ନୋଟିସ କରାଯାଇଥିଲା। ଏହି ନିର୍ଦ୍ଦେଶକୁ ଅମାନ୍ୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ହେଲେ ହଷ୍ଟେଲ ୱାର୍ଡେନ୍ ଶିବଶଙ୍କର ମହାନ୍ତି ଓ ସୁପରିଣ୍ଟେଣ୍ଡେଣ୍ଟ ମନୋରଞ୍ଜନ ମଲ୍ଲିକ ଗୋପବନ୍ଧୁ ଛାତ୍ରାବାସ ଯାଞ୍ଚ କରିବାକୁ ଯାଇଥିଲେ। ହେଲେ ଯେପରି ଅଣଛାତ୍ରଙ୍କ କବ୍‌ଜାରେ ଥିବା ରୁମ୍‌ଗୁଡ଼ିକୁ ସୁପରିଣ୍ଟେଣ୍ଡେଣ୍ଟ ଯାଞ୍ଚ କରିପାରିବେନି, ସେଠାରେ ଥିବା ଅଣଛାତ୍ରମାନେ ଫାଟକରେ ଭିତର ପଟୁ ତାଲା ପକାଇ ଦେଇଥିଲେ। ଏପରି କି ପଥର ଓ ଢେଲା ମାଡ଼ କରିଥିବା ଅଭିଯୋଗ ହୋଇଛି। ଫଳରେ ସେହି ହଷ୍ଟେଲରେ ରହୁଥିବା ଛାତ୍ରମାନେ ମଧ ଭିତରକୁ ପ୍ରବେଶ କରିପାରି ନ ଥିଲେ। ଉତ୍ତେଜନା ଦେଖାଦେବା ପରେ ଘଟଣାସ୍ଥଳରେ ଶହୀଦନଗର ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ମଙ୍ଗଳବାର ଅଣଛାତ୍ରଙ୍କ କବ୍‌ଜାରେ ଥିବା ରୁମ୍‌ର ତାଲିକା ଜାରି କରାଯାଇଛି। ଗୋପବନ୍ଧୁ ଛାତ୍ରାବାସର ୨୩ଟି ରୁମ୍ ସମେତ ମଧୁସୂଦନ ଛାତ୍ରାବାସର ୩୦ ରୁମ୍ ଅଣଛାତ୍ର କବଜା କରି ରଖିଛନ୍ତି। ସେହି ସମସ୍ତ ରୁମର୍ ନମ୍ବର ଜାରି କରାଯାଇଛି। ଏହାସହ ଫକୀରମୋହନ ଛାତ୍ରାବାସର ସମସ୍ତ ରୁମ୍ ଦଖଲ ହୋଇଥିବା କର୍ତ୍ତୃପକ୍ଷ ଦର୍ଶାଇଛନ୍ତି। ବାରମ୍ବାର ହଷ୍ଟେଲ୍ ଖାଲି କରିବାକୁ ନୋଟିସ୍ କରିବା ପରେ ମଧ ଅଣଛାତ୍ରମୁକ୍ତ କ୍ୟାମ୍ପସ କରିବାରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ବିଫଳ ହେଉଥିବାରୁ ଶିକ୍ଷାବିତ୍ ଓ ପୁରାତନ ଛାତ୍ରମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

## ଶ୍ରୀଲିଙ୍ଗରାଜ ମନ୍ଦିରରେ ଅଭିଷେକ କଲେ ଉପମୁଖ୍ୟମନ୍ତ୍ରୀ

ପୁରୁଣା ଭୁବନେଶ୍ୱର,୨।୯
(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନିଜ ଝିଅଙ୍କ ପାଇଁ ଅଭିଷେକ କରିଛନ୍ତି। ସକାଳେ ସାହାଣମେଲା ଚାଲିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଗର୍ଭଗୃହରେ ପହଞ୍ଚିଥିଲେ। ପାଳିଆ ସେବାୟତମାନେ ବିଧିମୁତାବକ ଅଭିଷେକ ସମ୍ପନ୍ନ କରିଥିଲେ।

## ସୃଜନଶୀଳତା, ଷ୍ଟାର୍ଟଅପ୍ ପ୍ରତିଯୋଗିତା କର୍ମଶାଳା

ଭୁବନେଶ୍ୱର,୨।୯(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ନବନିର୍ମାତା ତଥା ଔଦ୍ୟୋଗିକ କେନ୍ଦ୍ର ଆନୁକୂଲ୍ୟରେ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ସୃଜନଶୀଳତା ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଉପରେ ମଙ୍ଗଳବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ମହାବିଦ୍ୟାଳୟ ଉନ୍ନୟନ ପରିଷଦ ଅଧକ୍ଷା ପ୍ରଫେସର ସସ୍ମିତା ମହାନ୍ତି ଓ ଡକ୍ଟର ସଞ୍ଜୟ କୁମାର ରାଉଳ ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଗବେଷକ ଭାବେ ଡ. ମନୀଷା ଆଚାର୍ଯ୍ୟ, ଜୟଶଙ୍କର ଦାସ ଓ ଜୟନ୍ତୀ ମହାପାତ୍ର ପ୍ରମୁଖ ବକ୍ତୃତା ପ୍ରଦାନ କରିଥିଲେ। ନୂତନ ସୃଜନଶୀଳତା ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଡକ୍ଟର ସଞ୍ଜୟ କୁମାର ରାଉଳ ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟ ଅଧ୍ୟାପକ ତଥା ଛାତ୍ରୀ ଏଥିରେ ଯୋଗଦେଇଥିଲେ।

## ଜୈବିକ ପ୍ରଣାଳୀରେ ଚାଷ ପଦ୍ଧତି ପ୍ରଶିକ୍ଷଣ

ଭୁବନେଶ୍ୱର, ୨।୯
(ସୌମ୍ୟରଞ୍ଜନ ରାଉତ)

ସୋଆ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟର ୪ର୍ଥ ବର୍ଷ ଛାତ୍ରୀମାନେ ଚାଷୀମାନଙ୍କୁ ଜୈବିକ ପ୍ରଣାଳୀରେ ଚାଷ ପଦ୍ଧତି ପ୍ରଶିକ୍ଷଣ ଦେଇଛନ୍ତି। ଶନିବାର ବାଲିଅନ୍ତା ବ୍ଲକ ଶିଙ୍ଗିରିଶାସନଠାରେ ସେମାନେ ଧାନଚାଷ ଓ ଅନ୍ୟାନ ଫସଲ ଚାଷରେ ପୋକ, କୀଟ-ପତଙ୍ଗ ଲାଗିଲେ ଜୈବିକ ପଦ୍ଧତିରେ ଫସଲ ସୁରକ୍ଷିତ ରଖିବା କୌଶଳ ନେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ପୋକ ତଥା କୀଟପତଙ୍ଗ ଦାଉରୁ ଫସଲକୁ ଟ୍ରାଇକୋ କାର୍ଡ଼ ଓ ଚିତ୍ରମିରି ପୋକ ମାଧମରେ ରକ୍ଷା କରାଯିବାର ବୈଷୟିକ କୌଶଳ ପ୍ରଦର୍ଶନ ସହିତ ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। କୃଷିବିଜ୍ଞାନ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଶ୍ରୀକୁମାର ସମ୍ଭବ ଓ ଡ. ଶୁଭଶ୍ରୀ ସରକାରଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ସିମରନ ସ୍ୱାଇଁ, ରାଜଶ୍ରୀ ସ୍ୱାଇଁ, ସ୍ନେହାଶିଷ ସାମଲ, ଅନୀଷା ସେଠୀ, ଆସ୍ଥା ତ୍ରିପାଠୀ, ସୁହାସିନୀ ସିଂ, ଶ୍ୱେତାମେଘା ବାର୍ଷିନୀ, ଲୋପାମୁଦ୍ରା ପ୍ରଧାନ, ଅଭିପ୍ସା ଶତପଥୀ, ସ୍ମୃତିଶ୍ରୀ ତ୍ରିପାଠୀ, ନୀହାରିକା ସ୍ୱାଇଁ, କୀର୍ତ୍ତିପୂର୍ଣ୍ଣା ତରାଇ, ଶାସ୍ୱତୀ ସେନାପତି, ନୀଲଞ୍ଜନା ସନ୍ତୋଷ, ଯଶସ୍ୱୀ ସିଂ, ସାଗରିକା ନାୟକ, ସାଇ ତମନ୍ନା, ସୌମ୍ୟାଶ୍ରୀ ମାଇତି, ଦେବାଂଶୀ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଏଲ୍ଆଇସି କଟକ ମଣ୍ଡଳ ପକ୍ଷରୁ ପୂଜ୍ୟପୂଜା ଉତ୍ସବ


ଏଲ୍ଆଇସିର ଅବସରପ୍ରାପ୍ତ ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର,୨।୯
(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ୬୯ତମ ପ୍ରତିଷ୍ଠା ଦିବସ ଓ ବୀମା ସପ୍ତାହ ଉପଲକ୍ଷେ ଏଲ୍ଆଇସି କଟକ ମଣ୍ଡଳ ପକ୍ଷରୁ ଏକ ପୂଜ୍ୟପୂଜା ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର ଏଲ୍ଆଇସିର ଅବସରପ୍ରାପ୍ତ ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତିଙ୍କୁ ତାଙ୍କ ପୈତୃକ ଗ୍ରାମ କଣିଆସ୍ଥିତ ବାସଭବନରେ ସମ୍ମାନିତ କରିଥିଲେ। ଉତ୍ସବରେ କଟକ ମଣ୍ଡଳର ବିପଣନ ପ୍ରବନ୍ଧକ ରାମକୃଷ୍ଣ ମିଶ୍ର ଓ ଅଶୋକ କୁମାର ରାୟ ଉପସ୍ଥିତ ଥିଲେ।

## ଅଧ୍ୟାପକ ଚିତ୍ତରଞ୍ଜନ ସାହାଣୀ ସମ୍ବର୍ଦ୍ଧିତ


ଡ. ଚିତ୍ତରଞ୍ଜନ ସାହାଣୀଙ୍କୁ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୨।୯(ଅନୁରାଧା ମହାରଣା)

ଓଡ଼ିଆ ଅଧ୍ୟାପକ ତଥା ଆନ୍ତରାଷ୍ଟ୍ରୀୟ ଓଡିଶୀନୃତ୍ୟ ଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀଙ୍କୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ଓଡ଼ିଆ ଭାଷା ଓ ଓଡିଶୀ ନୃତ୍ୟରେ ସାମଗ୍ରିକ କୃତିତ୍ୱ ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପୁଷ୍ପଗୁଚ୍ଛ, ମାନପତ୍ର, ଉତ୍ତରୀୟ, ଓ ଉପଢୌକନରେ ସମ୍ବର୍ଦ୍ଧିତ କରିଛନ୍ତି। କଟକ ସହିଦଭବନ ପ୍ରେକ୍ଷାଳୟରେ କଟକ ମେୟର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ, ବାରବାଟି କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳଶ୍, ଡିସିପି ଖିଲାରୀ ରିଷିକେଶ ପ୍ରମୁଖ ଡ. ଚିତ୍ତରଞ୍ଜନଙ୍କ ନୃତ୍ୟ ଓ ସାହିତ୍ୟ ଜୀବନର ପ୍ରଶଂସା କରିଛନ୍ତି। ଦେଶ ବିଦେଶର ବିଭିନ୍ନ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ କର୍ମଶାଳା, ସମ୍ମିଳନୀ ଆୟୋଜନ କରି ଯୁବଗୋଷ୍ଠୀଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର କରି ଡ. ଚିତ୍ତରଞ୍ଜନ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

## ହସ୍ତତନ୍ତ ଶାଢ଼ି ପିନ୍ଧି ର୍‍ୟାମ୍ପରେ ଚାଲିଲେ ମହିଳା କର୍ପୋରେଟର, ଅଧିକାରୀ


ର୍‍ୟାମ୍ପ ଶୋ'ରେ ଭାଗନେଇଥିବା ମହିଳା କର୍ପୋରେଟର୍ ଓ ଅଧିକାରୀ।

ଭୁବନେଶ୍ୱର,୨।୯(ବନ୍ଦନା ସେଠୀ)

### ବିଏମ୍‌ସି ରିକ୍ରିଏଶନ୍ କ୍ଲବର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର ମହାନଗର ନିଗମ ରିକ୍ରିଏଶନ୍ କ୍ଲବର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ମହିଳା କର୍ପୋରେଟର ଏବଂ ଅଧିକାରୀମାନଙ୍କୁ ନେଇ ଏକ ର୍‍ୟାମ୍ପ ଶୋ ଆୟୋଜିତ ହୋଇଥିଲା। ରଙ୍ଗାରଙ୍ଗ ମଞ୍ଚରେ ଭଳିକି ଭଳି ହସ୍ତତନ୍ତ ଶାଢ଼ିରେ ନିଜକୁ ସଜେଇ ହୋଇ ସେମାନେ ର୍‍ୟାମ୍ପ ଚାଲିଥିଲେ। ପରେ କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଅତିରିକ୍ତ କମିଶନର ରତ୍ନାକର ସାହୁ, ସହାୟକ କମିଶନର ସତ୍ୟଜିତ୍ ସାହୁଙ୍କ କଣ୍ଠରୁ ସୁମଧୁର ସଙ୍ଗୀତ ପରିବେଷଣ ହୋଇଥିଲା। ଏହାପରେ ସମ୍ବଲପୁରୀ ନୃତ୍ୟ ଆରମ୍ଭ ହୋଇଥିଲା। ବିବିଧ ସମ୍ବଲପୁରୀ ଏବଂ ଆଦିବାସୀ ନୃତ୍ୟରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ ମହିଳା କର୍ପୋରେଟର ଏବଂ ମହିଳା ଅଧିକାରୀ। ଶେଷରେ ନାଟକ 'ଛାୟା ପୁରୁଷ' ପରିବେଷଣ ହୋଇଥିଲା। ଭାବଗ୍ରାହୀ ମିଶ୍ରଙ୍କ ରଚିତ ଏବଂ ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶିତ ଏହି ନାଟକରେ ବିଏମ୍‌ସିର କର୍ମକର୍ତ୍ତା ବେଶ୍ ଚମତ୍କାର ଅଭିନୟ କରିଥିଲେ।

ଏହି ଅବସରରେ ଇନ୍‌ଡୋର୍ ଗେମ୍ ଯଥା କ୍ୟାରମ୍, ଚେସ୍, ମ୍ୟୁଜିକ୍‌ଚେୟାର, ବ୍ୟାଡ୍‌ମିଣ୍ଟନ୍, ଆଉଟ୍‌ଡୋର୍ ଗେମ୍‌ରେ ୱାଟର୍ ବଲ୍, ଜାଓଲିନ୍ ଥ୍ରୋ, ଫୁଟବଲ୍, ଶଟ୍‌ପୁଟ୍ ଥ୍ରୋ, କ୍ରିକେଟ ଆଦି ଆୟୋଜନ କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, କଲ୍‌ଚରାଲ୍ ଷ୍ଟାଣ୍ଡିଂ କମିଟି ଅଧକ୍ଷ ରାମଚନ୍ଦ୍ର ରଣସିଂହ, ରିକ୍ରିଏଶନ୍ କ୍ଲବ୍‌ର ସମ୍ପାଦକ ଶୁଭକାନ୍ତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## କେଟ୍‌ର ବିଏକ୍ସଓ ମିଟ୍

ଭୁବନେଶ୍ୱର,୨।୯(ଅନୁରାଧା ମହାରଣା)

କନ୍‌ଫେଡେରେଶନ ଅଫ ଅଲ୍ ଇଣ୍ଡିଆ ଟ୍ରେଡ଼ର୍ସ(କେଟ୍)ର ବିଜ୍‌ନେସ୍ ଏକ୍ସଚେଞ୍ଜର ଅପର୍ଚ୍ଚୁନିଟି (ବିଏକ୍ସଓ) ମିଟ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ୟବସାୟରେ ବିଭିନ୍ନ ଅସୁବିଧା, ନୂଆ ବ୍ୟବସାୟ କ'ଣ କରିହେବ, ବ୍ୟବସାୟରେ ସରକାର କି କି ସୁବିଧା ରହିଛି, ବ୍ୟବସାୟୀମାନେ ପରସ୍ପରର ବ୍ୟବସାୟ ବୁଝିବା ଆଦି ବିଷୟରେ ଚର୍ଚ୍ଚା ହୋଇଥିଲା। ଭୁବନେଶ୍ୱର ଶାଖାରୁ ୭୦ ବ୍ୟବସାୟୀଙ୍କ ସହ କେଟ୍‌ର ରାଜ୍ୟ ସଭାପତି ଜିତେନ୍ଦ୍ର ଗୁପ୍ତା, ଭୁବନେଶ୍ୱର ଶାଖା ସଭାପତି ଅଶୋକ ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ଅମିତ୍ ଅଗ୍ରୱାଲ, ସମ୍ପାଦକ ଶାଳିନ ଅଗ୍ରୱାଲ, କୋଷାଧକ୍ଷ କୁନାଲ ଖୋୱାଲଙ୍କ ସହ ମିନେଶ ଖଣ୍ଡେଲୱାଲ, ଅରୁଣ ଅଗ୍ରୱାଲ, ହରିଶ ଅଗ୍ରୱାଲ, ଜ୍ଞାନରଞ୍ଜନ ବେହେରା, ଭିନିଥ ଅଗ୍ରୱାଲ, ବିମଳ ଅଗ୍ରୱାଲ, ସୁବ୍ରମଣ୍ୟମ୍ ପାତ୍ର, ରୌନକ ଅଗ୍ରୱାଲ, କିଶନ ବାଲୋଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨।୯(ସତ୍ୟଜିତ୍ ରାଉତ)

### କାର୍ଯ୍ୟକାରୀ ହେଉନି ଯୌନ ଉତ୍ପୀଡ଼ନ ନିବାରଣ ଆଇନ

କର୍ମକ୍ଷେତ୍ର ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ଯୌନ ଉତ୍ପୀଡ଼ନ ନିବାରଣ ଆଇନ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗକୁ ଓଡ଼ିଶା ମାନବ ଅଧିକାର କମିଶନ(ଓଏଚ୍ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିବାରଣ ଆଇନ ସମେତ ସୁପ୍ରିମକୋର୍ଟଙ୍କ ବିଶାଖା ମାମଲା ନିର୍ଦ୍ଦେଶାବଳୀ ଓ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ସମେତ କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ କି ପଦକ୍ଷେପ ନିଆଯାଇଛି, ସେନେଇ ଅକ୍ଟୋବର ୧୧ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ଓଏଚ୍ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ସମେତ ଶିକ୍ଷା ଓ ଗଣଶିକ୍ଷା ବିଭାଗ, ଦକ୍ଷତା ବିକାଶ ବିଭାଗ ଆଦିକୁ ଏହି ନୋଟିସ କରାଯାଇଛି। ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜ ଆଦିରେ ଛାତ୍ରୀମାନଙ୍କ ଯୌନ ଉତ୍ପୀଡ଼ନ ନିବାରଣ ପାଇଁ ଆବଶ୍ୟକ ବ୍ୟବସ୍ଥା ନାହିଁ। ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ, ଏଭଳି ନିର୍ଯାତନାର ଶିକାର ଛାତ୍ରୀଙ୍କୁ ମାନସିକ ଭାବେ ପରାମର୍ଶ ଦେବା ପାଇଁ ପରାମର୍ଶଦାତା ଆଦି ନ ଥିବାରୁ ବହୁ ଛାତ୍ରୀ ମାନସିକ ଭାବେ ପ୍ରତିକୂଳ ପରିସ୍ଥିତିରେ ପଡୁଛନ୍ତି। ଏନେଇ ସିଭିଲ ସୋସାଇଟି ଫର୍ ହ୍ୟୁମାନ ରାଇଟ୍ସ ଅଧକ୍ଷ ବିଶ୍ୱପ୍ରିୟ କାନୁନଗୋ ଓଏଚ୍ଆର୍‌ସିଙ୍କ ନିକଟରେ ଅଗଷ୍ଟ ୧୯ରେ ଅଭିଯୋଗ କରିଥିଲେ। ୟୁଜିସି ଗାଇଡ୍ ଲାଇନ ସମେତ ସୁପ୍ରିମକୋର୍ଟ, ହାଇକୋର୍ଟ ଏବଂ ଆଇନର ଯଥାବିଧି ଅନୁପାଳନ ସମ୍ପର୍କରେ ତଦନ୍ତ ସହ ଏସମ୍ପର୍କରେ ନିଆଯାଉଥିବା ପଦକ୍ଷେପଗୁଡ଼ିକର ଉପଯୁକ୍ତ ଅଡିଟ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଉ ବୋଲି ଆବେଦନକାରୀ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଇପିଏଫ୍‌ଓ ପକ୍ଷରୁ ପିଏମ୍-ବିଭିଆରୱାଇ ଉପରେ ଆଲୋଚନା



ଆଲୋଚନାଚକ୍ରରେ ଶ୍ରମ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦୀପିକା କାଚ୍ଛଲ ଓ ଅନ୍ୟ ଅତିଥି।

ଭୁବନେଶ୍ୱର,୨।୯(ଅନୁରାଧା ମହାରଣା)

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ପକ୍ଷରୁ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା (ପିଏମ୍-ବିଭିଆରୱାଇ) ଉପରେ ସୋମବାର ଏକ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦୀପିକା କାଚ୍ଛଲ ଅଧକ୍ଷତା କରି ରାଜ୍ୟର ସମସ୍ତ ନିୟୋଜକ ଓ କର୍ମଚାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ମିଶନର ଏହି ପ୍ରମୁଖ ଯୋଜନାର ପୂର୍ଣ୍ଣ ଲାଭ ଉଠାଇବାକୁ ଆହ୍ୱାନ ଦେଇଛନ୍ତି। ଜୋନାଲ ହେଡ୍ ତଥା ଅତିରିକ୍ତ କେନ୍ଦ୍ରୀୟ ପିଏଫ୍ କମିଶନର ଉମା ମଣ୍ଡଳ ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଭୁବନେଶ୍ୱର ଇପିଏଫ୍‌ଓର ଅଫିସର୍-ଇନ୍-ଚାର୍ଜ ତଥା ରିଜିଓନାଲ ପିଏଫ୍ କମିଶନର-୧ ରାଜର୍ଷି ଚକମା ସ୍ୱାଗତ ଭାଷଣ ଦେଇ ଯୋଜନାର ବିବରଣୀ ପ୍ରଦାନ କରିଥିଲେ। କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦେବାଶିଷ ବନ୍ଦ୍ୟୋପାଧ୍ୟାୟ ଯୋଜନାର ରୂପରେଖ ଉପସ୍ଥାପନ କରିଥିଲେ। ରିଜିଓନାଲ ପିଏଫ୍ କମିଶନର-୨ ଗୌରବ ମହାନ୍ତି ଯୋଜନାର ଯୋଗ୍ୟତା ମାନଦଣ୍ଡ, ଟେକ୍ନିକାଲ ପ୍ରକ୍ରିୟା ଏବଂ ପ୍ରୋତ୍ସାହନ ଗଠନ ଉପରେ କହିଥିଲେ। ୨୦୨୫ ଅଗଷ୍ଟ ୧ରୁ ଫେସ୍ ଅଥେଣ୍ଟିକେସନ ଟେକ୍ନୋଲୋଜି (ଏଫ୍‌ଏଟି) ବ୍ୟବହାର କରି ଉମଙ୍ଗ (ୟୁନିଫାଇଡ ମୋବାଇଲ ଆପ୍ଲିକେସନ ଫର୍ ନିଉ-ଏଜ୍ ଗଭର୍ନାନ୍ସ) ମୋବାଇଲ ଆପ୍ ମାଧ୍ୟମରେ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର (ୟୁଏଏନ୍) ସୃଷ୍ଟି କରିବା ବାଧ୍ୟତାମୂଳକ କରାଯାଇଛି ବୋଲି ସେ କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ରିଜିଓନାଲ ପିଏଫ୍ କମିଶନର ବିଜୟ କୁମାର ପ୍ରସାଦ, ସୁଶାନ୍ତ କୁମାର ପାଢ଼ୀ ଓ ସୁରଜିତ କୁମାର ଯୋଗ ଦେଇଥିଲେ। ରିଜିଓନାଲ ପିଏଫ୍ କମିଶନର-୨ ମୌସୁମୀ ଲତା ପାଢ଼ୀ ଧନ୍ୟବାଦ ଦେଇଥିବାବେଳେ ଏନ୍‌ଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁ ଆଲୋଚନାଚକ୍ର ସଂଚାଳନ କରିଥିଲେ।


ଭୁବନେଶ୍ୱରରେ ପ୍ରବଳ ବର୍ଷା ଯୋଗୁ ମଙ୍ଗଳବାର ଚକ୍ରପାଣି ରୋଡ୍ ସାଇ ମନ୍ଦିର ଆଗରେ ପାଣି ଜମି ରହିଛି।

## ପଦ୍ମଶ୍ରୀ ରଜତ କର ମହାପ୍ରଭୁଙ୍କ ଅନନ୍ୟ ସେବକ ଥିଲେ

ଭୁବନେଶ୍ୱର, ୨।୯(ବନ୍ଦନା ସେଠୀ)

ପଦ୍ମଶ୍ରୀ ରଜତ କୁମାର କର ଏକାଧାରରେ ଜଣେ ପ୍ରବୀଣ ବକ୍ତା, ସାହିତ୍ୟିକ, ଲେଖକ, ଇତିହାସ ଗବେଷକ, ନାଟ୍ୟକାର, କବି ଓ ଅଭିନେତା ଥିଲେ। ଏଥିସହ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ସେ ୧୯୫୯ ରୁ ୬୨ ବର୍ଷ ଧରି ଧାରାବିବରଣୀ ଦେଇ ନିଜକୁ ମହାପ୍ରଭୁଙ୍କ ଅନନ୍ୟ ସେବକ ଭାବେ ପରିଚିତ କରିପାରି ଥିଲେ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମଙ୍ଗଳବାର ଗୀତଗୋବିନ୍ଦ ସଦନରେ ଓଡିଶା ସାହିତ୍ୟ ଏକାଡେମୀ ଏବଂ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ପକ୍ଷରୁ ରଜତ କରଙ୍କ ୯୨ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଡିଜିପି ମନମୋହନ ପ୍ରହରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା କହିଲେ, 'ରଜତ କର' କହିଲେ ଓଡ଼ିଶାର ଘରେ ଘରେ ଲୋକେ ତାଙ୍କ ରଥଯାତ୍ରା ଧାରାବିବରଣୀ ଓ ଭଞ୍ଜ ସାହିତ୍ୟ ଆଲୋଚନାକୁ ମନେ ପକାନ୍ତି। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା ଲେଖକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ସ୍ୱର୍ଗତ କରଙ୍କ ସହ ତାଙ୍କର ରେଭେନ୍‌ଶା ବେଳର ସ୍ମୃତି ବଖାଣିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ପାଲାଗାୟକ ସୁଦର୍ଶନ ମହାପାତ୍ର ଯୋଗଦେଇ କହିଲେ, ପାଲା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ପାଲା କଳାକାରଙ୍କ ସଂରକ୍ଷଣରେ ପଦ୍ମଶ୍ରୀ କରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ବିଜୟାନନ୍ଦ ସିଂହ କହିଲେ, ପଦ୍ମଶ୍ରୀ କର ରଥଯାତ୍ରାରେ ଧାରାବିବରଣୀ ଦେଲାବେଳେ ତାଙ୍କ ଭିତରେ ଐଶ୍ୱରିକ ସତ୍ତାର ଅନୁଭୂତି ହେଉଥିଲା। ତାଙ୍କ ନେତୃତ୍ୱରେ ଭଞ୍ଜ ଜୟନ୍ତୀ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାବହ ହୋଇ ପାରିଥିଲା। ଏସବୁ ପ୍ରକୃତରେ ତାଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟର ସଂରକ୍ଷକ ଭାବେ ପରିଚିତ କରିପାରିଛି। ଏହି ଅବସରରେ ରଜତ କରଙ୍କ ପ୍ରଥମ ଗଳ୍ପ ସଂକଳନ 'ଅଳ୍ପ ଦିନର ଗଳ୍ପ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ମୃତି ସଂସଦ ପକ୍ଷରୁ ଡା. ଅଂଶୁମାନ କର ପଦ୍ମଶ୍ରୀ କରଙ୍କ ସମ୍ପର୍କରେ କହିଥିଲେ। ଅନୁଷ୍ଠାନ ତରଫରୁ ପାଲାଗାୟକ ଓ ତାଙ୍କ ସହଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ରଣଜିତ କର ଅତିଥି ପରିଚୟ ଦେଇଥିବାବେଳେ ଅଧ୍ୟାପକ ଡ. ରାଜୀବ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ଗଳ୍ପ ସଂକଳନ 'ଅଳ୍ପ ଦିନର ଗଳ୍ପ' ପୁସ୍ତକ ଉନ୍ମୋଚିତ କରୁଛନ୍ତି।

**ଆକ୍ରମଣ ଅଭିଯୋଗରେ ୨ ଗିରଫ**

ପୁରୀ,(ଅଜିତ୍ କୁମାର ମହାନ୍ତି): ସଦର ଥାନା ଅଧୀନ ବୁଧିଆବର ଛକରେ ଜଣେ ଯୁବକଙ୍କୁ ଲୁହା ପାଇପରେ ମରଣାନ୍ତକ ଆକ୍ରମଣ କରିବାକୁ ନେଇ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଆକ୍ରମଣକାରୀ ହେଲେ ଆଳିପଡ଼ା ଗ୍ରାମର ପାଣ୍ଡବ ରାଉତ ଓ ବିଜୁ ବେହେରା। ସୂଚନା ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୫ଜଣ ବ୍ୟକ୍ତି ସୋମବାର ବିଳମ୍ବିତ ରାତିରେ ସଦର ଥାନା ଅଧିନ ବୁଧିଆବର ଛକରେ ବାବୁ ବରାଳ(୨୯)ଙ୍କୁ ଲୁହା ପାଇପରେ ଆକ୍ରମଣ କରିଥିଲେ। ଜଣେ ଗାଡ଼ିଚାଳକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏନେଇ ବାବୁଙ୍କ ସ୍ତ୍ରୀ ସଦର ଥାନାରେ ଅଭିଯୋଗ କରିବ ପରେ ପୋଲିସ ତଦନ୍ତ ଜାରର ରଖିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୯।୨୦୨୫

| ୪,୦୦,୨୨୨ ଟଙ୍କା | |
|---|---|
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ୨୭.୮୦୦ ଗ୍ରାମ୍ |

# କଂସ ବଧ ନୀତିରେ ସରିଲା ଶ୍ରୀକୃଷ୍ଣ ଲୀଳା



ଲବଣିଖିଆ ମଣ୍ଡପରେ ରାମ, କୃଷ୍ଣ ନୀତି ସାରି ଫେରୁଛନ୍ତି ।



ଶ୍ରୀମନ୍ଦିର ସମ୍ମୁଖରେ କଂସ ବଧ ନୀତି ସମ୍ପନ୍ନ କରାଯାଉଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

**ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)**

ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ଶ୍ରୀକୃଷ୍ଣ ଲୀଳା କ୍ରମ ଅନୁସାରେ ଶୁକ୍ଳ ଦଶମୀ ତିଥିରେ ମଙ୍ଗଳବାର କଂସବଧ ନୀତି ସମ୍ପନ୍ନ ହୋଇଛି। ପ୍ରବଳ ପ୍ରତାପୀ କଂସ ବଧ ସହିତ ଶ୍ରୀମନ୍ଦିରରେ ଚାଲିଥିବା କୃଷ୍ଣଲୀଳା ପରିସମାପ୍ତି ଘଟିଛି। ଭାଦ୍ରବ ଶୁକ୍ଳ ଦଶମୀରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଧାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ରତ୍ନସିଂହାସନରେ ବିଜେ କରାଇଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗିହେବା ପରେ ଦୁଇଠାକୁରଙ୍କୁ ବଟବୃକ୍ଷ ନିକଟ ପାଲିଙ୍କିରେ ବିଜେ କରାଯାଇଥିଲା। ବିମାନବଡୁ ସେବକମାନେ ପାଲିଙ୍କିକୁ କୁଣ୍ଡାଇବେଣ୍ଟ ସାହିରେ ଥିବା ଲବଣିଖିଆ ଛକକୁ ନେଇଥିଲେ। ସେଠାରେ ଥିବା ପନ୍ତିଘରେ ଲବଣିଖିଆ ନୀତି ସମ୍ପନ୍ନ ହୋଇଥିଲା। ଭିତରଚ୍ଛ ମହାପାତ୍ର ଠାକୁରଙ୍କୁ ଆଳତି ଓ ବନ୍ଦାପନା କରିବା ସହ ମହାଭୋଇଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସର, ଲବଣୀ ସମର୍ପଣ କରିଥିଲେ। ମହାଜନମାନେ ଠାକୁରଙ୍କୁ ପନ୍ତିଘର ଖଟଶେଯକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ଭୋଗ ଲାଗି କରାଇଥିଲେ। ପରେ ମହାଭୋଇ ଘରର ବୋହୂମାନେ ଠାକୁରଙ୍କୁ ଅର୍ଘ୍ୟ ବନ୍ଦାପନା କରି କ୍ଷୀର, ସର, ଲବଣୀ ଖୁଆଇଥିଲେ। ନୀତି ସମ୍ପନ୍ନ ହେବା ପରେ ଠାକୁର ପାଲଙ୍କିରେ ବିଜେ ହୋଇ ମରିଚିକୋଟ ଛକ ନିକଟସ୍ଥ ମରିଚି ଠାକୁରାଣୀଙ୍କ ମନ୍ଦିର ନିକଟକୁ ବିଜେ କରିଥିଲେ। ଠାକୁରାଣୀଙ୍କ ସମ୍ମୁଖରେ ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡ଼ାର ଦୁଇଜଣ ମଲ୍ଲ ଯୁଦ୍ଧ ପ୍ରସ୍ତାବ ଆଗତ କରିଥିଲେ। ମଲ୍ଲ ଯୁଦ୍ଧ ନୀତି ସମ୍ପନ୍ନ ପରେ ଠାକୁରମାନେ ରାଜନହର ସମ୍ମୁଖକୁ ବିଜେ କରିଥିଲେ। ସେଠାରେ କୁବୁଜା ଉଦ୍ଧାରଣ ନୀତି ପରେ ସିଂହଦ୍ୱାର ସମ୍ମୁଖ ବଡ଼ଛତା ମଠ ଆଗରେ କଂସବଧ ନୀତି ସମ୍ପନ୍ନ ହୋଇଥିଲା। ପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ତାଲିମ

**ପୁରୀ,୨।୯(ଅଜିତ କୁମାର ମହାନ୍ତି)**

ପୁରୀ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲା ପ୍ରଶାସନ ତରଫରୁ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ଶିଶୁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟସେବା ଓ ଯୋଜନା ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ସୁରକ୍ଷା ବିଭାଗର ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ ଯୋଗଦେଇ କହିଥିଲେ, ଶିଶୁମାନଙ୍କ ସ୍ୱାସ୍ଥ୍ୟ ଠିକ ରହିଲେ ଦେଶ ଆଗକୁ ବଢ଼ିବ। ଏଣୁ ସ୍ୱାସ୍ଥ୍ୟକର୍ମୀମାନେ ସମସ୍ତ ସ୍ୱାସ୍ଥ୍ୟସେବା ବିଷୟରେ ଜାଣି ଶିଶୁ ଯତ୍ନ ଅନୁଷ୍ଠାନରେ କାର୍ଯ୍ୟ କରିବା ଜରୁରୀ। ପୁରୀ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡା. ଅଜିତ କୁମାର ମହାପାତ୍ର କହିଥିଲେ ଯେ, ଶିଶୁଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ହେଉଛି ଆମର ଦାୟିତ୍ୱ। ଅନ୍ୟ ଅତିଥି ଓ ତାଲିମଦାତାଙ୍କ ମଧ୍ୟରେ ଶିଶୁରୋଗ ବିଶେଷଜ୍ଞ ଡା. ସୂର୍ଯ୍ୟନାରାୟଣ ମିଶ୍ର, ଡା. ଶିଳ୍ପୀ ଦାସ, ଉମାକାନ୍ତ ରାଉତ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରଶାନ୍ତ କୁମାର ପରିଜା, ମାନସିକ ସ୍ୱାସ୍ଥ୍ୟ ପରାମର୍ଶଦାତ୍ରୀ ଅପର୍ଣ୍ଣା ମହାନ୍ତି ପ୍ରମୁଖ ସ୍ୱାସ୍ଥ୍ୟସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ପାରାମେଡିକାଲ ଷ୍ଟାଫ, ସୁପରିଣ୍ଟେଣ୍ଡେଣ୍ଟ, କାଉନସିଲର, ଗୃହ ପିତା, ଗୃହ ମାତା, ଚାଇଲ୍ଡ ହେଲ୍ପଲାଇନ ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନାରାୟଣ ପ୍ରସାଦ ନନ୍ଦଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ କର୍ମଚାରୀ କମଳା ମହାରଣା ଓ ହରେକୃଷ୍ଣ ସାହୁ ସହଯୋଗ କରିଥିଲେ।

## ସଂକ୍ଷେପରେ

### କାର୍ଯ୍ୟରେ ଅବହେଳା ପାଇଁ ଆଟେଣ୍ଡାଣ୍ଟଙ୍କୁ ବଦଳି

**ପୁରୀ,୨।୯(ଅଜିତ କୁମାର ମହାନ୍ତି)**

ପୁରୀ ସହରସ୍ଥ ଟିବି ଏବଂ ଆଇଡିଏଚ୍‌ରେ କାର୍ଯ୍ୟରତ ଆଟେଣ୍ଡାଣ୍ଟ ସତ୍ୟନାରାୟଣ ସ୍ୱାଇଁଙ୍କୁ ସାକ୍ଷୀଗୋପାଳ ସିଏଚ୍‌ସିକୁ ବଦଳି କରାଯାଇଛି। କିଛିଦିନ ତଳେ ସେ ଟିବି ହସ୍ପିଟାଲରେ କାର୍ଯ୍ୟ ଦିବସ ସମୟରେ ମାଦକ ଦ୍ରବ୍ୟ ସେବନ କରିଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଦୃଷ୍ଟିକୁ ଆସିବା ପରେ ଏ ନେଇ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ଆଟେଣ୍ଡାଣ୍ଟ ସ୍ୱାଇଁଙ୍କୁ ସାକ୍ଷୀଗୋପାଳ ସିଏଚ୍‌ସିକୁ ବଦଳି କରିବା ସହ ଏଡିପିଏଚ୍‌ଓ ଡା. ଲଲାଟେନ୍ଦୁ ମିଶ୍ରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆଧାରରେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ ଶତପଥୀ କହିଛନ୍ତି।

### ଆନ୍ଧ୍ରରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କଣାସ,୨।୯(ବିଭୂତି ଭୂଷଣ ତ୍ରିପାଠୀ)**

ଆନ୍ଧ୍ରପ୍ରଦେଶରେ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଣାସ ବ୍ଲକ କଣାସ ପଞ୍ଚାୟତ ଅନ୍ତର୍ଗତ କଣାସ ଗ୍ରାମର ଅପର୍ତ୍ତି ପ୍ରଧାନ (୫୬)। ପରିବାର ପ୍ରତିପୋଷଣ ପାଇଁ ସେ ଦାଦନ ଶ୍ରମିକ ଭାବେ ଆନ୍ଧ୍ରପ୍ରଦେଶର ତିରୁପତି ଜିଲା ନାଇଡୁମେଣ୍ଟ ଥାନା କୋନେଟି ରାଜୁକଲମରେ ଏକ କନଷ୍ଟ୍ରକ୍ସନ କମ୍ପାନୀରେ ଶ୍ରମିକ ଭାବେ ୪ମାସ ହେଲା କାର୍ଯ୍ୟ କରୁଥିଲେ। ଗତ ୨୫ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଶ୍ରମିକମାନେ ତାଙ୍କ ସ୍ତ୍ରୀ ସୁଷମା ପ୍ରଧାନଙ୍କୁ ଏ ନେଇ ଟେଲିଫୋନ ଯୋଗେ ଖବର ଦେଇଥିଲେ। ସୁଷମା ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ନେଇ ସେଠାକୁ ଯାଇ ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତାରେ ଅପର୍ତ୍ତିଙ୍କ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ଆଣି ଶ୍ମଶାନରେ ଦାହ କରାଇଥିଲେ। ଏବେ ସୁଷମା ବେସାହାରା ହୋଇପଡ଼ିଥିବାରୁ ତୁରନ୍ତ ସରକାରୀ ସହାୟତା ଏବଂ ଆବାସ ଗୃହ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅପର୍ତ୍ତି କାର୍ଯ୍ୟ କରୁଥିବା କମ୍ପାନୀ ପକ୍ଷରୁ କୌଣସି ସହାୟତା ଦିଆଯାଇ ନ ଥିବାରୁ ସୁଷମା ଅସନ୍ତୋଷ ପ୍ରକାଶ କରିଛନ୍ତି।

### ୧୬୦ ବୋତଲ ଚୋରା ମଦ ଜବତ: ୨ ଗିରଫ

**ନିମାପଡ଼ା,୨।୯(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ଅନ୍ତର୍ଗତ ଭାଟବନ୍ଧ, କାଜିପାଟଣା, ଅଣ୍ଡିଆସାହି କେନାଲବନ୍ଧ ରାସ୍ତାରେ ପୋଲିସ ଚଢ଼ାଉକରି ୨ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ୧ଶହ ୬୦ ବୋତଲ ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଜବତ ମଦର ମୂଲ୍ୟ ୨୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଭାଟବନ୍ଧ ଗ୍ରାମର ପ୍ରକାଶ ଚନ୍ଦ୍ର ରାୟ ଓ କାଜିପାଟଣା ଗ୍ରାମର ପ୍ରକାଶ ଚନ୍ଦ୍ର ପ୍ରଧାନ। ରାୟଙ୍କୁ ସୋମବାର ଓ ପ୍ରଧାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ ପୃଥକ ଭାବେ ଦୁଇଟି ମାମଲା ରୁଜୁ ହୋଇଛି। ଥାନା ଆଇଆଇସି ବାମଦେବ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଦିଲ୍ଲୀପ କୁମାର ପଣ୍ଡା ଏବଂ ଏଏସ୍ଆଇ. ସରୋଜ କୁମାର ପ୍ରଧାନ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ। ଚୋରା ମାଦକଦ୍ରବ୍ୟ କାରବାରକୁ ଦୃଢ଼ ଭାବେ ପ୍ରତିହତ କରାଯିବା ସହ ନିଶାସକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ସ୍ୱାଇଁ କହିଛନ୍ତି।

# ଏନ୍ଏସି ମାନ୍ୟତା ଦାବିରେ ବିଜେଡି ପକ୍ଷରୁ ପଦଯାତ୍ରା




ବିଜେଡି ପକ୍ଷରୁ ବାହାରିଥିବା ପଦଯାତ୍ରା ।

**ଗୋପ,୨।୯(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପକୁ ଏନ୍ଏସି ମାନ୍ୟତା ପ୍ରଦାନ ଦାବିରେ ମଙ୍ଗଳବାର ଗୋପ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଏକ ପଦଯାତ୍ରା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଛବିରାଣୀ ସାହୁଙ୍କୁ ଦାବିପତ୍ର ଦିଆଯାଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେତେକ ଅଞ୍ଚଳକୁ ଏନ୍ଏସି ଘୋଷଣା କରିଥିବାବେଳେ ଗୋପ ଏଥିରୁ ବାଦ୍ ପଡ଼ିଛି। ସମସ୍ତ ଭିତ୍ତିଭୂମି ଥାଇ ଗୋପକୁ ଏନ୍ଏସି ପ୍ରଦାନ କରାଯାଇ ନ ଥିବା ପ୍ରତିବାଦରେ ଗୋପ ପଞ୍ଚାୟତ ପୂର୍ବତନ ବିଜେଡି ସଭାପତି ତ୍ରୈଲୋଚନ ସାହୁଙ୍କ ନେତୃତ୍ୱରେ ପଦଯାତ୍ରା କରାଯିବା ସହ ବିଡିଓଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା କସ୍ତୁରୀବାଳା ସ୍ୱାଇଁ, ବରିଷ୍ଠ ନେତା ସୁକାନ୍ତ ମହାନ୍ତି, ନିରଞ୍ଜନ ମହାପାତ୍ର, ସୁଧାଂଶୁ ସେନାପତି, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସ୍ୱାଇଁ, ଗଣେଶ୍ୱରପୁର ସରପଞ୍ଚ ପ୍ରଭାତ ବେହେରା, କୁଆଁପଡ଼ା ସରପଞ୍ଚ ମହେଶ୍ୱର ସ୍ୱାଇଁ, ଯୁବନେତା ରମେଶ ଚନ୍ଦ୍ର ବାରିକ, ସୁଦୀପ୍ତ ସ୍ୱାଇଁ, ଯୋଗେନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ସ୍ୱାଇଁ, ଗୋଲାମ ବକ୍ସଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ଥିଲେ।



ନିର୍ମାଲ୍ୟ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଶ୍ରୀମନ୍ଦିର ପରିଚାଳନା କମିଟିର ନୂତନ ସଦସ୍ୟମାନଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି ।

### ନାବାଳିକା ଅପହରଣ ଅଭିଯୋଗ

**ବଳଙ୍ଗା,୨।୯(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରିନିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପା କରିଥିବା ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ପରିବାର ଲୋକେ ସମସ୍ତେ ଖାଇସାରି ଶୋଇବା ପରେ ୧୭ବର୍ଷୀୟା ଝିଅ ପରିଶ୍ରା କରିବାକୁ ଉଠିଥିଲେ। ଏହି ସମୟରେ ଝିଅର ଚିତ୍କାର ଶୁଣି ପରିବାର ଲୋକେ ଉଠିଯାଇ ଦେଖିବାବେଳକୁ ପିପିଲି ଥାନା ଅଧୀନ ବ୍ଲକ ଛକରେ ଥିବା ଏକ ହୋଟେଲର ମାଲିକଙ୍କ ପୁଅ ଓ ତାଙ୍କ ସାଙ୍ଗ ଗାଡ଼ିରେ ଝିଅକୁ ଜୋରଜବରଦସ୍ତ ବସାଇ ଦ୍ରୁତଗତିରେ ଗ୍ରାମର ଗୋପିନାଥ ମନ୍ଦିର ଦେଇ ପଳାଇଥିଲେ। ଏ ନେଇ ପୋଲିସ ଅଭିଯୋଗ ପାଇବା ପରେ ଏକ ଅପହରଣ ମାମଲା (ନଂ. ୧୯୨/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

### ୧୦୪ ବୋତଲ ମଦ ଜବତ: ଜଣେ ଗିରଫ

**କଣାସ,୨।୯(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ଥାନା ଅଧୀନ ଅଁଳାଯୋଡ଼ି ଗ୍ରାମରେ ସୋମବାର ରାତିରେ ଏକ ପାନଦୋକାନରେ ପୋଲିସ ଚଢ଼ାଉ କରି ୮୭ ବୋତଲ ବିଦେଶୀ ଓ ୧୭ ବୋତଲ ଦେଶୀ ମଦ ଜବତ କରିଛି। ମଦ ବିକୁଥିବା ଭଗବାନ ରାଉତଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ କେସ୍ (ନଂ. ୨୦୩/୨୫) ରୁଜୁ ହୋଇଛି। ସେହିପରି କଣାସ ଥାନା ଅଧିକାରୀ ପ୍ରସନ୍ନ ନାୟକ ଗତ ୨୭ ତାରିଖରେ ଗାଉପଡ଼ା ଗ୍ରାମରୁ ୧୫ ବୋତଲ ଦେଶୀ ମଦ ଓ ୮ ବୋତଲ ଦେଶୀ ମଦ ଜବତ କରି ମକରଧ୍ୱଜ ନାୟକଙ୍କ ନାମରେ ଏକ କେସ୍ (ନଂ. ୧୯୫/୨୦୨୫) ରୁଜୁ କରିଥିଲେ। ସେହି ରାତିରେ ପୋଲିସ ତ୍ରିଲୋଚନପୁର ସେତୁ ନିକଟରୁ ୨୦ ବୋତଲ ଦେଶୀ ମଦ ଜବତ କରିବା ସହ ରାମେଶ୍ୱର ପ୍ରଧାନଙ୍କୁ ଗିରଫ କରିଥିଲା। ତାଙ୍କ ନାମରେ ୧୮୬/୨୦୨୫ରେ କେସ୍ ରୁଜୁ ହୋଇଛି।

# ସାର ସୁଷମ ବଣ୍ଟନ ଉପରେ ଭାଜପା କୃଷକ ମୋର୍ଚ୍ଚାର ଗୁରୁତ୍ୱ

**ପୁରୀ,୨।୯(ଅଜିତ କୁମାର ମହାନ୍ତି)**

ପୁରୀ ଜିଲାରେ ଖରିଫ୍ ଧାନଚାଷ ପାଇଁ ଚାଷୀଙ୍କୁ ସାରର ସୁଷମ ବଣ୍ଟନ କରାଯିବା ନେଇ ମଙ୍ଗଳବାର ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ କୃଷି ଅଧିକାରୀ ସୁଶାନ୍ତ କୁମାର ଦାଶଙ୍କୁ ଭେଟି ଆଲୋଚନା କରିଛନ୍ତି। ଚଳିତବର୍ଷ ଖରିଫ୍ ଧାନଚାଷ ପାଇଁ ୯ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଆବଶ୍ୟକ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୭ ହଜାର ୩୧୯ ମେଟ୍ରିକ୍ ଟନ୍ ସାର ଆସିଛି। ଡିଏପି ସାର ୫ ହଜାର ୫ ଶହ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବାବେଳେ ୧୨ହଜାର ୧୮୯ ମେଟ୍ରିକ୍ ଟନ୍ ଆସିଛି। ଏମ୍‌ପିକେ ସାର ୭ ହଜାର ୫ ଶହ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବାବେଳେ ୮ ହଜାର ୮୮ ମେଟ୍ରିକ୍ ଟନ୍ ଆସିଛି। ଏମ୍‌ଓପି ସାର ୨ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବାବେଳେ ୨ ହଜାର ୭୮୮ ମେଟ୍ରିକ ଟନ୍ ଆସିଛି। ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାର ଆମଦାନୀ କରାଯିବା ଉପରେ ସାହୁ ଗୁରୁତ୍ୱାରୋପ କରିଛନ୍ତି। ପୁରୀ ଜିଲାରେ ୨୦ ହେଲସେଲରଙ୍କ ମାଧ୍ୟମରେ ୪୦୨ ଜଣ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲର୍ ଓ ୩୦ଟି ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ଶୃଙ୍ଖଳିତ ଭାବେ ସାର ବଣ୍ଟନ ପାଇଁ ପ୍ରଶାସନ ବ୍ୟବସ୍ଥା କରିଛି। ସାର ବଣ୍ଟନରେ ଯେଉଁମାନେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସରକାର ପୁରୀ ଜିଲାରେ ଆବଶ୍ୟକତାଠାରୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦେଇଥିବାବେଳେ କେତେଜଣ କୁଚକ୍ରୀ ତଥା ଅସାଧୁ ଡିଲର ସରକାରଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ ଚଳାଇଥିବା ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ସାହୁ କହିଛନ୍ତି। ଜିଲାରେ ସାର ବଣ୍ଟନରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିଥିବା ୩ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସେ କହିଥିଲେ। ଏହି ଆଲୋଚନା ସମୟରେ କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ କୁମାର ପ୍ରଧାନ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଅକ୍ଷୟ ମହାନ୍ତି, ରଞ୍ଜନ କୁମାର ବରାଳ, ଅର୍ଜୁନ ବରାଳ, ଦୀପକ କୁମାର ନାୟକ, ଦେବପ୍ରସାଦ ସ୍ୱାଇଁ, ବିଭୂତି ମିଶ୍ର, ପ୍ରଶାନ୍ତ ଭୂୟାଁ, ବିଶ୍ୱନାଥ ପଣ୍ଡା ଏବଂ ଉପେନ୍ଦ୍ର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଅର୍ନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ସଭାପତି ପ୍ରବୀଣ ଭାଇ ତୋଗାଡ଼ିଆ ମଙ୍ଗଳବାର ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ବାତ୍ୟା ଆଶ୍ରୟସ୍ଥଳରେ ରଙ୍ଗ ମାରି ଅନୁଦାନ ଲୁଟ୍

**ଅସ୍ତରଙ୍ଗ,୨।୯(ମମତା ଜେନା)**

କାକଟପୁର ବ୍ଲକ ଅଧୀନସ୍ଥ କାଦୁଆ ନୂଆଗାଁ ପଞ୍ଚାୟତରେ ୨୦୨୫-୨୬ ମସିହା ଆର୍ଥିକ ବର୍ଷରେ ଏକାଧିକ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, କାଦୁଆନୂଆଗାଁ ପଞ୍ଚାୟତରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ମରାମତି ଓ ରଙ୍ଗଦେବା ବାବଦରେ ୬ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମିଳିଥିଲା। କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଉକ୍ତ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ମରାମତି ଓ ରଙ୍ଗଦେବା କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟାଦେଶ ନେଇଥିବା ବ୍ୟକ୍ତିମାନେ ବାତ୍ୟା ଆଶ୍ରୟସ୍ଥଳ ମରାମତି କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ଓ ଯନ୍ତ୍ରାଂଶ ଲଗାଇଥିବା ବେଳେ ଏବେ ବି ବହୁକାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ସେହିପରି ଉକ୍ତ ପଞ୍ଚାୟତର ଧନିତ୍ରୀ ଗ୍ରାମରେ ଥିବା ବଡ଼ପୋଖରୀରୁ ମାଟି ଆଡ଼େଇ ଦେଇ ପୋଖରୀ ଖୋଳା ଆଳରେ ୬ ଲକ୍ଷ ୬୦ ହଜାର ଟଙ୍କା ବିଲ୍ ଉଠାଇବାକୁ ଉଦ୍ୟମ ଜାରି ରହିଛି ବୋଲି ଅଭିଯୋଗ ହେଉଛି। 'ଆମ ଗାଁ ଆମ ବିକାଶ' ଯୋଜନାରେ ୫ ଲକ୍ଷ ୬ ହଜାର ୫ ଟଙ୍କା ବ୍ୟୟରେ ଏକ ମାର୍ଫତଦାର ସମ୍ପତ୍ତି ଉପରେ ବଟଠାକୁରଙ୍କ ଭୋଗ ମଣ୍ଡପ ନିର୍ମାଣ ପାଇଁ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ କିଭଳି ଲେଆଉଟ ଦେଲେ ତାହା ତଦନ୍ତ ସାପେକ୍ଷ ବୋଲି ଦାବି ହୋଇଛି। ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଏକାଧିକ କାର୍ଯ୍ୟ ଉପରେ ବହୁ ଅଭିଯୋଗ ଥିବା ସତ୍ତ୍ୱେ ଏବଂ ବିଡିଓ ବିଷ୍ଣୁ ଗୋବିନ୍ଦଙ୍କ ଅନ୍ୟତ୍ର ବଦଳି ପରେ ବି ସେ ଏଠାରେ ୧୫ରୁ ଅଧିକ ଦିନ ରହି ପିଛିଲା ତାରିଖ ପକାଇ କିଭଳି ବିଲ୍ ପେମେଣ୍ଟ କରିବାକୁ ଫାଇଲ୍ କ୍ୟାଶିୟର ନିକଟକୁ ପଠାଇଲେ ତାହାର ତଦନ୍ତ ପାଇଁ କାଦୁଆନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୀମସେନ ସେଠୀ, ରମେଶ ପାଇଟାଳ, ଅଶୋକ ପାତ୍ର, ଜ୍ଞାନେନ୍ଦ୍ର ମଲ୍ଲ ଦାବି କରିଛନ୍ତି। ପୁରୀ ଜିଲାପାଳ, ପଞ୍ଚାୟତିରାଜ ମନ୍ତ୍ରୀ, ବିଭାଗୀୟ ସଚିବ ଏଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ପଞ୍ଚାୟତବାସୀ ଦାବି କରିଛନ୍ତି। ବର୍ତ୍ତମାନ କାକଟପୁର ବ୍ଲକରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ବିଡିଓ ନାରାୟଣ ଦୀକ୍ଷିତଙ୍କୁ ଅଭିଯୋଗ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ୮ ଦିନ ହେବ ଆସିଛି। କାଦୁଆନୂଆଗାଁ ପଞ୍ଚାୟତର କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କାର ବିଲ୍ ପାସ୍ ହୋଇଛି ସେ ବିଷୟରେ ଫାଇଲ୍ ଦେଖିଲେ ଜଣାପଡ଼ିବ ବୋଲି ସେ କହିଥିଲେ।

# 'ଅତିବଡ଼ୀଙ୍କ ପୀଠ, ସାତଲହଡ଼ି ମଠର ବିକାଶ କରାଯାଉ'

**ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ୩୬ତମ ବାର୍ଷିକ ସାରସ୍ୱତ ସମାରୋହ**

**ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)**

ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ୩୬ତମ ବାର୍ଷିକ ଉତ୍ସବ, ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ, ରାଜ୍ୟସ୍ତରୀୟ କବି-ଲେଖକ ସମ୍ମିଳନୀ ରବିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ସଦାଶିବ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ଓଡ଼ିଆ ଅସ୍ମିତାର ଅନନ୍ୟ ଉଦାହରଣ। ଅତିବଡ଼ୀଙ୍କ ଜନ୍ମପୀଠ କପିଳେଶ୍ୱରପୁର ଗ୍ରାମ, ସାଧନା ପୀଠ ବଡ଼ଓଡ଼ିଆ ମଠ ଏବଂ ସମାଧି ପୀଠ ସାତଲହଡ଼ି ମଠର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ସାହିତ୍ୟ ଏକାଡେମୀ ସହଭାଗିତାରେ ଆୟୋଜିତ ଏହି ସମାରୋହର ପ୍ରଥମ ଅଧିବେଶନ କବିତା ପାଠ ଓ ଆଲୋଚନା ଚକ୍ରକୁ ସାହିତ୍ୟିକା ବିଜୟଲକ୍ଷ୍ମୀ ଦାଶ (ମିଶ୍ର) ଉଦ୍‌ଘାଟନ କରିଥିଲେ। ଓଡ଼ିଆ ସାହିତ୍ୟରେ ରାଧା ତତ୍ତ୍ୱ ସମ୍ପର୍କରେ ଅଧ୍ୟାପକ ଅଶୋକ କୁମାର ମିଶ୍ର ଓ ବିଜୟଲକ୍ଷ୍ମୀ ସାହୁ ଆଲୋଚନା କରିଥିଲେ। କବିତା ପାଠରେ ଉପସଭାପତି ଅନାମ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିବାବେଳେ ଅନ୍ନପୂର୍ଣ୍ଣା ଦେବୀ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ମନୋରମା ଆଚାର୍ଯ୍ୟ ଓ କମଳ କୁମାର ଦାସ କବିତା ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନ ତଥା ସମ୍ମାନ ପ୍ରଦାନ ସମାରୋହକୁ ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ଅମରନାଥ ମିଶ୍ର, ଶ୍ରୀମନ୍ଦିର ସେବାୟତ ଭଗବାନ ସୁଆର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଭ୍ୟର୍ଥନା ସମିତି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ସାହୁ ସ୍ୱାଗତ ଭାଷଣ, ଅଧ୍ୟାପକ ଅଶୋକ କୁମାର ମିଶ୍ର ଅତିଥି ପରିଚୟ, ସାଧାରଣ ସମ୍ପାଦକ ଶିବସୁନ୍ଦର ମିଶ୍ର ବାର୍ଷିକ ବିବରଣୀ ପାଠ ଏବଂ ପୁରୁଷୋତ୍ତମ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ମୁଖପତ୍ର 'ଦୟଣା' ଲୋକାର୍ପିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ଭଗବାନ ଜୟସିଂହ, ସୁରମା ବଳିୟାରସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାରୀ ସେଠୀ, ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି,ବିଚିତ୍ରାନନ୍ଦ ପଣ୍ଡା, ତ୍ରିଲୋଚନ ଦାସ, କୃଷ୍ଣଚନ୍ଦ୍ର ରଥ, ରୋଜାଲିନ ପଣ୍ଡା, ସୁଶ୍ରୀ ରଶ୍ମିତା ନାୟକଙ୍କୁ ସାରସ୍ୱତ ସମ୍ମାନ ଏବଂ ସୁଶ୍ରୀ ପ୍ରଲିପ୍ତା ଛୋଟରାୟଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ସୁରେଶ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ପ୍ରଶାସନ, ବଡ଼ଓଡ଼ିଆ ମଠ, ଉତ୍ତରପାର୍ଶ୍ୱ ମଠ ମହନ୍ତ ସହଯୋଗ କରିଥିଲେ। କ୍ରିଷ୍ଣା ମହାପାତ୍ର, ଦୀନବନ୍ଧୁ ଦାଶ, ଆଶାଲତା ପ୍ରଧାନ, ଶର୍ମିଷ୍ଠା ଜେନା ସହଯୋଗ କରିଥିଲେ।



ସମାରୋହରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ୩ ମହଲା ବାଲକୋନିରୁ ପଡ଼ି ଭିନ୍ନକ୍ଷମ ବାଳିକା ଗୁରୁତର

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅନ୍ତର୍ଗତ ବେଣ୍ଟକାରସ୍ଥିତ ବେଲେଶ୍ୱର ମୁକବଧିର ବିଦ୍ୟାଳୟର ଜଣେ ଛାତ୍ରୀ ମଙ୍ଗଳବାର ୩ମହଲା ବାଲକୋନିରୁ ପଡ଼ି ଗୁରୁତର ହୋଇଛନ୍ତି। ପ୍ରଥମେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଚିକିତ୍ସା ପାଇଁ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାରୁ ପ୍ରକାଶ ଅନୁଗୋଳ ଅଞ୍ଚଳର ଏହି ଭିନ୍ନକ୍ଷମ ବାଳିକା ଏହି ସ୍ୱତନ୍ତ୍ର ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଛନ୍ତି। ମଧ୍ୟାହ୍ନ ଭୋଜନ ପାଇଁ ତଳ ମହଲାକୁ ଆସୁଥିବା ବେଳେ ବାଲକୋନୀରେ ଲାଗିଥିବା ଯାଲିରେ ଓଢ଼ଣୀ ଲାଗିଯାଇଥିଲା। ଲାଗିଥିବା ଓଢ଼ଣୀ ବାହାର କରୁଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲେ। ଶେଷ ଖବର ଅନୁଯାୟୀ ପରିବାର ଲୋକେ କଟକରେ ପହଞ୍ଚିବା ପରେ ଚିକିତ୍ସା ଜାରିରହିଛି।

### ସଂକ୍ଷେପରେ

## ଦିନ ଦ୍ୱିପ୍ରହରରେ ଡିକି ଖୋଲି ନେଇଗଲେ ୩ ଲକ୍ଷ

ଚୌଦ୍ୱାର,୨।୯(ଆଶୁତୋଷ ଦାସ)

ଚୌଦ୍ୱାରରେ ଦିନ ଦ୍ୱିପ୍ରହରରେ ଜଣେ ବ୍ୟକ୍ତିଙ୍କୁ ଚକ୍‌ମା ଦେଇ ୩ଲକ୍ଷ ଟଙ୍କା ଲୁଟ ହୋଇଥିବା ଘଟଣା ଚର୍ଚ୍ଚା ଜୋର ଧରିଛି। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ମଧ୍ୟାହ୍ନରେ ଆଠଗଡ ଥାନା ନଇମାଳିଆ ଗ୍ରାମର ବୈକୁଣ୍ଠ ନାଥ ରାଉତ ଚୌଦ୍ୱାର ଧୂମାବତୀ ନିକଟ ଏସ୍‌ବିଆଇ ବ୍ୟାଙ୍କରୁ ୩ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ପରେ ଚୌଦ୍ୱାର ବୁଢାଖିଆ ବଜାର ଶାନ୍ତିପ୍ଲାଜା ନିକଟରେ କୌଣସି କାରଣ ପାଇଁ ଠିଆ ହୋଇଥିଲେ। ଏହା ମଧ୍ୟରେ ଜଣେ ବ୍ୟକ୍ତି ଆସି ତାଙ୍କୁ ରାସ୍ତାରେ ପଡିଥିବା ଦଶ ଟଙ୍କିଆ ନୋଟ କାହାର ବୋଲି ପଚାରିବାରୁ ବୈକୁଣ୍ଠ ଏହା ମୋର ବୋଲି କହି ଟଙ୍କା ଗୋଟାଇବାରେ ଲାଗିପଡିଥିଲେ। ଏହି ସମୟରେ ଅନ୍ୟ ଜଣେ ବ୍ୟକ୍ତି ଆସି ତାଙ୍କ ଡିକି ଖୋଲି ଟଙ୍କା ନେଇ ପାଖରେ ବାଇକ୍‌ରେ ଥିବା ଯୁବକଙ୍କ ସହିତ ଚମ୍ପଟ ମାରିଥିଲେ। ବୈକୁଣ୍ଠ ତାଙ୍କୁ ଧରିବା ପାଇଁ ଦୌଡି ଥିଲେ ମଧ ଧରି ପାରି ନ ଥିଲେ। ଟଙ୍କା ଉଠାଇବାକୁ କହିଥିବା ବ୍ୟକ୍ତି ଜଣକ ମଧ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବୈକୁଣ୍ଠ ତୁରନ୍ତ ଚୌଦ୍ୱାର ଥାନାକୁ ଖବର ଦେବାରୁ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଗଣେଶ୍ୱର ମିଶ୍ର ନିଆଳି ବ୍ଲକ ଆତ୍ମା ଅଧ୍ୟକ୍ଷ ମନୋନୀତ

ନିଆଳି,୨।୯(ସୁକାନ୍ତ କୁମାର ସିଂହ)

ନିଆଳି ବ୍ଲକ ଆତ୍ମା ଅଧ୍ୟକ୍ଷ ଭାବେ ଗଣେଶ୍ୱର ମିଶ୍ର (ଚିକିନା) ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି।



ନିଆଳି ଜଲ୍ଲାରପୁରସ୍ଥିତ କୃଷି ସୂଚନା ପରାମର୍ଶ କେନ୍ଦ୍ରରେ ଅନୁଷ୍ଠିତ କୃଷି ଓ ବୈଷୟିକ ଉପଦେଷ୍ଟା ମଣ୍ଡଳିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗର କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁପାଳନ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି କମିଟିରେ ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ସଭ୍ୟା ସୌଦାମିନୀ ମହାପାତ୍ର, ସମିତି ସଭ୍ୟ ଶଶୀକାନ୍ତ ଲେଙ୍କା, ସଂପଦ ମହାନ୍ତିଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ବିଧାୟକଙ୍କ ଛବି ମଲ୍ଲିକଙ୍କ ପ୍ରସ୍ତାବକ୍ରମେ ଗଣେଶ୍ୱରଙ୍କୁ ଆତ୍ମାର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ପରେ ଆତ୍ମାର ଅଧ୍ୟକ୍ଷଙ୍କୁ ବିଧାୟକ ସମ୍ବର୍ଦ୍ଧନା କରିବା ପରେ ଶହ ଶହ ଚାଷୀ, ଭାଜପା କର୍ମୀ ଓ ଜନପ୍ରତିନିଧି ଉପସ୍ଥିତ ରହି ଗଣେଶ୍ୱରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ପାରମ୍ପରିକ ବାଦ୍ୟକୁ ପ୍ରାଧାନ୍ୟ, ଡିଜେକୁ ବାରଣ




ସାରଳା ଭବନରେ ମଙ୍ଗଳବାର କମିଶନରେଟ୍ ପୋଲିସ ପକ୍ଷରୁ ଅନୁଷ୍ଠିତ ଦୁର୍ଗାପୂଜା, ଭସାଣି ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨।୯(ଶିଳ୍ପା ପ୍ରିୟଦର୍ଶିନୀ)

**କମିଶନରେଟ ପୋଲିସ ପକ୍ଷରୁ ଦୁର୍ଗାପୂଜା, ଭସାଣି ପ୍ରସ୍ତୁତି ବୈଠକ**

- ସିଙ୍ଗଲ ୱିଣ୍ଡୋରେ ମିଳିବ ଲାଇସେନ୍ସ
- ସମସ୍ତ ପୂଜା କମିଟି ଅଗ୍ନିନିରାପତ୍ତା ବ୍ୟବସ୍ଥା ରଖିବା ବାଧ୍ୟତାମୂଳକ

ଶାରଦୀୟ ଦୁର୍ଗାପୂଜା ଓ ଭସାଣି ପାଇଁ କମିଶନରେଟ ପୋଲିସ ପକ୍ଷରୁ ସାରଳା ଭବନରେ ମଙ୍ଗଳବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଯୋଗଦେଇ କହିଛନ୍ତି ଯେ, କଟକ ଏକ ସାଂସ୍କୃତିକ ତଥା ଐତିହ୍ୟ ସମ୍ପର୍ଣ୍ଣ ସହର। ତେଣୁ ଏଠାରେ ପାରମ୍ପରିକ ବାଦ୍ୟକୁ ଅଧିକ ପ୍ରାଧାନ୍ୟ ଦିଆଯିବ। ଦୁର୍ଗାପୂଜା ଭସାଣିରେ ଡିଜେ ସାଉଣ୍ଡ ସିଷ୍ଟମକୁ ବ୍ୟବହାର କରିବାକୁ ଦିଆଯିବ ନାହିଁ। ଏପରିକି ଲେଜର ଲାଇଟ କିମ୍ବା ଫାୟାର ଗନ ବ୍ୟବହାର କରାଯାଇ ପାରିବନାହିଁ। ଯେଉଁ ପୂଜା କମିଟି ପାରମ୍ପରିକ ବାଦ୍ୟରେ ଶୋଭାଯାତ୍ରା କରି ଆସିବେ ଉକ୍ତ କମିଟିକୁ ପୋଲିସ ପକ୍ଷରୁ ପୁରସ୍କୃତ କରାଯିବ। ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ଅଧ୍ୟକ୍ଷତାରେ ପ୍ରଭାତ ତ୍ରିପାଠୀ ବୈଠକ ପରିଚାଳନା କରିଥିଲେ। ପୂଜା ମଣ୍ଡପ ପାଇଁ ଅନୁମତି, ଭସାଣି ପାଇଁ ଅନୁମତି କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଲାଇସେନ୍ସ ପୋଲିସଠାରୁ ସିଙ୍ଗଲ ୱିଣ୍ଡୋରେ ମିଳିବ। ଏହାସହ ସମସ୍ତ ମଣ୍ଡପରେ ଅଗ୍ନି ସୁରକ୍ଷା ଉପକରଣ ରଖିବା ବାଧ୍ୟତାମୂଳକ। ମଣ୍ଡପ ଓ ସାଜସଜ୍ଜାରେ ନୂଆ ତଥା ଉନ୍ନତମାନର ବିଦ୍ୟୁତ୍ ତାର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଚାନ୍ଦା ଆଦାୟ ଉପରେ ପୂର୍ବଭଳି ଏବର୍ଷ ମଧ୍ୟ ପୋଲିସ କଟକଣା ଜାରି ରହିଛି। ପୂଜା ନାଁରେ କାହାଠୁ ଜବରଦସ୍ତ ଚାନ୍ଦା ମଗା ଯାଇପାରିବ ନାହିଁ। ଏହାସହ ଭସାଣିକୁ ନିଶାମୁକ୍ତ କରିବାକୁ ଆହ୍ୱାନ ଦିଆଯାଇଛି। ରାତି ୧୨ଟା ପରେ ମାଇକ ଓ ବ୍ୟାଣ୍ଡ ସାଉଣ୍ଡ ବନ୍ଦ କରି କେବଳ ପାରମ୍ପରିକ ବାଦ୍ୟରେ ଭସାଣି ଆଗକୁ ବଢିବ। ତେବେ ସହରରେ ବଡ କପଡା ତୋରଣ, ମଣ୍ଡପ ସମ୍ମୁଖ ପେଣ୍ଡାଲ ଓ ବଡ ବିଦ୍ୟୁତ୍ ଗେଟ ନିର୍ମାଣ ନେଇ ବୈଠକରେ ଆଲୋଚନା କରାଯାଇ ନାହିଁ। ବୈଠକରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ମେୟର ସୁବାସ ସିଂହ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ପ୍ରକାଶ ସେଠୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ସିଏମ୍‌ସି କମିଶନର କିରଣଦୀପ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ

କଟକ,୨।୯(ଶିଳ୍ପା ପ୍ରିୟଦର୍ଶିନୀ)

- ଏସ୍‌ସିବିରୁ ଚିକିତ୍ସା ନ ପାଇ ଘରୋଇ ହସ୍ପିଟାଲ ଯାଇଥିଲେ
- ପୁରୀଘାଟ ଥାନାରେ ମାମଲା ରୁଜୁ

ଏସ୍‌ସିବି ମେଡିକାଲରେ ଗୁରୁତର ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ଶେଷରେ କଟକ ଖୋଲାସାହି ଅଞ୍ଚଳର ଏକ ଘରୋଇ ହସ୍ପିଟାଲ ଯାଇଥିବା ବେଳେ ସେଠାରେ ତାଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକ ହେଲେ ଢ଼େଙ୍କାନାଳ ଖୋଦେଇପୁର ଗ୍ରାମର ରିପୁ ରଞ୍ଜନ ଦାସ (୩୩)। ମୃତ୍ୟୁ ପରେ ସେଠାରେ ଉତ୍ତେଜନା ଦେଖାଦେବା ସହ ମୃତଦେହ ରଖି ପରିବାର ଲୋକେ ଧାରଣା ଦେଇଛନ୍ତି। ପରିବାର ଲୋକ ଉକ୍ତ ହସ୍ପିଟାଲ ବିରୋଧରେ ପୁରୀଘାଟ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ରିପୁ ଶୁକ୍ରବାର ଗଣେଶ ଭସାଣିରେ ଅଜାଣତରେ ଜୀବାଣୁମରା ଔଷଧ ପିଇ ଗୁରୁତର ହେବାରୁ ପରିବାର ଲୋକେ ପ୍ରଥମେ ଢ଼େଙ୍କାନାଳ ମେଡିକାଲ ନେଇଥିଲେ। ସେଠାରୁ ତାଙ୍କୁ ଶୁକ୍ରବାର ଏସ୍‌ସିବିର ନନ୍‌ଟ୍ରମା କାଜୁଆଲଟିରେ ପ୍ରାଥମିକ ଚିକିତ୍ସା ପରେ ଭେଷଜ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ଭେଷଜ ବିଭାଗରେ ରିପୁଙ୍କୁ ଡାକ୍ତର ଆସିଲେ ଚିକିତ୍ସା କରାଯିବ ବୋଲି କର୍ମଚାରୀମାନେ କହିଥିଲେ। ଚିକିତ୍ସା ଅପେକ୍ଷାରେ ରିପୁ ସେଠାରେ ୪ଘଣ୍ଟା ପଡି ରହିଥିଲେ। ଶେଷରେ ରିପୁଙ୍କୁ ଖୋଲାସାହିସ୍ଥିତ ଘରୋଇ ହସ୍ପିଟାଲରେ ଗତ ଶନିବାର ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଆୟୁଷ୍ମାନ୍ ସ୍ୱାସ୍ଥ୍ୟବୀମା କାର୍ଡ ଯୋଗେ ଚିକିତ୍ସା ଆରମ୍ଭ ହୋଇଥିଲା। ସୋମବାର ରିପୁଙ୍କୁ ଶୀଘ୍ର ଡିସ୍‌ଚାର୍ଜ କରାଯିବ ବୋଲି ଡାକ୍ତର କହିଥିଲେ। ହେଲେ ଅପରାହ୍ନ ୧ଟାରେ ରିପୁଙ୍କୁ ଦେଖିବାକୁ ମେଡିକାଲ କର୍ତ୍ତୃପକ୍ଷ ଛାଡି ନ ଥିଲେ। ଜୋରଜବରଦସ୍ତି ପରିବାର ଲୋକ ଯିବାରୁ ରିପୁ ଅଚେତ୍ ଅବସ୍ଥାରେ ପଡିଥିବା ଦେଖିଥିଲେ। ଡାକ୍ତରଙ୍କୁ ପଚାରିବାରୁ ରିପୁ ସୁସ୍ଥ ଅଛି ଏବଂ ଆଉ ୫ ଦିନ ହସ୍ପିଟାଲରେ ରହିବ ବୋଲି କହିଥିଲେ। ରିପୁ ଅଚେତ୍ ହୋଇ ପଡିଥିବା ଦେଖି ସନ୍ଦେହ ହେବାରୁ ପରିବାର ଲୋକ ସେଠାରେ ପାଟିତୁଣ୍ଡ କରିଥିଲେ। କିଛି ସମୟ ପରେ ହସ୍ପିଟାଲ କର୍ତ୍ତୃପକ୍ଷ ରିପୁଙ୍କୁ ମୃତ ଘୋଷଣା କରିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଏସ୍‌ସିବି ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ଧରି ପରିବାର ଲୋକେ ଉକ୍ତ ଘରୋଇ ହସ୍ପିଟାଲ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ସ୍ଥାନୀୟ ପୁରୀଘାଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଅଭିଯୋଗ ଆଧାରରେ କେସ ନଂ-୩୧୭/୨୫ରେ ମାମଲା ରୁଜୁ ହୋଇଛି।

# 'ଆଶୀର୍ବାଦ ରହିଲେ ଜୀବନରେ ଲକ୍ଷ୍ୟ ହାସଲ ସମ୍ଭବ'




ଡ୍ରିମ୍‌ସରେ ବିଦ୍ୟାର୍ଥୀ ପରିଚୟ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ଅନ୍ୟ ଅତିଥି।

କଟକ,୨।୯(କାର୍ତ୍ତିକ ସାହୁ)

**ଡ୍ରିମ୍‌ସରେ ବିଦ୍ୟାର୍ଥୀ ପରିଚୟ କାର୍ଯ୍ୟକ୍ରମ**

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଓ ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜ'ର ନବାଗତ ବିଦ୍ୟାର୍ଥୀଙ୍କ ପରିଚୟ କାର୍ଯ୍ୟକ୍ରମ ଆରମ୍ଭ-୨୦୨୫ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କଠିନ ପରିଶ୍ରମ, ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦ ରହିଲେ ଜୀବନରେ ଲକ୍ଷ୍ୟ ହାସଲ ସମ୍ଭବ ବୋଲି କହିଛନ୍ତି। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ମ୍ୟାନେଜମେଣ୍ଟ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ଜଣେ ସଫଳ ପରିଚାଳକ ଭାବରେ ନିଜକୁ ଗଢ଼ି ତୋଳିବାକୁ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱାଳ ବକ୍ତବ୍ୟ ପ୍ରଦାନ କରି ବିଦ୍ୟାର୍ଥୀମାନେ ଶୃଙ୍ଖଳା ଓ ନିଷ୍ଠାପର ସାଧନା ଦ୍ୱାରା ପିତାମାତାଙ୍କ ସ୍ୱପ୍ନ ସାକାର ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡିନ୍ ଡ. ପ୍ରଣିତା ସାହୁ ଏବଂ ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜ୍‌ର ଡିନ୍ ଡ. ବିଶ୍ୱରଂଜନ ଷଡ଼ଙ୍ଗୀ ଶିକ୍ଷାନୁଷ୍ଠାନର ଅଗ୍ରଗତି ସଂପର୍କରେ ସୂଚନା ଦେଇଥିଲେ।

## ଷଣ୍ଢ ସହ ସ୍କୁଟି ପିଟି ହୋଇ ଜଣେ ମୃତ, ୨ ଗୁରୁତର

ମଙ୍ଗୁଳି-ଜଗତପୁର,୨।୯(ମାନସ ସାମଲ)

ଜଗତପୁର ଥାନା ଅଧୀନ ଛକ ପଶ୍ଚିମକଚ୍ଛ ପଞ୍ଚାୟତ ଡିହସାହି କେନାଲ ବନ୍ଧ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଷଣ୍ଢ ସହ ସ୍କୁଟି ଧକ୍କା ଦେଇଥିଲା। ଫଳରେ ସ୍କୁଟି ଆଗ ଅଂଶ ସମ୍ପୂର୍ଣ୍ଣ ଭାଙ୍ଗି ଥିବା ବେଳେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗତପୁର ନଜରପୁରର ସନ୍ତୋଷ ଦାସ। ସୂଚନା ମୁତାବକ, ଜଗତପୁର ଥାନା ଅଧୀନ ମହାନଦୀ ପଠାରେ ଫସଲକୁ ଗୋରୁ ରକ୍ଷା କରିବା ପାଇଁ ଚାଷୀମାନେ ବାଉଁଶ ବାଡ ଦେଇଥିଲେ। ସନ୍ଧ୍ୟାରେ ଗୋରୁ ପଲ ସହିତ ଗୋଟିଏ ଷଣ୍ଢ ନଦୀ ପଠାରୁ ଉପରକୁ ଉଠୁଥିବା ବେଳେ ଷଣ୍ଢ ଶିଙ୍ଗରେ ବାଉଁଶ ବାଡ ଲାଗି ରାସ୍ତାକୁ ଚାଲି ଆସିଥିଲା। ସେହି ସମୟରେ ୩ଜଣ ଯୁବକ ସ୍କୁଟି(ନଂ.ଓଡି-୦୫ ବିୱାଇ୦୪୨୫)ରେ ଜଗତପୁର ନିମପୁରରୁ ନିଶ୍ଚିନ୍ତକୋଇଲି ଅଭିମୁଖେ ଯାଉଥିଲେ। ଡିହସାହି ଛକ ନିକଟରେ ବାଉଁଶ ବାଡ ସ୍କୁଟି ଆଗକୁ ଚାଲି ଆସିଥିଲା। ଦୁର୍ଘଟଣା ବର୍ତ୍ତିବାକୁ ଯାଇ ସ୍କୁଟି ଷଣ୍ଢ ସହ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ପଛରେ ବସିଥିବା ୨ଜଣ ଗୁରୁତର ହୋଇଥିଲେ। ଖବର ପାଇ ଜଗତପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଗୁରୁତରଙ୍କୁ କଟକ ବଡ ମେଡିକାଲ ପଠାଇଥିଲା।

## 'ବାରିଷ୍ଟର ରଣଜିତ ମହାନ୍ତିଙ୍କ କୃତି ଉଲ୍ଲେଖନୀୟ'



ବାରିଷ୍ଟର ରଞ୍ଜିତ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନଙ୍କ ସହ ଅନ୍ୟମାନେ।

କଟକ,୨।୯(କାର୍ତ୍ତିକ ସାହୁ)

ବାରିଷ୍ଟର ରଣଜିତ ମହାନ୍ତିଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀ ହାଇକୋର୍ଟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଯୋଗଦେଇ ବାରିଷ୍ଟର ରଣଜିତ ମହାନ୍ତିଙ୍କ ଜୀବନର କୃତି ଉଲ୍ଲେଖନୀୟ ବୋଲି କହିଥିଲେ। ସୁପ୍ରିମକୋର୍ଟ ବରିଷ୍ଠ ଆଇନଜୀବୀ ଅମଲ କୁମାର ଗାଙ୍ଗୁଲି ଆଇନ ବକ୍ତୃତା ପ୍ରଦାନ କରିଥିଲେ। ହାଇକୋର୍ଟ ବାର୍ ସଭାପତି ମନୋଜ କୁମାର ମିଶ୍ର ବାରିଷ୍ଟର୍ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ସ୍ମୃତି କମିଟି ଆବାହକ ସଞ୍ଜିତ ମହାନ୍ତି ସ୍ୱାଗତ ଭାଷଣ ଓ ଆଇନଜୀବୀ ଶୁଭବିକାଶ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟର ବିଭିନ୍ନ ବାରର ଆଇନଜୀବୀମାନଙ୍କୁ ପୁରସ୍କାର ସ୍ୱରୂପ ଆଇନ ପୁସ୍ତକ ପ୍ରଦାନ କରାଯାଇଥିଲା। ହାଇକୋର୍ଟ ବାର୍ ଉପସଭାପତି ସିଦ୍ଧାର୍ଥ କୁମାର ଦାସ ଧନ୍ୟବାଦ ଦେଇଥିଲେ। ସ୍ମୃତି କମିଟିର ସଂଯୋଜକ ଆଡଭୋକେଟ ସଞ୍ଜୟ କୁମାର ମହାପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ।

# ବଙ୍ଗୀୟ ପରମ୍ପରାରେ ମା'ଙ୍କ ପୂଜାର୍ଚ୍ଚନା




କଟକ,୨।୯(ଶିଳ୍ପା ପ୍ରିୟଦର୍ଶିନୀ)

**ପାରମ୍ପରିକ ବାଦ୍ୟରେ ହେବ ଭସାଣି**



"ଭସାଣି ଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ଡିଜେମୁକ୍ତ କରାଯିବ। ପୋଲିସ ପ୍ରଶାସନର ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଭାବେ ସହମତି ଜଣାଇ ଯାତ୍ରାରେ କେବଳ ପାରମ୍ପରିକ ବାଦ୍ୟ ବଜାଯାଇ ଶୃଙ୍ଖଳିତ ଢଙ୍ଗରେ ଭସାଣି କରାଯିବ।

ସପନ କୁମାର ଦାସ, ସଭାପତି

**ଏଥର ପ୍ଲାଷ୍ଟିକ୍‌ମୁକ୍ତ ପୂଜାକୁ ଗୁରୁତ୍ୱ**



"ପୂଜା କମିଟି ପକ୍ଷରୁ ମହାଷଷ୍ଠୀଠାରୁ ଦଶମୀ ଯାଏ ସମସ୍ତ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ କରାଯାଏ। ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଏ ଏବଂ ସମଗ୍ର ଅଞ୍ଚଳ ସଜାଯାଏ। ପୂଜାକୁ ସ୍ୱଚ୍ଛତା ସହ ପାଳନ କରାଯିବ। ମୁଖ୍ୟତଃ ଭାବେ ପ୍ଲାଷ୍ଟିକ୍‌ମୁକ୍ତ ପୂଜା କରାଯିବ। ମଣ୍ଡପକୁ କୌଣସି ଶ୍ରଦ୍ଧାଳୁ ପଲିଥିନ ନେଇ ଆସିଲେ ତାଙ୍କୁ ପଲିଥିନ ବଦଳରେ କାଗଜ ବ୍ୟାଗ୍ ଦିଆଯିବ।

ଅମୀୟ କୁମାର ଦାସ, ସମ୍ପାଦକ

ପାଖେଇ ଆସୁଛି ଦୁର୍ଗାପୂଜା। ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ଧରାବତରଣ କରିବେ ଜଗତ୍‌ଜନନୀ ମା'ଦୁର୍ଗା। ଏବେ ପୂଜା ମଣ୍ଡପଗୁଡିକ ଚଳଚଞ୍ଚଳ ହୋଇଉଠିଛି। ପୂଜା କମିଟି କର୍ମକର୍ତ୍ତା ମା'ଙ୍କ ଆଗମନ ନେଇ ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ଏହି ପୂଜା ଦୌଡ଼ରେ ନିଜକୁ ସାମିଲ କରିଛି କାଜିବଜାର ଆଦିପୀଠ ପୂଜା କମିଟି। ପୂଜା କମିଟି ପକ୍ଷରୁ ଚଳିତବର୍ଷ ପୂଜା ପାଇଁ ୫ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ୧୮୧୫ରୁ ଶାରଦୀୟ ଦୁର୍ଗାପୂଜା କରାଯାଇଆସୁଛି। ସହରରେ ପ୍ରଥମକରି ଦୁର୍ଗାପୂଜା ପାଳନ କରିଥିବା ତିନିରୁ ଚାରୋଟି ପୁରାତନ ପୂଜା ମଣ୍ଡପ ମଧ୍ୟରେ କାଜିବଜାର ଆଦିପୀଠ ଅନ୍ୟତମ। ବର୍ତ୍ତମାନର ଗୁଇଁ ପରିବାର ବ୍ୟବସାୟ ଉଦ୍ଦେଶ୍ୟରେ କାଜିବଜାର ଅଞ୍ଚଳରେ ଅବସ୍ଥାନ କରୁଥିଲେ। ଗୁଇଁ ପରିବାରର ଛୋଟ ଛୋଟ ପିଲାମାନେ ମା'ଦୁର୍ଗାଙ୍କୁ କୁଲାରେ ରଖି ମିଛିମିଛିକା ପୂଜା କରୁଥିଲେ। ପରେ ଗୁଇଁ ପରିବାରର ମୁଖିଆ ତାରଚାନ୍ଦ ଗୁଇଁ ଦାସଙ୍କୁ ମା' ସ୍ୱପ୍ନରେ ଦେଖା ଦେଇ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିବାକୁ ଆଦେଶ ଦେଇଥିଲେ। ପ୍ରଥମେ ଗୁଇଁ ଦାସ ନିଜେ ଏକ ଚାଳଛପର ଘରେ ମା'ଙ୍କ ପୂଜା ଆରମ୍ଭ କରିଥିଲେ। ପରେ ତାଙ୍କ ବଂଶଧାରୀମାନେ କୋଠାଘରେ ସ୍ୱତନ୍ତ୍ର ପୂଜା ମଣ୍ଡପ ନିର୍ମାଣ କରି ପୂଜା କରୁଛନ୍ତି। ୭ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି କୁମ୍ଭାରସାହି ଅଞ୍ଚଳର ପ୍ରଶାନ୍ତ ବେହେରା ନିର୍ମାଣ କରୁଛନ୍ତି। ୧୨ ଫୁଟ୍ ଉଚ୍ଚତା ବିଶିଷ୍ଟ ଜରି ମେଢ଼ ନିର୍ମାଣ କରାଯାଇଛି। ୨୦ କେଜି ଓଜନର ମା'ଙ୍କ ଚାନ୍ଦି ମୁକୁଟ ଓ ହାର କମିଟି ପକ୍ଷରୁ କରାଯାଇଛି। ଏହାସହ ୫ଭରି ଓଜନର ସୁନାର ଅଳଙ୍କାର କରାଯାଇଛି। ବଙ୍ଗୀୟ ପରମ୍ପରାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଏ। ମହାଷଷ୍ଠୀରେ ରୀତିନୀତି ଅନୁଯାୟୀ ବିଲ୍ୱବରଣ କରାଯିବ। ପରେ ମହାସପ୍ତମୀରେ ମା'ଙ୍କ ଚକ୍ଷୁଦାନ ଦିଆଯିବ। ମହାଷ୍ଟମୀରେ ମା'ଙ୍କ ନିକଟରେ ବ୍ରତ କରାଯିବା ସହ ସନ୍ଧି ପୂଜା କରାଯିବ।

**କାଜିବଜାର ଆଦିପୀଠ ପୂଜା କମିଟି**

# କଟକ ଦହିବରାକୁ ବିଶ୍ୱରେ ପରିଚିତ କରିଥିଲେ ରଘୁନାଥ

କଟକ,୨।୯(କାର୍ତ୍ତିକ ସାହୁ)

୧୫ବର୍ଷ ବୟସରୁ ସାଇକେଲରେ କଟକ ସହର ବୁଲି ଦହିବରାକୁ ଦେଇଥିଲେ ଏକ ସ୍ୱତନ୍ତ୍ର ପରିଚୟ। ରଘୁ ଦହିବରା ନାଁରେ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ ବିଡ଼ାନାସୀ ଅଞ୍ଚଳର ରଘୁନାଥ ସାସମଲ। କଟକ ଦହିବରାକୁ ଜିଆଇଟ୍ୟାଗ ମାନ୍ୟତା ମିଳିବା ପାଇଁ ସେ ସ୍ୱପ୍ନ ଦେଖୁଥିଲେ। କଟକ ଦହିବରା ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଟାଉନ ହଲଠାରେ ସ୍ୱର୍ଗତ ରଘୁନାଥ ସାସମଲଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ମୃତିସଭାରେ ବକ୍ତାମାନେ ସ୍ମୃତିଚାରଣ କରି କହିଛନ୍ତି। ମେୟର ସୁବାସ ଚନ୍ଦ୍ର ସିଂ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଡ଼ାନାସୀ ପୂଜା କମିଟି ସଭାପତି ସନ୍ତୋଷ ଲେଙ୍କା, ଶେଖବଜାର ପୂଜା କମିଟିର ସମ୍ପାଦକ କିଶୋର ବେହେରା ଓ ସାମ୍ବାଦିକ ପ୍ରଭାତ କୁମାର ବିଶୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଂଘର ସଭାପତି ପ୍ରଦୀପ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ବିଜନ କୁମାର ଦାସ, ଉପସଭାପତି ପ୍ରତାପ କୁମାର ବାରିକ, ସାଧାରଣ ସମ୍ପାଦକ କେଦାରନାଥ ସାସମଲ, ଯୁଗ୍ମ ସମ୍ପାଦକ ହେମନ୍ତ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ସହଯୋଗ କରିଥିଲେ। ସୁକାନ୍ତ ମହାନ୍ତି ଅତିଥି ମାନଙ୍କ ପରିଚୟ ଓ ଭାଗିରଥ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ପାର୍ବଣ ପୂର୍ବରୁ ପରିମଳ ସୁଧାରିବା ଉପରେ ଗୁରୁତ୍ୱ

ଚୌଦ୍ୱାର,୨।୯(ଆଶୁତୋଷ ଦାସ)



ଚୌଦ୍ୱାର ପୌର ପରିଷଦ ବୈଠକରେ ଉପସ୍ଥିତ ପୌରାଧ୍ୟକ୍ଷାଙ୍କ ସହ ଅନ୍ୟମାନେ।

**ଚୌଦ୍ୱାର ପୌର ପରିଷଦ ବୈଠକ**

ଚୌଦ୍ୱାର ପୌର ପରିଷଦର ଏକ ସ୍ୱତନ୍ତ୍ର ଅଧିବେଶନ ମଙ୍ଗଳବାର ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଚୌଦ୍ୱାର ପ୍ରସିଦ୍ଧ ରୁପଯାତ୍ରା ଓ କୁମାରପୂର୍ଣ୍ଣିମା ମହୋତ୍ସବ ପାଳନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ରୁପଯାତ୍ରାକୁ ସମସ୍ତ ଦିଗରେ ସରସ ସୁନ୍ଦର କରିବା ପାଇଁ ପାରିଷଦମାନଙ୍କ ବିଭିନ୍ନ ପ୍ରସ୍ତାବ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଏଥି ସହିତ ପାର୍ବଣ ପୂର୍ବରୁ ପୌରପାଳିକାର ସମସ୍ତ ୱାର୍ଡ଼ରେ ପରିମଳ ବ୍ୟବସ୍ଥା ସୁଧାରିବା ଦିଗରେ ବିଶେଷ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରୁପଯାତ୍ରା ପରିଚାଳନା କମିଟି ପକ୍ଷରୁ ଆସିଥିବା ପ୍ରସ୍ତାବକୁ ଗୁରୁତ୍ୱ ଦେଇ ରାସ୍ତାଘାଟ ମରାମତି, ଆଲୋକ ବ୍ୟବସ୍ଥା ଓ ବିସର୍ଜନ ପାଇଁ ଅସ୍ଥାୟୀ ପୋଖରୀ ସଂପ୍ରସାରଣ ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ପୌର ଯନ୍ତ୍ରୀମାନଙ୍କୁ ପୌରାଧ୍ୟକ୍ଷା ଦାୟିତ୍ୱ ନ୍ୟସ୍ତ କରିଥିଲେ। ସେହିପରି ପୌରପାଳିକାର ବିଭିନ୍ନ ୱାର୍ଡରୁ ରୁପଯାତ୍ରାକୁ ଆସୁଥିବା ମେଢଗୁଡିକ କିଭଳି ସୁଚାରୁରୂପେ ଯାତ୍ରା ପଡିଆକୁ ଆସିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ରୁପଯାତ୍ରା ପଡିଆରେ ସ୍ୱଚ୍ଛତା, ପାନୀୟ ଜଳ ଓ ପର୍ଯ୍ୟାପ୍ତ ଟଏଲେଟ ବ୍ୟବସ୍ଥା ପାଇଁ ପୌରପାଳିକା ସାନିଟେଶନ ବିଭାଗକୁ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସମସ୍ତ ପାରିଷଦ, ବିଧାୟକଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ପୌର ଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସଞ୍ଜୟ ସାମଲ, ଶୁଭଶ୍ରୀ ସନ୍ଦିପ୍ତା ନାୟକ, ପୂର୍ଣ୍ଣଚନ୍ଦ୍ର ପାଣି, ପିୟୁଷ କୁମାର ସାହୁ, ବିମଳ କୁମାର ମହାନ୍ତିଙ୍କ ସମେତ ପୌର କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୋକାନରୁ ଟଙ୍କା, ସୁନାମୁଦି ଚୋରି

**ବୋଲଗଡ,୨।୯(ଦେବବ୍ରତ ହୋତା):** ବୋଲଗଡ ବ୍ଲକ ତଥା ବେଗୁନିଆ ଥାନା ଅଧୀନ ପିଚୁକୁଳି ବଜାରରେ ଥିବା ଏକ ମିଠା ଦୋକାନରୁ ଟଙ୍କା, ସୁନା ମୁଦି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅସରଳା ଗ୍ରାମର ସରୋଜ କୁମାର ପଣ୍ଡା ମଙ୍ଗଳବାର କରିଥିବା ଅଭିଯୋଗ ଅନୁଯାୟୀ, ପିଚୁକୁଳି ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ତାଙ୍କ ପଣ୍ଡା ସୁଇଟ୍ସ ଦୋକାନ ରହିଛି। ବେପାର ପରେ ସୋମବାର ରାତି ୧୦ଟାରେ ବନ୍ଦକରି ଘରକୁ ଫେରିଥିଲେ। ମଙ୍ଗଳବାର ଦୋକାନ ଖୋଲିବାରୁ ୧୪ହଜାର ଟଙ୍କା, ଗୋଟିଏ ସୁନା ମୁଦି ଚୋରି ହୋଇଥିବା ଦେଖିଥିଲେ। ଦୋକାନରେ ଲାଗିଥିବା ଏକ୍ଜିଟ ଫ୍ୟାନଟି କଟାଯାଇଥିବା ବେଳେ ସେହି ଫାଙ୍କରେ ଚୋର ପଶିଥିବା ଅନୁମାନ କରାଯାଉଛି। ଖବର ଲେଖା ହେବା ସୁଦ୍ଧା ପ୍ରାଥମିକ ତଦନ୍ତ ପାଇଁ ପୋଲିସ ପହଞ୍ଚି ନ ଥିବା ଜଣାପଡ଼ିଛି।

### ରୋଟାରି କ୍ଲବ ପକ୍ଷରୁ ସହାୟତା

**କଳାପଥର,୨।୯(ଗଙ୍ଗାଧର ସାହୁ):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଶଙ୍କରପୁର ଗ୍ରାମସ୍ଥିତ ଭିବାନ କଲ୍ୟାଣ ମଣ୍ଡପଠାରେ ରୋଟାରି କ୍ଲବ ଅନୁକୂଲ୍ୟରେ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରୋଟାରିଆନ ଡା.ପ୍ରଫୁଲ୍ଲ କୁମାର ସାହୁ, ମୁଖ୍ୟ ବକ୍ତା ରୋଟାରିଆନ ସୁରେନ୍ଦ୍ର କୁମାର ପଣ୍ଡା ଏବଂ ସମ୍ମାନିତ ଅତିଥିଭାବେ ରୋଟାରିଆନ ଶିବପ୍ରସାଦ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ବନମାଳି ସାହୁ, ବାସୁଦେବ ଦାସ, ସୁଦର୍ଶନ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଉପସ୍ଥିତ ବୃଦ୍ଧାବୃଦ୍ଧଙ୍କୁ ମାଗଣାରେ କମ୍ବଳ, ମଶାରି ବଣ୍ଟନ କରାଯାଇଥିଲା। ଏଥିସହ ଶଙ୍କରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ଏକ ଟିଭି, ଆରିକମା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଏକ ଆକ୍ୱାଗାଡ୍ ପ୍ରଦାନ କରାଯାଇଛି। ମା' ମାଟି, ମାତୃଭାଷାକୁ ଭଲପାଇବା ଓ ଗଛଟିଏ ଜୀବନ ଟିଏ ବୋଲି ମୁଖ୍ୟ ଅତିଥି କହିଥିଲେ। ରୋଟାରିଆନ ଶିବପ୍ରସାଦ ପଟ୍ଟନାୟକ, ସୁରେନ୍ଦ୍ର କୁମାର ପଣ୍ଡା, ଡା. ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପ୍ରସାଦ ବଣ୍ଟନ କରିଥିଲେ। ଡା. ସୁଦର୍ଶନ ବେହେରା ଧନ୍ୟବାଦ ଦେଇଥିଲେ।

# ୩ ଡିଲର ନିଲମ୍ବିତ, ୫୬ଜଣଙ୍କୁ କାରଣ ଦର୍ଶାଅ ନୋଟିସ



ସମୀକ୍ଷା ବୈଠକରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଏବଂ ଅନ୍ୟମାନେ।

- ଜିଲାରେ ଆବଶ୍ୟକଠାରୁ ଅଧିକ ସାର ମହଜୁଦ
- ଚଢ଼ାଦରରେ ସାର ବିକିଲେ କାର୍ଯ୍ୟାନୁଷ୍ଠାନ

**ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟରେ ସାର ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା, କଳାବଜାର ଏବଂ ବଜାରରେ ୟୁରିଆ ମିଳୁ ନ ଥିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏନେଇ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ପରେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଖୋର୍ଦ୍ଧା ଗସ୍ତରେ ଆସି ଜିଲାର ସାର ସ୍ଥିତି ସମୀକ୍ଷା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସମେତ ପ୍ୟାକ୍ସ ଓ ଲାମ୍ପସର କେତେଜଣ ସଭାପତି, ସମ୍ପାଦକଙ୍କ ସହ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଲୋଚନା କରିଛନ୍ତି।

ଚଳିତ ବର୍ଷ ଖରିଫ ଚାଷ ପାଇଁ ୭ହଜାର ମେଟ୍ରିକ ଟନ ୟୁରିଆ ସାର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୯ହଜାର ୩୦୩ ମେଟ୍ରିକ ଟନ ସାର ମହଜୁଦ ରହିଛି। ଡିଏପି ସାର ୨ହଜାର ମେଟ୍ରିକ ଟନ ଆବଶ୍ୟକ ଥିବା ବେଳେ ୩ହଜାର ୬ଶହ ମେଟ୍ରିକ ଟନ ଆସିଛି। ଏମ୍‌ପିକେ ସାର ୩ ହଜାର ୨ଶହ ମେଟ୍ରିକ ଟନ ଆବଶ୍ୟକ ଥିବା ବେଳେ ୫ହଜାର ୫୪୬ ମେଟ୍ରିକ ଟନ ସାର ଆସିଛି। ଏମ୍‌ଓପି ସାର ୨ହଜାର ୯୬ ମେଟ୍ରିକ ଟନ ସାର ଆସିଛି। ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାରର ଆବଶ୍ୟକତା ଅନୁସାରେ ଆମଦାନୀ କରାଯାଇ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଭାଜପା କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ସିଡିଏଓ ସେନାପତିଙ୍କ ସହ ଆଲୋଚନା ବେଳେ ପରାମର୍ଶ ଦେଇଛନ୍ତି। ଖୋର୍ଦ୍ଧା ଜିଲାରେ ୩୮ ହୋଲସେଲରଙ୍କ ମାଧ୍ୟମରେ ୧୯୮ଜଣ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲର ଏବଂ ୧୧୨ଟି ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ବଣ୍ଟନ ପାଇଁ ଜିଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ସାର ବଣ୍ଟନରେ ଯେଉଁମାନେ ବାଧା କିମ୍ବା ବିଶୃଙ୍ଖଳା ସୃଷ୍ଟି କରିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ସାହୁ ଚେତାବନୀ ଦେଇଛନ୍ତି। ସାର କଳାବଜାରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଖୋର୍ଦ୍ଧା ଜିଲାରେ ଆବଶ୍ୟକତାଠାରୁ ପର୍ଯ୍ୟାପ୍ତ ମାତ୍ରାରେ ସାର ଉପଲବ୍ଧ ରହିଥିବା ବେଳେ କେଜେଜଣ ଅସାଧୁ ଡିଲର ସରକାରଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ଚଢା ଦରରେ ସାର ବିକ୍ରି କରୁଥିବା ଅଭିଯୋଗ ଆସିଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଖୋର୍ଦ୍ଧା ଜିଲାରେ ସାର ବଣ୍ଟନରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରୁଥିବା ୩ଜଣ ଡିଲରଙ୍କୁ ନିଲମ୍ବିତ କରାଯାଇଛି। ୫୬ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ରାଜ୍ୟ ସଭାପତି ସାହୁ କହିଛନ୍ତି। ସେ ଆହୁରି କହିଥିଲେ ଯେ, ପୂର୍ବ ସରକାର ଚାଷୀଙ୍କୁ ଶହେ ଟଙ୍କା ବୋନସ ଦେଇପାରୁନଥିବା ବେଳେ ଭାଜପା ସରକାର ୩୧ଶହ ଟଙ୍କା ଇନପୁଟ ସହାୟତା ପ୍ରଦାନ କରିଛନ୍ତି।

ପୂର୍ବ ସରକାର ରାଜ୍ୟର ୩୫ ପ୍ରତିଶତ ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରିପାରିନଥିବା ବେଳେ ବର୍ତ୍ତମାନର ସରକାର ୧୫ଲକ୍ଷ ହେକ୍ଟର ଚାଷଜମିକୁ ପାଣି ମଡାଇବା ବ୍ୟବସ୍ଥା କରିଛନ୍ତି। ୪୧୯୩ ମଣ୍ଡି ମଧ୍ୟରୁ ୧୨୮୭ ମଣ୍ଡିର ନିଜସ୍ୱ ଗୃହ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ୫୮ ଶୀତଳଭଣ୍ଡାର ନିର୍ମାଣ କରାଯିବ। ସରକାର ଚାଷୀଙ୍କ ଆର୍ଥିକ ବିକାଶ ପାଇଁ ବହୁବିଧ ଯୋଜନା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ(ସିଡିଏଓ) ରବି ନାରାୟଣ ସେନାପତି, ସମବାୟ ସମୂହ ସହ ଉପନିବନ୍ଧକ ଭାଗବତ ମାରାଣ୍ଡି,ଏଡିଓ(ଖୋର୍ଦ୍ଧା) ସୁବ୍ରତ କୁମାର ରଥ, ଏଡିଓ(ଭୁବନେଶ୍ୱର) ମନୋରଞ୍ଜନ ରାଉଳ, ଏଡିଓ(ଟାଙ୍ଗୀ) ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ରାଜ୍ୟ ସଂଯୋଜକ ଗୋବିନ୍ଦ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମିଶ୍ର, ପୂର୍ବତନ ଜିଲା ସଭାପତି କେଲୁଚରଣ ଜଗଦ୍ଦେବ, ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମେଲାଣି ନେଲେ ପ୍ରଭୁ ଗଜାନନ



ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

**ବୋଲଗଡ଼,୨।୯(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ବଜାର କମିଟି, ଯୁବକ ସଂଘ, ସାହିବସ୍ତି ପକ୍ଷରୁ ପ୍ରଭୁ ଗଜାନନଙ୍କ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼, ରାଜସୁନାଖଳା ବଣିକ ସଂଘ ପକ୍ଷରୁ ସାମୂହିକ ଭସାଣିରେ ଅନେକ ପୂଜା ମଣ୍ଡପର ମେଢ଼ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବୋଲଗଡ଼ ବଣିକ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ସାମୂହିକ ଭସାଣିରେ ସମସ୍ତ ବଜାରର ମେଢ଼ ସ୍ଥାନୀୟ ନନ୍ଦିଘୋଷ ଭବନ ସମ୍ମୁଖରେ ଏକତ୍ରିତ ହୋଇ ଧର୍ମଗୁଳା ପରେ କ୍ରମାନ୍ୱୟରେ ଶୋଭାଯାତ୍ରାରେ ଯାଇଥିଲେ। ପୂର୍ବରୁ ମହାସଂଘ ସଭାପତି ପାଣ୍ଡବ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଅଗ୍ନିଶମ ଅଧିକାରୀ ବିବେକାନନ୍ଦ ଦାସ, ସଂଘ ଉପଦେଷ୍ଟା ଲଲାଟେନ୍ଦୁ କେଶରୀ ସିଂହ, ଦୁର୍ଗା ଦଳବେହେରା, ସନାତନ ସାହୁ, ବସନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜସୁନାଖଳାର ଡିଆଇଇଟି ପଡ଼ିଆରେ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନଙ୍କ ଆବାହକତ୍ୱ ଓ ସମିତିସଭ୍ୟ ତପନ ପ୍ରଧାନ, ଫାଣ୍ଡି ଅଧିକାରୀ ପ୍ରୀତିପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନେକ ଗଣେଶ ମେଢ଼ ଏକାଠି ହେବା ପରେ ଭସାଣି ହୋଇଥିଲା। ସେହିପରି ରାସୋଳ ଗ୍ରାମରେ ଗ୍ରାମ ସଭାପତି ପ୍ରଦୀପ ପାଲ୍‌ଟାସିଂହଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ସମିତିସଭ୍ୟ ଦିଲୀପ ମହାପାତ୍ର, ଖବରଦାତା ସତ୍ୟନାରାୟଣ ବାରିକ ଓ ଅନ୍ୟମାନେ ଉପସ୍ଥିତ ରହି ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁରୂପଭାବେ ବଡ଼କୁମାରୀ ପଞ୍ଚାୟତ ଡିହଖଉରୁଣି ଗ୍ରାମରେ ଅନୁଷ୍ଠିତ ମେଲୋଡି କାର୍ଯ୍ୟକ୍ରମ ପୂର୍ବରୁ ଆୟୋଜିତ ସଭାରେ ବଜରଙ୍ଗୀ କ୍ଲବ ଓ ଗ୍ରାମବାସୀଙ୍କ ପକ୍ଷରୁ ସାମାଜିକ କର୍ମୀ ବାସୁଦେବ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିଚୁକୁଳି, ସାନପଦର, ବାଙ୍କୋଇ, ମାଣିକାଗୋଡ଼ା, ଭୀମପଡ଼ା, କଲାଙ୍ଗ ସମେତ ଅନ୍ୟାନ୍ୟ ସ୍ଥାନରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ଚିଲିକା ରିଂବନ୍ଧରେ ୨ହଜାର ତାଳମଞ୍ଜି ରୋପଣ

**କୃଷ୍ଣପ୍ରସାଦ,୨।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ୍ ପାରିକୁଦ ସଂଗଠନ ପକ୍ଷରୁ ଆବାହକ ପରିବେଶବିତ୍ ହିମାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ରବିବାର ଚିଲିକା ରିଂବନ୍ଧରେ ତାଳମଞ୍ଜି ରୋପଣ କରାଯାଇଛି। ଦ୍ୱୀପାଞ୍ଚଳ କୃଷ୍ଣପ୍ରସାଦ ବ୍ଲକକୁ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବାକୁ ହେଲେ ଚିଲିକା ରିଂବନ୍ଧର ସୁରକ୍ଷା ନିତାନ୍ତ ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଗ୍ରୀନ୍ ପାରିକୁଦ ସଂଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ କୃଷ୍ଣପ୍ରସାଦଗଡ଼ ମାମୁ ସାଆନ୍ତ ଖାରଠାରୁ ବନମାଳ ଚିଲିକା ରିଂବନ୍ଧ ଉଭୟ ପାର୍ଶ୍ୱରେ ୨ହଜାର ତାଳମଞ୍ଜି ଲଗାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ମିଟୁ ସିଂହସାମନ୍ତ, ପୂର୍ବତନ ସରପଞ୍ଚ କୁମାର ସିଂହ, ସମାଜସେବୀ ବିଷ୍ଣୁଚରଣ ବେହେରା, ସଂଗଠନ ସଦସ୍ୟା ମୀନାରାଣୀ ସାହୁ, ପ୍ରଭାତୀ ପାହାଣ, ନକୁଳ ସୁନ୍ଦରା, ଭାସ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଗ୍ରୀନ୍ ପାରିକୁଦ ସଂଗଠନ ପକ୍ଷରୁ ୧୦ ହଜାର ତାଳମଞ୍ଜି ପକାଇବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ କୃଷ୍ଣପ୍ରସାଦ ପଞ୍ଚାୟତ ଅଧୀନ ରିଂବନ୍ଧରେ ଏହି କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ଆବାହକ ନାୟକ ସୂଚନା ଦେଇଛନ୍ତି।

# ଜଙ୍କିଆ ପଲ୍ଲୀ ଉତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ନିରାକାରପୁର,୨।୯(ମାନସ ଚନ୍ଦ୍ର ପଟ୍ଟନାୟକ)**

ସଂସ୍କୃତି ଓ ପରମ୍ପରା ବଞ୍ଚାଇବା ସହ ଭାଇଚାରା ସୃଷ୍ଟି କରିବା ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ରହୁ। ବିଭିନ୍ନ ଲୋକକଳା ସହିତ ପୂର୍ବ ପୁରୁଷ ସୁରିମାନଙ୍କୁ ମନେପକାଇବାକୁ ଏହା ଗୋଟିଏ ପ୍ରକୃଷ୍ଟ ପରିବେଶ ବୋଲି ଜଙ୍କିଆ ବାସନ୍ତୀ କ୍ଲବ ପଡ଼ିଆରେ ଅନୁଷ୍ଠିତ ଜଙ୍କିଆ ପଲ୍ଲୀ ଉତ୍ସବରେ ଯୋଗଦେଇ ଅତିଥିମାନେ କହିଛନ୍ତି। କମିଟି ସଭାପତି କୃଷ୍ଣ ଚନ୍ଦ୍ର ନରେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ବକ୍ତା ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଅତିଥି ଭାବେ ପୂର୍ବତନ ବିଧାୟକ ଦିଲୀପ କୁମାର ଶ୍ରୀଚନ୍ଦନ ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ଯୋଗଦେଇ ଖୋର୍ଦ୍ଧାର ଇତିହାସ ଉପରେ ବର୍ଣ୍ଣନା କରିବା ସହ ଏଭଳି କାର୍ଯ୍ୟକ୍ରମ ଭାଇଚାରା ଭାବ ସୃଷ୍ଟି କରିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଙ୍କିଆ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତି ସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ପରିଚାଳନା କରିଥିବା ବେଳେ ଉପସ୍ଥାପନା କମଳେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କରିଥିଲେ। କଟକ ଜିଲାର ବାଙ୍କୀ ସିଂଘମ ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ନୃତ୍ୟରେ ଦର୍ଶକ ଝୁମିଥିଲେ। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ଦ୍ୱାରିକା ଡ୍ୟାନ୍ସ ଗ୍ରୁପ ବାଜପୁର, ଭୁବନେଶ୍ୱର ପ୍ରଜ୍ଞା ନୃତ୍ୟାୟନ ଓ ଲୋକାଲ ଡ୍ୟାନ୍ସ ଗ୍ରୁପ କଳାକାରମାନେ ନୃତ୍ୟକଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓମ୍ ଶ୍ରୀ ଗ୍ରୁପ ସଦସ୍ୟ କେଦାର ବଳବନ୍ତରାୟ, ରାଜ କିଶୋର ବେହେରା, ଇନ୍ଦ୍ରଜିତ ଦାସ, ବଷ୍ଟି ଜେନା, ଅନିରୁଦ୍ଧ ବେହେରା, ସଂଗ୍ରାମ ପଟ୍ଟନାୟକ, ରାକେଶ ଜେନା, ଗୌତମ ବଳିୟାରସିଂହ, ମହେଶ୍ୱର ବେହେରା, କୁଳଦୀପ ପଟ୍ଟନାୟକ, ପିଣ୍ଟୁ ପାତାଳସିଂହ, ତାପସ କୁମାର ବଳିୟାରସିଂହ ପ୍ରମୁଖ ସହଯୋଗ କରିଥିଲେ।

# ଗାଁରେ ଜମିରହିଛି ବର୍ଷାଜଳ, ଯାତାୟାତରେ ହଇରାଣ



**ବାଘମାରୀ,୨।୯(ମିହିର ରଞ୍ଜନ ମହାପାତ୍ର)**

ସିମୋର ପଞ୍ଚାୟତ ଅନ୍ତର୍ଗତ ଗଂପୁର ଗ୍ରାମରେ ବର୍ଷାଜଳ ଜମି ରହି ସୃଷ୍ଟି ହୋଇଛି କୃତ୍ରିମ ପୋଖରୀ। ସିମୋର ଠାରୁ ବାଙ୍କୀ ଯାଇଥିବା ପୂର୍ତ୍ତ ବିଭାଗର ଏହି ରାସ୍ତା ଗଂପୁର ଗାଁ ମୁଣ୍ଡ ଦେଇଯାଇଛି। ରାସ୍ତାଟି ଗାଁଠାରୁ ଉଚ୍ଚତାରେ ରହିଛି। ତେଣୁ ବର୍ଷାପାଣି ଗାଁ ଭିତରକୁ ପ୍ରବେଶ କରୁଛି। ପାଣି ନିଷ୍କାସନ ପାଇଁ କୌଣସି ଡ୍ରେନେଜ ବ୍ୟବସ୍ଥା ନାହିଁ। ଗାଁ ମୁଣ୍ଡରେ ସବୁବେଳେ ପାଣି ଜମିରହୁଛି। ସେଇ ରାସ୍ତା ଦେଇ ଗ୍ରାମବାସୀ ଯାତାୟାତ କରିଥାନ୍ତି। ବିଶେଷକରି ଛାତ୍ରୀଛାତ୍ରମାନେ ସ୍କୁଲ ଓ କଲେଜ ଯିବା ପାଇଁ ହଇରାଣ ହୋଇଥାନ୍ତି। ତେଣୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


No. C-990

**HOUSING AND URBAN DEVELOPMENT DEPARTMENT**
**OFFICE OF THE BARGARH MUNICIPAL COUNCIL, BARGARH**
At/P.O./Dist.: Bargarh, PIN - 768028

No. 3695 Date: 01.09.25

**Invitation for Bids**
**BID IDENTIFICATION No. 01/BGH-MUN/2025-26**

| | | |
|---|---|---|
| 1 | Nature of Work | Civil |
| 2 | No. of Work | 03 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | C & D |
| 6 | Availability of Bids documents in website | From 11.00 Hrs. Dt.02.09.2025 to 17.00 Hrs. Dt.09.09.2025 |
| 7 | Date of Opening of Bid | Dt.10.09.2025 11.00 Hrs. |

The bidders have to participate in ONLINE bidding only. Further details can be seen from the website i.e. **http://tenderodisha.gov.in** any addendum/corrigendum/cancellation of tender can also be seen only in the said website.

Sd./- Executive Officer, Bargarh Municipality
OIPR-13103/11/0019/2526

**ଓଡ଼ିଆ ଭାଷା ପ୍ରତିଷ୍ଠାନ**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
No. RR-11
**ବିଜ୍ଞାପନ**

ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ସମ୍ପାଦନା, ବନାନଶୁଦ୍ଧି ତଥା ପ୍ରୁଫ୍ ସଂଶୋଧନ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ୨ଦିନ ଧରି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନ ସର୍ତ୍ତରେ ତା.୨୩.୦୯.୨୦୨୫ରିଖ ସୁଦ୍ଧା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନପାଇଁ ପ୍ରତିଷ୍ଠାନର ୱେବସାଇଟରେ ଉପଲବ୍ଧ ଦରଖାସ୍ତର ନମୁନା ଫର୍ମ ଓ ସର୍ତ୍ତାବଳୀ ଅନୁଯାୟୀ ସ୍ପିଡ୍-ପୋଷ୍ଟ କିମ୍ବା ଇ-ମେଲ ମାଧ୍ୟମରେ ଆବେଦନ କରିପାରିବେ।

୧. ପ୍ରଶିକ୍ଷଣ ଶିବିର କେବଳ ତାଲିମ୍ ପାଇଁ ଉଦ୍ଦିଷ୍ଟ। ଏହା ପ୍ରତିଷ୍ଠାନର ନିଯୁକ୍ତି ପାଇଁ ନୁହେଁ।
୨. ଏଥିପାଇଁ ଯାତାୟାତ ଖର୍ଚ୍ଚ ଏବଂ ବୈଠକୀ ବାବଦରେ ପ୍ରତିଷ୍ଠାନଦ୍ୱାରା ଧାର୍ଯ୍ୟ କରାଯାଇଥିବା ପାରିଶ୍ରମିକ ପ୍ରଦାନ କରାଯିବ।
୩. ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଦୁଇଦିନ ତାଲିମ୍ ସମ୍ପୂର୍ଣ୍ଣ କରିବା ପରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।
୪. ପ୍ରଶିକ୍ଷାର୍ଥୀମାନେ ଅନ୍ୟୂନ ସ୍ନାତକ ଡିଗ୍ରୀଧାରୀ ହୋଇଥିବେ। ତାଙ୍କର ବୟସ ୨୧-୬୫ବର୍ଷ ମଧ୍ୟରେ ହେବା ଆବଶ୍ୟକ।
୫. ଯଦି କୌଣସି ପ୍ରଶିକ୍ଷାର୍ଥୀ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥାଆନ୍ତି, ତେବେ ସେମାନେ ଆବେଦନ କରିପାରିବେନାହିଁ।

ଦରଖାସ୍ତ ପଠାଇବା ଠିକଣା
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ,
ଖାରବେଳ ଭବନ, ୟୁନିଟ୍-୦୫, ଭୁବନେଶ୍ୱର-୦୧
ଫୋନ ନଂ-୦୬୭୪-୨୩୯୧୦୨୧
E-mail:odiabhasapratisthan@yahoo.co.in
Website:www.odiabhasapratisthana.in

ସ୍ୱା-
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ଭୁବନେଶ୍ୱର

OIPR-03026/11/0004/2526

**ODISHA PUBLIC SERVICE COMMISSION, CUTTACK**
**NOTICE**
No.6238/PSC Dt.02.09.2025
(2PG-02-25/26, DR-I)
**Partial Preponement of Document Verification & Personality Test of OCSE-2023**
**(Advt. No. 20 of 2023-24)**

No. D-195: In partial modification to this Office Notice No. 6114/PSC, Dt.25.08.2025, it is for information of concerned candidates that, consequent upon declaration of 2nd Saturday (i.e. 13.09.2025) as official working day, the Document Verification & Personality Test for OCSE-2023 in respect of 44 candidates (Forenoon Session) & 28 candidates (Afternoon Session) to be held on 14.09.2025 (Sunday) only is hereby preponed to **13.09.2025 (Saturday)** as follows:

| Sl. No. | Roll No. of Candidates | Date of Document Verification & Personality Test | Session of Document Verification & Personality Test |
|---|---|---|---|
| 1 | 2 | 3 | 4 |
| 8. | 331229, 331255, 331300, 331407, 331419, 331436, 331475, 331533, 331535, 331652, 331780, 331818, 331899, 331964, 331999, 332003, 332004, 332023, 332079, 332204, 332226, 332233, 332269, 332317, 332429, 332511, 332524, 332557, 332756, 332798, 332816, 332828, 332844, 332855, 332876, 332884, 332896, 332926, 332973, 333168, 333238, 333284, 333339, 333422 **= 44 Candidates** | 13.09.2025 (Saturday) | Forenoon Session |
| | 333578, 333620, 333673, 333764, 333774, 333785, 333876, 333906, 333983, 333985, 334081, 334092, 334311, 334433, 334445, 334488, 334545, 334567, 334646, 334652, 334689, 334701, 334707, 334715, 334718, 334737, 334791, 334822 = **28 Candidates** | | Afternoon Session |

Besides this, there will be no change in the schedule of Document verification & personality test of other candidates.

OIPR-12002/11/0312/2526 Sd./- Secretary

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**DISTRICT PROJECT OFFICE**
**SAMAGRA SHIKSHA, MALKANGIRI**
E-mail: dpcmalkanssa.opepa@nic.in/ssamalkangiri@gmail.com
Letter No. 3425/25 Dated: 01.09.2025

**TENDER CALL NOTICE**

No. n-141: Sealed tenders are invited from interested reputed Travel Agencies/ Tour Operators of private individuals for providing 02 (Two) Numbers vehicle i.e. 01 SCORPIO N Z8 and 01 BOLERO NEO N10 AC Diesel driven vehicle having sitting capacity not more than Eight or new/latest model vehicle including driver as per Finance Deptt. O.M. No. 15836/F dated 27.05.2025 which shall confirm to the terms and conditions (Annexure-I, II & III) for official use of Collector-cum-Chairman, Samagra Shiksha, Malkangiri (SCORPIO - N Z8) and another for DPC, SS, Malkangiri (BOLERO NEO N10) on monthly hire basis. The tender should be super scribed "Tender for providing vehicle on hire basis" on the cover and sealed tender should reach to the undersigned on or before 11.09.2025 by 5.30 P.M. by Speed Post/Registered Post only and shall be opened on 12.09.2025 at 4.00 P.M. in the presence of the bidder or their authorized representative at Collectorate, Malkangiri. The tender received after the scheduled date and time shall not be accepted.
The application form of Tender containing General Bid Information & Terms and Conditions for hiring of vehicle will be available at Malkangiri district website **http://malkangiri.odisha.gov.in** from Dt.02.09.2025 to 11.09.2025 which can be downloaded.
The undersigned reserve the right to reject all or any of the tender without assigning any reason thereof.

By the Orders of Collector-cum-Chairman
Sd./- District Education Officer-cum-DPC
Samagra Shiksha, Malkangiri
OIPR-27141/11/0017/2526

** କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲି:., କେନ୍ଦୁଝର**
**KEONJHAR CENTRAL COOPERATIVE BANK LTD., KEONJHAR - 758001**
H.O.: Keonjhargarh, Dist.: Keonjhar - 758001 (Odisha)
(A Regulated Entity of RBI, operating in whole Keonjhar District since last 75 years)
Invites' offline application from interested professionals through proforma application for positions in the Bank as detailed below.

| Professional Category | Position | Eligibility Criteria | Age | Tenure of Engagement | Remuneration |
|---|---|---|---|---|---|
| a. Professional - 1 | General Banking Expert | Retired Public Sector Bank (PSB) Officers; Retired not below the rank of Scale III or above and must have minimum 5 year's in the same rank as Branch Manager | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |
| b. Professional - 2 | Banking IT Expert | B.Tech/MCA with 5 years' of experience as IT specialist in PSBs/Pvt. Sector Banks/ Micro Finance Institutions/ Software Companies dealing with Financial/Banking Sector. However preference shall be given to IT specialist of Banks (PSU/Pvt.), if available | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |

Interested candidates are requested to visit the website of Banks: **www.kendujharccb.com** for more details on job profile and to download the prescribed Application-cum-Resume format for submitting their application through Speed Post to the Chief Executive Officer of Bank on or before 22.09.2025. Application/s received after due date will not be taken in to consideraton for further process of final selection.

Sd./- Chief Executive Officer

**AUCTION NOTICE**

Sealed quotations are invited from interested bidders for the public auction of the obsolete/unserviceable items (Almirahs, Televisions and Air Conditioners) as whole of SIB (MHA), Govt. of India, Bidyut Marg (Near Spl. Circuit House), Unit-V, Bhubaneswar - 751001.
Interested parties may inspect during office hours from 10.00 Hrs. to 13.00 Hrs. & 15.00 Hrs. to 17.00 Hrs. on any working day on or before 17.09.2025 and submit the sealed quotations by 17.30 Hrs. on 17.09.2025 along with a Demand Draft (NOT A/c Payee) of Rs.5,000/- (Rupees five thousand only) as Earnest Money Deposit (EMD) in favour of 'DDO, SIB Bhubaneswar' payable at SBI Bhubaneswar Main Branch. Quotations shall be submitted either by hand or by 'dak' in sealed covers superscribed as "Quotation for obsolete/unserviceable items to be auctioned" and addressed to Assistant Director/E, SIB(MHA), Bidyut Marg, Unit-V, Bhubaneswar - 751001, Tel. No. 0674-2396440. Quotations will be opened in presence of members of the Auction Committee and bidders present on 18.09.2025 at 11.00 Hrs.
Quotation of the highest bidder will be accepted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of the auctioned obsolete/unserviceable items failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehicle. The head of the office reserves the right to cancel any bid without assigning any reason thereof.

Sd./- Assistant Director/E

# ସେବା ମନୋବୃତ୍ତି, ପ୍ରତିବଦ୍ଧତା ନର୍ସିଂ ସେବାର ମୂଳମନ୍ତ୍ର

## କିଟ୍‌ରେ ରାଜ୍ୟ ଏସ୍‌ଏନ୍‌ଏଆଇ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୨।୯(ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟରେ ଷ୍ଟୁଡେଣ୍ଟ ନର୍ସେସ ଆସୋସିଏସନ ଅଫ୍ ଇଣ୍ଡିଆ (ଏସ୍ଏନ୍ଏଆଇ) ଓଡ଼ିଶା ରାଜ୍ୟ ଶାଖାର ୩୧ତମ ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ତାଲିମପ୍ରାପ୍ତ ନର୍ସ ସଂଘ (ଟିଏନ୍ଏଆଇ)ର ଓଡିଶା ଶାଖା ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନର୍ସିଂ ସାଇନ୍ସେସ ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀର ବିଷୟବସ୍ତୁ ଥିଲା 'ଆଜିର ଶିକ୍ଷା, କାଲିର ନେତୃତ୍ୱ: ଜଣେ ନର୍ସିଂ ଛାତ୍ରୀଙ୍କ ଯାତ୍ରା'। ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଲେ, ନର୍ସିଂ ସେବା ଏକ ବୃତ୍ତି ନୁହେଁ, ଏହା ଏକ ବ୍ରତ। ସେବା ମନୋବୃତ୍ତି ଓ ପ୍ରତିବଦ୍ଧତା ହେଉଛି ନର୍ସିଂ ସେବାର ମୂଳମନ୍ତ୍ର। ନର୍ସମାନେ ଜାତି, ବର୍ଣ୍ଣ, ଧନୀ, ଗରିବ ବାଛବିଚାର ନ କରି ସମସ୍ତଙ୍କ ପ୍ରତି ସମାନ ଆଚରଣ ସହ ସମାନ ସେବା ଯୋଗାଇ ଦେଇଥାନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ନର୍ସମାନଙ୍କୁ ଭଗବାନଙ୍କ ଦୂତ ଭାବେ ଅଭିହିତ କରିଥିଲେ। କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର୍. ସି. ଦାସ କହିଲେ, ନର୍ସିଂ କୌଣସି ବୃତ୍ତି ନୁହେଁ, ଏହା ହେଉଛି ମାନବିକତା ପ୍ରତି ପ୍ରତିବଦ୍ଧତା। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ପ୍ରଫେସର ସି.ବି.କେ. ମହାନ୍ତି, ଟିଏନ୍ଏଆଇର ଉପସଭାପତି (ପୂର୍ବାଞ୍ଚଳ) ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବାରେ ନର୍ସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଟିଏନ୍ଏଆଇ ଓଡ଼ିଶା ଶାଖାର ସଭାପତି ତଥା କିମ୍ସ ପ୍ରଫେସର ଅନସୂୟା ପଟ୍ଟନାୟକ, କିମ୍ସ ଅଧ୍ୟକ୍ଷା ପ୍ରଫେସର ନିୟତି ଦାସ, ଟିଏନ୍ଏଆଇ ଓଡ଼ିଶା ଶାଖା ସମ୍ପାଦିକା ରଞ୍ଜିତା ସାହୁ, ଏସ୍ଏନ୍ଏଆଇର ଶାଖା ପରାମର୍ଶଦାତା ଆଶିଷ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ସର୍ଭିସ ଟୁ ହ୍ୟୁମାନିଟି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଉଦ୍ଦେଶ୍ୟରେ ଏକ ଜନ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା।

## ଗରିମାଙ୍କୁ 'ମିସ୍ ଏସ୍ଏନ୍ଏ' ଉପାଧି

### ପୋଷ୍ଟର ପ୍ରତିଯୋଗିତାରେ ମଧୁସ୍ମିତା ଓ ପ୍ରୀତିମୟୀଙ୍କ ସଫଳତା




ଶ୍ରୀଶ୍ରୀ ନର୍ସିଂ ମହାବିଦ୍ୟାଳୟର ଛାତ୍ରୀ ଗରିମା ରସେଲୀଙ୍କୁ ଅତିଥିମାନେ 'ମିସ୍ଏସ୍ଏନ୍ଏ' ଉପାଧି ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨।୯(ଅନୁରାଧା ମହାରଣା) ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଶ୍ରୀଶ୍ରୀ ନର୍ସିଂ ମହାବିଦ୍ୟାଳୟର ଛାତ୍ରାଛାତ୍ରୀମାନେ ବଡ଼ ମଞ୍ଚରେ ସଫଳତା ହାସଲ କରିଛନ୍ତି। କିଟ୍ କ୍ୟାମ୍ପସରେ ଅନୁଷ୍ଠିତ ଷ୍ଟୁଡେଣ୍ଟ ନର୍ସେସ ଆସୋସିଏସନ ଅଫ୍ ଇଣ୍ଡିଆ (ଏସ୍ଏନ୍ଏଆଇ)ର ୩୧ତମ ଦ୍ୱିବାର୍ଷିକ ସମ୍ମିଳନୀର ମଡେଲିଂ ପ୍ରତିଯୋଗିତାରେ ଶ୍ରୀଶ୍ରୀ ନର୍ସିଂ ମହାବିଦ୍ୟାଳୟର ବିଏସ୍‌ସି ନର୍ସିଂ ତୃତୀୟ ସେମିଷ୍ଟର ଛାତ୍ରୀ ଗରିମା ରସେଲୀ ଭାଗନେଇ ସର୍ବୋଚ୍ଚ ସମ୍ମାନ 'ମିସ୍ ଏସ୍ଏନ୍ଏ' ଉପାଧି ହାସଲ କରିଛନ୍ତି। ସେହିଭଳି ପୋଷ୍ଟର ପ୍ରତିଯୋଗିତାରେ ଶ୍ରୀଶ୍ରୀ ନର୍ସିଂ ମହାବିଦ୍ୟାଳୟର ବିଏସ୍‌ସି ନର୍ସିଂ ଚତୁର୍ଥ ସେମିଷ୍ଟର ଛାତ୍ରୀ ସୁଶ୍ରୀ ମଧୁସ୍ମିତା ଓ ପ୍ରତିମୟୀ ବିଶ୍ୱାଳ ତୃତୀୟ ସ୍ଥାନ ହାସଲ କରିଥିଲେ। ଏ ସମସ୍ତ ସଫଳତା ପାଇଁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି (ପ୍ରୋ) ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ (ପ୍ରୋ) ଅନିଲ ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ (ପ୍ରୋ) ଜୋଇତା ମଣ୍ଡଳ ଓ ଛାତ୍ର କଲ୍ୟାଣ ଡିନ ପ୍ରୋ. ଜୟପ୍ରକାଶ ଭଞ୍ଜ ଛାତ୍ରୀଙ୍କୁ ପ୍ରଶଂସା କରିଥିଲେ।

# ନିଶା କାରବାର ରୋକିବାକୁ ମିଳିତ ଚଢ଼ାଉ

## ମହିଳାଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୨।୯(ସତ୍ୟଜିତ୍ ରାଉତ): ନିଶା କାରବାର ରୋକିବାକୁ ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୧ ଓ ୟୁନିଟ୍-୬ ଅଞ୍ଚଳରେ ମିଳିତ ଚଢ଼ାଉ କରାଯାଇଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍), ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି), ଅବକାରୀ ବିଭାଗ, ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ କ୍ୟାପିଟାଲ ଥାନାର ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଯାଞ୍ଚ କରି ୩ କେଜି ୧୦୦ ଗ୍ରାମ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ୍ ଜବତ କରିଛନ୍ତି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଏଥିସହ ୫ ହଜାର ନଗଦ ଟଙ୍କା ମଧ୍ୟ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ୟୁନିଟ୍-୬ ସଡ଼କ ସାହି ବସ୍ତିର ରୁପା ସାସ୍ମଲ (୫୮), ଗୋବିନ୍ଦ ସିଂ (୬୨) ଓ ୟୁନିଟ୍-୧ ପ୍ରଗତି ବିହାରର ପ୍ରତାପ ବରାଡ (୬୧)। ଏନେଇ ଭୁବନେଶ୍ୱର ଅବକାରୀ ଟିମ୍ ପକ୍ଷରୁ ପୃଥକ୍ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ସେପ୍ଟେମ୍ବର ପହିଲାରୁ ଅପରେଶନ୍ ପ୍ରହାର ଜରିଆରେ ନିଶା କାରବାର ବିରୋଧରେ ରାଜ୍ୟବ୍ୟାପୀ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

# କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲା ବିଏମ୍‌ସି

## ଗଙ୍ଗା ଯମୁନା ମନ୍ଦିର ନିକଟରେ ବେଆଇନ ନିର୍ମାଣ ପ୍ରସଙ୍ଗ

ପୁରୁଣା ଭୁବନେଶ୍ୱର,୨।୯(ସୁବାସ ଚନ୍ଦ୍ର ପ୍ରଧାନ): ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ନିକଟ ଐତିହ୍ୟ ଗଙ୍ଗା ଯମୁନା ମନ୍ଦିର ନିକଟରେ ଏକ ବଡ଼ ଅଟ୍ଟାଳିକା ନିର୍ମାଣକୁ ନେଇ ଅଧିଆ ବଢ଼ିବାରେ ଲାଗିଛି। ଏଠାରେ ଅଟ୍ଟାଳିକା ନିର୍ମାଣ ହେଲେ ଐତିହ୍ୟ ମନ୍ଦିର ସହ ପ୍ରାକୃତିକ ଝରଣାଟି ବନ୍ଦ ହୋଇଯିବା ଆଶଙ୍କା ଦେଖାଦେଇଛି। ତେଣୁ ଏହି ବେଆଇନ ନିର୍ମାଣ ବିରୋଧରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଦାବିପତ୍ର ଦିଆଯାଇଥିଲା। ପରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ମଞ୍ଚ ପକ୍ଷରୁ ଅନୁରୂପଭାବେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆମ୍‌ସାର ଆକ୍ଟ ଉଲ୍ଲଂଘନ କରି ନିର୍ମାଣକାରୀ ମନ୍ଦିର ଏବଂ କୁଣ୍ଡ ପାଚେରିକୁ ଲଗାଇ ବଡ଼ ଅଟ୍ଟାଳିକା କିଭଳି ନିର୍ମାଣ ହେଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ସ୍ୱତନ୍ତ୍ର ଅମିନଙ୍କ ଦ୍ୱାରା ଘଟଣାସ୍ଥଳରେ ତଦନ୍ତ କରାଯାଇଥିଲା। ଅମିନ ଗତ ୨୨ତାରିଖରେ ଦେଇଥିବା ରିପୋର୍ଟ ଅନୁସାରେ ମୌଜା ଗୌତମ ନଗର, ପ୍ଲଟ ନଂ.୩୩୧୮ରେ ବିନା ଅନୁମତିରେ ବଡ଼ ଅଟ୍ଟାଳିକା ନିର୍ମାଣ କରାଯାଉଛି, ଯାହାକି ବେଆଇନ ବୋଲି ଉଲ୍ଲେଖ ରହିଛି। ଅମିନ ରିପୋର୍ଟକୁ ଆଧାର କରି ଉକ୍ତ ବେଆଇନ ଅଟ୍ଟାଳିକା ନିର୍ମାଣ ଉପରେ ଓଡିଶା ଡେଭ୍‌ଲପ୍‌ମେଣ୍ଟ ଆକ୍ଟ(ଓଡିଏ) ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଏମ୍‌ସି ଓଡିଏ କୋର୍ଟର ଡେପୁଟି କମିଶନରଙ୍କୁ ପତ୍ର ସଂଖ୍ୟା ନଂ. ୪୧୭୧୭ରେ ଚିଠି ଲେଖି ଅବଗତ କରିଥିବା ଜଣାପଡ଼ିଛି।

## ଚିତ୍ରଶିଳ୍ପୀ ମାନସ ନାୟକଙ୍କ ସ୍ମୃତିସଭା

ପୁରୁଣା ଭୁବନେଶ୍ୱର,୨।୯(ସୁବାସ ଚନ୍ଦ୍ର ପ୍ରଧାନ)

ଚିତ୍ରଶିଳ୍ପୀ ତଥା ଧଉଳି ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ମାନସ ରଞ୍ଜନ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ମାନସ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ତଥା ସୁଖ୍ୟାତ ଚିତ୍ରଶିଳ୍ପୀ ଥିଲେ। ସେ ରାଜ୍ୟ ହସ୍ତଶିଳ୍ପ ଓ ବୟନ ଶିଳ୍ପ ବିଭାଗର ଡିଜାଇନର ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ, ଉପାଧ୍ୟକ୍ଷ ଚନ୍ଦନ ସାମଲ, ଅଧ୍ୟାପକ ରାମଶଙ୍କର ସାହୁ, ଭୂପତି ଭୂଷଣ ପଣ୍ଡା, ଲକ୍ଷ୍ମୀଧର ସ୍ୱାଇଁ, ଜ୍ୟୋତିରଞ୍ଜନ ସାହୁ, ଆର୍ଯ୍ୟନ ସାମଲ, ସ୍ମୃତିରଞ୍ଜନ ବେହେରା ଏବଂ ଛାତ୍ରୀଛାତ୍ରମାନେ ଦିବଂଗତ ଶିଳ୍ପୀଙ୍କ ସ୍ମୃତିଚାରଣ କରିଥିଲେ।

## ସୁନା ଦୋକାନରୁ ଲୁଟ୍ ଘଟଣା: ୪ ଗିରଫ, ୧କେଜି ସୁନା ଜବତ

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ): ଜଙ୍କିଆ ଥାନା ଅଧୀନ ଛଣଗିରିସ୍ଥିତ ସାଇସୋନୁ ସୁନା ଅଳଙ୍କାର ଦୋକାନରୁ ଲୁଟ୍ ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ବେଣ୍ଟକାର ପୋଲିସ ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ବିଶ୍ୱଜିତ ପଟ୍ଟନାୟକ, ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡ଼ିପଡ଼ା ଗ୍ରାମର ଅଶୋକ ସେନାପତି, ବୋଲଗଡ଼ ଥାନା ଭୀମପଡ଼ା ଟାଙ୍ଗୀ ସାହିର ଚନ୍ଦନ ନାୟକ, ଗ୍ରାହକ ସମ୍ମୁର ଗ୍ରାମର ନବ ସାହ। ଏମାନଙ୍କଠାରୁ ୧କେଜି ସୁନା, ୨୩୬୩.୯୪୦ ଗ୍ରାମ ରୁପା, ୯ଲକ୍ଷ ୪୫ହଜାର ଟଙ୍କା, ଗୋଟିଏ ଦେଶୀ ବନ୍ଧୁକ, ଗୁଳି ଓ ଭୁଜାଲି ଜବତ ହୋଇଛି।

## ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା ଦିବସ




ବାଲିଅନ୍ତା,୨।୯(ନୀଳମାଧବ ସାହୁ): ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଆଦ୍ୟ ପ୍ରୟାସ'କୁ ଅତିଥିମାନେ ଉନ୍ମୋଚନ କରିଛନ୍ତି। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଭା ଭାରପ୍ରାପ୍ତ ଅଧ୍ୟକ୍ଷା ଜୟନ୍ତୀ ବାଳା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲାପରିଷଦ ସଭ୍ୟ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଧୀରେନ କୁମାର କର ଯୋଗଦେଇ ଶୃଙ୍ଖଳିତ ଭାବେ ପାଠପଢ଼ାରେ ମନୋନିବେଶ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ଯତିନ୍ଦ୍ର କୁମାର ସ୍ୱାଇଁ ଓ ଡ. ଧରଣୀଧର ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରମାନେ କାୟ ମନୋ ବାକ୍ୟ ଦେଇ ଶିକ୍ଷା ଅର୍ଜନ କରି ନିଜକୁ ପ୍ରତିଷ୍ଠିତ ଓ ଭଲ ମଣିଷଟିଏ ହେବା ପାଇଁ ଚେଷ୍ଟା ଜାରି ରଖିବାକୁ କହିଥିଲେ। ଅନ୍ୟତମ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କୃଷ୍ଣ କେଶବ ଆପଟ ଓ ପୂର୍ବତନ କର୍ମଚାରୀ ନିରଞ୍ଜନ ଜେନା ଯୋଗଦେଇଥିଲେ। ଅଧ୍ୟାପିକା ରଶ୍ମି ଦାସ ଅତିଥି ପରିଚୟ ଓ ଅଧ୍ୟକ୍ଷା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷର ଟପ୍ପର ଛାତ୍ରୀଛାତ୍ର ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉକ୍ତ ସଭାକୁ ଅଧ୍ୟାପକ ତପନ କୁମାର ସାହୁ ପରିଚାଳନା କରିଥିଲେ। ଅଧ୍ୟାପକ ପୀତାମ୍ବର ପାତ୍ର, ମଧୁସ୍ମିତା ନାୟକ, ତୃପ୍ତିପ୍ରଭା ସ୍ୱାଇଁ, ଶତୋଲିନ ଦାସ ଓ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

### ୧୪୮ ପଞ୍ଜୀକୃତ, ୨ଜଣଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ

ବାଲକାଟୀ,୨।୯(ମନୋଜ ମଣ୍ଡଳ): ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଆନୁକୂଲ୍ୟରେ ଆୟୋଜିତ ଶିବିରରେ ବ୍ଲକର ୧୬ଟି ପଞ୍ଚାୟତର ମୋଟ ୧୪୮ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରେ ୬୬ଜଣ ଶାରରୀକ ଅକ୍ଷମ, ୨୦ଜଣ ଦୃଷ୍ଟିହୀନ, ୧୭ଜଣ ଶ୍ରବଣ ଓ ବାକଶକ୍ତି ବାଧିତ, ୪୩ଜଣ ମାନସିକ ଅନଗ୍ରସର ନାମ ପଞ୍ଜୀକରଣ କରିଥିଲେ। ସଭିଁଙ୍କ ଡାକ୍ତରୀ ପରୀକ୍ଷା ପରେ ୧୩୪ଜଣଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ବିଧାୟକ ୨ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ବିଡିଓ ରଶ୍ମିତା ନାଥ, ଖୋର୍ଦ୍ଧା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଭୁବନେଶ୍ୱର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୋନାଲି ପ୍ରୀୟଦର୍ଶିନୀ ଯୋଗଦେଇଥିଲେ। ବ୍ଲକ ସୋସିଆଲ ସିକ୍ୟୁରିଟି ଅଧିକାରୀ ପୂଜାରାଣୀ ବରାଳ, ପିଏ ନାରାୟଣ ଦାସ ଓ ବ୍ଲକର କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସାମାଜିକକର୍ମୀ ବିଶ୍ୱରଞ୍ଜନଙ୍କ ଶୋକସଭା



ବାଲିପାଟଣା,୨।୯(ଅଭିମନ୍ୟୁ ନାୟକ): ବାଲିପାଟଣା ବ୍ଲକ ଅନ୍ତର୍ଗତ ଚାରିପଡ଼ା ଗ୍ରାମର ସାମାଜିକକର୍ମୀ ବିଶ୍ୱରଞ୍ଜନ ପାତ୍ରଙ୍କ ବିୟୋଗରେ ଏକ ଶୋକସଭା ସୋମବାର ଜୟଦେବ ଠିକାଦାର ସଂଘ ପକ୍ଷରୁ ସନ୍ଥ କବି ଶିଶୁ ଅନନ୍ତ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଜଗନାଥ ସାହୁଙ୍କ ସଭାପତିତ୍ୱରେ ଦିଲୀପ କୁମାର ଜେନା, ପ୍ରଦୀପ୍ତ ଜେନାମଣି, ମୋହନ ଚରଣ ମୁଖୀ, ପ୍ରଫୁଲ ପରିଡା, ସତ୍ୟସୁନ୍ଦର ନାୟକ, ସରୋଜ କୁମାର ସୁନ୍ଦରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଶ୍ୱରଞ୍ଜନଙ୍କ ସମାଜସେବା କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ସେ ଏକାଧାରରେ ଜୟଦେବ ଠିକାଦାର ସଂଘ ସଭାପତି, ବନମାଳିପୁର ବ୍ୟବସାୟୀ ସଂଘ ସଭାପତି, ବାଲିପାଟଣା ବିଜେଡି ସଂଘର ବରିଷ୍ଠ କର୍ମକର୍ତ୍ତା ସହିତ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ଏହି ସଭାରେ ବାଲିପାଟଣା ଏବଂ ବାଲିଅନ୍ତା ବ୍ଲକର ଜୟଦେବ ଠିକାଦାର ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ଅତିଥିମାନେ ଶୋକବ୍ୟକ୍ତ କରିଥିଲେ।।


No. C-990

HOUSING AND URBAN DEVELOPMENT DEPARTMENT
OFFICE OF THE BARGARH MUNICIPAL COUNCIL, BARGARH
At/P.O./Dist.: Bargarh, PIN - 768028

No. 3695 | Date: 01.09.25

Invitation for Bids
BID IDENTIFICATION No. 01/BGH-MUN/2025-26

| | | |
|---|---|---|
| 1 | Nature of Work | Civil |
| 2 | No. of Work | 03 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | C & D |
| 6 | Availability of Bids documents in website | From 11.00 Hrs. Dt.02.09.2025 to 17.00 Hrs. Dt.09.09.2025 |
| 7 | Date of Opening of Bid | Dt.10.09.2025 11.00 Hrs. |

The bidders have to participate in ONLINE bidding only. Further details can be seen from the website i.e. http://tenderodisha.gov.in any addendum/corrigendum/cancellation of tender can also be seen only in the said website.

Sd./- Executive Officer, Bargarh Municipality
OIPR-13103/11/0019/2526



ODISHA PUBLIC SERVICE COMMISSION, CUTTACK
NOTICE
No.6238/PSC Dt.02.09.2025
(2PG-02-25/26, DR-I)

Partial Preponement of Document Verification & Personality Test of OCSE-2023
(Advt. No. 20 of 2023-24)

No. D-195: In partial modification to this Office Notice No. 6114/PSC, Dt.25.08.2025, it is for information of concerned candidates that, consequent upon declaration of 2nd Saturday (i.e. 13.09.2025) as official working day, the Document Verification & Personality Test for OCSE-2023 in respect of 44 candidates (Forenoon Session) & 28 candidates (Afternoon Session) to be held on 14.09.2025 (Sunday) only is hereby preponed to **13.09.2025 (Saturday)** as follows:

| Sl. No. | Roll No. of Candidates | Date of Document Verification & Personality Test | Session of Document Verification & Personality Test |
|---|---|---|---|
| 1 | 2 | 3 | 4 |
| 8. | 331229, 331255, 331300, 331407, 331419, 331436, 331475, 331533, 331535, 331652, 331780, 331818, 331899, 331964, 331999, 332003, 332004, 332023, 332079, 332204, 332226, 332233, 332269, 332317, 332429, 332511, 332524, 332557, 332756, 332798, 332816, 332828, 332844, 332855, 332876, 332884, 332896, 332926, 332973, 333168, 333238, 333284, 333339, 333422 = **44 Candidates** | 13.09.2025 (Saturday) | Forenoon Session |
| | 333578, 333620, 333673, 333764, 333774, 333785, 333876, 333906, 333983, 333985, 334081, 334092, 334311, 334433, 334445, 334488, 334545, 334567, 334646, 334652, 334689, 334701, 334707, 334715, 334718, 334737, 334791, 334822 = **28 Candidates** | | Afternoon Session |

Besides this, there will be no change in the schedule of Document verification & personality test of other candidates.

OIPR-12002/11/0312/2526 Sd./- Secretary



ଓଡ଼ିଆ ଭାଷା ପ୍ରତିଷ୍ଠାନ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
No. RR-11
ବିଜ୍ଞାପନ

ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ସମ୍ପାଦନା, ବନାନଶୁଦ୍ଧି ତଥା ପ୍ରୁଫ୍ ସଂଶୋଧନ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ୨ଦିନ ଧରି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନ ସର୍ତ୍ତରେ ତା.୨୩.୦୯.୨୦୨୫ରିଖ ସୁଦ୍ଧା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନପାଇଁ ପ୍ରତିଷ୍ଠାନର ୱେବ୍‌ସାଇଟରେ ଉପଲବ୍ଧ ଦରଖାସ୍ତର ନମୁନା ଫର୍ମ ଓ ସର୍ତ୍ତାବଳୀ ଅନୁଯାୟୀ ସ୍ପିଡ୍-ପୋଷ୍ଟ କିମ୍ବା ଇ-ମେଲ ମାଧ୍ୟମରେ ଆବେଦନ କରିପାରିବେ।

୧. ପ୍ରଶିକ୍ଷଣ ଶିବିର କେବଳ ତାଲିମ୍ ପାଇଁ ଉଦ୍ଦିଷ୍ଟ। ଏହା ପ୍ରତିଷ୍ଠାନର ନିଯୁକ୍ତି ପାଇଁ ନୁହେଁ।
୨. ଏଥିପାଇଁ ଯାତାୟାତ ଖର୍ଚ୍ଚ ଏବଂ ବୈଠକୀ ବାବଦରେ ପ୍ରତିଷ୍ଠାନଦ୍ୱାରା ଧାର୍ଯ୍ୟ କରାଯାଇଥିବା ପାରିଶ୍ରମିକ ପ୍ରଦାନ କରାଯିବ।
୩. ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଦୁଇଦିନ ତାଲିମ୍ ସମ୍ପୂର୍ଣ୍ଣ କରିବା ପରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।
୪. ପ୍ରଶିକ୍ଷାର୍ଥୀମାନେ ଅନ୍ୟୂନ ସ୍ନାତକ ଡିଗ୍ରୀଧାରୀ ହୋଇଥିବେ। ତାଙ୍କର ବୟସ ୨୧-୬୫ବର୍ଷ ମଧ୍ୟରେ ହେବା ଆବଶ୍ୟକ।
୫. ଯଦି କୌଣସି ପ୍ରଶିକ୍ଷାର୍ଥୀ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥାଆନ୍ତି, ତେବେ ସେମାନେ ଆବେଦନ କରିପାରିବେନାହିଁ।

ଦରଖାସ୍ତ ପଠାଇବା ଠିକଣା
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ,
ଖାରବେଳ ଭବନ, ୟୁନିଟ୍-୦୫, ଭୁବନେଶ୍ୱର-୦୧
ଫୋନ୍ ନଂ-୦୬୭୪-୨୩୯୧୦୨୧
E-mail:odiabhasapratisthan@yahoo.co.in
Website:www.odiabhasapratisthana.in

ସ୍ୱା-
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ଭୁବନେଶ୍ୱର

OIPR-03026/11/0004/2526



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

DISTRICT PROJECT OFFICE
SAMAGRA SHIKSHA, MALKANGIRI
E-mail: dpcmalkanssa.opepa@nic.in/ssamalkangiri@gmail.com
Letter No. 3425/25 Dated: 01.09.2025

TENDER CALL NOTICE

No. n-141: Sealed tenders are invited from interested reputed Travel Agencies/ Tour Operators of private individuals for providing 02 (Two) Numbers vehicle i.e. 01 SCORPIO N Z8 and 01 BOLERO NEO N10 AC Diesel driven vehicle having sitting capacity not more than Eight or new/latest model vehicle including driver as per Finance Deptt. O.M. No. 15836/F dated 27.05.2025 which shall confirm to the terms and conditions (Annexure-I, II & III) for official use of Collector-cum-Chairman, Samagra Shiksha, Malkangiri (SCORPIO - N Z8) and another for DPC, SS, Malkangiri (BOLERO NEO N10) on monthly hire basis. The tender should be super scribed "Tender for providing vehicle on hire basis" on the cover and sealed tender should reach to the undersigned on or before 11.09.2025 by 5.30 P.M. by Speed Post/Registered Post only and shall be opened on 12.09.2025 at 4.00 P.M. in the presence of the bidder or their authorized representative at Collectorate, Malkangiri. The tender received after the scheduled date and time shall not be accepted.
The application form of Tender containing General Bid Information & Terms and Conditions for hiring of vehicle will be available at Malkangiri district website http://malkangiri.odisha.gov.in from Dt.02.09.2025 to 11.09.2025 which can be downloaded.
The undersigned reserve the right to reject all or any of the tender without assigning any reason thereof.

By the Orders of Collector-cum-Chairman
Sd./- District Education Officer-cum-DPC
Samagra Shiksha, Malkangiri
OIPR-27141/11/0017/2526



AUCTION NOTICE

Sealed quotations are invited from interested bidders for the public auction of the obsolete/unserviceable items (Almirahs, Televisions and Air Conditioners) as whole of SIB (MHA), Govt. of India, Bidyut Marg (Near Spl. Circuit House), Unit-V, Bhubaneswar - 751001.
Interested parties may inspect during office hours from 10.00 Hrs. to 13.00 Hrs. & 15.00 Hrs. to 17.00 Hrs. on any working day on or before 17.09.2025 and submit the sealed quotations by 17.30 Hrs. on 17.09.2025 along with a Demand Draft (NOT A/c Payee) of Rs.5,000/- (Rupes five thousand only) as Earnest Money Deposit (EMD) in favour of 'DDO, SIB Bhubaneswar' payable at SBI Bhubaneswar Main Branch. Quotations shall be submitted either by hand or by 'dak' in sealed covers superscribed as "Quotation for obsolete/unserviceable items to be auctioned" and addressed to Assistant Director/E, SIB(MHA), Bidyut Marg, Unit-V, Bhubaneswar - 751001, Tel. No. 0674-2396440. Quotations will be opened in presence of members of the Auction Committee and bidders present on 18.09.2025 at 11.00 Hrs.
Quotation of the highest bidder will be accepted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of the auctioned obsolete/unserviceable items failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehicle. The head of the office reserves the right to cancel any bid without assigning any reason thereof.

Sd./- Assistant Director/E



କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., କେନ୍ଦୁଝର
KEONJHAR CENTRAL COOPERATIVE BANK LTD., KEONJHAR - 758001
H.O.: Keonjhargarh, Dist.: Keonjhar - 758001 (Odisha)
(A Regulated Entity of RBI, operating in whole Keonjhar District since last 75 years)
Invites' offline application from interested professionals through proforma application for positions in the Bank as detailed below.

| Professional Category | Position | Eligibility Criteria | Age | Tenure of Engagement | Remuneration |
|---|---|---|---|---|---|
| a. Professional - 1 | General Banking Expert | Retired Public Sector Bank (PSB) Officers; Retired not below the rank of Scale III or above and must have minimum 5 year's in the same rank as Branch Manager | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |
| b. Professional - 2 | Banking IT Expert | B.Tech/MCA with 5 years' of experience as IT specialist in PSBs/Pvt. Sector Banks/ Micro Finance Institutions/ Software Companies dealing with Financial/Banking Sector. However preference shall be given to IT specialist of Banks (PSU/Pvt.), if available | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |

Interested candidates are requested to visit the website of Banks: **www.kendujharccb.com** for more details on job profile and to download the prescribed Application-cum-Resume format for submitting their application through Speed Post to the Chief Executive Officer of Bank on or before 22.09.2025. Application/s received after due date will not be taken in to consideraton for further process of final selection.

Sd./- Chief Executive Officer

# ଟାଙ୍ଗୀରୁ ମୁଖ୍ୟ ଅଭିଯୁକ୍ତ ଗିରଫ

■ ହ୍ୟୁଜ୍ ଇଣ୍ଡିଆନ ଆପ୍ ଅନ୍‌ଲାଇନ ଗେମ୍‌ରେ ଠକେଇ ଘଟଣା

**ମଙ୍ଗୁଳି-ଜଗତପୁର,୨।୯(ମାନସ ସାମଲ):**

ହ୍ୟୁଜ୍ ଇଣ୍ଡିଆନ ଆପରେ ଟଙ୍କା ରୋଜଗାର କରିବା ଦେଖାଇ ଶହ ଶହ ବ୍ୟକ୍ତିଙ୍କଠାରୁ ଟଙ୍କା ଠକି ନେବା ଘଟଣାରେ ଟାଙ୍ଗୀ ଅଞ୍ଚଳର ମୁଖ୍ୟ ଅଭିଯୁକ୍ତଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଟାଙ୍ଗୀ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ପ୍ରଦୀପ କୁମାର ଦାସ (୬୩)। ପୋଲିସ ତାଙ୍କଠାରୁ ହ୍ୟୁଜ୍ ମାର୍କେଟ ଲିମିଟେଡ ପ୍ରମାଣପତ୍ର, ଗୋଟିଏ ମୋବାଇଲ, ନଗଦ ୪୫,୫୦୦ଟଙ୍କା ସହିତ ୨ଟି ଡେବିଟ କାର୍ଡ ଜବତ କରିଛି। ପ୍ରଦୀପ ୧୫ଜଣଙ୍କୁ ଅନଲାଇନ ଗେମ୍‌ରେ ସଦସ୍ୟ କରାଇ ଲକ୍ଷାଧିକ ଟଙ୍କା ଠକେଇ କରିଛନ୍ତି ବୋଲି କୈଳାସ ଚନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିଥିଲେ। କୈଳାସଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୨୭୬/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା ବୋଲି ଟାଙ୍ଗୀ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋବିନ୍ଦପୁର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଟାଙ୍ଗୀ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ପ୍ରଦୀପ କୁମାର ଦାସ ଓରଫ ଗୁଲୁ ନାନା ନାମକ ଜଣେ ଯୁବକ ହ୍ୟୁଜ୍ ଇଣ୍ଡିଆନ ନାମକ ଏକ ଅନ୍‌ଲାଇନ ଗେମ ଆପରେ ଟଙ୍କା ବିନିଯୋଗ କଲେ କମ୍ ଦିନରେ ଡବଲ ହେବା ସହ ମାସିକ ଦରମା ପାଇବେ ବୋଲି ଲୋଭ ଦେଖାଇଥିଲେ। ଫଳରେ ଶତାଧିକ ଯୁବକ ଅର୍ଥ ଲଗାଇବା ପରେ ପରବର୍ତ୍ତୀ ସମୟରେ ଆପର ସାଇଟ ବନ୍ଦ ହୋଇଯାଇଥିଲା। କୈଳାସଙ୍କ ଅଭିଯୋଗକୁ ଭିତ୍ତି କରି ପ୍ରଦୀପଙ୍କୁ ଟାଙ୍ଗୀରୁ ଗିରଫ କରାଯାଇଛି।

# ମହିଧରପଡ଼ା-ଗୋବିନ୍ଦପୁର ରାସ୍ତା ଶୋଚନୀୟ

**କଟକ,୨।୯(କାର୍ତ୍ତିକ ସାହୁ):**

ପୂର୍ତ୍ତ ବିଭାଗ ଅଧୀନ ମହିଧରପଡ଼ା-ଗୋବିନ୍ଦପୁର ରାସ୍ତା ଅବସ୍ଥା ଶୋଚନୀୟ ହୋଇଛି। ଏଠାରେ ରାସ୍ତା ମରାମତି କରିବା ନିମନ୍ତେ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଦାବି କରାଯାଇଛି। ପ୍ରକାଶ ଯେ, ମହିଧରପଡ଼ା ତ୍ରିନାଥ ବଜାରଠାରୁ ଗବଦ୍ଧପୁର, ନାହାଳପୁର ଦେଇ ପ୍ରାୟ ୧୪ କି.ମି. ରାସ୍ତା ଗୋବିନ୍ଦପୁର ପର୍ଯ୍ୟନ୍ତ ଯାଇଛି। ରକ୍ଷଣାବେକ୍ଷଣ ନ କରିବା ଯୋଗୁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ବିଶେଷ କରି ମହିଧରପଡ଼ା ମେଡିକାଲ ବଜାର ଛକଠାରୁ ଡାକ୍ତରଖାନାକୁ ସଂଯୋଗ କରୁଥିବା ରାସ୍ତା ଉପରେ ପାଣି ଜମି ରହୁଛି। ରୋଗୀମାନେ ଯାତାୟାତ କରିବେ ବେଳେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟମାର ସାହି ପୋଲ ନିକଟରେ ପିଚୁ ଉଡ଼ି ହେବାରୁ ରାସ୍ତାରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇ ପାଣି ଜମୁଛି। ପୂର୍ତ୍ତ ବିଭାଗ ରାସ୍ତାର ମରାମତି ଦିଗରେ ଦୃଷ୍ଟି ଦେବାକୁ ପରିଷଦର ସଭାପତି ଲଳିତ କୁମାର ଦାଶ, ପ୍ରତିଷ୍ଠାତା ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ସମ୍ପାଦକ ଅମିତ କୁମାର ପରିଜା ପ୍ରମୁଖ ଦାବି କରିଛନ୍ତି।

# ବ୍ଲକ୍ ପ୍ରଶାସନର ମନମୁଖି କାର୍ଯ୍ୟକୁ ବିରୋଧ

**ବାଙ୍କୀ,୨।୯(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

## ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ବିଧାୟକ, ୩୨ ସମିତି ସଭ୍ୟାସଭ୍ୟ

ସରକାର ବଦଳିବା ପରେ ବାଙ୍କୀରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବ୍ଲକ ପ୍ରଶାସନର ମନମୁଖିକାର୍ଯ୍ୟ ଯୋଗୁ ଲୋକେ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ୩୨ ଜଣିଆ ଲୋକପ୍ରତିନିଧି ମଣ୍ଡଳୀ କଟକ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯେଉଁ ପ୍ରଶାସନିକ ଅଧିକାରୀମାନେ ଏଭଳି କାର୍ଯ୍ୟ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଜଣେ ବ୍ଲକ ପ୍ରଶାସନିକ ଅଧିକାରୀ ନିଜ କ୍ଷମତାର ଅପପ୍ରୟୋଗ କରି ସରକାରୀ ନିର୍ଦ୍ଦେଶନାମା ଓ ଗାଇଡ୍‌ଲାଇନ୍‌ର ଅପବ୍ୟବହାର କରୁଛନ୍ତି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ନିମ୍ନଗତି ହେବାରେ ଲାଗିଛି। ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ବିଷୟରେ ଆଲୋଚନା ହୋଇପାରୁ ନାହିଁ କିମ୍ବା ପଞ୍ଚାୟତ ସମିତିରେ ମଞ୍ଜୁର ହୋଇପାରୁନାହିଁ। ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମିତି ସଭ୍ୟମାନଙ୍କୁ ଅନ୍ଧକାରରେ ରଖାଯାଉଛି। ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଧାୟକ ତ୍ରିପାଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତଙ୍କ ସହ ପଞ୍ଚାୟତ ସମିତି ସଭ୍ୟାସଭ୍ୟମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।



ବିଧାୟକ ଦେବୀ ରଞ୍ଜନ ତିପାଠୀ ଓ ୩୨ ଜଣିଆ ଲୋକପ୍ରତିନିଧି ମଣ୍ଡଳୀ କଟକ ଜିଲାପାଳଙ୍କୁ ଭେଟୁଛନ୍ତି।

# କିରୋସିନ ଢାଳି ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ସାଲେପୁର,୨।୯(ଅରବିନ୍ଦ ଭୂୟାଁ):**

ପାରିବାରିକ କଳହରୁ ଜଣେ ମହିଳା ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ସାଲେପୁର ଥାନା ଜପକୁଦ ଫାଣ୍ଡି ଅନ୍ତର୍ଗତ କଙ୍କରାଇଲୋ ଗାଁରେ ଏହି ଘଟଣା ଘଟିଛି। ସେ ହେଲେ ଗ୍ରାମର ଅଜୟ କୁମାର ରାଉତଙ୍କ ସ୍ତ୍ରୀ ତିଲୋତ୍ତମା। ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୬୦ ପ୍ରତିଶତ ଜଳିଯାଇଥିବାବେଳେ ଅବସ୍ଥା ସଙ୍କଟାପନ୍ନ ରହିଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଛନ୍ତି। ଖବରପାଇ ପୋଲିସ ସାଇଣ୍ଟିଫିକ ଟିମ୍‌ସହ ଘଟଣାସ୍ଥଳରେ ପହଞ୍ଚିତଦନ୍ତ କରିଛି।

# ଏଲ୍‌ଆଇସି କଟକ ମଣ୍ଡଳ ପକ୍ଷରୁ ପୂଜ୍ୟପୂଜା ଉତ୍ସବ



ଏଲ୍‌ଆଇସିର ଅବସରପ୍ରାପ୍ତ ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର,୨।୯(ଅନୁରାଧା ମହାରଣା):**

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ୬୯ତମ ପ୍ରତିଷ୍ଠା ଦିବସ ଓ ବୀମା ସପ୍ତାହ ଉପଲକ୍ଷେ ଏଲ୍‌ଆଇସି କଟକ ମଣ୍ଡଳ ପକ୍ଷରୁ ଏକ ପୂଜ୍ୟପୂଜା ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର ଏଲ୍‌ଆଇସିର ଅବସରପ୍ରାପ୍ତ ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତିଙ୍କୁ ତାଙ୍କ ପୈତୃକ ଗ୍ରାମ କଣିଆସ୍ଥିତ ବାସଭବନରେ ସମ୍ମାନିତ କରିଥିଲେ। ଉତ୍ସବରେ କଟକ ମଣ୍ଡଳର ବିପଣନ ପ୍ରବନ୍ଧକ ରାମକୃଷ୍ଣ ମିଶ୍ର ଓ ଅଶୋକ କୁମାର ରାୟ ଉପସ୍ଥିତ ଥିଲେ।

# କଂଗ୍ରେସ ସାଙ୍ଗଠନିକ ବୈଠକ

**ଟିଗିରିଆ,୨।୯(ଜାଫର ଖାଁ):**

ଟିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ଟିଗିରିଆ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ପଞ୍ଚାୟତର ଅଗ୍ରଣୀ କଂଗ୍ରେସ ନେତାଙ୍କ ଦ୍ୱାରା ଏକ ସାଙ୍ଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ବିରଞ୍ଚି ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଉପସ୍ଥିତ ସଦସ୍ୟମାନେ ଆଗାମୀ ଦିନରେ ପଞ୍ଚାୟତରେ କଂଗ୍ରେସକୁ ତୃଣମୂଳ ସ୍ତରରେ କିଭଳି ସୁଦୃଢ଼ କରାଯିବ ଓ ସମସ୍ତ ପୁରୁଖା ତଥା ଯୁବ ନେତୃତ୍ୱଙ୍କୁ ସଙ୍ଗଠିତ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କର୍ମୀ ସାଇରାମ ମହାନ୍ତି, ଦୁର୍ଗାଚରଣ ନାୟକ, ଶ୍ରୀକାନ୍ତ ମହାନ୍ତି, ଅଭୟ କୁମାର ବାରିକ, ସୁଶୀଲ ଜେନା, ମନୋଜ କୁମାର ନାୟକ, ଲଳିତ ସ୍ୱାଇଁ, ହିମାଂଶୁ ମହାନ୍ତି, ତପନ ବାରିକ, ଦିଲ୍ଲୀପ ରାଉତ, ସମୀର ପରିଡା, ଆଲୋକ ଜେନା, ପପିନା ବସ୍ତି, ବିରଞ୍ଚି ସ୍ୱାଇଁ, ଅଦ୍ୱୈତ ମାଝୀ, ପବିତ୍ର ସାହୁ, ବସନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସୁସ୍ଥ, ଦକ୍ଷ ହେବାକୁ କ୍ରୀଡ଼ା ଜରୁରୀ

## ସାଂସଦ ଖେଳ ମହୋତ୍ସବ ପାଇଁ ପଞ୍ଜୀକରଣର ଶୁଭାରମ୍ଭ

**ବାଙ୍କୀ,୨।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**



ସାଂସଦ ଖେଳ ମହୋତ୍ସବ ପଞ୍ଜୀକରଣ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥିମାନେ।

ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ସେପ୍ଟେମ୍ବର ୨୧ରୁ ଟିଗିରିଆ ବ୍ଲକସ୍ତରୀୟ ସାଂସଦ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୃଶ୍ୟଶ୍ରାବ୍ୟ ଗୃହଠାରେ ମଙ୍ଗଳବାର ଖେଳାଳିମାନଙ୍କ ପଞ୍ଜୀକରଣର ଶୁଭାରମ୍ଭ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ ଯୁବକମାନେ ୧୬ବର୍ଷରୁ କମ ବୟସ ପର୍ଯ୍ୟନ୍ତ ବାଳିକାବାଳକ କନିଷ୍ଠ ବିଭାଗ ଏବଂ ୧୬ ରୁ ୨୫ବର୍ଷ ପର୍ଯ୍ୟନ୍ତ ବରିଷ୍ଠ ବିଭାଗରେ ପଞ୍ଜୀକରଣ କରି ବିଭିନ୍ନ ଖେଳ ମାଧ୍ୟମରେ ସୁସ୍ଥ ଓ ଦକ୍ଷ ହୋଇ ପାରିବେ ବୋଲି ଚକ୍ରବର୍ତ୍ତୀ ଉଲ୍ଲେଖ କହିଛନ୍ତି। କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଞ୍ଜୀକରଣ ଆରମ୍ଭ ହୋଇଛି। ମୁଖ୍ୟବକ୍ତା ଭାବେ ବାଙ୍କୀର ଉପଜିଲାପାଳ ପ୍ରଣବ କୁମାର ବେହେରା ଯୋଗଦେଇ ଖେଳକୁଦ, ବ୍ୟାୟାମ ଓ ଯୋଗ ପ୍ରତିଦିନ କରାଗଲେ ସୁସ୍ଥ ନିରାମୟ ଜୀବନ ହୋଇପାରିବ। ସେଥିପାଇଁ ସାଂସଦ ଖେଳ ମହୋତ୍ସବ କେନ୍ଦ୍ର ସରକାରଙ୍କର ଏକ ଅଭିନବ ପ୍ରୟାସ ବୋଲି ଉପଜିଲାପାଳ ବେହେରା ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥିଭାବେ କଲେଜର ପୂର୍ବତନ ଉପାଧ୍ୟକ୍ଷ ତଥା କ୍ରୀଡା କ୍ଲବର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର କ୍ରିକେଟ, ଫୁଟବଲ, ଭଲିବଲ, ଖୋ-ଖୋ, କବାଡି, ଦୌଡକୁଦ, କୁସ୍ତି, ଯୋଗ ଓ ଛାତ୍ରୀମାନଙ୍କ ପାଇଁ ପୁଚି ଓ ଦୌଡି ଡିଆଁ ଆଦି କ୍ରୀଡାରେ ନିଜର ନାମ ପଞ୍ଜୀକରଣର କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ କଟକ ସାଂସଦଙ୍କ ପ୍ରତିନିଧି ଜୟନ୍ତ ବେଉରା ଯୋଗଦାନ କରି ଏହି ସାଂସଦ ଖେଳ ମହୋତ୍ସବରେ ସମସ୍ତେ ଯୋଗଦେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ, ଅଧ୍ୟାପକ ଅଦ୍ୱିତ୍ୟ ପ୍ରଧାନ, ଅଧ୍ୟାପକ ନରେଶ ବେହେରା, ଜିତେନ୍ଦ୍ର ଦେଓ ଓ ଶୁଭେନ୍ଦୁ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ବାଙ୍କୀ ଏନ୍‌ଏସିକୁ ମ୍ୟୁନିସିପାଲିଟି ପାଇଁ ଦାବି



ଖବରଦାତା ସମ୍ମିଳନୀରେ ବାଙ୍କୀ ବିକାଶ ମଞ୍ଚର କର୍ମକର୍ତ୍ତା।

**ବାଙ୍କୀ,୨।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ଏନ୍‌ଏସିକୁ ଗଠନ ହେବାର ୬୦ବର୍ଷ ବିତିଛି। ଏହାକୁ ମ୍ୟୁନିସିପାଲିଟିରେ ପରିଣତ କରିବା ପାଇଁ ମଙ୍ଗଳବାର ବାଙ୍କୀ ବିକାଶ ମଞ୍ଚ, ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିରେ ଅଧ୍ୟକ୍ଷ ଶୁଭ୍ରାଂଶୁ ମୋହନ ପାଢ଼ୀ ଏନ୍‌ଏସିକୁ ମ୍ୟୁନିସିପାଲିଟି ପାଇଁ ସରକାରଙ୍କ ଧ୍ୟାନ ଅକର୍ଷଣ କରିଛନ୍ତି। ବର୍ତ୍ତମାନ ଥିବା ଏନ୍‌ଏସି ଅଞ୍ଚଳ ସହିତ କେନ୍ଦ୍ରୀୟ ଜୋନ ୩୭ନମ୍ବରର ଅନ୍ତର୍ଗତ ୯ଟି ଗ୍ରାମ ପଞ୍ଚାୟତ ରହିଛି। ଏଠାରେ ୭୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ତେଣୁ ଏହା ପୌରପରିଷଦ ମାନ୍ୟତା ପାଇଁ ମାପକାଠି ହେବ। ଏଥି ସହିତ ଏହି ଅଞ୍ଚଳ ମଧ୍ୟରେ ଇଷ୍ଟଦେବୀ ମା'ଚର୍ଚ୍ଚିକାଙ୍କ ପୀଠ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଣୀଶୁକଦେଇ ମହିଳା ମହାବିଦ୍ୟାଳୟ ଓ ୧୪ଗୋଟି ଉଚ୍ଚ ବିଦ୍ୟାଳୟ ରହିଛି। ଏଥିସହ ୨ଟି ହାଟ ଚର୍ଚ୍ଚିକା ହାଟ ଓ ତୁଳସୀପୁର ହାଟ, ୧୨ଗୋଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହିତ ପୁରାତନ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ, ୪ଗୋଟି କୋର୍ଟ, ଉପଜିଲାପାଳ, ତହସିଲ, ସବ-ଟ୍ରେଜେରି, ସବ-ରେଜିଷ୍ଟ୍ରାର ଆଦି କାର୍ଯ୍ୟାଳୟ ରହିଛି। ଚଳିତ ବର୍ଷ ପୌରାଞ୍ଚଳ, ବ୍ଲକ, ପଞ୍ଚାୟତର ସୀମା ପୁନଃ ନିର୍ଦ୍ଧାରଣ ହେବାକୁ ଯାଉଛି। ସେଥିରେ ମହାନଦୀର ଉତ୍ତରପଟେ ଥିବା ୭ଟି ଗ୍ରାମ ପଞ୍ଚାୟତକୁ ନେଇ ଗୋଟିଏ ବ୍ଲକ ଏବଂ ପଶ୍ଚିମ ଦିଗରେ ଥିବା ୧୩ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ଅନ୍ୟ ଏକ ବ୍ଲକ ହେବାକୁ ଦାବି ରହିଛି। ବିଶେଷ କରି ଭାରତ ସରକାରଙ୍କ ପ୍ରସ୍ତାବିତ ୬ଲାଇନ୍ ବିଶିଷ୍ଟ ଜାତୀୟ ରାଜପଥ ବାଙ୍କୀ ପରିସୀମା ଦେଇ ଯାଉଥିବା ଫଳରେ ବସ୍‌ଷ୍ଟାଣ୍ଡ, ଡ୍ରେନେଜ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା ଓ କୃଷିଭିତ୍ତିକ ଶିଳ୍ପ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ସ୍ୱାଧୀନତା ସଂଗ୍ରାମ ଓ ବାଣୀ ଭଣ୍ଡାରକୁ ବାଙ୍କୀର ବରପୁତ୍ର ପଣ୍ଡିତ ଗୋବିନ୍ଦ ରଥ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ରାୟବାହାଦୁର ବିଦ୍ୟାଧର ପଣ୍ଡା, ଡ. ଯୋଗେଶ ଚନ୍ଦ୍ର ରାଉତ, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓ ଜୟଦେବ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ଅଭିନେତା ହେମନ୍ତ ଦାସଙ୍କ ଜନ୍ମମାଟି ଏହି ଅଞ୍ଚଳରେ ରହିଛି। ଉପରୋକ୍ତ ଦାବିଗୁଡ଼ିକ ସମ୍ପର୍କରେ ସରକାର ବିଚାର କରି ବାଙ୍କୀକୁ ପୌରାଞ୍ଚଳ କରିବା ପାଇଁ ଶୁଭ୍ରାଂଶୁ ମୋହନ ପାଢ଼ୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ ଉତ୍କଳ ମନ୍ତ୍ରୀ, ସଂଗ୍ରାମୀ ବିଭୂତି ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟକୁ ମିଳିଲା ଆସବାବପତ୍ର

**ବାଙ୍କୀ , ୨।୯( ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭୁବନେଶ୍ୱର ସ୍ଥିତ ରୋଟାରି କ୍ଲବ୍ ସେଣ୍ଟେ ନିଆଲ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟ ଏକ ସର୍ବ ପୁରାତନ ବିଦ୍ୟାଳୟ ଭାବେ ଜଣାଶୁଣା। କ୍ଲବ ସଭାପତି ଅଶୋକ ବେହେରା , ସମ୍ପାଦକ ଶିବବ୍ରତ ଶତପଥୀ, ମୁଖ୍ୟ ସଂଯୋଜିକା ଶାଶତୀ ମହାରଣାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ବ୍ୟବହାର ଉଦ୍ଦେଶ୍ୟରେ ଏକ ଆଲ୍ମାରୀ, ଏକ ଇନ୍‌ଭର୍ଟର, ଫ୍ୟାନ୍, ଲାଇଟ ଓ ଖେଳ ସାମଗ୍ରୀ ଆଦି ପ୍ରଦାନ କରିବା ସହ ମିଷ୍ଟାନ ବଣ୍ଟନ କରିଥିଲେ। ଏଥିସହ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ତରୁଣ କୁମାର ମହାପାତ୍ର ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚକାନୟନ ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟାନନ୍ଦ ପଣ୍ଡା, ମାନଭଞ୍ଜନ ଦଳେଇ, ଦେବେନ୍ଦ୍ର ପଟ୍ଟନାୟକ, କିଶୋର ଚନ୍ଦ୍ର ଦଳେଇ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।


No. C-990

HOUSING AND URBAN DEVELOPMENT DEPARTMENT
**OFFICE OF THE BARGARH MUNICIPAL COUNCIL, BARGARH**
At/P.O./Dist.: Bargarh, PIN - 768028

No. 3695 Date: 01.09.25

**Invitation for Bids**
**BID IDENTIFICATION No. 01/BGH-MUN/2025-26**

| | | |
|---|---|---|
| 1 | Nature of Work | Civil |
| 2 | No. of Work | 03 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | C & D |
| 6 | Availability of Bids documents in website | From 11.00 Hrs. Dt.02.09.2025 to 17.00 Hrs. Dt.09.09.2025 |
| 7 | Date of Opening of Bid | Dt.10.09.2025 11.00 Hrs. |

The bidders have to participate in ONLINE bidding only. Further details can be seen from the website i.e. **http://tenderodisha.gov.in** any addendum/corrigendum/cancellation of tender can also be seen only in the said website.

Sd./- Executive Officer, Bargarh Municipality
OIPR-13103/11/0019/2526



**ODISHA PUBLIC SERVICE COMMISSION, CUTTACK**
**NOTICE**

No.6238/PSC Dt.02.09.2025
(2PG-02-25/26, DR-I)

**Partial Preponement of Document Verification & Personality Test of OCSE-2023**
**(Advt. No. 20 of 2023-24)**

No. D-195: In partial modification to this Office Notice No. 6114/PSC, Dt.25.08.2025, it is for information of concerned candidates that, consequent upon declaration of 2nd Saturday (i.e. 13.09.2025) as official working day, the Document Verification & Personality Test for OCSE-2023 in respect of 44 candidates (Forenoon Session) & 28 candidates (Afternoon Session) to be held on 14.09.2025 (Sunday) only is hereby preponed to **13.09.2025 (Saturday)** as follows:

| Sl. No. | Roll No. of Candidates | Date of Document Verification & Personality Test | Session of Document Verification & Personality Test |
|---|---|---|---|
| 1 | 2 | 3 | 4 |
| 8. | 331229, 331255, 331300, 331407, 331419, 331436, 331475, 331533, 331535, 331652, 331780, 331818, 331899, 331964, 331999, 332003, 332004, 332023, 332079, 332204, 332226, 332233, 332269, 332317, 332429, 332511, 332524, 332557, 332756, 332798, 332816, 332828, 332844, 332855, 332876, 332884, 332896, 332926, 332973, 333168, 333238, 333284, 333339, 333422 **= 44 Candidates** | 13.09.2025 (Saturday) | Forenoon Session |
| | 333578, 333620, 333673, 333764, 333774, 333785, 333876, 333906, 333983, 333985, 334081, 334092, 334311, 334433, 334445, 334488, 334545, 334567, 334646, 334652, 334689, 334701, 334707, 334715, 334718, 334737, 334791, 334822 = **28 Candidates** | | Afternoon Session |

Besides this, there will be no change in the schedule of Document verification & personality test of other candidates.

OIPR-12002/11/0312/2526 Sd./- Secretary



ଓଡ଼ିଆ ଭାଷା ପ୍ରତିଷ୍ଠାନ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
No. RR-11
**ବିଜ୍ଞାପନ**

ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ସମ୍ପାଦନା, ବନାନଶୁଦ୍ଧି ତଥା ପ୍ରୁଫ୍ ସଂଶୋଧନ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ୨ଦିନ ଧରି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନ ସର୍ତ୍ତରେ ତା.୨୩.୦୯.୨୦୨୫ରିଖ ସୁଦ୍ଧା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନପାଇଁ ପ୍ରତିଷ୍ଠାନର ୱେବ୍‌ସାଇଟରେ ଉପଲବ୍ଧ ଦରଖାସ୍ତର ନମୁନା ଫର୍ମ ଓ ସର୍ତ୍ତାବଳୀ ଅନୁଯାୟୀ ସ୍ପିଡ୍-ପୋଷ୍ଟ କିମ୍ବା ଇ-ମେଲ ମାଧ୍ୟମରେ ଆବେଦନ କରିପାରିବେ।

୧. ପ୍ରଶିକ୍ଷଣ ଶିବିର କେବଳ ତାଲିମ୍ ପାଇଁ ଉଦ୍ଦିଷ୍ଟ। ଏହା ପ୍ରତିଷ୍ଠାନର ନିଯୁକ୍ତି ପାଇଁ ନୁହେଁ।
୨. ଏଥିପାଇଁ ଯାତାୟାତ ଖର୍ଚ୍ଚ ଏବଂ ବୈଠକୀ ବାବଦରେ ପ୍ରତିଷ୍ଠାନଦ୍ୱାରା ଧାର୍ଯ୍ୟ କରାଯାଇଥିବା ପାରିଶ୍ରମିକ ପ୍ରଦାନ କରାଯିବ।
୩. ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଦୁଇଦିନ ତାଲିମ୍ ସମ୍ପୂର୍ଣ୍ଣ କରିବା ପରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।
୪. ପ୍ରଶିକ୍ଷାର୍ଥୀମାନେ ଅନ୍ୟୂନ ସ୍ନାତକ ଡିଗ୍ରୀଧାରୀ ହୋଇଥିବେ। ତାଙ୍କର ବୟସ ୨୧-୬୫ବର୍ଷ ମଧ୍ୟରେ ହେବା ଆବଶ୍ୟକ।
୫. ଯଦି କୌଣସି ପ୍ରଶିକ୍ଷାର୍ଥୀ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥାଆନ୍ତି, ତେବେ ସେମାନେ ଆବେଦନ କରିପାରିବେନାହିଁ।

ଦରଖାସ୍ତ ପଠାଇବା ଠିକଣା
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ,
ଖାରବେଳ ଭବନ, ୟୁନିଟ୍-୦୫, ଭୁବନେଶ୍ୱର-୦୧
ଫୋନ ନଂ-୦୬୭୪-୨୩୯୧୦୨୧
E-mail:odiabhasapratisthan@yahoo.co.in
Website:www.odiabhasapratisthana.in

ସ୍ୱା-
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ଭୁବନେଶ୍ୱର

OIPR-03026/11/0004/2526



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**DISTRICT PROJECT OFFICE**
**SAMAGRA SHIKSHA, MALKANGIRI**
E-mail: dpcmalkanssa.opepa@nic.in/ssamalkangiri@gmail.com
Letter No. 3425/25 Dated: 01.09.2025

**TENDER CALL NOTICE**

No. n-141: Sealed tenders are invited from interested reputed Travel Agencies/ Tour Operators of private individuals for providing 02 (Two) Numbers vehicle i.e. 01 SCORPIO N Z8 and 01 BOLERO NEO N10 AC Diesel driven vehicle having sitting capacity not more than Eight or new/latest model vehicle including driver as per Finance Deptt. O.M. No. 15836/F dated 27.05.2025 which shall confirm to the terms and conditions (Annexure-I, II & III) for official use of Collector-cum-Chairman, Samagra Shiksha, Malkangiri (SCORPIO - N Z8) and another for DPC, SS, Malkangiri (BOLERO NEO N10) on monthly hire basis. The tender should be super scribed "Tender for providing vehicle on hire basis" on the cover and sealed tender should reach to the undersigned on or before 11.09.2025 by 5.30 P.M. by Speed Post/Registered Post only and shall be opened on 12.09.2025 at 4.00 P.M. in the presence of the bidder or their authorized representative at Collectorate, Malkangiri. The tender received after the scheduled date and time shall not be accepted.
The application form of Tender containing General Bid Information & Terms and Conditions for hiring of vehicle will be available at Malkangiri district website **http://malkangiri.odisha.gov.in** from Dt.02.09.2025 to 11.09.2025 which can be downloaded.
The undersigned reserve the right to reject all or any of the tender without assigning any reason thereof.

By the Orders of Collector-cum-Chairman
Sd./- District Education Officer-cum-DPC
Samagra Shiksha, Malkangiri
OIPR-27141/11/0017/2526



**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., କେନ୍ଦୁଝର**
**KEONJHAR CENTRAL COOPERATIVE BANK LTD., KEONJHAR - 758001**
H.O.: Keonjhargarh, Dist.: Keonjhar - 758001 (Odisha)
(A Regulated Entity of RBI, operating in whole Keonjhar District since last 75 years)
Invites' offline application from interested professionals through proforma application for positions in the Bank as detailed below.

| Professional Category | Position | Eligibility Criteria | Age | Tenure of Engagement | Remuneration |
|---|---|---|---|---|---|
| a. Professional - 1 | General Banking Expert | Retired Public Sector Bank (PSB) Officers; Retired not below the rank of Scale III or above and must have minimum 5 year's in the same rank as Branch Manager | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |
| b. Professional - 2 | Banking IT Expert | B.Tech/MCA with 5 years' of experience as IT specialist in PSBs/Pvt. Sector Banks/ Micro Finance Institutions/ Software Companies dealing with Financial/Banking Sector. However preference shall be given to IT specialist of Banks (PSU/Pvt.), if available | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |

Interested candidates are requested to visit the website of Banks: **www.kendujharccb.com** for more details on job profile and to download the prescribed Application-cum-Resume format for submitting their application through Speed Post to the Chief Executive Officer of Bank on or before 22.09.2025. Application/s received after due date will not be taken in to consideraton for further process of final selection.

Sd./- Chief Executive Officer



**AUCTION NOTICE**

Sealed quotations are invited from interested bidders for the public auction of the obsolete/unserviceable items (Almirahs, Televisions and Air Conditioners) as whole of SIB (MHA), Govt. of India, Bidyut Marg (Near Spl. Circuit House), Unit-V, Bhubaneswar - 751001.
Interested parties may inspect during office hours from 10.00 Hrs. to 13.00 Hrs. & 15.00 Hrs. to 17.00 Hrs. on any working day on or before 17.09.2025 and submit the sealed quotations by 17.30 Hrs. on 17.09.2025 along with a Demand Draft (NOT A/c Payee) of Rs.5,000/- (Rupes five thousand only) as Earnest Money Deposit (EMD) in favour of 'DDO, SIB Bhubaneswar' payable at SBI Bhubaneswar Main Branch. Quotations shall be submitted either by hand or by 'dak' in sealed covers superscribed as "Quotation for obsolete/unserviceable items to be auctioned" and addressed to Assistant Director/E, SIB(MHA), Bidyut Marg, Unit-V, Bhubaneswar - 751001, Tel. No. 0674-2396440. Quotations will be opened in presence of members of the Auction Committee and bidders present on 18.09.2025 at 11.00 Hrs.
Quotation of the highest bidder will be accepted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of the auctioned obsolete/unserviceable items failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehicle. The head of the office reserves the right to cancel any bid without assigning any reason thereof.

Sd./- Assistant Director/E

**ଓଡ଼ିଶା ବୁଣାକାର ମହାସଂଘର ସହସମ୍ପାଦକ ମନୋନୀତ**

ବଳଙ୍ଗା,(କେଦାରେଶ୍ୱର ନନ୍ଦ)- ବଳଙ୍ଗା ଥାନା ଅନ୍ତର୍ଗତ ମୌଜିବେରପାଟଣା ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁ ପୁରୀ ଜିଲ୍ଲା ବୁଣାକାର ସଂଘର ଦାୟିତ୍ୱ ବହନ କରିବା ସହିତ ଓଡ଼ିଶା ବୁଣାକାର ମହାସଂଘର ସହସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ବୁଣାକାର ମହାସଂଘର ସାଙ୍ଗଠନିକ ବୈଠକରେ ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନଠାରେ ମହାସଂଘର ସଭାପତି ଶ୍ରୀଧର ବେହେରା ଏହା ଘୋଷଣା କରିଛନ୍ତି। ପୁରୀ ଜିଲାରେ ବୁଣାକାର ସମବାୟ ସମିତି ଓ ଯୁବ ବୁଣାକାରଙ୍କୁ ବୁଣା କାମରେ ନିୟୋଜିତ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

# ଗଣପତି ମହୋତ୍ସବ ଉଦ୍‌ଯାପିତ





**ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)**

ଶ୍ରୀକ୍ଷେତ୍ର ଗଣପତି ମହୋତ୍ସବ କମିଟି ପକ୍ଷରୁ ଶରଧାବାଲିରେ ମଙ୍ଗଳବାର ଗଣପତି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁକ୍ତାକାଶ ମଞ୍ଚରେ ୪୦ଟି ମେଢକୁ ନେଇ ଗଣେଶ ମେଳଣ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗଣେଶ ଜନ୍ମ ଗୀତିନାଟ୍ୟ ପରିବେଷିତ ହେବା ସହ ବିଭିନ୍ନ ସଙ୍ଗୀତ ଓ ନୃତ୍ୟର ଆସର ଜମିଥିଲା। ବିଭିନ୍ନ ପୂଜା କମିଟିର ଗଣେଶ ମୂର୍ତ୍ତି ମେଳଣରେ ସାମିଲ ହୋଇଥିଲେ। ଭକ୍ତମାନେ ମେଢଗୁଡ଼ିକ ନିକଟରେ ଭିଡ଼ ଜମାଇଥିଲେ। ମହୋତ୍ସବରେ ବଡ଼ ମୂଷିକ ପ୍ରତିକୃତି ଆକର୍ଷଣ ସାଜିଥିଲା। ଶ୍ରୀସେତୁ ନିକଟସ୍ଥ ଅସ୍ଥାୟୀ ପୁଷ୍କରିଣୀରେ ଠାକୁରଙ୍କୁ ବିସର୍ଜନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସମେତ ପୂଜା କମିଟି ସଭାପତି ଓ ସମ୍ପାଦକଙ୍କୁ ଉତ୍ତରୀୟ ଓ ଲଡ୍ଡୁ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଭକ୍ତଚରଣ ଦାସ, ଉତ୍କଳ ବିଦ୍ୱତ ପରିଷଦ ସଭାପତି ମନୋଜ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗଣେଶ ମେଳଣ ବୁଲି ଦେଖିଥିଲେ। ମଞ୍ଚରେ ଭାଷାବିତ୍ କୈଳାଶ ଚନ୍ଦ୍ର ଟିକାୟତରାୟ, ଉପଦେଷ୍ଟା ଦୁର୍ଗାମାଧବ ମହାପାତ୍ର, ସଭାପତି ବିନୋଦ କୁମାର ପଣ୍ଡା, ସମ୍ପାଦକ ଶୀତଲ ପ୍ରସାଦ ମିଶ୍ର, ସାଂସ୍କୃତିକ କମିଟି ଅଧକ୍ଷ ଆଲୋକ ମହାପାତ୍ର, ପ୍ରମୋଦ କୁମାର ଜେନା, ଅମିତ ଚାଟାର୍ଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଗଠକ ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

## ମେଲାଣି ନେଲେ ପ୍ରଭୁ ଗଜାନନ

**ଚାରିଛକ,୨।୯(ଶିଶିର କୁମାର ସ୍ୱାଇଁ)**

ଚାରିଛକ ବଜାର, ମଲଉ ସାହି, ବାଲୁଙ୍କ ଏବଂ ଆଖପାଖ ଅଞ୍ଚଳରେ ମଙ୍ଗଳବାର ବିଭିନ୍ନ ପୂଜା କମିଟି ତରଫରୁ ପ୍ରଭୁ ଗଜାନନଙ୍କୁ ଭାବପୂର୍ଣ୍ଣ ମେଲାଣି ଦିଆଯାଇଛି। ଚାରିଛକ ବଜାର କମିଟିର ସଭାପତି ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ପ୍ରଭୁ ଗଜାନନଙ୍କ ସମ୍ମୁଖରେ ୭ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଜାନନଙ୍କ ମେଲାଣି ସମୟରେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସହ ବଜାରର ବ୍ୟବସାୟୀମାନେ ଦୋକାନ ବଜାର ବନ୍ଦ କରି ଭସାଣି ଉତ୍ସବରେ ସାମିଲ ହୋଇଥିଲେ। ଚାରିଛକ ଥାନା ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁତୟନ ରହିଥିଲା।




# ୫ ଦିନରେ ନିଖୋଜ ୪୫ ଶିଶୁ, ୫୦୪ ମହିଳା ଉଦ୍ଧାର

**ପୁରୀ ପୋଲିସର 'ଅପରେଶନ ଅନ୍ୱେଷଣ'**

**ପୁରୀ,୨।୯(ଅଜିତ କୁମାର ମହାନ୍ତି)**

ପୁରୀ ପୋଲିସ ପୁନର୍ବାର ଜନସାଧାରଣଙ୍କ ସୁରକ୍ଷା, କଲ୍ୟାଣ ଓ ସୁରକ୍ଷଣ ପ୍ରତି ନିଜର ସଙ୍କଳ୍ପକୁ ପ୍ରମାଣ କରିଛି। ରାଜ୍ୟସ୍ତରରେ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ ଅପରେଶନ ଅନ୍ୱେଷଣ ଅନ୍ତର୍ଗତ ୫ ଦିନରେ ପୁରୀ ପୋଲିସ ୪୫ ନିଖୋଜ ଶିଶୁ ଓ ୫୦୪ ନିଖୋଜ ମହିଳାଙ୍କୁ ଖୋଜି ପରିବାରଙ୍କ ସହିତ ପୁନର୍ମିଳନ କରାଇଥିବାରୁ ଶତାଧିକ ପରିବାରରେ ଖୁସି ଖେଳିଯାଇଛି। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଜିଲାରେ ଅପରେଶନ ଅନ୍ୱେଷଣ ପରିକଳ୍ପିତ ହୋଇଥିଲା। ଏହାର ପ୍ରଧାନ ଉଦ୍ଦେଶ୍ୟ ଥିଲା ନିଖୋଜ ଶିଶୁ ଓ ମହିଳାଙ୍କୁ ଟ୍ରେସ୍ କରି ସୁରକ୍ଷିତଭାବେ ପୁନର୍ବାସ କରାଇବା। ସମସ୍ତ ଥାନା ସହ ଏକ ସ୍ୱତନ୍ତ୍ର ଟିମ୍ ଏଥିରେ ଭାଗ ନେଇଥିଲେ। ୪୫ ଶିଶୁ ଖୋଜି ଉଦ୍ଧାର କରାଯାଇଛି। କେହି କେହି ଶିଶୁ କେତେକ ସପ୍ତାହ କିମ୍ବା ମାସ ଧରି ନିଖୋଜ ଥିଲେ। ସେମାନଙ୍କୁ ଅନ୍ୟ ଜିଲା ଏବଂ ଓଡ଼ିଶା ବାହାରୁ ମଧ୍ୟ ଟ୍ରେସ୍ କରାଯାଇଛି। ବୈବାହିକ ବିବାଦ, ଅର୍ଥନୈତିକ ସମସ୍ୟା କିମ୍ବା ସାମାଜିକ କାରଣରୁ ନିଖୋଜ ହୋଇଥିବା ମହିଳାମାନଙ୍କୁ ପୁନର୍ବାର ପରିବାର ସହିତ ମିଳାଇ ଦିଆଯାଇଛି। ସମସ୍ତ ଥାନା ସହିତ ମହିଳା ଓ ଶିଶୁ ସେଲ, ସାଇବର ପୋଲିସ ଏବଂ କ୍ରାଇମ ବ୍ରାଞ୍ଚ ସହଯୋଗ ଏଥିରେ ନିଷ୍ପତ୍ତିଜନକ ଭୂମିକା ନେଇଛି। ଏହି ଅଭିଯାନ ସଫଳତା ପଛରେ ଡିଜିଟାଲ ଟ୍ରାକିଂ, ସର୍ଭିଲାନ୍ସ, ସ୍ଥାନୀୟ ଗୁପ୍ତ ସୂଚନା ଓ ଇଣ୍ଟର-ଷ୍ଟେଟ ସମନ୍ୱୟର କାର୍ଯ୍ୟକୁଶଳ ବ୍ୟବହାର ହୋଇଥିଲା। ଅପରେଶନ ଅନ୍ୱେଷଣ ଯେଉଁଛି ବିଶ୍ୱାସ ପୁନସ୍ଥାପନ, ପରିବାର ପୁନର୍ମିଳନ ଏବଂ ମହିଳା ଓ ଶିଶୁଙ୍କର ମର୍ଯ୍ୟାଦା ସୁରକ୍ଷାର ପ୍ରତୀକ। ଶତାଧିକ ପରିବାର ପୁରୀ ପୋଲିସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶିଶୁମାନଙ୍କୁ ଚାଇଲ୍ଡଲାଇନ/ଚାଇଲ୍ଡ ୱେଲଫେୟାର କମିଟି ସହିତ ସମନ୍ୱୟରେ ସେମାନଙ୍କ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ମହିଳାମାନଙ୍କୁ ଆବଶ୍ୟକ ସହଯୋଗ, ଆଇନଗତ ସହାୟତା ଓ ସୁରକ୍ଷା ପ୍ରଦାନ କରାଯାଇଛି।

# ସାର ଅଭାବରୁ ଚାଷୀକୁଳ ହନ୍ତସନ୍ତ

**ପିପିଲି,୨।୯**
**(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)**

ସାର ଅଭାବ ନେଇ କୃଷକମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପିପିଲି ଓ ଡେଲାଙ୍ଗରେ ସାରର ନିଅଣ୍ଟିଆ ପରିସ୍ଥିତି ଦେଖାଦେଇଥିବା ବେଳେ ସାର ବିକ୍ରିରେ ଅନିୟମିତତା, କଳାବଜାର ଓ ଅତ୍ୟଧିକ ଦର ବୃଦ୍ଧି ଚାଷୀକୁଳକୁ ହନ୍ତସନ୍ତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ରାଜ୍ୟ ସରକାର କୃଷକମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକ ସାମଗ୍ରୀ ସୁବିଧାରେ ଯୋଗାଇଦେବାରେ ବିଫଳ ହୋଇଛନ୍ତି ବୋଲି ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ କହିଛନ୍ତି। ସେପଟେ ଚାଷୀ ରେଜିଷ୍ଟ୍ରେଶନଠାରୁ ଧାନ ବିକ୍ରି ସହ ଧାନ ରୋଇବା ପର୍ଯ୍ୟନ୍ତ ଅନେକ ସମସ୍ୟାରେ ପଡ଼ିଛନ୍ତି। ମଣ୍ଡିରେ କଟ୍‌ନୀଛଟ୍‌ନୀ ପରେ ଏବେ ଧାନଚାଷ ପାଇଁ ମିଳୁନି ସାର। ଏହାକୁ ନେଇ ପୁରୀ ଜିଲା ଅଧୀନ ପିପିଲି ଓ ଡେଲାଙ୍ଗରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ପିପିଲି, ମଙ୍ଗଳପୁର, ତେଇଶିପୁର, ସାତଶଙ୍ଖ ଆଦି ଅଞ୍ଚଳରେ ଦେଖାଦେଇଛି ୟୁରିଆ ସାରର ଅଭାବ। ଧାନ ରୋଇବା ପରେ ଏବେ ଧାନ ଗଛଗୁଡ଼ିକ ମୂଳ ଧରିବା ଆରମ୍ଭ କରିଥିବା ବେଳେ ଠିକ୍ ପରିମାଣର ସାର ନ ମିଳୁଥିବାରୁ ଧାନଗଛର ମୂଳ ଦୁର୍ବଳ ହେବା ସହ ଫସଲ ନଷ୍ଟ ହେବାରେ ପ୍ରଭାବ ପଡ଼ିବ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀଙ୍କ କଥାକୁ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ସମର୍ଥନ କରିଛନ୍ତି। ବର୍ତ୍ତମାନ ସରକାର ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେବା ଆବଶ୍ୟକ। ଚାଷୀଙ୍କ ପାଇଁ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ନ ଦେଲେ ଆଗାମୀ ଦିନରେ ପିପିଲିରେ ଏକ ବଡ଼ କୃଷକ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଜିଲା ପରିଷଦ ସଦସ୍ୟ ସାହୁ କହିଛନ୍ତି।

# କଂଗ୍ରେସର 'ସଂଗଠନ ସୃଜନ ଅଭିଯାନ'




କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଜି.ସି. ଚନ୍ଦ୍ରଶେଖର ଏବଂ ଅନ୍ୟ ନେତୃବୃନ୍ଦ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ପୁରୀ,୨।୯(ଅଜିତ କୁମାର ମହାନ୍ତି)**

ପୁରୀ ଚକ୍ରତୀର୍ଥ ରୋଡ୍‌ସ୍ଥିତ ସଂସ୍କୃତି ଭବନରେ ଅଖିଳ ଭାରତୀୟ କଂଗ୍ରେସ କମିଟି ଦ୍ୱାରା ଜିଲା ସଭାପତି ଚୟନ ପ୍ରକ୍ରିୟା 'ସଙ୍ଗଠନ ସୃଜନ ଅଭିଯାନ' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପୁରୀ ଜିଲା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଜି.ସି. ଚନ୍ଦ୍ରଶେଖର ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ସହଯୋଗୀ ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, କୁସୁମ ପ୍ରଧାନ ଓ ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସୃଜନ ଅଭିଯାନ, କର୍ଣ୍ଣାଟକରେ କଂଗ୍ରେସ କିପରି ସରକାରକୁ ଆସିଲା ଏବଂ ସଙ୍ଗଠନ ବ୍ୟବସ୍ଥାରେ କିପରି ସୁଧାର ହୋଇପାରିବ ସେ ନେଇ ଚନ୍ଦ୍ରଶେଖର ଉପସ୍ଥିତ ନେତା ଏବଂ କର୍ମୀଙ୍କୁ ବୁଝାଇଥିଲେ। ସେହିପରି ଜିଲା ସଭାପତି ଚୟନ ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ।

ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ, ଭାରତୀୟ କିଷାନ କଂଗ୍ରେସ ନେତା ଅମିୟ ପଟ୍ଟନାୟକ ଏବଂ ସମସ୍ତ ବ୍ଲକ୍ ସଭାପତି, ଛାମୁଆ ସଂଗଠନର ନେତା ଓ କର୍ମକର୍ତ୍ତାମାନେ ପର୍ଯ୍ୟବେକ୍ଷକଙ୍କୁ ଭେଟି ନିଜ ମତପୋଷଣ କରିଥିଲେ। ଆଶାୟୀ ଜିଲା କଂଗ୍ରେସ ସଭାପତିମାନେ ପର୍ଯ୍ୟବେକ୍ଷକଙ୍କୁ ସେମାନଙ୍କ ଦରଖାସ୍ତ ପ୍ରଦାନ କରିଥିଲେ। ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ଅପରାହ୍ଣରେ ଚନ୍ଦ୍ରଶେଖର ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତରେ ବାହାରିଥିଲେ। ସେ ପୁରୀରେ ରାତ୍ରୀଯାପନ କରି ବୁଧବାର କାକଟପୁର, ନିମାପଡ଼ା, ପିପିଲି, ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ ଯାଇ କର୍ମୀମାନଙ୍କ ମତାମତ ନେବେ। ଉକ୍ତ କାର୍ଯ୍ୟକ୍ରମକୁ ପୁରୀ ଜିଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ର ସଂଯୋଜନା କରିଥିଲେ। ପୁଷ୍କର ମହାପାତ୍ର, ଉତ୍ତମ ଆଚାର୍ଯ୍ୟ, ଜୟନାରାୟଣ ପଟ୍ଟନାୟକ, ସୁଜିତ ମହାପାତ୍ର, ବିନାୟକ ଦାସମହାପାତ୍ର, ନିରଞ୍ଜନ ରଥ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ବିଦ୍ୟୁତଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ନିରୁପମା ପାତ୍ର, ସସ୍ମିତା ସ୍ୱାଇଁ, ବିଶ୍ୱନାଥ ଦାଶ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା, ସୁକାନ୍ତ କୁମାର ପ୍ରଧାନ, କାଳୀପ୍ରସାଦ ନାୟକ, ରଜତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଭାଇଡର ଉପରକୁ ମାଡ଼ିଗଲା ବସ୍

**ପୁରୀ, ୨।୯(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲା ଚନ୍ଦନପୁର ନିକଟରେ ମଙ୍ଗଳବାର ସକାଳ ୬ଟାରେ ପଶ୍ଚିମବଙ୍ଗର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଡିଭାଇଡ଼ର ଉପରକୁ ମାଡ଼ିଯାଇଥିଲା। ତେବେ ବିପଦସଙ୍କୁଳ ଅବସ୍ଥାରେ ବସ୍ ରହିଥିବା ବେଳେ ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ମୁତାବକ, ୩୧୬ନମ୍ବର ଜାତୀୟ ରାଜପଥରେ ପଶ୍ଚିମବଙ୍ଗର ଏକ ଯାତ୍ରୀବାହୀ ବସ ପୁରୀ ଆସୁଥିଲା। ତେବେ ଚନ୍ଦନପୁର ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତାମଝିରେ ଥିବା ଡିଭାଇଡର ଉପରକୁ ମାଡ଼ିଯାଇଥିଲା। ବସ୍‌ରେ ୪୦ରୁ ଅଧିକ ଯାତ୍ରୀ ଥିଲେ। ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ଚନ୍ଦନପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

## ପ୍ରାଚୀଗୁରୁ ଧର୍ମକ୍ଷେତ୍ରରେ ରାଧାଷ୍ଟମୀ ଉତ୍ସବ

**ଯୋଗେଶ୍ୱରପୁର,୨।୯(ରଶ୍ମିରଞ୍ଜନ ସାହୁ)**

ପ୍ରାଚୀଗୁରୁ ଧର୍ମକ୍ଷେତ୍ରର ଅଧିଷ୍ଠାତ୍ରୀ ମା' ରାଧାରାଣୀ ଦେବୀଙ୍କ ଜନ୍ମ ଉତ୍ସବ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳ ଆଳତି, ସମୂହ ବିଶ୍ୱଶାନ୍ତି ପ୍ରାର୍ଥନା ପରେ ମା'ଙ୍କ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା, ବନ୍ଦାପନା ହୋଇଥିଲା। ପୀଠରେ ଚତୁର୍ଥ ପ୍ରହର ନାମଯଜ୍ଞ କରାଯାଇଥିଲା। ଏ ସନ୍ଧ୍ୟା ଆଳତି ପରେ ଶ୍ରୀକୃଷ୍ଣ ନାଟମନ୍ଦିରରେ ପ୍ରେମାଚାର୍ଯ୍ୟଙ୍କ ରଚିତ ମଧୁ ଭାଗବତର ପଞ୍ଚମ ଅଧ୍ୟାୟ ମା' ରାଧାରାଣୀଙ୍କ ଜନ୍ମ ପଠନ କରାଯାଇଥିଲା। ଡାକ୍ତର ରତ୍ନାକର ମହାନ୍ତି ରାଧାଭାବ ଉପରେ ଆଲୋକପାତ କରିଥିଲେ। ବର୍ଷକରେ ଏହି ତିଥିଦିନ ପ୍ରେମାଚାର୍ଯ୍ୟ ମଧୁସୂଦନ ରାଧାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ବାତ୍ସଲ୍ୟ ଭଜନଗୁଡ଼ିକ ସେବିକା ସବିତା ଦାସ, ଶକୁନ୍ତଳା ଦାସ, ଅନୁ ମା, ବାସନ୍ତୀ ମା', ଶାନ୍ତି ମା' ପ୍ରମୁଖ ଗାନ କରିଥିଲେ। ପ୍ରତିବର୍ଷ ପରି ଭଗବାନ୍ ଶ୍ରୀକୃଷ୍ଣଙ୍କ ଏକୋଇଶା (ନାମକରଣ) ଉତ୍ସବ ଚଳିତ ମାସ ୪ ତାରିଖ ଗୁରୁବାର ଆଶ୍ରମରେ ପାଳନ କରାଯିବ ବୋଲି ସେବକ ପ୍ରୀତିରଞ୍ଜନ ଦାସ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ମହେଶ ସାହୁ, ନୀଳମଣି ସାହୁ, ପ୍ରଭାତ ଦୀକ୍ଷିତ୍, ବ୍ରଜବନ୍ଧୁ ସାହୁ ଓ ଶକୁନ୍ତଳା ଦାଶ, କୃଷ୍ଣଚନ୍ଦ୍ର ଓଝା ପ୍ରମୁଖ ପରିଚାଳନା କରିଥିଲେ।


No. C-990

HOUSING AND URBAN DEVELOPMENT DEPARTMENT
**OFFICE OF THE BARGARH MUNICIPAL COUNCIL, BARGARH**
At/P.O./Dist.: Bargarh, PIN - 768028

No. 3695 Date: 01.09.25

**Invitation for Bids**
**BID IDENTIFICATION No. 01/BGH-MUN/2025-26**

| | | |
|---|---|---|
| 1 | Nature of Work | Civil |
| 2 | No. of Work | 03 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | C & D |
| 6 | Availability of Bids documents in website | From 11.00 Hrs. Dt.02.09.2025 to 17.00 Hrs. Dt.09.09.2025 |
| 7 | Date of Opening of Bid | Dt.10.09.2025 11.00 Hrs. |

The bidders have to participate in ONLINE bidding only. Further details can be seen from the website i.e. **http://tenderodisha.gov.in** any addendum/corrigendum/cancellation of tender can also be seen only in the said website.

Sd./- Executive Officer, Bargarh Municipality
OIPR-13103/11/0019/2526



**ODISHA PUBLIC SERVICE COMMISSION, CUTTACK**
**NOTICE**

No.6238/PSC Dt.02.09.2025
(2PG-02-25/26, DR-I)

**Partial Preponement of Document Verification & Personality Test of OCSE-2023**
**(Advt. No. 20 of 2023-24)**

No. D-195: In partial modification to this Office Notice No. 6114/PSC, Dt.25.08.2025, it is for information of concerned candidates that, consequent upon declaration of 2nd Saturday (i.e. 13.09.2025) as official working day, the Document Verification & Personality Test for OCSE-2023 in respect of 44 candidates (Forenoon Session) & 28 candidates (Afternoon Session) to be held on 14.09.2025 (Sunday) only is hereby preponed to **13.09.2025 (Saturday)** as follows:

| Sl. No. | Roll No. of Candidates | Date of Document Verification & Personality Test | Session of Document Verification & Personality Test |
|---|---|---|---|
| 1 | 2 | 3 | 4 |
| 8. | 331229, 331255, 331300, 331407, 331419, 331436, 331475, 331533, 331535, 331652, 331780, 331818, 331899, 331964, 331999, 332003, 332004, 332023, 332079, 332204, 332226, 332233, 332269, 332317, 332429, 332511, 332524, 332557, 332756, 332798, 332816, 332828, 332844, 332855, 332876, 332884, 332896, 332926, 332973, 333168, 333238, 333284, 333339, 333422 **= 44 Candidates** | 13.09.2025 (Saturday) | Forenoon Session |
| | 333578, 333620, 333673, 333764, 333774, 333785, 333876, 333906, 333983, 333985, 334081, 334092, 334311, 334433, 334445, 334488, 334545, 334567, 334646, 334652, 334689, 334701, 334707, 334715, 334718, 334737, 334791, 334822 = **28 Candidates** | | Afternoon Session |

Besides this, there will be no change in the schedule of Document verification & personality test of other candidates.

OIPR-12002/11/0312/2526 Sd./- Secretary



ଓଡ଼ିଆ ଭାଷା ପ୍ରତିଷ୍ଠାନ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

No. RR-11 **ବିଜ୍ଞାପନ**

ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ସମ୍ପାଦନା, ବନାନଶୁଦ୍ଧି ତଥା ପ୍ରୁଫ୍ ସଂଶୋଧନ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ୨ଦିନ ଧରି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନ ସର୍ତ୍ତରେ ତା.୨୩.୦୯.୨୦୨୫ରିଖ ସୁଦ୍ଧା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନପାଇଁ ପ୍ରତିଷ୍ଠାନର ୱେବ୍‌ସାଇଟରେ ଉପଲବ୍‌ଧ ଦରଖାସ୍ତର ନମୁନା ଫର୍ମ ଓ ସର୍ତ୍ତାବଳୀ ଅନୁଯାୟୀ ସ୍ପିଡ୍-ପୋଷ୍ଟ କିମ୍ବା ଇ-ମେଲ ମାଧ୍ୟମରେ ଆବେଦନ କରିପାରିବେ।

୧. ପ୍ରଶିକ୍ଷଣ ଶିବିର କେବଳ ତାଲିମ୍ ପାଇଁ ଉଦ୍ଦିଷ୍ଟ। ଏହା ପ୍ରତିଷ୍ଠାନର ନିଯୁକ୍ତି ପାଇଁ ନୁହେଁ।
୨. ଏଥିପାଇଁ ଯାତାୟାତ ଖର୍ଚ୍ଚ ଏବଂ ବୈଠକୀ ବାବଦରେ ପ୍ରତିଷ୍ଠାନଦ୍ୱାରା ଧାର୍ଯ୍ୟ କରାଯାଇଥିବା ପାରିଶ୍ରମିକ ପ୍ରଦାନ କରାଯିବ।
୩. ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଦୁଇଦିନ ତାଲିମ୍ ସମ୍ପୂର୍ଣ୍ଣ କରିବା ପରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।
୪. ପ୍ରଶିକ୍ଷାର୍ଥୀମାନେ ଅନ୍ୟୂନ ସ୍ନାତକ ଡିଗ୍ରୀଧାରୀ ହୋଇଥିବେ। ତାଙ୍କର ବୟସ ୨୧-୬୫ବର୍ଷ ମଧ୍ୟରେ ହେବା ଆବଶ୍ୟକ।
୫. ଯଦି କୌଣସି ପ୍ରଶିକ୍ଷାର୍ଥୀ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥାଆନ୍ତି, ତେବେ ସେମାନେ ଆବେଦନ କରିପାରିବେନାହିଁ।

ଦରଖାସ୍ତ ପଠାଇବା ଠିକଣା
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ,
ଖାରବେଳ ଭବନ, ୟୁନିଟ୍-୦୫, ଭୁବନେଶ୍ୱର-୦୧
ଫୋନ୍ ନଂ-୦୬୭୪-୨୩୯୧୦୨୧
E-mail:odiabhasapratisthan@yahoo.co.in
Website:www.odiabhasapratisthana.in

ସ୍ୱା-
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ଭୁବନେଶ୍ୱର

OIPR-03026/11/0004/2526



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**DISTRICT PROJECT OFFICE**
**SAMAGRA SHIKSHA, MALKANGIRI**
E-mail: dpcmalkanssa.opepa@nic.in/ssamalkangiri@gmail.com
Letter No. 3425/25 Dated: 01.09.2025

**TENDER CALL NOTICE**

No. n-141: Sealed tenders are invited from interested reputed Travel Agencies/ Tour Operators of private individuals for providing 02 (Two) Numbers vehicle i.e. 01 SCORPIO N Z8 and 01 BOLERO NEO N10 AC Diesel driven vehicle having sitting capacity not more than Eight or new/latest model vehicle including driver as per Finance Deptt. O.M. No. 15836/F dated 27.05.2025 which shall confirm to the terms and conditions (Annexure-I, II & III) for official use of Collector-cum-Chairman, Samagra Shiksha, Malkangiri (SCORPIO - N Z8) and another for DPC, SS, Malkangiri (BOLERO NEO N10) on monthly hire basis. The tender should be super scribed "Tender for providing vehicle on hire basis" on the cover and sealed tender should reach to the undersigned on or before 11.09.2025 by 5.30 P.M. by Speed Post/Registered Post only and shall be opened on 12.09.2025 at 4.00 P.M. in the presence of the bidder or their authorized representative at Collectorate, Malkangiri. The tender received after the scheduled date and time shall not be accepted.

The application form of Tender containing General Bid Information & Terms and Conditions for hiring of vehicle will be available at Malkangiri district website **http://malkangiri.odisha.gov.in** from Dt.02.09.2025 to 11.09.2025 which can be downloaded.

The undersigned reserve the right to reject all or any of the tender without assigning any reason thereof.

By the Orders of Collector-cum-Chairman
Sd./- District Education Officer-cum-DPC
Samagra Shiksha, Malkangiri

OIPR-27141/11/0017/2526



**AUCTION NOTICE**

Sealed quotations are invited from interested bidders for the public auction of the obsolete/unserviceable items (Almirahs, Televisions and Air Conditioners) as whole of SIB (MHA), Govt. of India, Bidyut Marg (Near Spl. Circuit House), Unit-V, Bhubaneswar - 751001.

Interested parties may inspect during office hours from 10.00 Hrs. to 13.00 Hrs. & 15.00 Hrs. to 17.00 Hrs. on any working day on or before 17.09.2025 and submit the sealed quotations by 17.30 Hrs. on 17.09.2025 along with a Demand Draft (NOT A/c Payee) of Rs.5,000/- (Rupes five thousand only) as Earnest Money Deposit (EMD) in favour of 'DDO, SIB Bhubaneswar' payable at SBI Bhubaneswar Main Branch. Quotations shall be submitted either by hand or by 'dak' in sealed covers superscribed as "Quotation for obsolete/unserviceable items to be auctioned" and addressed to Assistant Director/E, SIB(MHA), Bidyut Marg, Unit-V, Bhubaneswar - 751001, Tel. No. 0674-2396440. Quotations will be opened in presence of members of the Auction Committee and bidders present on 18.09.2025 at 11.00 Hrs.

Quotation of the highest bidder will be accepted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of the auctioned obsolete/unserviceable items failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehicle. The head of the office reserves the right to cancel any bid without assigning any reason thereof.

Sd./- Assistant Director/E



**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., କେନ୍ଦୁଝର**
**KEONJHAR CENTRAL COOPERATIVE BANK LTD., KEONJHAR - 758001**
H.O.: Keonjhargarh, Dist.: Keonjhar - 758001 (Odisha)
(A Regulated Entity of RBI, operating in whole Keonjhar District since last 75 years)

Invites' offline application from interested professionals through proforma application for positions in the Bank as detailed below.

| Professional Category | Position | Eligibility Criteria | Age | Tenure of Engagement | Remuneration |
|---|---|---|---|---|---|
| a. Professional - 1 | General Banking Expert | Retired Public Sector Bank (PSB) Officers; Retired not below the rank of Scale III or above and must have minimum 5 year's in the same rank as Branch Manager | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |
| b. Professional - 2 | Banking IT Expert | B.Tech/MCA with 5 years' of experience as IT specialist in PSBs/Pvt. Sector Banks/ Micro Finance Institutions/ Software Companies dealing with Financial/Banking Sector. However preference shall be given to IT specialist of Banks (PSU/Pvt.), if available | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |

Interested candidates are requested to visit the website of Banks: **www.kendujharccb.com** for more details on job profile and to download the prescribed Application-cum-Resume format for submitting their application through Speed Post to the Chief Executive Officer of Bank on or before 22.09.2025. Application/s received after due date will not be taken in to consideraton for further process of final selection.

Sd./- Chief Executive Officer

# ଉତ୍ତାପ ଚାପ ସହର ପାଇଁ ବଡ଼ ଆହ୍ୱାନ

## ଓଡ଼ିଶା ବହୁ ଆଗରୁ ଜଳବାୟୁ ପରିବର୍ତ୍ତନକୁ ବୁଝିସାରିଛି: ତଥାଗତ




'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୨।୯(ବନ୍ଦନା ସେଠୀ)

ଇଣ୍ଟରନ୍ୟାଶନାଲ୍ ଫୋରମ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟ ସଷ୍ଟେନେବିଲିଟି ଆଣ୍ଡ୍ ଟେକ୍ନୋଲୋଜି (ଆଇଫରେଷ୍ଟ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଇଣ୍ଟିଗ୍ରେଟେଡ୍ ହିଟ୍ ଆଣ୍ଡ୍ କୁଲିଂ ଆକ୍ସନ ପ୍ଲାନ୍ (ଆଇଏଚ୍‌ସିଏପି) ସମ୍ମିଳନୀ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିଙ୍ଗାପୁର-ଇଇଟିଏଚ୍ କେନ୍ଦ୍ର (ଏସ୍‌ଇସି) ସହଯୋଗରେ ଅନୁଷ୍ଠାନ ଦ୍ୱାରା ବିକଶିତ 'ଭୁବନେଶ୍ୱର ପାଇଁ ସମନ୍ୱିତ ଗରମ ଏବଂ ଶୀତଳୀକରଣ କାର୍ଯ୍ୟ ଯୋଜନା ରିପୋର୍ଟ' ଉନ୍ମୋଚିତ ହୋଇଯାଇଛି। ଏହା ବର୍ଦ୍ଧିତ ଚାପ ଏବଂ ଶୀତଳୀକରଣ ଚାହିଦାକୁ ସମାଧାନ କରିବା ଦିଗରେ ଏକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି।

ଏହି ରିପୋର୍ଟକୁ ମେୟର ସୁଲୋଚନା ଦାସ ଏବଂ ଅନୁଷ୍ଠାନର ସିଇଓ ଡ. ଚନ୍ଦ୍ର ଭୂଷଣ ଉନ୍ମୋଚନ କରିଥିଲେ। ମେୟର ଦାସ କହିଲେ, ଭୁବନେଶ୍ୱର ସର୍ବଦା ଅଗ୍ରଗାମୀ ସହରୀ ସମାଧାନକୁ ଗ୍ରହଣ କରିଛି। ଏହି ଜଳବାୟୁ-ସ୍ମାର୍ଟ ସହରରେ ଆଇଏଚ୍‌ସିଏପି ଆମର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ବୋଲି କହିଥିଲେ। ଡ. ଚନ୍ଦ୍ର ଭୂଷଣ କହିଲେ, ଉତ୍ତାପ ଚାପ ଏବେ ଭାରତର ସହରଗୁଡ଼ିକ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ସହରଗୁଡ଼ିକର ତାପମାତ୍ରା ବୃଦ୍ଧି, ଶୀତଳ ଚାହିଦା ବୃଦ୍ଧି ଏବଂ ଶକ୍ତି ବ୍ୟବହାର ଓ ନିର୍ଗମନ ବୃଦ୍ଧି କରିବା ଚକ୍ରକୁ ପ୍ରତିହତ କରିବା ପାଇଁ ଆଇଏଚ୍‌ସିଏପି

### ଭୁବନେଶ୍ୱର ପାଇଁ ସମନ୍ୱିତ ଗରମ, ଶୀତଳୀକରଣ କାର୍ଯ୍ୟ ଯୋଜନା ରିପୋର୍ଟ ଉନ୍ମୋଚିତ

ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି।

ପରବର୍ତ୍ତୀ ଅଧିବେଶନରେ 'ନାଗରିକ ସମାଜର ଭୂମିକା' ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ କହିଲେ, ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ବିଷୟରେ ଅବଗତ ନ ଥିବା ସମୟରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠାରେ ଆମେ ଜଳବାୟୁ ପରିବର୍ତ୍ତନକୁ ବୁଝିସାରିଥିଲୁ। ରାଜ୍ୟବାସୀ ବହୁ ଆଗରୁ ଘୂର୍ଣ୍ଣିବାତ୍ୟା, ମରୁଡ଼ି, ଦୁର୍ଭିକ୍ଷ ଏବଂ ଗମ୍ଭୀର ଜଳବାୟୁ ପରିସ୍ଥିତି ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଆମେ ପରିବର୍ତ୍ତନ ଦେଖୁଛୁ ଏବଂ ଅନୁଭବ କରୁଛୁ। ମାତ୍ର ଦୁର୍ଭାଗ୍ୟର କଥା ହେଉଛି, ଆମେ ଏଥିରେ ଅଭ୍ୟସ୍ତ ହୋଇଯାଉଛୁ। ତେବେ ଆୟୋଜକଙ୍କ ପକ୍ଷରୁ ଭୁବନେଶ୍ୱରରେ କରାଯାଇଥିବା ଗବେଷଣା, ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଏବଂ ନୂତନ ଚିନ୍ତାଧାରାକୁ ତଥାଗତ ପ୍ରଶଂସା କରିଥିଲେ।




ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟ ଅତିଥିମାନେ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

# ପତିତପାବନ ବାନା ଉପରେ ବସିଲା ଚିଲ



ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନୀଳଚକ୍ର ଉପରେ ଏକ ଚିଲ କିଛି ସମୟ ଧରି ବସିଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ଏନେଇ ବିଭିନ୍ନ ମହଲରେ ନାନା କଳ୍ପନା ଜଳ୍ପନା ଶୁଣିବାକୁ ମିଳୁଛି। ମଧ୍ୟାହ୍ନରେ ଏକ ଚିଲ ଶ୍ରୀମନ୍ଦିର ଉପରେ ଉଡୁଥିଲା। କିଛି ସମୟ ବୁଲିବା ପରେ ଚିଲଟି ପତିତପାବନ ବାନା ଉପରେ ବସିଥିଲା। ପ୍ରାୟ ୫ ମିନିଟ ଧରି ବସିବା ପରେ ପୁଣି ଉଡ଼ିଯାଇଥିଲା। ତେବେ ପତିତପାବନ ବାନା ଉପରେ ଚିଲ ବସିବା ଶୁଭ କି ଅଶୁଭ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କେତେଜଣ ସେବାୟତ ଏହାକୁ ମହାପ୍ରଭୁଙ୍କ ବଡ଼ ସଂକେତ ବୋଲି କହିଛନ୍ତି। ଚିଲ ପତିତପାବନ ବାନା ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ଖାଦ୍ୟାଭାବ, ଗୃହଯୁଦ୍ଧ ବୃଦ୍ଧି ପାଇଥାଏ ବୋଲି ସେମାନେ କହିଛନ୍ତି। ଆସନ୍ତା ୭ ତାରିଖରେ ଚନ୍ଦ୍ରଗ୍ରହଣ ପଡୁଥିବାବେଳେ ତା'ର କିଛିଦିନ ପୂର୍ବରୁ ପତିତପାବନ ବାନା ଉପରେ ଚିଲ ବସିବା ଯୋଗୁ ଆଗକୁ କିଛି ଅଶୁଭ ସଙ୍କେତ ଦେଖାଯାଇପାରେ ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଏହା ଏକ ସାଧାରଣ କଥା ବୋଲି ଅନେକ ବ୍ୟକ୍ତିବିଶେଷ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଏପରି ଘଟଣା ପ୍ରଥମ ନୁହେଁ। ପୂର୍ବରୁ ଚଳିତ ବର୍ଷ ଏପ୍ରିଲରେ ପତିତପାବନ ବାନା ନେଇ ଚିଲ ଉଡୁଥିବା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ନୀଳଚକ୍ରରେ ପ୍ରତ୍ୟେକ ଦିନ ବାନା ପରିବର୍ତ୍ତନ କରାଯାଉଥିବା ବେଳେ ବିଭିନ୍ନ ସମୟରେ ନୀଳଚକ୍ର ଉପରେ ଚିଲ ବସିବା ନଜିର ମଧ୍ୟ ରହିଛି।

# ସେପ୍ଟେମ୍ବରରେ ଓଡ଼ିଶାରେ ସାଧାରଣ ବର୍ଷା

### ଏବର୍ଷ ୧୬ ଲଘୁଚାପ, ଅବପାତ

ଭୁବନେଶ୍ୱର,୨।୯(ବନ୍ଦନା ସେଠୀ)

ସେପ୍ଟେମ୍ବର ଆରମ୍ଭରୁ ଓଡ଼ିଶାରେ ସ୍ୱାଭାବିକ ଠାରୁ ୭% ଅଧିକ ବର୍ଷା ହୋଇଛି। ତେବେ ଏହି ମାସରେ ରାଜ୍ୟରେ ସାଧାରଣ ବର୍ଷା ହେବ। କିନ୍ତୁ ଦେଶରେ ସାଧାରଣରୁ ଅଧିକ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଥିବା ଭାରତୀୟ ପାଣିପାଗ ସଂସ୍ଥାନ (ଆଇଏମ୍‌ଡି)ର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ମଙ୍ଗଳବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ମୌସୁମୀ ସମୟରେ ୧୩ରୁ ୧୪ଟି ଲଘୁଚାପ ଏବଂ ଅବପାତ ସୃଷ୍ଟି ହୋଇଥାଏ। ତେବେ ଏଥର ୧୬ଟି ଲଘୁଚାପ ଓ ଅବପାତ ହେବା ନେଇ ଆକଳନ କରାଯାଇଛି। ଅପରପକ୍ଷେ ସୃଷ୍ଟି ହୋଇଥିବା ଲଘୁଚାପଗୁଡ଼ିକ ପାଇଁ ଓଡ଼ିଶାର ଦକ୍ଷିଣ-ପଶ୍ଚିମ ଭାଗରେ ଅଧିକ ବର୍ଷା ରେକର୍ଡ କରାଯାଇଛି ବୋଲି ଡିଜି ମହାପାତ୍ର କହିଛନ୍ତି। ଆଇଏମ୍‌ଡିର ପୂର୍ବାନୁମାନ ଅନୁଯାୟୀ, ସେପ୍ଟେମ୍ବରରେ ଭାରତରେ ମାସିକ ବର୍ଷା ଲମ୍ବା ଅବଧି ହାରର ୧୦୯%ରୁ ଅଧିକ ହେବା ଆଶା ରହିଛି, ଯାହାର ସାଧାରଣ ହାର ୧୬୭.୯ ମିଲିମିଟର। ଏହାସହ ଫ୍ଲାସ୍ ଫ୍ଲଡ, ଭୂସ୍ଖଳନ ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟର ଚେତାବନୀ ଜାରି କରାଯାଇଛି।

### ସୃଷ୍ଟିହେଲା ଲଘୁଚାପ: ୪ ଜିଲାକୁ ରେଡ୍ ୱାର୍ନିଂ

ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ମଙ୍ଗଳବାରଠାରୁ ସାରା ରାଜ୍ୟରେ ବର୍ଷା ଲାଗି ରହିଛି। ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଓଡ଼ିଶା ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ଥିବାରୁ ପ୍ରବଳ ବର୍ଷା ଜାରି ରହିବ ବୋଲି ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ବୁଧବାର ପ୍ରବଳରୁ ଅତି ପ୍ରବଳ ବର୍ଷା, ଝଟକା ପବନ ଓ ବିଜୁଳି ଘଡ଼ଘଡ଼ି ନେଇ ୪ ଜିଲା ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା ନେଇ ୮ଜିଲା ପୁରୀ, ଖୋର୍ଦ୍ଧା, କଟକ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, କୋରାପୁଟ ଓ ନବରଙ୍ଗପୁରକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିପରି ବଲାଙ୍ଗୀର, ମୟୂରଭଞ୍ଜ, ନୟାଗଡ଼, ବୌଦ୍ଧ, ସୋନପୁର, ବରଗଡ଼, ମାଲକାନଗିରି ଏବଂ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ସଂସ୍ଥାନ(ଆଇଏମ୍‌ଡି)ର ସୂଚନା ଅନୁସାରେ, ମଙ୍ଗଳବାର ସୃଷ୍ଟି ହୋଇଥିବା ଲଘୁଚାପ ବୁଧବାର ସୁଦ୍ଧା ଉପକୂଳ ଅତିକ୍ରମ କରିବ ଏବଂ କିଛି ଜିଲାରେ ୨୦ ସେ.ମି.ରୁ ଅଧିକ ବର୍ଷା କରାଇବ। ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ଅଙ୍ଗନୱାଡ଼ିରେ ସ୍ଥାପନ ହେଲା ସୁଗାର ବୋର୍ଡ

ଭୁବନେଶ୍ୱର,୨।୯(ସୁଚିସ୍ମିତା ସାହୁ)

ଶିଶୁଙ୍କ ଖାଦ୍ୟରେ ଅଧିକ ଚିନି ବ୍ୟବହାର ହେଉଥିବା ନଜରକୁ ଆସୁଛି। ସ୍ୱାସ୍ଥ୍ୟ ପ୍ରତି ଏହା ହାନିକାରକ ହୋଇଥିବାରୁ ଶିଶୁ ସମୟରୁ ହିଁ ପିଲାଙ୍କ ଖାଦ୍ୟରେ ଚିନି ପରିମାଣ କମ୍ କରିବା ପାଇଁ ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ସୂଚନାପ୍ରଦ ଏବଂ ଦୃଶ୍ୟାତ୍ମକ ସୁଗାର ବୋର୍ଡ ସ୍ଥାପନ କରାଯାଇଛି।

ଚିନିର ଅତ୍ୟଧିକ ବ୍ୟବହାର ଯୋଗୁ ଶିଶୁଙ୍କ ମଧ୍ୟରେ ମୋଟାପଣ, ମଧୁମେହ ଏବଂ ଦନ୍ତ କ୍ଷୟ ଭଳି ବିଭିନ୍ନ ରୋଗ ଦେଖିବାକୁ ମିଳିଛି। ପିଲାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସୁଗାର ବୋର୍ଡ ଲଗାଯାଇଛି। ଏହି ବୋର୍ଡ ମାଧ୍ୟମରେ ପ୍ୟାକେଜ ଖାଦ୍ୟ ଏବଂ ପାନୀୟରେ ଥିବା ଚିନି ପରିମାଣ ସମ୍ପର୍କରେ ଶିଶୁ, ମାତାପିତାଙ୍କ ସମେତ ଅଙ୍ଗନୱାଡ଼ି କର୍ମକର୍ତ୍ତା ସଚେତନ ହେବେ। ଏଥିସହ ଛୋଟ ବୟସରୁ ଶିଶୁଙ୍କୁ ସୁସ୍ଥ ଖାଦ୍ୟାଭ୍ୟାସ ନିମନ୍ତେ ପ୍ରୋତ୍ସାହିତ କରାଯିବ। ପୋଷଣ ଅଭିଯାନ ଏବଂ ଫିଟ ଇଣ୍ଡିଆ ଆନ୍ଦୋଳନର ଉଦ୍ଦେଶ୍ୟକୁ ଏହି ଅଭିଯାନ ସଫଳ କରିବା ସହ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ଉନ୍ନତ ପୋଷଣ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି ଏବଂ ସାମଗ୍ରିକ ଶିଶୁ ବିକାଶ ଦିଗରେ କାର୍ଯ୍ୟ କରିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ତମନ୍ନା ବିଜେବି କଲେଜର ଶ୍ରେଷ୍ଠ ଅଲ୍‌ରାଉଣ୍ଡର



ଭୁବନେଶ୍ୱର,୨।୯(ସୁଚିସ୍ମିତା ସାହୁ)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ତରଫରୁ ୨୦୨୪-୨୫ ବର୍ଷ ପାଇଁ ଶ୍ରେଷ୍ଠ ଅଲରାଉଣ୍ଡର ଛାତ୍ରୀ ଭାବେ ତମନ୍ନା ଭୋଇଙ୍କୁ ପୁରସ୍କୃତ କରାଯାଇଛି। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ଝୁମୁକୀ ରଥ ତାଙ୍କୁ ମାନପତ୍ର, ଟ୍ରଫି ସହ ୪ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ବିଭାବରୀ ବଳ, ପ୍ରଫେସର ଅନୁସୂୟା ନାୟକ ଓ ପ୍ରଫେସର ସ୍ମୃତିରଞ୍ଜନ ସାହୁ ପ୍ରମୁଖ ପ୍ରାଧ୍ୟାପକ ଉପସ୍ଥିତ ରହି ତମନ୍ନାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଧାଂଶୁ



@ ଜିନୁ



@ ସୁବ୍ରତ



@ ତାପସ



@ ପ୍ରିୟଙ୍କା



@ ଶିବରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅକ୍ଟୋବର ଶେଷ ସୁଦ୍ଧା ଆର୍ଦ୍ରଭୂମି ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କର: ମନ୍ତ୍ରୀ



ବୈଠକରେ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ସହ ବିଭାଗୀୟ ଅଧିକାରୀମାନେ।

### ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଚତୁର୍ଥ ବୈଠକ

ଭୁବନେଶ୍ୱର,୨।୯ (ବନ୍ଦନା ସେଠୀ)

ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଚତୁର୍ଥ ବୈଠକ ମଙ୍ଗଳବାର ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ ଅଧ୍ୟକ୍ଷ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଅକ୍ଟୋବର ଶେଷ ସୁଦ୍ଧା ଚିଲିକା, ଅଂଶୁପା, ଭିତରକନିକା ହେନ୍ତାଳବନ, ହୀରାକୁଦ ଜଳଭଣ୍ଡାର, ସାତକୋଶିଆ ଗଣ୍ଡ ଏବଂ ତାମ୍ପଡା ଆର୍ଦ୍ରଭୂମିର ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ବନଖଣ୍ଡ ଅଧିକାରୀ ଓ କ୍ଷେତ୍ର ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ସଫଳତା ମଧ୍ୟରେ ଚିଲିକା ହ୍ରଦ ପୁନରୁଦ୍ଧାର, ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା, ଅଂଶୁପା ଓ ତାମ୍ପଡା ହ୍ରଦ ଆଦି ଛୋଟ ଆର୍ଦ୍ରଭୂମିର ସଂରକ୍ଷଣ, ରାମସାର୍ ସ୍ଥାନ ସମ୍ପ୍ରସାରଣ, ଗୋଷ୍ଠୀ ସମ୍ପୃକ୍ତି ଓ ଜୀବିକା ପ୍ରୋତ୍ସାହନ, ଜଳବାୟୁ ସ୍ଥିରତା ଓ ବିପର୍ଯ୍ୟୟ ପ୍ରଶମନ, ସଚେତନତା ଏବଂ ଗବେଷଣା ସହଯୋଗ ଆଦି ଅନ୍ତର୍ଭୁକ୍ତ। ସମନ୍ୱିତ ପରିଚାଳନା ଯୋଜନାର ମାର୍ଗଦର୍ଶିକା ଅନୁସାରେ ସମ୍ପୃକ୍ତ ସରକାରୀ ବିଭାଗ ଓ ବିଭିନ୍ନ ଅଂଶୀଦାରମାନଙ୍କ ସହ ସମନ୍ୱୟ ରକ୍ଷାକରି ବନଖଣ୍ଡ ଅଧିକାରୀ ଓ କ୍ଷେତ୍ର ପରିଚାଳକମାନେ ଏହି ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ସିଂଖୁଣ୍ଟିଆ କହିଛନ୍ତି।

ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଲେ, ଆର୍ଦ୍ରଭୂମିଗୁଡିକ ହେଉଛି ଆମ ରାଜ୍ୟରେ ଜୀବନ ଏବଂ ଜୀବିକାର ଜୀବନରେଖା। ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ ଏହି ପରିସଂସ୍ଥାଗୁଡ଼ିକର ରକ୍ଷକ ଭାବରେ ଠିଆ ହୋଇଛି। ଆମର ଆର୍ଦ୍ରଭୂମିଗୁଡ଼ିକର ବିଶ୍ୱସ୍ତରୀୟ ସ୍ୱୀକୃତି, ଚିଲିକାର ପୁନରୁଦ୍ଧାର, ଭିତରକନିକାର ସୁରକ୍ଷା, ଅଂଶୁପା ଏବଂ ତାମ୍ପରାର ଅନ୍ତର୍ଭୁକ୍ତି ପ୍ରଭୃତି ଆର୍ଦ୍ରଭୂମି ସଂରକ୍ଷଣରେ ଓଡ଼ିଶାର ନେତୃତ୍ୱର ପ୍ରମାଣ। ବିଭିନ୍ନ ଆର୍ଦ୍ରଭୂମିର ପରିବେଶ-ସମ୍ବେଦନଶୀଳ ଅଞ୍ଚଳକୁ ବାଦ୍ ଦେଇ ଅନ୍ୟ ସ୍ଥାନରେ ପରିବେଶ ପର୍ଯ୍ୟଟନର ସମ୍ଭାବନାକୁ କାର୍ଯ୍ୟରେ ରୂପାୟିତ କରିପାରିଲେ ଆର୍ଦ୍ରଭୂମିଗୁଡିକ ଦେଶ ବିଦେଶର ବହୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିବ ବୋଲି ସାହୁ ମତ ରଖିଥିଲେ। ବୈଠକରେ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରି, ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ସଦସ୍ୟ ସଚିବ ତଥା ପରିବେଶ ନିର୍ଦ୍ଦେଶକ କେ. ଏସ୍. ପ୍ରଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ସୂର୍ଯ୍ୟମନ୍ଦିର ଦେଖି ଆତ୍ମବିଭୋର ହେଲେ ୩ ରାଷ୍ଟ୍ରଦୂତ

କୋଣାର୍କ,୨।୯(ଜ୍ୟୋତିରାଜ ମହାନ୍ତି)

ରୋମାନିଆ, ରିପବ୍ଲିକ୍ ଅଫ୍ ସ୍ଲୋଭେନିଆ ଏବଂ ଏଲ୍‌ଜୁବାନିଆରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତମାନେ ମଙ୍ଗଳବାର ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ପୂର୍ବାହ୍ନରେ ରୋମାନିଆର ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର, ରିପବ୍ଲିକ ଅଫ୍ ସ୍ଲୋଭେନିଆର ରାଷ୍ଟ୍ରଦୂତ ଅମିତ୍ ନାରଙ୍ଗ ଏବଂ ରିପବ୍ଲିକ୍ ଅଫ୍ ମାଲ୍ଟାର ରାଷ୍ଟ୍ରଦୂତ ଗ୍ଲୋରିଆ ଗାଙ୍ଗ୍‌ଟେ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିବା ପରେ ସେମାନଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ଓ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଭବ୍ୟ ସ୍ୱାଗତ କରିଥିଲେ। ପରେ ସେମାନେ ସୂର୍ଯ୍ୟମନ୍ଦିର ବୁଲି ଦେଖିବା ସହ ଫଟୋ ଉଠାଇଥିଲେ। କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ ରାଷ୍ଟ୍ରଦୂତମାନଙ୍କୁ ସୂର୍ଯ୍ୟମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, କାରୁକାର୍ଯ୍ୟ, କଳାକୃତି, ଭାସ୍କର୍ଯ୍ୟ ଓ ଇତିହାସ ସମ୍ପର୍କରେ ଅବଗତ କରାଇଥିଲେ। ମନ୍ଦିର ପରିଦର୍ଶନ ସମୟରେ ରାଷ୍ଟ୍ରଦୂତମାନେ ସୂର୍ଯ୍ୟମନ୍ଦିରର ପ୍ରାଚୀନ କଳାକୃତି ଦେଖି ଆତ୍ମବିଭୋର ହେବା ସହ ଏହାର ଐତିହ୍ୟ ଓ ସଂସ୍କୃତି ବିଶ୍ୱରେ ଅନନ୍ୟ ଏବଂ ଅଦ୍ୱିତୀୟ ବୋଲି କହିଥିଲେ। ପରେ ୩ ଦେଶର ରାଷ୍ଟ୍ରଦୂତ ଇଣ୍ଡିଆନ୍ ଅଏଲ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। ସ୍ଥପତି ପଦ୍ମବିଭୂଷଣ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ପଥରନିର୍ମିତ କାରୁକାର୍ଯ୍ୟସମ୍ପନ୍ନ କୀର୍ତ୍ତିରାଜି ବୁଲି ଦେଖିବା ସହ ପ୍ରଶଂସା କରିଥିଲେ।



## ଭାରତକୁ ତେଲ କିଣାରେ ଅଧିକ ରିହାତି ଦେଲା ରୁଷିଆ

ଭାରତୀୟ କ୍ରେତାଙ୍କ ପାଇଁ ରୁଷିଆ ଏହାର ତୈଳ ଦାମ୍‌ରେ ଅଧିକ ୩ରୁ ୪ ଡଲାର ରିହାତି ଘୋଷଣା କରିଛି। ରୁଷିଆରୁ ତେଲ କିଣାକୁ ନେଇ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ମସ୍କୋ ପକ୍ଷରୁ ନୂଆଦିଲ୍ଲୀକୁ ଅଧିକ ରିହାତି ପ୍ରଦାନ କରାଯାଇଛି। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବର ଦ୍ୱିତୀୟ ଭାଗ ଏବଂ ଅକ୍ଟୋବରରେ ଆସିବାକୁ ଥିବା ରୁଷିଆର ଉରାଲ କ୍ରୁଡ୍ ଉପରେ ବ୍ୟାରେଲ୍ ପିଛା ୩ରୁ ୪ ଡଲାର ରିହାତି ମିଳିବ। ଜୁଲାଇରେ ରିହାତି ପରିମାଣ ୧ ଡଲାର ଥିବାବେଳେ ଗତ ସପ୍ତାହରେ ତାହା ୨.୫୦ ଡଲାରକୁ ବଢ଼ିଥିଲା।




ଶିଶୁ ବାଟିକାରେ ଶିଶୁ ସେବିକା ବଦଳରେ ପ୍ରାକ୍ ପ୍ରାଥମିକ ଶିକ୍ଷକ ନିଯୁକ୍ତି ସହ ବିଭିନ୍ନ ଦାବିରେ ମଙ୍ଗଳବାର ଓଡ଼ିଶା ପ୍ରାକ୍ ପ୍ରାଥମିକ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଭୁବନେଶ୍ୱର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ-ମନୋରଞ୍ଜନ ମିଶ୍ର)

# ଜନପ୍ରତିନିଧିଙ୍କ ବୁକ୍ ସର୍କୁଲାର ଢାଲ

## ସାମଗ୍ରିକ ବିକାଶ ପଛ ; ଟ୍ରାନ୍ସଫର-ପୋଷ୍ଟିଂ ଆଗ

ଭୁବନେଶ୍ୱର,୨।୯ (ରବିନାରାୟଣ ଜେନା)

ଜନପ୍ରତିନିଧିମାନେ କ୍ଷମତାକୁ ଆସିବା ପୂର୍ବରୁ ଲୋକଙ୍କୁ ଯେଉଁ ଆଶା ଓ ଭରସା ଦେଇଥାନ୍ତି, ତାକୁ ପରବର୍ତ୍ତୀ ପର୍ଯ୍ୟାୟରେ ପାସୋରି ଦେଉଥିବା ନେଇ ଅଧିକାଂଶ ସମୟରେ ଚର୍ଚ୍ଚା ହେଉଥିବାବେଳେ ବାସ୍ତବରେ ଏହା ନିରାଟ ସତ୍ୟ ବୋଲି ଏକ ସରକାରୀ ତଥ୍ୟରୁ ଜଣାଯାଇଛି। ବୁକ୍ ସର୍କୁଲାର-୪୭କୁ ଆଢ଼କରି ଜନପ୍ରତିନିଧିମାନେ ସେମାନଙ୍କ କ୍ଷମତାକୁ କିଭଳି 'ନିଲାମ' କରୁଛନ୍ତି ତାହା ନ କହିଲେ ବି ଜଳସମ୍ପଦ ବିଭାଗ ପତ୍ରରୁ ସ୍ପଷ୍ଟ ଜଣାପଡ଼ିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ନିର୍ଦ୍ଦେଶକ୍ରମେ ସବୁ ବିଭାଗ ପକ୍ଷରୁ ବୁକ୍ ସର୍କୁଲାର-୪୭ର ଅନୁପାଳନ ରିପୋର୍ଟ ଦେବାକୁ ଯାଇ ଜଳସମ୍ପଦ ବିଭାଗ ପକ୍ଷରୁ ଅଗଷ୍ଟ ୨୧ରେ ସଂସଦୀୟ ବ୍ୟାପାର ବିଭାଗକୁ ଏକ ପତ୍ର ଲେଖାଯାଇଛି। ସେଥିରେ ବିଭାଗୀୟ ଅତିରିକ୍ତ ସଚିବ ଟି. ସୁଜାତା ରାଓ ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି, ତାହା କେବଳ କର୍ମଚାରୀଙ୍କ ଟ୍ରାନ୍ସଫର ଓ ପୋଷ୍ଟିଂ ସମ୍ପର୍କରେ ଜନପ୍ରତିନିଧି କିଭଳି ବିଭାଗକୁ ଅନୁରୋଧ କରିଛନ୍ତି ତାହା ଦର୍ଶାଯାଇଛି। ସବୁଠାରୁ ବଡ଼କଥା ହେଲା, ବିଭାଗକୁ ଜନପ୍ରତିନିଧିମାନେ ସ୍ଥାନୀୟ ଅଞ୍ଚଳ ତଥା ରାଜ୍ୟର ବିକାଶ ପାଇଁ ସୁପାରିସ କରିବା ପରିବର୍ତ୍ତେ କର୍ମଚାରୀଙ୍କ ଟ୍ରାନ୍ସଫର-ପୋଷ୍ଟିଂକୁ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ବିଧାୟକ, ସାଂସଦ ଓ ପୂର୍ବତନ ବିଧାୟକଙ୍କ ପର୍ଯ୍ୟନ୍ତ ଜନପ୍ରତିନିଧିମାନେ ୬୭ଟି ପ୍ରସ୍ତାବ ଦେଇଛନ୍ତି। ସେଥିମଧ୍ୟରେ କେବଳ ୩୩ଟି ବଦଳି ପ୍ରସ୍ତାବ ରହିଛି, ଯାହାକୁ କି ଜନପ୍ରତିନିଧିମାନେ ବାରମ୍ବାର ସରକାରଙ୍କୁ ପ୍ରଦାନ କରିଛନ୍ତି। କେତେଜଣ ଜନପ୍ରତିନିଧିଙ୍କୁ ଛାଡ଼ିଦେଲେ ଅନେକ ବିଧାୟକ ଓ ସାଂସଦ ବୁକ୍ ସର୍କୁଲାର ଆଳରେ ବିକାଶକୁ ପଛକରି ବଦଳିକୁ ପ୍ରାଥମିକତା ଦେଇଛନ୍ତି। ଅନ୍ୟ କେତେଜଣ ଜନପ୍ରତିନିଧି ପୋଲ ନିର୍ମାଣ ଓ ବନ୍ଧବାନ୍ଧ ମରାମତି ଦିଗରେ ସରକାରଙ୍କୁ ଅନୁରୋଧ କରିଥିବା ଜଣାଯାଇଛି। ତେବେ ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ କହିଛନ୍ତି, ଜନପ୍ରତିନିଧିମାନେ କାହିଁକି ଟ୍ରାନ୍ସଫର-ପୋଷ୍ଟିଂକୁ ଏତେ ଗୁରୁତ୍ୱ ଦେଉଛନ୍ତି, ସେମାନେ ହିଁ କହିପାରିବେ।

# ଶିକ୍ଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି: ମନ୍ତ୍ରୀ

## ଓଡ଼ିଶାରେ ଟିଇଟି ବାଧ୍ୟତାମୂଳକ ଲାଗୁ ପ୍ରସଙ୍ଗ

ଭୁବନେଶ୍ୱର,୨।୯ (ସୁଚିସ୍ମିତା ସାହୁ)

ଶିକ୍ଷକ ଭାବେ ନିଯୁକ୍ତି ପାଇବାକୁ ଚାହୁଁଥିବା ଏବଂ ଚାକିରିରେ ଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଟିଚର ଏଲିଜିବିଲିଟି ଟେଷ୍ଟ(ଟିଇଟି) ପାସ୍‌କୁ ସୁପ୍ରିମକୋର୍ଟ ବାଧ୍ୟତାମୂଳକ କରିଛନ୍ତି। ଏହାକୁ ନେଇ ରାଜ୍ୟର ଶିକ୍ଷକଙ୍କ ମଧ୍ୟରେ ଏକପ୍ରକାର ଭାଳେଣି ପଡିଛି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଓଡ଼ିଶାରେ କେଉଁଭଳି ଭାବେ ପାଳନ ହେଉଚି ତାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଥିବାବେଳେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ରାଜ୍ୟର ଶିକ୍ଷକଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ନିଷ୍ପତ୍ତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ସୂଚନା ଦେଇଛନ୍ତି। ମନ୍ତ୍ରୀ ଗଣ୍ଡ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବିଭାଗ ପକ୍ଷରୁ ସ୍ୱାଗତ କରାଯାଉଛି। ଟିଇଟି ପରୀକ୍ଷା ଉପରେ ଅନ୍ୟ ରାଜ୍ୟଗୁଡ଼ିକ କ'ଣ ପଦକ୍ଷେପ ନେବେ ତା' ଉପରେ ନଜର ରଖାଯିବ। ଆଗରୁ ଓଟିଇଟି ଭଳି ପରୀକ୍ଷା ନ ଥିବାରୁ ଶିକ୍ଷକମାନେ ବିନା ଓଟିଇଟିରେ ଶିକ୍ଷକତା କରୁଛନ୍ତି। ଯେଉଁମାନଙ୍କର ୫ ବର୍ଷରୁ କମ୍ ଚାକିରୀ ସମୟ ରହିଛି, ସେମାନଙ୍କୁ ଏହି ପରୀକ୍ଷାରୁ ବାଦ ଦିଆଯାଇଛି। ଜାତୀୟ ଶିକ୍ଷା ନୀତି ଏବଂ ସୁପ୍ରିମକୋର୍ଟଙ୍କ ରାୟ ଥିବାରୁ ବାଧ୍ୟହୋଇ ଏଭଳି ନିଷ୍ପତ୍ତି ନେବାକୁ ପଡୁଛି। ୨୦୧୧ ମସିହା ପୂର୍ବରୁ ଶିକ୍ଷକମାନଙ୍କୁ ଓଟିଇଟି କିମ୍ବା ଟିଇଟି ପାଇଁ କୌଣସି ପରୀକ୍ଷା ଦେବାକୁ ପଡି ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ବାଧ୍ୟତାମୂଳକ କରାଯାଉଛି। ଟିଇଟି ପରୀକ୍ଷା ପାଇଁ ଥିବା ଗାଇଡ୍ ଲାଇନକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ତର୍ଜମା କରାଯିବ। ଶିକ୍ଷକଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆଯିବ। ପୂର୍ବରୁ ନିଯୁକ୍ତି ପାଇଥିବା ବହୁ ଶିକ୍ଷକଙ୍କର ସମୟ ଅଧିକ ହୋଇଗଣାଣି। ସେମାନେ ପରୀକ୍ଷା ଦେବାରେ ଅସୁବିଧା ହେଉଛି। ଏନେଇ ବିଭାଗ ପକ୍ଷରୁ ମଧ୍ୟ ଚିନ୍ତା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ୧୦୮ ଆମ୍ବୁଲାନ୍ସ ସେବା ବର୍ଷକରେ ବିପର୍ଯ୍ୟସ୍ତ: ବିଜେଡି

ଭୁବନେଶ୍ୱର, ୨।୯ (ସୁନିତ୍ ମିଶ୍ର)

ଏକ ପ୍ରାଇଭେଟ୍ ଆମ୍ବୁଲାନ୍ସରେ ଜଣେ ଅସୁସ୍ଥ ମହିଳାଙ୍କୁ କଟକ ବଡ଼ ମେଡିକାଲ ନିଆଯିବାବେଳେ ଅକ୍ସିଜେନ୍ ସରିଯିବା କାରଣରୁ ତାଙ୍କ ମୃତ୍ୟୁ ହୋଇଛି। ରାଜ୍ୟର ୧୦୮ ଆମ୍ବୁଲାନ୍ସ ସେବା ଗତ ବର୍ଷକ ମଧ୍ୟରେ ବିପର୍ଯ୍ୟସ୍ତ ହେବାରୁ ଏଭଳି ଘଟିଲା ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ନେଇ ବିଜେଡି ସବୁବେଳେ ଅଭିଯୋଗ କରିଆସୁଛି। ସରକାର ଆମ୍ବୁଲାନ୍ସଗୁଡ଼ିକର ରକ୍ଷଣାବେକ୍ଷଣ ଠିକ୍ ଭାବେ ନ କରିବାରୁ ସେବା ପ୍ରଭାବିତ ହେଉଛି। ବିଜେଡି ସରକାର ସମୟରେ ଫୋନ୍ କରିବାର ୨୦ ମିନିଟ୍ ଭିତରେ ଆମ୍ବୁଲାନ୍ସ ଆସି ପହଞ୍ଚୁଥିଲା। ହେଲେ ଏବେ ଏଥିପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଗତ ଜୁଲାଇରେ ଗଞ୍ଜାମ ଖଲିକୋଟ ନିକଟ ଏକ ଗ୍ରାମରେ ଶଙ୍କର ନାମକ ଜଣେ ଯୁବକ କ୍ରିକେଟ ଖେଳୁଥିଲାବେଳେ ଛାତିରେ ବଲ୍ ବାଜିବାରୁ ଆହତ ହୋଇଥିଲେ। ୩ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ଆସବାରୁ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାରମ୍ବାର ଘଟୁଥିବା ଏଭଳି ଘଟଣା ପାଇଁ ରାଜ୍ୟ ସରକାର ଦାୟୀ ବୋଲି ଲେନିନ୍ କହିଛନ୍ତି।

# ଆଶୁତୋଷ, ଅଭିନାଶଙ୍କ ଉପରୁ ହଟିଲା ନିଲମ୍ବନ

ଭୁବନେଶ୍ୱର,୨।୯
(ରବିନାରାୟଣ ଜେନା)

ପୁରୀ ଜିଲାର କଂଗ୍ରେସ କର୍ମୀ ଆଶୁତୋଷ ମିଶ୍ର ଏବଂ ଅଭିନାଶ ମିଶ୍ରଙ୍କ ଉପରୁ କଂଗ୍ରେସ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଏହି ନିଲମ୍ବନକୁ ପ୍ରତ୍ୟାହାର କରାଯାଇଛି ବୋଲି କଂଗ୍ରେସର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷା ସୁଜାତା ପାଢ଼ୀ ଜଣାଇଛନ୍ତି।

# ମାତୃଶକ୍ତିକୁ ଅପମାନିତ କରି ରାଜନୈତିକ ସ୍ୱାର୍ଥ ସାଧନ ଲକ୍ଷ୍ୟ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୯(ସୁନିତ୍ ମିଶ୍ର)

ବିହାରରେ ଦରଭଙ୍ଗାରେ କଂଗ୍ରେସ ଏବଂ ଆରଜେଡିର ମଞ୍ଚରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା'ଙ୍କ ନାମରେ ଅଶାଳୀନ ବ୍ୟବହାର କରାଗଲା। ଏହା ଏକ ନିନ୍ଦନୀୟ ଏବଂ ଲୋକତନ୍ତ୍ରକୁ ଲଜ୍ଜିତ କରୁଥିବା ଘଟଣା। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ରାଜନୀତି ଏପରି ଏକ ଅସମ୍ମାନଜନକ ସ୍ତରକୁ ପହଞ୍ଚିଛି, ଯାହା ଦେଶର ସାଂସ୍କୃତିକ ଐତିହ୍ୟକୁ ମଧ୍ୟ ଅପମାନ କରିଛି। ରାହୁଲ ଅଭଦ୍ର ଭାଷାକୁ ପ୍ରୋତ୍ସାହନ ଦେଇ ଦେଶର ମାତୃଶକ୍ତିକୁ ଅପମାନ କରି ନିଜର ରାଜନୈତିକ ସ୍ୱାର୍ଥ ସାଧନ କରିବାକୁ ଚାହୁଁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମଙ୍ଗଳବାର ପ୍ରଭାତି କହିଛନ୍ତି, କଂଗ୍ରେସର ଏଭଳି ବ୍ୟବହାର ଦେଶର ସବୁ ମା'ମାନଙ୍କ ପାଇଁ ଅପମାନ। ହେଲେ ଏଥିରେ ରାହୁଲ କିମ୍ବା ଇଣ୍ଡିଆ ମେଣ୍ଟର କୌଣସି ନେତା କ୍ଷମା ମାଗିଲେ ନାହିଁ ଏଥିରୁ ହିଁ କଂଗ୍ରେସ ନେତାଙ୍କ ମାନସିକତା କେତେ ସଂକୀର୍ଣ୍ଣ ତାହା ଜଣାପଡୁଛି। ଏଥିଲାଗି ଦେଶର ପ୍ରତ୍ୟେକ ନାରୀ ଏବଂ ମା'ମାନଙ୍କୁ ରାସ୍ତାକୁ ଆସିବାକୁ ପଡ଼ିବ। ଗାନ୍ଧୀ ପରିବାର ସବୁବେଳେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଘୃଣା ପ୍ରଚାର କରିଆସିଛି। କିନ୍ତୁ ଏଥର ସେମାନେ ସବୁ ସୀମା ଲଙ୍ଘିଛନ୍ତି ବୋଲି ପ୍ରଭାତି କହିଛନ୍ତି।

# ବିହାରରେ ରାହୁଲଙ୍କ 'ଭୋଟର ଅଧିକାର ଯାତ୍ରା' ସଫଳତାରେ ଭାଜପା ବିଚଳିତ : କଂଗ୍ରେସ

ଭୁବନେଶ୍ୱର,୨।୯
(ରବିନାରାୟଣ ଜେନା)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦଳୀୟ କାର୍ଯ୍ୟ ପାଇଁ ଲୋକସେବା ଭବନକୁ ବ୍ୟବହାର କରି କଂଗ୍ରେସ ନେତୃବୃନ୍ଦଙ୍କ ବିରୋଧରେ ମିଥ୍ୟାରୋପ କରିବା ପରିତାପର ବିଷୟ ବୋଲି ବିରୋଧୀ ଦଳ ଅଭିଯୋଗ କରିଛି। କଂଗ୍ରେସ ପକ୍ଷରୁ କୁହାଯାଇଛି, ବିହାରରେ ଭାଜପାର ପତନ ଆରମ୍ଭ ହେବାର ପୂର୍ବାନୁମାନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଳାତକ ହେବା ପୂର୍ବରୁ ଜାଣିଶୁଣି ନିଜ ଦଳର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ନିଜ ମା'ଙ୍କୁ ଅପମାନିତ କରେଇ ବିହାରବାସୀଙ୍କ ସହାନୁଭୂତି ପାଇବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି।

# ପହଞ୍ଚିଲେ କଂଗ୍ରେସର ୭ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୨।୯ (ରବିନାରାୟଣ ଜେନା)

ଓଡ଼ିଶାର ୩୫ କଂଗ୍ରେସ ସାଙ୍ଗଠନିକ ଜିଲା ପାଇଁ ସଭାପତି ଚୟନ ପ୍ରକ୍ରିୟା ଜୋର୍‌ସୋର୍‌ରେ ଆଗେଇଛି। ଦୁଇଦିନ ମଧ୍ୟରେ ୯ ପର୍ଯ୍ୟବେକ୍ଷକ ଓଡ଼ିଶା ଆସିଥିବାବେଳେ ମଙ୍ଗଳବାର ଆଉ ୭ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭୁବନେଶ୍ୱରରେ ପହଞ୍ଚି ସଂପୃକ୍ତ ଜିଲା ଗସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବ ଗଞ୍ଜାମ ପାଇଁ ପୂର୍ବତନ ମନ୍ତ୍ରୀ ରାମଲାଲ ଯାଟ, ପଶ୍ଚିମ ଗଞ୍ଜାମ ପାଇଁ ଏଆଇସିସିର ପୂର୍ବତନ ସମ୍ପାଦକ ସଚିନ ନାଏକ, ଜଗତ୍‌ସିଂହପୁର ପାଇଁ ଏମ୍. ଲିଜୁ, ଝାରସୁଗୁଡ଼ା ପାଇଁ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ଶୋଭା ଓଜା, ପଶ୍ଚିମ ମୟୂରଭଞ୍ଜ ପାଇଁ ଏଆଇସିସିର ଯୁଗ୍ମ ସମ୍ପାଦକ ନୀତିନ କୁମ୍ଭଲକର, ପୁରୀ ପାଇଁ ସାଂସଦ ଜିସି ଚନ୍ଦ୍ରଶେଖର ଓ ରାୟଗଡ଼ା ଲାଗି ବିଧାୟକ ରିଜ୍‌ୱାନ ଅର୍ଶଦ ପ୍ରମୁଖ ରହିଛନ୍ତି।

## ଜାତୀୟ/ଅନ୍ତର୍ଜାତୀୟ

# ସେନାର ବେଆଇନ ବ୍ୟବହାର: ଟ୍ରମ୍ପଙ୍କୁ ନିନ୍ଦାକଲେ ଆମେରିକା କୋର୍ଟ

ୱାଶିଂଟନ,୨।୯

କାଲିଫର୍ଣ୍ଣିଆର ଦକ୍ଷିଣ ଭାଗରେ ଆପ୍ରବାସନ ଆଇନ କାର୍ଯ୍ୟକାରିତା ବିରୋଧୀ ବିକ୍ଷୋଭ ବେଳେ ଏହାକୁ ଦମନ କରିବା ପାଇଁ ନ୍ୟାଶନାଲ ଗାର୍ଡ ସୈନ୍ୟଙ୍କୁ ମୁତୟନ କରାଯାଇଥିବାରୁ ଏହା ସଂଘୀୟ ଆଇନର ଉଲ୍ଲଂଘନ ବୋଲି ସାନ୍ ଫ୍ରାନ୍ସିସ୍କୋର ଜିଲା ଜଜ୍ ଚାର୍ଲସ ବେୟରର କହିବା ସହ ଏଥିପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିନ୍ଦା କରିଛନ୍ତି। ଲସ୍ ଏଞ୍ଜେଲ୍ସରେ ସେନା ମୁତୟନ କରି ପ୍ରଶାସନ ଆଇନର ସୀମା ଅତିକ୍ରମ କରିଛି। ବିଚାରପତି ତୁରନ୍ତ ସୈନ୍ୟ ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ଦେଇ ନ ଥିଲେବେଳେ ତାଙ୍କ ନିଷ୍ପତ୍ତି ଶୁକ୍ରବାରଠାରୁ କାର୍ଯ୍ୟକାରୀ ହେବ। ଘରୋଇ ଆଇନ ପ୍ରବର୍ତ୍ତନ କାର୍ଯ୍ୟରେ ସେନା ବ୍ୟବହାରକୁ ପୋସେ କମିଟାଟସ୍ ଆକ୍ଟରେ ନିଷେଧ କରାଯାଇଥିବାବେଳେ ଏହାର ଉଲ୍ଲଂଘନ କରାଯାଇ ଲସ୍ ଏଞ୍ଜେଲ୍ସରେ ସୈନ୍ୟଙ୍କୁ ମୁତୟନ କରାଯାଇଥିବାରୁ ଏହା ବିରୋଧରେ କୋର୍ଟରେ ପିଟିସନ ଦାଏର ହୋଇଥିଲା। ଟ୍ରମ୍ପ ପ୍ରଶାସନ ସୈନ୍ୟମାନଙ୍କୁ ଇମିଗ୍ରେସନ ପୋଲିସରେ ପରିଣତ କରିଥିବା ଅଭିଯୋଗ ହୋଇଥିଲା।

# ଅଭିନେତ୍ରୀ ରାନ୍ୟା ରାଓଙ୍କୁ ୧୦୨ କୋଟି ଜରିମାନା



ବେଙ୍ଗାଲୁରୁ,୨।୯

ସୁନା ଚୋରା କାରବାର ମାମଲାରେ କନ୍ନଡ ଅଭିନେତ୍ରୀ ରାନ୍ୟା ରାଓ ଉପରେ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ୧୦୨ କୋଟି ଟଙ୍କା ଜରିମାନା ଲଗାଇଛି। ଏହି ମାମଲାରେ ହୋଟେଲ ମାଲିକ ତରୁଣ କୋଣ୍ଡାରାଜୁଙ୍କ ଉପରେ ୬୩ କୋଟି ଏବଂ ଅଳଙ୍କାର ବ୍ୟବସାୟୀ ସାହିଲ ସାକାରିଆ ଜୈନ ଓ ଭରତ କୁମାର ଜୈନଙ୍କ ଉପରେ ୫୬ କୋଟି ଟଙ୍କା ଲେଖାଏଁ ଜରିମାନା ଲାଗୁ କରାଯାଇଛି। ଡିଆରଆଇ ଅଧିକାରୀମାନେ ବେଙ୍ଗାଲୁରୁ କେନ୍ଦ୍ରୀୟ ଜେଲକୁ ଯାଇ ସେମାନଙ୍କୁ ନୋଟିସ୍ ଦେଇଛନ୍ତି। ଅଭିନେତ୍ରୀ ରାନ୍ୟା ଦୁବାଇରୁ ୧୪.୮ କିଲୋଗ୍ରାମ ସୁନା ଆଣି ଆସୁଥିବାବେଳେ ମାର୍ଚ୍ଚ ୩ରେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ଧରାପଡ଼ିଥିଲେ। ସେ ଆଇଜି ପାହ୍ୟାର ପୋଲିସ ଅଫିସର କେ. ରାମଚନ୍ଦ୍ର ରାଓଙ୍କ ସାବତ ଝିଅ। ତାଙ୍କୁ ଗତ ଜୁଲାଇରେ ଦୋଷୀସାବ୍ୟସ୍ତ କରାଯାଇ ବର୍ଷେ ଜେଲ ଦଣ୍ଡାଦେଶ ଦିଆଯାଇଥିଲା।

# ହସ୍ପିଟାଲ ଆଇସିୟୁରେ ମୂଷା କାମୁଡ଼ିଲା: ନବଜାତକ ମୃତ

ଇନ୍ଦୋର,୨।୯

ମଧ୍ୟପ୍ରଦେଶର ସବୁଠାରୁ ବଡ଼ ସରକାରୀ ହସ୍ପିଟାଲ ଇନ୍ଦୋରସ୍ଥିତ ମହାରାଜା ଯଶୱନ୍ତ ରାଓ (ଏମ୍‌ୱାଇ) ହସ୍ପିଟାଲର ଇଣ୍ଟେନସିଭ୍ କେୟାର ୟୁନିଟ (ଆଇସିୟୁ)ରେ ଏକ ମୂଷା ୨ ନବଜାତକଙ୍କୁ କାମୁଡ଼ି ଥିବାର ମାମଲା ସାମ୍ନାକୁ ଆସିଛି। ମୂଷାଟି ନବଜାତକଙ୍କ କାନ୍ଧ ଏବଂ ହାତର ଆଙ୍ଗୁଠିକୁ କାମୁଡ଼ିଥିଲା। ମୂଷା କାମୁଡ଼ାରେ ଜଣେ ନବଜାତକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଅଛନ୍ତି। ଘଟଣାକୁ ନେଇ ଉତ୍ତେଜନା ବଢ଼ିବା ପରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡ୍ୟୁଟିରେ ଥିବା ୨ ଜଣ ନର୍ସଙ୍କୁ ନିଲମ୍ବନ କରାଯାଇଛି। ହସ୍ପିଟାଲର ୫ ବରିଷ୍ଠ ଡାକ୍ତରଙ୍କ ଏକ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ଉକ୍ତ ଘଟଣାକୁ ଗୁରୁତର ସହ ନେଇ ମଧ୍ୟପ୍ରଦେଶ ମାନବାଧିକାର ଆୟୋଗ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏମ୍‌ୱାଇ ହସ୍ପିଟାଲର ଆଇସିୟୁରେ ମୂଷା ବୁଲୁଥିବା ନେଇ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି।

# ଜିନ୍‌ପିଙ୍ଗଙ୍କୁ ଭେଟିଲେ ପାକ୍ ସେନାମୁଖ୍ୟ

ବେଜିଂ,୨।୯



ଚାଇନାର ତିଆଞ୍ଜିନ୍‌ରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ୨ ଦିନିଆ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଶ୍ୱର ବହୁ ନେତା ଯୋଗଦେବାର ଦିନକ ପରେ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ୍ ମୁନିର ମଙ୍ଗଳବାର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ଭେଟିଛନ୍ତି। ମାସେ ବ୍ୟବଧାନରେ ମୁନିର ଚାଇନାକୁ ୨ ଥର ଗସ୍ତ କଲେଣି। ଏସ୍‌ସିଓ ସମିଟ୍‌ରେ ଯୋଗଦେବା ପାଇଁ ଯାଇଥିବା ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ପ୍ରତିନିଧି ଦଳରେ ମୁନିର ସାମିଲ ଥିଲେ। ଏସ୍‌ସିଓ ମିଳିତ ଘୋଷଣାନାମାରେ ପହଲଗାମ୍ ଆକ୍ରମଣ ଓ ଆତଙ୍କବାଦକୁ ନିନ୍ଦା କରାଯାଇଥିଲାବେଳେ ପାକିସ୍ତାନ ନାଁ ନିଆଯାଇ ନ ଥିଲେ ମଧ୍ୟ କେତେକ ଦେଶ ଆତଙ୍କବାଦକୁ ନୀତି ଭାବେ ଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ ମୋଦି କହିଥିଲେ।

**OFFICE OF THE SUPERINTENDING ENGINEER, BALASORE (ROADS & BUILDINGS) DIVISION-II**
AT/PO-BHASKARGANJ, BALASORE
Contact No:- 06782-263149, E MAIL ID: eepwdbls2@gmail.com
No.5756, Date: 02.09.2025

**1ST CORRIGENDUM NOTICE**

No.B-482: The tender invited for the work vide this office Bid Identification No. SE (R and B) BLS-II-**16/2025-26** at Sl.No.1 to Sl.No.06 is hereby extended to dt.due to some unavoidable reasons. 1. The Bid documents will be available in the website: www.tendersorissa.gov.in from **10.00 Hours of 04.09.2025 to 16.00 Hours of 10.09.2025** for Online Bidding. 2.Bids shall be received only on **"Online"** on or before to **16.00 Hours of 10.09.2025**. 3. Bids received online shall be **opened at 16.30 Hours of 10.09.2025.** All other terms & conditions of the DTCN shall remain unchanged.

Sd./- Superintending Engineer
Balasore (R&B) Division-II
OIPR-34155/11/0029/2526

**OFFICE OF THE NOTIFIED AREA COUNCIL, KHARIAR**
At/Po-Khariar,Dist-Nuapada, Pin-766107
e-mail:khariarn.hud@ori.nic.in, khariarnac@gmail.com
Letter No.2003, Dated 01.09.2025

**1ST CORRIGENDUM**

**No.C-995:**Due to unavoidable circumstances, the opening of EOI regarding "Leasing and Management of Kalyan Mandap-2, Ward No.07" vide EOI No.1918, dtd.20.08.2025 which will be opened on dtd.02.09.2025 at 11.00 AM has been postponed & it will be reschedule on dtd.08.09.2025 at 11.00 AM.

Sd./- Executive Officer
Notified Area Council, Khariar
OIPR-13136/11/0051/2526

idco | ODISHA NEW OPPORTUNITIES
No.CAD-1657
IDCO/H.O./P&C/EST/E-2915/01/2025 25590 Date:26.08.2025
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO, IDCO Towers, Janpath, Bhubaneswar-751022, Odisha, India
+91-0674-2541525, 2540820, Fax:2542956/2541982
Email: cgmpc@idco.in, Web:www.idco.in

**BID IDENTIFICATION NO.P&C/EST/E-33/2025-26**
NOTICE INVITING EXPRESSION OF INTEREST (EOI) THROUGH E-PROCUREMENT PORTAL OF GOVT. OF ODISHA

Odisha Industrial Infrastructure Development Corporation (IDCO) is pleased to invite organisations/reputed Agencies to participate in the **Expression of Interest (EOI) for the Public Private Partnership to Design, Build, Finance, Operate and Transfer (DBFOT), of IT Towers at Berhampur and Rourkela in the State of Odisha**. This project aims to develop and operate state-of-the-art IT Tower in Berhampur and Rourkela, Odisha to offer modern infrastructure facilities for information and technology (IT) companies and IT enabled service units. The development of the proposed IT Towers envisaged to be in Public Private Partnership (PPP) mode in Design, Build, Finance, Operate and Transfer (DBFOT) basis with a minimum concession period of 30 years. The detailed EOI can be downloaded from eProcurement system (tendersodisha.gov.in) from **05.00 PM of 04.09.2025**. The last date of receipt of required documents is **25.09.2025 till 05.00 PM.**The EOI will be opened online on **26.09.2025 at 12.30 PM** IDCO has the right to accept or reject the Notice/EOI without assigning any reasons thereof.

OIPR-14003/11/0233/2526 Sd./- Chief General Manager (P&C)

ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
**OFFICE OF THE MUNICIPAL COUNCIL, TITILAGARH**
(Deptt. of Housing & Urban Development, Govt. of Odisha)
At/P.O./P.S.: Titilagarh, Dist.: Balangir - 767033
e-mail: titilagarhmunicipality@gmail.com, www.titilagarhmunicipality.in
Letter No. 2453 Date: 01.09.2025

**ADVERTISEMENT FOR INVITING EXPRESSION OF INTEREST FOR 26 Nos. OF STALLS UNDER MISSION SHAKTI HAAT**

No. C-992: Interested WSHGs/SHG Federation having the willingness and aptitude for the activity/scheme titled **26 Nos. of Stalls under Mission Shakti Haat** are invited to submit their proposal through only postal service before the concerned Executive Officer, Titilagarh Municipality in the mentioned below format within 7 (Seven) days of this advertisement i.e. by 10.09.2025 before 5.30 P.M.

Sd./- Executive Officer
Titilagarh Municipality
OIPR-13095/11/0031/2526

**OFFICE OF THE DEAN AND PRINCIPAL SCB MEDICAL COLLEGE, CUTTACK**
No. 10992 Date: 02.09.2025

**TENDER CALL NOTICE**

No. E-359: Sealed tenders in two bid system (Technical and Financial) are invited from reputed publishers/authorised suppliers/aggregators for supply of Medical Books, Journals, e-books and e-journals quoting the discount on publishers price and latest editions which are to be purchased for the Central Library, SCB Medical College, Cuttack during the financial year 2025-26. The bidder should furnish their Technical and Financial proposals in two separate envelopes super-scribed with Medical Books/Journals/e-books/e-journals/ Clinical decision support system. The last date of receipt of tender paper will be Dt.22.09.2025 by 5.00 P.M. from the date of publication in newspaper and be opened on the next working day at 3.30 P.M. in the office chamber of Dean and Principal, SCB Medical College, Cuttack. The bidders may download the tender document containing the details of term and condition directly from this College's website available at **http://scbmch.in** and also can be obtained on all working days from the budget section of office of the Dean and Principal, SCB Medical College, Cuttack by depositing cost of tender paper for Rs.1000/- (Non-refundable) in shape of Demand Draft in favour of **"Dean and Principal, SCB Medical College, Cuttack"** payable at Cuttack from any Nationalized Bank. Any tender received after the due date & time will be rejected and returned to the sender un-opened. The tender will be received through Regd. Post/Speed Post only. The authority reserve the right to reject any/all the tenders without assigning any reason thereof.

Place of Opening of Tender : Office Chamber of the Dean and Principal SCB Medical College, Cuttack - 753007

Sd./- Dean and Principal
SCB Medical College, Cuttack
OIPR-10039/11/0020/2526

See Career Appointment on every Wednesday & Saturday

**ODISHA HYDRO POWER CORPORATION LTD**
OHPC
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
Email-hpschiplima@yahoo.in, Fax No. (0663) 2460505
No.CHEP/TW-327/3381 (A) Date: 01.09.2025
No. CAD-1660
**'e'-Procurement Notice**
**TENDER CALL NOTICE NO.CHEP-29/2025-26**

**Unit Head, CHEP, Chiplima invites percentage rate tenders in two parts** for the civil works mentioned below, from the 'B' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost / EMD | Cost of Tender Specification | Completion Period |
|---|---|---|---|
| Renovation of Front & Back side Drains at E & F Type Quarters of OHPC Colony, CHEP, Chiplima | Rs.55,14,224.00 / EMD = Rs.55,150.00 | Rs.11,800.00 (Rs.10,000.00 + GST@18%) | 120 Days |

1. Availability of bids **ONLINE**: **from 11:00 AM of dtd.04.09.2025 up to 05:00 PM of dtd.17.09.2025.**
2. The date & time of opening of tender: **At 11:30 AM of dtd.18.09.2025.**

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in.

OIPR-04006/11/0101/2526 Sd/- Unit Head, CHEP, Chiplima

**OFFICE OF THE DIVISIONAL FOREST OFFICER CHILIKA WILDLIFE DIVISION**
At/Po- Gopinathpur, Balugaon-752030, Dist-Khordha
Email-dfo.chilikawl@odisha.gov.in

**SHORT TENDER NOTICE**

Tender Notification No.02/01WL-706/2025, Dated 01.09.2025

**SUPPLY OF TREE GUARD (BAMBOO GABION) TO CHILIKA WL DIVISION- 2025-26**

No.MM-178: Sealed bids are requested from eligible bidders for supply of bamboo gabions (tree guards) for the avenue plantations in Ganjam District of Chilika Wildlife Division. The detailed tender document with terms and conditions is available in the tenders section of www.odishaforest.in. The tender schedule is as mentioned below-

A. SALE OF TENDER DOCUMENT : 01.09.2025 to 15.09.2025 (10.00 AM to 01.00 PM)
B. LAST DATE FOR SUBMISSION OF SEALED TENDER DOCUMENT : 15.09.2025 by 02.00 PM
C. OPENING OF BIDS : 15.09.2025 at 03.00 PM

Sd./- Divisional Forest Officer
Chilika Wildlife Division
OIPR-08015/11/0011/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ଶୁକଦେବ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉତ୍ତରାଖଣ୍ଡକୁ ନୂଆ ଦିଗନ୍ତ ଦେବ ରୋପ୍ ୱେ

**ଭୁବନେଶ୍ୱର,୨।୯**

ଦେବଭୂମି ଉତ୍ତରାଖଣ୍ଡକୁ ରୋପ୍ ୱେ ନୂଆ ଦିଗନ୍ତ ଦେବ। ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ନ୍ୟାଶନାଲ ହାଇୱେ ଲଜିଷ୍ଟିକ୍ସ ମ୍ୟାନେଜମେଣ୍ଟ ଲିମିଟେଡ୍ (ଏନ୍ଏଚ୍ଏଲ୍ଏମ୍ଏଲ୍) ଏବଂ ଉତ୍ତରାଖଣ୍ଡ ସରକାରଙ୍କ ପର୍ଯ୍ୟଟନ ବିଭାଗ ମଧ୍ୟରେ ଏକ ରୋପ୍‌ୱେ ବିକାଶ ଚୁକ୍ତି (ଆର୍‌ଡିଏ) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି। ରୋପ୍‌ୱେ ପରିବେଶ ଅନୁକୂଳ ଓ ଶୂନ୍ୟ ନିର୍ଗମନ ପରିବହନ ମାଧ୍ୟମ ହୋଇଥିବାବେଳେ ଏହା ଯାହା ଟ୍ରାଫିକ୍ ଜାମ୍, ବନସଂହାର ଓ ଭୂସ୍ଖଳନ ଭଳି ସମସ୍ୟାର ସମାଧାନ କରିବ। ୟୁଆର୍‌ଡିଏଲ୍ ପ୍ରକଳ୍ପଗୁଡ଼ିକ ଡେରାଡୁନ୍ ବିମାନବନ୍ଦରଠାରୁ ଚାରଧାମ, ପିଣ୍ଡାରୀ ହିମବାହ, ମୁନସ୍ୟାରୀ, ଧାର୍ଚୁଲା-ଆଦି କୈଲାସ, ଓଁ ପର୍ବତ ଓ ତାନାକପୁରରୁ ପନ୍ତନଗର ବିମାନବନ୍ଦରକୁ ସଂଯୋଗ କରିବ। ଏହା ଭାରତ ସରକାରଙ୍କ 'ପର୍ବତମାଳା ଯୋଜନା' ସହ ସମନ୍ୱିତ। ଏଥିପାଇଁ ଏନ୍ଏଚ୍ଏଲ୍ଏମ୍ଏଲ୍ ୫୧% ଖର୍ଚ୍ଚ ବହନ କରୁଥିବାବେଳେ ଉତ୍ତରାଖଣ୍ଡ ସରକାର ୪୯% ଖର୍ଚ୍ଚ ବହନ କରିବେ। ୯୦% ରାଜସ୍ୱ ଉତ୍ତରାଖଣ୍ଡରେ ପର୍ଯ୍ୟଟନ, ପରିବହନ ଓ ଗତିଶୀଳତା କ୍ଷେତ୍ରରେ ଖର୍ଚ୍ଚ ହେବ। ବାକି ୧୦% ରାଜସ୍ୱ ପ୍ରଶାସନିକ ଖର୍ଚ୍ଚ ବାଦ ଦେଇ ଇକ୍ୱିଟି ଅନୁପାତରେ ବଣ୍ଟନ ହେବ। ଏହି ଅବସରରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ଟାମଟା, ଉତ୍ତରାଖଣ୍ଡର ପର୍ଯ୍ୟଟନ, ଧାର୍ମିକ ଓ ସାଂସ୍କୃତିକ ମନ୍ତ୍ରୀ ସତ୍‌ପାଲ ମହାରାଜ, ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ଆର୍. କେ. ସୁଧାଂଶୁ କେନ୍ଦ୍ର ରାସ୍ତା ପରିବହନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବିନୟ କୁମାର, ଉତ୍ତରାଖଣ୍ଡ ସରକାରଙ୍କ ଅର୍ଥ ସଚିବ ଦିଲୀପ ଜାୱାଲକର, ପର୍ଯ୍ୟଟନ ସଚିବ ଧୀରଜ ଗର୍ବ୍ୟାଲ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏହି ଚୁକ୍ତିକୁ ରାଜ୍ୟର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ କରିବା ସହ ପର୍ଯ୍ୟଟନ, ରୋଜଗାର ସୃଷ୍ଟି ଓ ପରିବେଶ ସଂରକ୍ଷଣ ଦିଗରେ ନୂଆ ଦିଗନ୍ତ ସୃଷ୍ଟି କରିବ ବୋଲି କହିଛନ୍ତି। ୧୨.୯ କି.ମି. ବିଶିଷ୍ଟ ସୋନପ୍ରୟାଗ-କେଦାରନାଥ ରୋପ୍‌ୱେ ପ୍ରକଳ୍ପର ପାଇଁ ୪୧୦୦ କୋଟି ଏବଂ ୧୨.୪ କି.ମି. ବିଶିଷ୍ଟ ଗୋବିନ୍ଦଘାଟ-ହେମକୁଣ୍ଡ ସାହିବ ପାଇଁ ୨୭୦୦ କୋଟି ଟଙ୍କାର ମଞ୍ଜୁରୀ ମିଳିଛି। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ଟାମଟା କହିଛନ୍ତି, ଏହି ରୋପ୍‌ୱେ ନିର୍ମାଣ ପରେ କେଦାରନାଥ ଓ ହେମକୁଣ୍ଡ ସାହିବ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ସୁବିଧା ହେବ। ପର୍ଯ୍ୟଟନ ମନ୍ତ୍ରୀ ସତ୍‌ପାଲ ମହାରାଜ କହିଛନ୍ତି, ରୋପ୍‌ୱେ ନିର୍ମାଣ ପରେ ସ୍ଥାନୀୟ ଅର୍ଥନୀତି ଓ ରୋଜଗାର ସୁଯୋଗରେ ଉଲ୍ଲେଖନୀୟ ବୃଦ୍ଧି ହେବ। ଏହି ଚୁକ୍ତି ଅନୁସାରେ 'ଉତ୍ତରାଖଣ୍ଡ ରୋପ୍‌ୱେ ଡେଭଲପମେଣ୍ଟ ଲିମିଟେଡ୍ (ୟୁଆର୍‌ଡିଏଲ୍)' ନାମକ ଏକ ଏସ୍‌ପିଭି କମ୍ପାନିଜ୍ ଆକ୍ଟ, ୨୦୧୩ ଅନୁଯାୟୀ ଗଠନ ହେବ। କେଦାରନାଥ ରୋପ୍‌ୱେ ପ୍ରକଳ୍ପ (ରୁଦ୍ରପ୍ରୟାଗ) ଓ ହେମକୁଣ୍ଡ ସାହିବ ରୋପ୍‌ୱେ ପ୍ରକଳ୍ପ (ଚମୋଲୀ) ପ୍ରାଥମିକ ପ୍ରକଳ୍ପ ହେବ। ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ କାଠଗୋଦାମ-ନୈନୀତଲ/କୈଞ୍ଚି ଧାମ, କାର୍ତ୍ତିକ ସ୍ୱାମୀ ମନ୍ଦିର, ବର୍ଣ୍ଡାଲା ଦୟାରା ବୁଗ୍ୟାଲ, ଜୋଷୀମଠ-ଆଉଲି/ଗୋର୍ସନ ରୋପ୍‌ୱେ ନିର୍ମାଣ ହେବ।



# ମୁକ୍ତିଲାଭ କଲା 'ନା ତେରେ ଜୈସା ୟାର୍ ମିଲେୟା'

**ଭୁବନେଶ୍ୱର,୨।୯**

ଜୀ ମ୍ୟୁଜିକ କମ୍ପାନୀ ପ୍ରସ୍ତୁତ ହୀର ଏକ୍ସପ୍ରେସ୍‌ର ସଙ୍ଗୀତ 'ନା ତେରେ ଜୈସା ୟାର୍ ମିଲେୟା' ମୁକ୍ତିଲାଭ କରିଛି। ତନିଷ୍କ ବାଗ୍‌ଚୀଙ୍କ କମ୍ପୋଜିଶନରେ ପ୍ରସ୍ତୁତ ଏହି ଗୀତରେ ଦିବିତା ଜୁନେଜା ଏବଂ ପ୍ରୀତ କମାନୀ ନିଖୁଣ ଅଭିନୟ ଦେଖିବାକୁ ମିଳିଛି। ଲଣ୍ଡନରେ ଶୁଟିଂ ହୋଇଥିବା ଏହି ଗୀତର ନୃତ୍ୟ ନିର୍ଦ୍ଦେଶନା ଆଦିଲ ଶୈଖ କରିଛନ୍ତି। ଆଲତାମାଶ ଫରିଦୀ ଓ ଶ୍ରେୟା ଜୈନଙ୍କ କଣ୍ଠସ୍ୱର ଆବେଗରେ ଭରପୂର କରିଛି। ହୀର୍ ଏକ୍ସପ୍ରେସ୍‌ର ଗୀତ 'ବେ ରାଞ୍ଝନା', 'ଡୋରେ ଡୋରେ ଦିଲ୍ ପେ ତେରେ', 'ଆଇ ଲଭ ମାଇ ଇଣ୍ଡିଆ' ଏବଂ 'ହୀର ମୈଁ ବେଖୀ' ଭଳି ଗୀତଗୁଡ଼ିକ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ କରିଛି। ପ୍ରତ୍ୟେକ ଗୀତ ନୂଆ ମେଜାଜ ଓ ଆବେଗ ଆଣିଛି, କିନ୍ତୁ 'ନା ତେରେ ଜୈସା ୟାର୍ ମିଲେୟା' ଚଳଚ୍ଚିତ୍ରର ସବୁଠାରୁ ରୋମାଣ୍ଟିକ ଓ ହୃଦୟସ୍ପର୍ଶୀ ଅଧ୍ୟାୟ ଭାବେ ଉଭା ହୋଇଛି। ଉମେଶ ଶୁକ୍ଲାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ହୀର୍ ଏକ୍ସପ୍ରେସ୍' ଏକ ପାରିବାରିକ ମନୋରଞ୍ଜନ ଚଳଚ୍ଚିତ୍ର ଯାହା ସେପ୍ଟେମ୍ବର ୧୨ରେ ଥିଏଟରରେ ମୁକ୍ତିଲାଭ କରିବ।


## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



ରିୟାଂଶୁ ସୁମନ ନାୟକ
(ଶୁକଦେବ)
ସାଇ ଶ୍ରୀକ୍ଷେତ୍ର, ହାଇଟେକ୍ ମେଡିକାଲ ସାମ୍ନା, ଭୁବନେଶ୍ୱର।
ଶ୍ରୀଜଗନ୍ନାଥ ଏବଂ ଶିବ(ମହାପ୍ରଭୁ) ତୁମକୁ ସର୍ବଦା ସହାୟ ହୁଅନ୍ତୁ।
-ଶୁଭେଚ୍ଛା ସହ-
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୮୩୪


# ଟ୍ରାଇ ତଥ୍ୟ ଜିଓ ଏୟାରଫାଇବର: ୨ ଲକ୍ଷରୁ ଅଧିକ ଗ୍ରାହକ

**ଭୁବନେଶ୍ୱର,୨।୯**

ଓଡ଼ିଶାରେ ଡିଜିଟାଲ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓର ୫ଜି ଏଫ୍‌ଡବ୍ଲ୍ୟୁଏ ସେବା ଜିଓ ଏୟାରଫାଇବର ରାଜ୍ୟରେ ଗ୍ରାହକ ସଂଖ୍ୟା ୨ ଲକ୍ଷ ଅତିକ୍ରମ କରିଛି। ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡ଼ିଛି। ଓଡ଼ିଶାରେ ୫ଜି ଏଫ୍‌ଡବ୍ଲ୍ୟୁଏ କ୍ଷେତ୍ରରେ ଜିଓଏୟାରଫାଇବର ୮୩ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ସହ ଜୁଲାଇ ଶେଷ ସୁଦ୍ଧା ୨.୧୧ ଲକ୍ଷରୁ ଅଧିକ ଗ୍ରାହକ ହାସଲ କରିଛି। ଜୁଲାଇ ମାସରେ ଜିଓ ଓଡ଼ିଶାରେ ସର୍ବାଧିକ ୧୬୭୭୫ ନୂତନ ଜିଓ ଏୟାରଫାଇବର ଗ୍ରାହକ ଯୋଡ଼ିଛି। ଜିଓଏୟାରଫାଇବର ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ, ଅସୀମିତ ୱାଇଫାଇ, ୮୦୦+ ଟିଭି ଚ୍ୟାନେଲ, ୧୧+ ଓଟିଟି ଆପ୍ ଏବଂ ଆହୁରି ଅନେକ ସୁବିଧା ସହ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରକୁ ସଶକ୍ତ କରିଛି। ଜିଓ ଫାଇବର ଓ ଜିଓଏୟାରଫାଇବର ସଂଯୋଗ ମାଧ୍ୟମରେ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ଗୃହ ମନୋରଞ୍ଜନ (ହୋମ୍ ଏଣ୍ଟରଟେନ୍‌ମେଣ୍ଟ), ଅସୀମିତ ୱାଇ-ଫାଇ ଏବଂ ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସହ ୫.୫୮ ଲକ୍ଷରୁ ଅଧିକ ଘର ଏବଂ ପରିସରକୁ ସଶକ୍ତ କରୁଛି। ଓ୍ୱାୟାରଲାଇନ କ୍ଷେତ୍ରରେ ଜିଓ ୫୦ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ଏବଂ ପ୍ରାୟ ୩.୪୭ ଲକ୍ଷ ଜିଓଫାଇବର ଗ୍ରାହକଙ୍କ ସହିତ ଓଡ଼ିଶାରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ଜୁଲାଇ ମାସରେ ଜିଓ ଓଡ଼ିଶାରେ ୧୨୮୯୮ ନୂତନ ଓ୍ୱାୟାରଲାଇନ ବା ଜିଓଫାଇବର ଉପଭୋକ୍ତା ଯୋଡ଼ିଛି, ଯାହା ଏହି ମାସରେ ଓ୍ୱାୟାରଲାଇନ କ୍ଷେତ୍ରରେ ଯୋଡ଼ିହୋଇଥିବା ମୋଟ ନୂତନ ଗ୍ରାହକଙ୍କ ୭୩ ପ୍ରତିଶତରୁ ଅଧିକ। ଜିଓ ଜୁଲାଇ ମାସରେ ଓଡ଼ିଶାରେ ସର୍ବାଧିକ ୫୯ ହଜାରରୁ ଅଧିକ ନୂତନ ମୋବାଇଲ ଉପଭୋକ୍ତା ଯୋଡ଼ିଛି। ଜୁଲାଇ ଶେଷ ସୁଦ୍ଧା ଜିଓର ଓଡ଼ିଶାରେ ମୋଟ ମୋବାଇଲ ଉପଭୋକ୍ତା ସଂଖ୍ୟା ୧.୬୪ କୋଟିରୁ ଅଧିକ ହୋଇଛି।

# ଚାଷ କାର୍ଯ୍ୟକୁ ଡାଲମିଆର ପ୍ରୋତ୍ସାହନ




**ଭୁବନେଶ୍ୱର,୨।୯**

ଡାଲମିଆ ଭାରତ ଲିମିଟେଡ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ (ସିଏସ୍‌ଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍) ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ଅଧୀନରେ ଚାଷ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛି। କଟକରେ ୨୫ ସେଣ୍ଟ (ଏକରର ଏକଚତୁର୍ଥାଂଶ) ଜମିରେ ପନିପରିବା ଚାଷକୁ ପ୍ରୋତ୍ସାହିତ କରିଛି। ଏହି ସଘନ ଚାଷ ପଦ୍ଧତି କୃଷକଙ୍କୁ ଛୋଟ ଛୋଟ ଜମିରେ ସଫଳ ଜଳ ପରିଚାଳନା ଏବଂ ପରକୁ ପର ଚାରା ରୋପଣ ଏବଂ ତଦ୍ୱାରା ସର୍ବାଧିକ ଅମଳ ଏବଂ ପରିବାରର ଆୟରେ ବୃଦ୍ଧି ଘଟାଇବାରେ ସମର୍ଥ କରାଉଛି। ଏହି ପ୍ରୟାସର ଅଂଶସ୍ୱରୂପ ଡିବିଏଫ୍ କୃଷକମାନଙ୍କର ଏକ ଗୋଷ୍ଠୀକୁ ୧ ଏଚ୍‌ପି ବିଦ୍ୟୁତ୍‌ଚାଳିତ ମୋଟର ପମ୍ପ ବଣ୍ଟନ କରିବା ସହ ଫସଲ ଉତ୍ପାଦକତାରେ ଉନ୍ନତି ଆଣିବା ନିମନ୍ତେ ଭରସାଯୋଗ୍ୟ ଜଳସେଚନଗତ ସମର୍ଥନ ଯୋଗାଇ ଦେଉଛି। ଏହି ପଦକ୍ଷେପ ସହିତ ଡିବିଏଫ୍‌ର ଅନନ୍ୟ ୫୦/୫୦ ଅବଦାନ ଢାଞ୍ଚା ମଧ୍ୟ ରହିଛି, ଯେଉଁଠାରେ ଖର୍ଚ୍ଚ ଫାଉଣ୍ଡେଶନ ଏବଂ କୃଷକଙ୍କ ମଧ୍ୟରେ ସମାନ ଭାବରେ ବହନ କରାଯାଉଛି ଏବଂ ଏହାଦ୍ୱାରା ଉଭୟ ସୁଲଭତା ଏବଂ ସହଭାଗୀ ଦାୟିତ୍ୱବୋଧ ସୁନିଶ୍ଚିତ କରାଯାଉଛି। ଏହି ଆବଣ୍ଟନ ସହ ଡିବିଏଫ୍ ଏପର୍ଯ୍ୟନ୍ତ କଟକରେ ୪୭୦ ଜଣ କୃଷକଙ୍କୁ ମୋଟର ପମ୍ପ ଯୋଗାଇଛି, ଯାହା ଦୀର୍ଘସ୍ଥାୟୀ କୃଷି ନିମନ୍ତେ ଉଲ୍ଲେଖନୀୟ ଅବଦାନ ରଖିବା ସହିତ ସେମାନଙ୍କର ଆୟରେ ବୃଦ୍ଧି ଘଟାଉଛି ଏବଂ ଉକ୍ତ ଅଞ୍ଚଳରେ ପୋଷଣଗତ ନିରାପତ୍ତା ପ୍ରଦାନ କରୁଛି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କପିଳାସ ସିମେଣ୍ଟ ୱାର୍କସ୍ ୟୁନିଟ ହେଡ୍ ପଙ୍କଜ ଗୁପ୍ତା, ଏବଂ ଏଚ୍‌ଆର ହେଡ୍ ସୁଧୀର ରଞ୍ଜନ ମହାନ୍ତି, ଉପସ୍ଥିତ ରହି କୃଷକମାନଙ୍କୁ ଦୀର୍ଘାବଧି ସମୃଦ୍ଧି ନିମନ୍ତେ ଉନ୍ନତ କାର୍ଯ୍ୟାଭାସ ଆପଣେଇବାକୁ ଉତ୍ସାହିତ କରିଥିଲେ। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶକରି ପଙ୍କଜ ଗୁପ୍ତା କହିଥିଲେ, କୃଷକମାନେ ହେଉଛନ୍ତି ଆମ ରାଷ୍ଟ୍ରର ମେରୁଦଣ୍ଡ । ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ଜରିଆରେ ଆମେ ସେମାନଙ୍କୁ ସମ୍ବଳ ଏବଂ ସୁଯୋଗ ସହ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ।


# Classified Everyday

**0674-2580101, 9692975378**




## BRIDE WANTED

Wanted Brahmin bride for Brahmin groom, Age-39, Height - 5'8", Costing Inter, Accountant in Tata Power, Contact No- 7077237234. D-1809

Handsome Brahmin boy 1993, 5'8", B.Tech, MBA (IIM) Serving Delloitte Bangalore "SUNASANSAR". 9937512659. D-1812

## GROOM WANTED

ବୟସ 28, Hospitalରେ Nurse ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1806

Beautiful Brahmin girl 1996, 5'3", MBA, Serving Hyderabad. "SUNASANSAR". 9937512659. D-1811




## REAL ESTATE SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

**3BHK Ready to move flat for sale at Sundarpada. Price-60 Lakhs. Contact: 7606024182.** D-1842




Newly open health benefits SPA by expert therapist. Contact- 8280961126. D-76935




Shop space of 200sqft. available for rent near Rupali Square .Contact: 8260818805, 7008252926. D-40529

## AFFIDAVIT

ମୁଁ, ଆଲୋକ ସୋନି, ପିତାଙ୍କ ନାମ: ସ୍ୱ. ଦାମୋଦର ପ୍ରସାଦ ସୋନି, ବସୁଦା: ୱାର୍ଡ ନମ୍ବର- ୪୫, ଏମ୍-୨୮୫, ପଦ୍ମନାଭପୁର, ଜିଲ୍ଲା ଦୁର୍ଗ, ଛତିଶଗଡ଼, ପିନ୍- ୪୯୧୦୦୧, ଏହାଦ୍ୱାରା ଘୋଷଣା କରୁଛି ଯେ ମୋର ସଠିକ୍ ଏବଂ ପୂର୍ଣ୍ଣ ନାମ ଆଲୋକ କୁମାର ସୋନି । ଏଥିପରେ, ସମସ୍ତ କାର୍ଯ୍ୟରେ ମୋର ନାମ ଆଲୋକ କୁମାର ସୋନି ଭାବରେ ପରିଚିତ ହେବ।
ଆଲୋକ କୁମାର ସୋନି
ଧ-1835

I, Rijwana Begum, W/o- Sk Siraj Uddin, resident of At- Plot No.- 610, Pallaspalli, Lane No.11, Bhimpur, Aerodrome Area, Bhubaneswar, Dist.- Khordha, PIN- 751020, Odisha declared by this affidavit CF No.- 73/ dt- 20.08.2025 that Rizwana Bibi and Rijwana Begum are the same person and my son Shakh Sohel Raza and Shaikh Sohel Raza are also same persons for all purposes. D-1840

By virtue of an affidavit sworn before the Executive Magistrate, Boudh, No.1202 date- 01.09.25, I, Sunita Maharana, W/o. Sagar Kumar Maharana, R/o. Village/P.O.- Butupali, Ward No.12, P.S./ Dist. -Boudh, Odisha, PIN- 762014 declare that I have changed my daughter's name from Adyasresta Maharana to Aryashrasta Maharana. Henceforth she shall be known as Aryashrasta Maharana for all purposes.
Sunita Maharana
D-1841

By virtue of an affidavit sworn before the Notary Public, Borigumma, dated- 02.09.2025, I, Tulasiram Bisoi, Address: At: Singaguda, Taragan, P.O.- Malda, P.S.- Borigumma, Dist.- Koraput- 764056, Odisha declare that I have changed the name of my son from Ramesh Bhumia(Old name) to Ramesh Bisoi (New name). Henceforth, she shall be known as Ramesh Bisoi(New name) for all purposes. D-1839

By virtue of an affidavit sworn before the Executive Magistrate, Bhubaneswar Vide C.F. No.- 51, dated- 01.09.2025, I, Rashmi Ranjan Digal, S/o- Madhab Digal, permanent resident of At/P.O.- Balandapada, P.S.- Gochhapada, Dist.- Kandhamal, Odisha, PIN- 762002, declare that I have changed my daughter's name from Simaran Digal to Nivyanshi Digal(New name). Henceforth, she shall be known as Nivyanshi Digal for all purposes.
Rashmi Ranjan Digal
D-1838

I, Suman Tiwari, W/o Amar Nath Pandey, present r/o Tetuldanga, P.O.- Rakha Copper Project, P.S.-Jaduguda, East Singhbhum. Permanent r/o Rampur, Telari, P.O.- Kirhindi, Sheosagar, Bihar 821111, do hereby solemnly affirm and declare by this affidavit No. 06AA 274010 dated- 09/10/2019, that I shall be known as Suman Pandey for all future purposes. D-1845

By virtue of an affidavit sworn before Executive Magistrate, Bhubaneswar No.- 104, dated- 25.08.2025, I, Billi Munda, At- Jamuleibeda, P.O.- Palanghati, P.S.- Ghatagaon, Dist.- Keonjhar, Odisha, PIN- 758029 declare that I have changed my name from Billi Sidu to Billi Munda. Henceforth, I shall be known as Billi Munda for all purposes. D-1844

By virtue of an affidavit sworn before Executive Magistrate, Bhubaneswar No.- 105, dated- 25.08.2025, I, Arttatran Munda, At- Jamuleibeda, P.O.- Palanghati, P.S.- Ghatagaon, Dist.- Keonjhar, Odisha, PIN- 758029 declare that I have changed my name from Badal Sidu to Arttatran Munda. Henceforth, I shall be known as Arttatran Munda for all purposes. D-1843

I, Subal Biswas, S/o Late Suklal @Muklal Biswas, village M.V. 11, P.O.- Panchabati, P.S./Dist.- Malkangiri do hereby solemnly affirm and state on oath as follows. That my actual name is Subal Biswas and nick name is Sunil. That, in Aadhaar Card, Voter ID Card my name is mentioned as Subal Biswas and ROR my name is mentioned as Sunil Biswas and family Migrant Card my name is mentioned as Subal (Sunil) Biswas. That, Subal Biswas and Sunil Biswas is one and same i.e. myself. That, I swear this affidavit in order to produce before the concerned authority to ascertain my both name as Subal Biswas and Sunil Biswas. D-1831

I, Sonal Akash Yadu, resident of F-2/6, Highway Residency, Sailshree Vihar, Bhubaneswar- 751021 have changed my name to Sonal Yadu vide affidavit dt.12 Aug. 2025. D-1837

I, Akash Shri Shyam Lal Yadu, resident of F-2/6, Highway Residency, Sailashree Vihar, Bhubaneswar - 751021, have changed my name to Akash Yadu vide affidavit dt.12 Aug. 2025. D-1836

By virtue of an affidavit sworn before Executive Magistrate, Athagarh, dated- 30.08.2025, I, Jatiram Behera S/o.- Hrusikesh Behera, Vill.- Mahalaxmipur, P.O.- Kandarei, P.S.- Khuntuni, Dist.- Cuttack, Odisha, PIN- 754029 declare that I have changed the name of my son from Pradyamna to Pradyumna. Henceforth, he shall be known as Pradyumna for all purposes.
Jatiram Behera.
D-1829



I, Prabhati Nalini Kar, W/o. Nagen Kumar Kar, At-Jubuli Town, Deulasahi, P.O./P.S.- Dhenkanal Town, Dist.- Dhenkanal-759001, Odisha hereby declare that I have changed my name from PRAVAT NALINI KAR to PRABHATI NALINI KAR on date 01.09.2025 before Executive Magistrate, Dhenkanal. Henceforth I shall be known and recognized as PRABHATI NALINI KAR for all official, legal and other purposes. D-1832

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବଢ଼ିଲା ସୁନା, ରୁପା ଦର

**ଭୁବନେଶ୍ୱର,୨।୯(ଅନୁରାଧା ମହାରଣା)**

ବଢୁଥିବା ସୁନା ଦରକୁ ନେଇ ଗ୍ରାହକ ଚିନ୍ତାରେ ଥିବାବେଳେ ମଙ୍ଗଳବାର ପୁଣି ଏଥିରେ ବୃଦ୍ଧି ଘଟିଛି। ୨୪ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ସୋମବାର ୧,୦୫,୮୮୦ ଟଙ୍କା ଥିଲା, ଯାହାକି ୧,୦୬,୦୯୦ ଟଙ୍କାରେ ପହଞ୍ଚିଛି। ଏଥିରେ ୨୧୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ୨୨ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୯୭,୨୫୦ ଟଙ୍କା ରହିଛି। ସୋମବାର ସୁନାଦର ୯୭,୦୫୦ ଟଙ୍କା ଥିବାବେଳେ ଏଥିରେ ୨୦୦ ଟଙ୍କା ବୃଦ୍ଧି ହୋଇଛି। ୧୮ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୭୯,୪୧୦ ଟଙ୍କାରୁ ୧୬୦ ଟଙ୍କା ବୃଦ୍ଧି ହୋଇ ୭୯,୫୭୦ ଟଙ୍କା ହୋଇଛି। ମଙ୍ଗଳବାର ରୁପା ଦାମ ମଧ୍ୟ ବୃଦ୍ଧି ପାଇଛି। ସୋମବାର ୧୦୦ ଗ୍ରାମ ରୁପା ଦାମ ୧୩,୬୦୦ ଟଙ୍କା ଥିଲା, ଯାହାକି ୧୦ଟଙ୍କା ବଢ଼ି ୧୩,୬୧୦ ଟଙ୍କା ହୋଇଛି।

## ଫୁଲ ଚାଷ



ସେରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଚାଷୀଙ୍କ ପାଇଁ..



ଲଙ୍କାଚାଷରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି . ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲ୍‌ଫାନ୍ କିମ୍ବା ୫୦୦ ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

# ଢିପ ଜମିରେ ଧାନ ଅମଳ



ଢିପ ଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ରୁ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ। ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼ାଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟାକରନ୍ତୁ। ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାବ୍ୟତୀତ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ

## ଏ ମାସର କୃଷି ସୂଚନା

ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍‌ସି କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଲାମ୍ବ୍‌ଡ଼ା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ ଔଷଧ ପକାଇ ବିଷ ବଳୟ ତିଆରି କରନ୍ତୁ। ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲ୍ୟୁପି ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୧.୫ ମି.ଲି.)କୁ ଗୋଳାଇ ସିଞ୍ଚନ କରନ୍ତୁ। ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ଧାନ ଯଥା - ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ପଦ୍ମିନୀ, ସହଭାଗୀ ଧାନ ରୁଅନ୍ତୁ ।

**ମକା :** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ । କିଆରିରେ ଠିଆପାଣି ଜମି ରହିଲେ କାଣ୍ଡଶଢ଼ା ରୋଗ ଦେଖାଯାଏ । ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୨ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫଲ୍ ଆର୍ମିୱାର୍ମ ଦମନ ପାଇଁ ସ୍ପାଇନୋଟୋରାମ ୧୧.୭% ଏସ୍‌ସି ୦.୫ ମି.ଲି./ଲିଟର ପାଣିରେ ଗୋଳାଇ ପ୍ରୟୋଗ କରନ୍ତୁ।

**ମାଣ୍ଡିଆ :** ମାଣ୍ଡିଆ କିଆରିରେ ଠିଆପାଣି ରଖନ୍ତୁ ନାହିଁ । ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ ।

**ପ୍ରାଣୀଙ୍କୁ ପ୍ରତିଷେଧକ ଟିକା**

ସାହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବାପାଇଁ ଗୋରୁଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ । ଟିକା ଦେବାର ୧୫-୨୦ ଦିନ ଆଗରୁ ଗୋରୁଙ୍କୁ କୃମିନାଶକ ଖାଇବାକୁ ଦିଅନ୍ତୁ । ବର୍ଷାଦିନେ ଗୋରୁଙ୍କୁ ଅଢ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁ ହୋଇଥାଏ । ଏହାଦ୍ୱାରା ଶରୀର ଉତ୍ତାପ ୧୦୩ରୁ ୧୦୭ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ । ନାକ, ଆଖି ଓ ପାଟିରୁ ପାଣି ବାହାରେ । ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ । ଏହାର ପ୍ରତିକାର ପାଇଁ ଗୁହାଳରେ ଝୁଣା କିମ୍ବା ଲିମ୍ବପତ୍ର ଧୂଆଁ ସନ୍ଧ୍ୟା ସମୟରେ ଦିଅନ୍ତୁ । ଗୁହାଳର ଚାରିପଟ ପରିଷ୍କାର ରଖନ୍ତୁ । ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ । ପ୍ରତିକାର ପାଇଁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

**ସୋରିଷ ଚାଷ**

ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ ଜାତୀୟ ସୋରିଷ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ତୋରିଆ କିସମ ଯଥା- ଅନୁରାଧା, ପାର୍ବତୀ, ସୁଶ୍ରୀ ସଂଗ୍ରହ କରନ୍ତୁ ଓ ସେପ୍ଟେମ୍ବର ଦ୍ୱିତୀୟାର୍ଦ୍ଧରେ ବୁଣନ୍ତୁ। ଅଣ ଜଳସେଚିତ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ୩୦ କି.ଗ୍ରା. ଯବକ୍ଷାରଜାନ, ୧୫ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ । ପିଜୁଳି ଓ ଲେମ୍ବୁର ପାଣି କୁଆଁ ସବୁ କାଟି ଦିଅନ୍ତୁ।

**ଫୁଲଚାଷ**

ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ। ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଂ ଷ୍ଟାର୍, ସୁପର ଜ୍ୟାଣ୍ଟ୍ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ଫଳଚାଷରେ ରୋଗପୋକ ଦମନ



ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗର ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ । ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ x ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ୧ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ।

## ରାଶି ବୁଣୁଥିଲେ...



ଢିପ ଜମିରେ ରାଶି ବୁଣିବା ପାଇଁ ଏହା ଉପଯୁକ୍ତ ସମୟ। ଏକର ପ୍ରତି ୪ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ପ୍ରତି କି.ଗ୍ରା. ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବର ଖତ ସହ ୬ କି.ଗ୍ରା. ଯବକ୍ଷାରଜାନ,୬ କି.ଗ୍ରା. ଫସ୍‌ଫରସ୍ ଓ ୬ କି.ଗ୍ରା. ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା-ପ୍ରାଚୀ,ନିର୍ମଳା,କନକ,କାଳିକା,ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୩ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ଼ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କି.ଗ୍ରା. ଯବକ୍ଷାରଜାନ, ୮କି.ଗ୍ରା. ଫସ୍‌ଫରସ୍ ଓ ୮କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲରେ ପତ୍ରକଟା ପୋକ ଲାଗିଥିଲେ...

ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ। ଧାନ ବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ x କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



## ଆଖୁ କିଆରିର ଯତ୍ନ



**ଆଖୁ** କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହାଛଡ଼ା ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆ ପୋକ ଲାଗିବା ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ରିପିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଲିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟକରନ୍ତୁ। ଆକ୍ରାନ୍ତ ସ୍ଥାନରେ ମେଟାଲାକ୍ସିଲ୍ ଏମ୍. ୮% X ମାନ୍‌କୋଜେବ୍ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।

## ବାଇଗଣରେ ସମନ୍ୱିତ ପୋକ ପରିଚାଳନା

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡ଼ଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ମାଛ ଯାଆଁଳ ଛାଡ଼ିବା ପରେ...



ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ। ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ। ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛଚାଷ ପାଇଁ ୧ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛାଡନ୍ତୁ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୩/୨୦୨୫ Bhubaneswar, Wednesday, September 3/ 2025

# କ୍ୱାର୍ଟରରେ ସିନର, ଓସାକା

**ୟୁଏସ୍ ଓପନ**

ନ୍ୟୁୟର୍କ,୨।୯

ୱାର୍ଲ୍ଡ ନଂ-୧ ଜାନିକ ସିନର ଓ ମହିଳା ସିଙ୍ଗଲ୍ସରେ ଦୁଇ ଥରର ଚାମ୍ପିୟନ ନାଓମି ଓସାକା ଚଳିତ ୟୁଏସ୍ ଓପନ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ତୃତୀୟ ସିଡ୍ କୋକୋ ଗଫ ବିଦାୟ ନେଇଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ସିନର ୬-୧, ୬-୧, ୬-୧ ସେଟ୍‌ରେ ଆଲେକଜାଣ୍ଡର ବବଲିକଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ଲାଗି ତାଙ୍କୁ ମାତ୍ର ୮୧ ମିନିଟ୍ ଲାଗିଥିବା ବେଳେ ହାର୍ଡକୋର୍ଟ ଗ୍ରାଣ୍ଡସ୍ଲାମରେ ଏହା ତାଙ୍କର କ୍ରମାଗତ ୨୫ତମ ବିଜୟ। ସେ କ୍ୱାର୍ଟର ଫାଇନାଲରେ ନିଜ ଦେଶର ଲୋରେଞ୍ଜୋ ମୁସେଟ୍ଟିଙ୍କୁ ଭେଟିବେ। ମୁସେଟି ତାଙ୍କ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ୬-୩, ୬-୦, ୬-୧ ସେଟ୍‌ରେ ଜଉମେ ମୁନାରଙ୍କୁ ପରାସ୍ତ କରିଛନ୍ତି।

ମହିଳା ସିଙ୍ଗଲ୍ସରେ ୨୦୧୮ ଓ ୨୦୨୦ ସଂସ୍କରଣର ଚାମ୍ପିୟନ ଓସାକା ୬-୩, ୬-୨ ସିଧାସଳଖ ସେଟ୍‌ରେ ତୃତୀୟ ସିଡ୍ ଗଫଙ୍କୁ ହରାଇଛନ୍ତି। ଏହି ବିଜୟ ସହ ୨୭ ବର୍ଷୀୟା ଓସାକା ୨୦୨୧ ପରେ ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ୧୧ତମ ସିଡ୍ କାରୋଲିନା ମୁଚୋଭା ୬-୩, ୬-୭(୦/୭), ୬-୩ ସେଟ୍‌ରେ ମାର୍ଟା କୋଷ୍ଟ୍ୟୁକଙ୍କୁ ଓ ଅଷ୍ଟମ ସିଡ୍ ଆମାଣ୍ଡା ଆନିସିମୋଭା ୬-୦, ୬-୩ ସେଟ୍‌ରେ ୧୮ତମ ସିଡ୍ ବିଆଟ୍ରିଜ ହାଦାଦ ମାଇଆଙ୍କୁ ହରାଇଛନ୍ତି।

## ମହିଳା ଡବଲ୍ସ: କ୍ୱାର୍ଟରରେ ଭେନସ



ଏକ ସେଟ୍ ଜିତିବାପରେ ଖୁସି ମନାଉଛନ୍ତି ଭେନସ ୱିଲିୟମ୍ସ ଓ ତାଙ୍କ ପାର୍ଟନର ଲେିଲା ଫର୍ନାଣ୍ଡେଜ।

୪୫ ବର୍ଷୀୟା ଭେଟେରାନ ଟେନିସ ଖେଳାଳି ଭେନସ ୱିଲିୟମ୍ସ ୟୁଏସ୍ ଓପନ ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଲେିଲା ଫର୍ନାଣ୍ଡେଜଙ୍କ ସହ ଯୋଡ଼ି କରି ଖେଳୁଥିବା ଭେନସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୩, ୬-୪ ସେଟ୍‌ରେ ୧୨ତମ ସିଡ୍ ଏକାଟେରିନା ଆଲେକଜାଣ୍ଡ୍ରୋଭା ଓ ଝାଙ୍ଗ ଶୁଆଇଙ୍କୁ ପରାସ୍ତ କରିଛନ୍ତି। ଲେିଲା ଓ ଭେନସ କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ଟେଲର ଟାଉନସେଣ୍ଡ ଓ କାଟେରିନା ସିନିଆକୋଭାଙ୍କୁ ଭେଟିବେ।

# ଟି୨୦ରୁ ମିଚେଲ ଷ୍ଟାର୍କଙ୍କ ଅବସର

ବ୍ରିସ୍‌ବେନ୍, ୨।୯ (ପି.ଟି.)




ଅଷ୍ଟ୍ରେଲିଆର ଦୁର୍ଦ୍ଧର୍ଷ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଆଗକୁ ଆସେସ୍, ଆଇପିଏଲ୍, ଭାରତରେ ଟେଷ୍ଟ ସିରିଜ୍ ଏବଂ ୨ ବର୍ଷ ମଧ୍ୟରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ହେବାକୁ ଥିବାରୁ ରଣନୀତିକ ପଦକ୍ଷେପସ୍ୱରୂପ ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଷ୍ଟାର୍କ ତାଙ୍କ ବିସ୍ଫୋରକ ଗତି, ଚମତ୍କାର ସୁଇଙ୍ଗ୍, ଘାତକ ୟର୍କର ଏବଂ ବାଉନ୍ସର ପାଇଁ ଜଣାଶୁଣା। ଅଷ୍ଟ୍ରେଲୀୟ ପେସ୍ ବୋଲର ଅନ୍ତର୍ଜାତୀୟ ଟି୨୦ ଫର୍ମାଟ୍‌ରେ ୬୫ ମ୍ୟାଚ୍ ଖେଳି ୭୯ ଉଇକେଟ ଅକ୍ତିଆର କରିଛନ୍ତି। ଆଡାମ ଜାମ୍ପା(୧୦୩ ଗେମ୍, ୧୩୦ ଉଇକେଟ)ଙ୍କ ପରେ ଏହି ଫର୍ମାଟ୍‌ରେ ସେ ଅଷ୍ଟ୍ରେଲିଆର ଦ୍ୱିତୀୟ ଶ୍ରେଷ୍ଠ ବୋଲର। ୩୫ ବର୍ଷୀୟ ଏହି ବୋଲର ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆରେ ଅଧିକ ଦିନ ତିଷ୍ଠି ରହିବାକୁ ଚାହୁଁଛନ୍ତି। ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ଦଳ ତରଫରୁ ଖେଳୁଥିବାବେଳେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଷ୍ଟାର୍କ ସମସ୍ତ ବଡ଼ ଇଭେଣ୍ଟ ଲାଗି ନିଜକୁ ସମ୍ପୂର୍ଣ୍ଣ ଶାରୀରିକ ଫିଟ୍ ରଖିବାକୁ ଚାହୁଁଛନ୍ତି। ଏଥିପାଇଁ ତାଙ୍କୁ ଅନ୍ତର୍ଜାତୀୟ ଟି୨୦ ଛାଡ଼ିବାକୁ ପଡ଼ିଛି। ଆଇପିଏଲ୍‌ରେ କିନ୍ତୁ ଷ୍ଟାର୍କଙ୍କର ବହୁତ ଚାହିଦା ରହିଛି। ଆଇପିଏଲ୍ ୨୦୨୪ରେ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର) ତାଙ୍କୁ ରେକର୍ଡ ୨୪.୭୫ କୋଟି ଟଙ୍କାରେ କ୍ରୟ କରିଥିଲା। ଦଳ ପକ୍ଷରୁ ଖେଳିବା ବେଳେ କେତୋଟିରେ ତାଙ୍କଠାରୁ ମ୍ୟାଚ୍‌ବିଜୟୀ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ୨୦୨୫ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଷ୍ଟାର୍କଙ୍କୁ ୧୧.୭୫ କୋଟି ଟଙ୍କାରେ କ୍ରୟ କରିଥିଲା। ଭାରତ-ପାକିସ୍ତାନ ସୀମା ବିବାଦ ଯୋଗୁ ଆୟୋଜକ ଆଇପିଏଲ୍‌କୁ ଗୋଟିଏ ସପ୍ତାହ ପାଇଁ ସସ୍‌ପେଣ୍ଡ କରିଥିଲେ। କେତେଜଣ ବିଦେଶୀ ଖେଳାଳି ନିଜ ଦେଶକୁ ଫେରିଯାଇଥିଲେ। ଷ୍ଟାର୍କଙ୍କ ସମେତ କେତେଜଣ ନ ଫେରିବାକୁ ସ୍ଥିର କରିଥିଲେ। ଷ୍ଟାର୍କ ତାଙ୍କର ଅନ୍ତର୍ଜାତୀୟ ଟି୨୦ରୁ ଅବସର ଘୋଷଣା ମଙ୍ଗଳବାର ସକାଳେ କରିଥିଲେ। ସେତେବେଳେ ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ଏହାର ଦଳ ଘୋଷଣା କରିଥିଲା।

# ଅସିଫ୍ ଅଲ୍ଲୀଙ୍କ ଅବସର ଘୋଷଣା

ଲାହୋର,୨।୯(ପି.ଟି.)

ପାକିସ୍ତାନର ମିଡଲ-ଅର୍ଡର ବ୍ୟାଟର ଅସିଫ୍ ଅଲ୍ଲୀ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷୀୟ ବ୍ୟାଟର ପାକିସ୍ତାନ ପାଇଁ ୨୦୨୧ ଓ ୨୦୨୨ ଟି୨୦ ବିଶ୍ୱକପ୍ ଖେଳିବା ସହ ୨୦୧୯ରେ ଦିନିକିଆ ବିଶ୍ୱକପ୍ ଖେଳିଥିଲେ। ତେବେ ସେ ଘରୋଇ କ୍ରିକେଟ୍ ଓ ବିଭିନ୍ନ ଦେଶରେ ଫ୍ରାଞ୍ଚାଇଜ୍ ଲିଗ୍ କ୍ରିକେଟ ଖେଳିବେ। ଏହି ଡାହାଣହାତୀ ବ୍ୟାଟର ପାକିସ୍ତାନ ପାଇଁ ୨୧ ଦିନିକିଆ ଓ ୫୮ ଟି୨୦ ମ୍ୟାଚ୍ ଖେଳି ୩ ଅର୍ଦ୍ଧଶତକ ସହ ୯୫୯ ରନ୍ କରିଥିଲେ। ୨୦୨୧ ଟି୨୦ ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷ ସୁପର ୧୨ ମୁକାବିଲାରେ ସେ ତାଙ୍କ କ୍ୟାରିୟରର ସ୍ମରଣୀୟ ଇନିଂସ ଖେଳିଥିଲେ। ଦଳକୁ ଜିତାଇବା ପାଇଁ ଅନ୍ତିମ ଦୁଇ ଓଭରରେ ୨୪ ରନ୍ ଦରକାର ଥିବା ବେଳେ ସେ ୭ ବଲ୍‌ରେ ୨୫ ରନ୍ କରିଥିଲେ।




ବେଙ୍ଗାଲୁରୁସ୍ଥିତ କର୍ନାଟକ ରାଜ୍ୟ ହକି ଆସୋସିଏଶନ ଆରେନା ପରିଦର୍ଶନ ଅବସରରେ ଜଣେ ଶିଶୁ ସହ ବାର୍ତ୍ତାଳାପ କରୁଛନ୍ତି ଜର୍ମାନୀର ପୂର୍ବତନ ଫିଲ୍ଡ ହକି ଖେଳାଳି ମୋରିଜ୍ ଫର୍ଷ୍ଟ।

## ୧୩ ବର୍ଷ ପରେ ନ୍ୟାଶନାଲ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ

**ନୂଆଦିଲ୍ଲୀ, ୨।୯ (ପି.ଟି.):** ୟୁଟିଟି ନ୍ୟାଶନାଲ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ ଟୁର୍ନାମେଣ୍ଟ ଏଠାରେ ସେପ୍ଟେମ୍ବର ୭ରୁ ଖେଳାଯିବ। ୧୩ ବର୍ଷ ପରେ ଖେଳାଯିବାକୁଥିବା ଏହି ଇଭେଣ୍ଟରେ ଜାତୀୟ ଚାମ୍ପିୟନ ଦିୟା ଚିଟାଲେ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଜି. ସାଥିୟାଁ ହେଉଛନ୍ତି ଟୁର୍ନାମେଣ୍ଟର ମୁଖ୍ୟ ଆକର୍ଷଣ। ଟୁର୍ନାମେଣ୍ଟରେ ୨୯୫୮ଜଣ ଖେଳାଳ ଭାଗ ନେଉଛନ୍ତି। ଦିଲ୍ଲୀ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ୨୦୦୮ ପରେ ପ୍ରଥମ ଥର ଏକ ଜାତୀୟ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି, ଯଦିଓ ଭାରତର ଟେବୁଲ ଟେନିସ ମହାସଂଘ ୨୦୧୨ ମସିହାରେ ହରିୟାଣାର ସହଯୋଗରେ ଏକ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରିଥିଲା। ଟୁର୍ନାମେଣ୍ଟ ସେପ୍ଟେମ୍ବର ୭ରୁ ୧୪ ପର୍ଯ୍ୟନ୍ତ ଥ୍ୟାଗରାଜ୍ ଷ୍ଟାଡିୟମରେ ଖେଳାଯିବ। ଏଥିରେ ବିଭିନ୍ନ କାଟେଗୋରୀରେ ଯଥା ସିନିୟର, ୧୯ ବର୍ଷରୁ କମ୍ ୧୭ ବର୍ଷରୁ କମ୍, ୧୫ ବର୍ଷରୁ କମ୍, ୧୩ ବର୍ଷରୁ କମ୍ ଏବଂ ୧୧ ବର୍ଷରୁ କମ୍ କାଟେଗୋରୀ ସମେତ ମୋଟ ୧୨ଟି କାଟେଗୋରୀରେ ଇଭେଣ୍ଟମାନ ହେବ। ପୁରୁଷ ବିଭାଗରେ ଜାତୀୟ ଚାମ୍ପିୟନ ସାଥିୟାଁ ହରମିତ୍, ଆନ୍ଥୋନୀ ଅମ୍‌ଲାରାଜ ଓ ସୌମ୍ୟଜିତ୍ ଘୋଷ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାଗ ନେବା ପରଠାରୁ ଜାତୀୟ ଦୃଶ୍ୟପଟ୍ଟରୁ ଦୂରେଇ ଯାଇଛନ୍ତି। ଭେଟେରାନ ମୌମା ଦାସ, ମାଧୁରିକା ପାଟ୍‌କର, ରିଥ୍ ରିଶ୍ୟା ଓ ଦିବ୍ୟା ଦେଶପାଣ୍ଡେ ପ୍ରମୁଖ ମହିଳା ବିଭାଗରେ ଫେଭରିଟ ରହିବେ। ଦିଲ୍ଲୀ ଭିତ୍ତିକ ଭାରତ ଷ୍ଟାର ମନିକା ବାତ୍ରା ଟୁର୍ନାମେଣ୍ଟ ପାଇଁ ଉପଲବ୍ଧ ହେଉ ନାହାନ୍ତି। ତାଙ୍କର ବର୍ତ୍ତମାନ ଇଣ୍ଟରନ୍ୟାଶନାଲ ଇଭେଣ୍ଟଗୁଡ଼ିକ ଉପରେ ନଜର ରହିଛି। ର୍‍ୟାଙ୍କିଙ୍ଗ ତାଲିକାରେ ସେ ବର୍ତ୍ତମାନ ୫୫ସ୍ଥାନକୁ ଖସିଆସିଛନ୍ତି। ଡିଏସ୍‌ଟିଟିଏ ସଭାପତି ଗୁରପ୍ରୀତ ସିଂ କହିଛନ୍ତି, ଗତ ଥର ଏହି ଜାତୀୟ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ କେତେଜଣ ଖେଳାଳି ଭାଗ ନେଇଥିଲେ ଯଦିଓ ତାଙ୍କର ମନେ ପଡୁନି, ଏଥର କିନ୍ତୁ ଅନେକ ଖେଳାଳି ଏଥରେ ଭାଗ ନେଉଛନ୍ତି।



କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ତଥା ବିଧାୟକ ଟଙ୍କଧର ତ୍ରିପାଠୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟସ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

# ଆଇଏସ୍‌ଏଲ୍ ଆୟୋଜନ ପଥ ପରିଷ୍କାର କରିବେ ଜଷ୍ଟିସ୍ ନାଗେଶ୍ୱର ରାଓ

ନୂଆଦିଲ୍ଲୀ,୨।୯(ପି.ଟି.)

ଚାରପତି ଏଲ୍. ନାଗେଶ୍ୱର ରାଓଙ୍କୁ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ନୂଆ ଆର୍ଥିକ ସହଯୋଗୀ ବାଛିବା ଲାଗି ହେବାକୁଥିବା ସମ୍ପୂର୍ଣ୍ଣ ଟେଣ୍ଡର ପ୍ରକ୍ରିୟାକୁ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ତାଙ୍କୁ ଦେଶର ଶୀର୍ଷସ୍ତରୀୟ ଲିଗ୍ ଆୟୋଜନ କରିବା ପଥ ପରିଷ୍କାର କରିବାକୁ ଦାୟିତ୍ୱ ଦିଆଯାଇଛି। ଇଣ୍ଡିଆନ ସୁପର ଲିଗ୍‌ର ଆୟୋଜକ ତଥା ଏଆଇଏଫ୍‌ଏଫ୍‌ର ଆର୍ଥିକ ସହଯୋଗୀ ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍(ଏଫ୍‌ଏସ୍‌ଡିଏଲ୍) ପକ୍ଷରୁ ଗତ ଜୁଲାଇ ୧୧ରେ ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟ(ଏମ୍‌ଆର୍‌ଏ)ର ରିନ୍ୟୁଆଲକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା କାରଣରୁ ୨୦୨୫-୨୬ ସିଜନକୁ ସ୍ଥଗିତ ରଖାଯାଇଥିଲା। ଗତ ୨୦୧୦ରେ ସ୍ୱାକ୍ଷର ହୋଇଥିବା ଏମ୍‌ଆର୍‌ଏ ଚଳିତବର୍ଷ ଡିସେମ୍ବରରେ ଶେଷହେବାକୁ ଯାଉଛି। ସେହି ସମୟ ସୁଦ୍ଧା ଆଇଏସ୍‌ଏଲ୍ ସିଜନର ତୃତୀୟ ମାସ ଚାଲିଥିବ।

ଆଇଏସ୍‌ଏଲ୍ ଆୟୋଜନ କରିବା ପାଇଁ ମୁକ୍ତ, ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ସ୍ୱଚ୍ଛ ପ୍ରକ୍ରିୟାରେ ଆର୍ଥିକ ସହଯୋଗୀ ଚୟନ ନିମନ୍ତେ ଏଆଇଏଫ୍‌ଏଫ୍ ଆବଶ୍ୟକ ଥିବା ଟେଣ୍ଡର ଜାରି କରିବା ଉଚିତ। ଏଥିଲାଗି ଆମ ଅନୁରୋଧକ୍ରମେ ରାଜି ହୋଇଥିବା ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓଙ୍କୁ ଚୟନ ପ୍ରକ୍ରିୟାର ତଦାରଖ କରିବାକୁ ନିଯୁକ୍ତ କରାଯାଇଛି। ଆଇଏସ୍‌ଏଲ୍ ଆୟୋଜନ ଲାଗି ଦକ୍ଷ ଓ ପ୍ରତିଷ୍ଠିତ କମ୍ପାନୀକୁ ଆର୍ଥିକ ସହଯୋଗୀ ଭାବେ ଚୟନ କରିବା ତାଙ୍କର ଦାୟିତ୍ୱ ହେବ। କୋର୍ଟଙ୍କ ପକ୍ଷରୁ କୁହାଯାଇଛି ଯେ, ଜଷ୍ଟିସ୍ ରାଓ ଏଆଇଏଫ୍‌ଏଫ୍‌ର ଆର୍ଥିକ ସହଯୋଗୀ ଚୂଡ଼ାନ୍ତ ପ୍ରକ୍ରିୟାରେ ସହଯୋଗ ପାଇଁ ଜଣେ କିମ୍ବା ଦୁଇଜଣ ପ୍ରଫେସନାଲଙ୍କୁ ନିଯୁକ୍ତ କରିପାରିବେ।

ଏଆଇଏଫ୍‌ଏଫ୍ ପକ୍ଷ ରଖୁଥିବା ସିନିୟର ଓକିଲ ରଞ୍ଜିତ କୁମାର ଓ ଏଫ୍‌ଏସ୍‌ଡିଏଲ୍ ପକ୍ଷ ରଖୁଥିବା ଓକିଲ ନୀରଜ କିଶନ କୌଲ ଖଣ୍ଡପୀଠକୁ ଆଶ୍ୱାସନା ଦେଇଛନ୍ତି ଯେ, ଉଭୟ ସଂଗଠନ ଫୁଟ୍‌ବଲ ସିଜନକୁ ଠିକ୍ ସମୟରେ ଆରମ୍ଭ କରିବା ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବେ। ଉଭୟ ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ ଏହି ପ୍ରକ୍ରିୟାରେ ରାଜି ହୋଇଛନ୍ତି।

**ଏସିଆ କପ୍ ହକି ସୁପର-୪**

# ଭାରତ-କୋରିଆ ମୁକାବିଲା ଆଜି

**ରାଜଗିରି (ବିହାର), ୨।୯ (ପି.ଟି.):** ଏସିଆ କପ୍ ପୁରୁଷ ହକି ସୁପର-୪ ପର୍ଯ୍ୟାୟରେ ଭାରତ ବୁଧବାର ଏହାର ପ୍ରଥମ ମ୍ୟାଚ ଗତଥରର ଟାଇଟଲ ବିଜେତା ତଥା ୫ଥର ଚାମ୍ପିୟନ କୋରିଆ ସହ ମୁକାବିଲା କରିବ। ପୁଲ୍ ପର୍ଯ୍ୟାୟରେ ଅପରାଜେୟ ରହିଥିବା ଭାରତ ବେଶ୍ ଉତ୍ସାହିତ ଅଛି। ଦଳ ବୁଧବାର ଦୃଢ ଆତ୍ମବିଶ୍ୱାସର ସହିତ ପଡ଼ିଆକୁ ଓହ୍ଲାଇବ। ପୁଲ୍ ‘ଏ’ରେ ଭାରତ ଏହାର ସମସ୍ତ ମ୍ୟାଚରେ ବିଜୟ ଲାଭ କରିଥିଲା। ଦଳ ପ୍ରଥମେ ଚାଇନାକୁ ୪-୩, ଜାପାନକୁ ୩-୨ ଏବଂ ସୋମବାର କାଜାଖସ୍ତାନକୁ ୧୫-୦ ଗୋଲ୍‌ରେ ହରାଇ ଦେଇଥିଲା। ଟୁର୍ନାମେଣ୍ଟରେ ସବୁଠାରୁ ସଫଳ ଦଳ ଭାବେ ବିବେଚନା କରାଯାଉଥିବା କୋରିଆର ଦଳର ପ୍ରଦର୍ଶନ ସେତେଟା ପ୍ରଭାବୀ ମନେ ହେଉ ନାହିଁ। ପୁଲ୍ ‘ବି’ରେ ଦଳ ମାଲେସିଆ ପଛକୁ ଦ୍ୱିତିୟ ସ୍ଥାନରେ ରହିଛି। କୋରିଆ ପୁଲ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିବ ବୋଲି ଆଶା କରୁଥିଲେ ମାତ୍ର ମାଲେସିଆ ଏହି ଦଳକୁ ୪-୧ ଗୋଲ୍‌ରେ ହରାଇ ଦେଇଥିଲା। ଭାରତୀୟ ଦଳ ଫରୱାର୍ଡ ଲାଇନ୍‌ରେ ଦିଲପ୍ରୀତ ସିଂଙ୍କ ପ୍ରଦର୍ଶନକୁ ନେଇ ଚିନ୍ତିତ ଅଛି।

# ରିୟଲ ମନି ଗେମିଂ, କ୍ରିପ୍ଟୋ କମ୍ପାନୀକୁ ମନା

**ଟିମ୍ ଇଣ୍ଡିଆର ଟାଇଟଲ ସ୍ପନସରଶିପ**

**ବିସିସିଆଇ ବିଡ୍ସ ଆମନ୍ତ୍ରଣ କଲା**

ନୂଆଦିଲ୍ଲୀ, ୨।୯(ପି.ଟି.)

ଫାଣ୍ଟାସି ସ୍ପୋର୍ଟ୍ସ କମ୍ପାନୀ ଡ୍ରିମ୍ ୧୧ ଓହରିବା ପରେ ଭାରତୀୟ କ୍ରିକେଟ୍ ଦଳର ଟାଇଟଲ ସ୍ପନସରଶିପ୍ ଅଧିକାର ଲାଗି ବିସିସିଆଇ ମଙ୍ଗଳବାର ବିଡ୍ସ ଆମନ୍ତ୍ରଣ ଦେଇଛି। ସରକାରଙ୍କ ପକ୍ଷରୁ ବ୍ୟାନ୍ କରାଯିବା ପରେ ଏହି ବିଡ୍ସ ପ୍ରକ୍ରିୟାରୁ ରିୟଲ ମନି ଗେମିଂ ଓ କ୍ରିପ୍ଟୋ କରେନ୍ସି କମ୍ପାନୀକୁ ବ୍ୟାନ୍ କରାଯାଇଛି। ଆସନ୍ତା ୯ ତାରିଖରୁ ୟୁଏଇରେ ଆରମ୍ଭ ହେବାକୁଥିବା ଏସିଆ କପ୍‌ରେ ଭାରତୀୟ ଦଳ ବିନା ଟାଇଟଲ ସ୍ପନସର୍‌ରେ ଖେଳିବ। ବୋର୍ଡ ପକ୍ଷରୁ ଆସନ୍ତା ୧୬ ତାରିଖକୁ ବିଡ୍ସ ଦାଖଲର ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଛି।




ବିସିସିଆଇ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଇନ୍‌ଭାଟେଶନ ଫର ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ (ଆଇଇଓଆଇ) କିଣିବା ପାଇଁ ଆସନ୍ତା ୧୨ ତାରିଖକୁ ଅନ୍ତିମ ଦିନ ଭାବେ ଧାର୍ଯ୍ୟ କରାଯାଇଛି। ଏହାର ମୂଲ୍ୟ ୫ ଲକ୍ଷ ଟଙ୍କା ରଖାଯାଇଛି। ଗୁଟ୍‌ଖା, ଆଲ୍‌କହଲ ଓ ସାର୍ବଜନୀନ ନୈତିକତାକୁ ଆଘାତ ଦେଉଥିବା ଭଳି କମ୍ପାନୀକୁ ମଧ୍ୟ ଏହି ପ୍ରକ୍ରିୟାରୁ ବାଦ୍ କରାଯାଇଛି। ଏଥିସହିତ ସ୍ପୋର୍ଟ୍ସୱେର

ପ୍ରମୋଶନ ଓ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ ୨୦୨୫ ଆଇନ କାରଣରୁ ଡ୍ରିମ୍ ୧୧ ଭଳି ରିୟଲ ମନି ଗେମିଂ ଦେଶରେ ବ୍ୟାନ୍ ହୋଇଯାଇଛି। ଡ୍ରିମ୍ ୧୧ ଓ ମାଇଁ ୧୧ ସର୍କଲ ଭଳି କମ୍ପାନୀଠାରୁ ବିସିସିଆଇକୁ ପ୍ରାୟ ୧୦୦୦ କୋଟି ଟଙ୍କା ମିଳୁଥିଲା। ଦୁହେଁ ଯଥାକ୍ରମେ ଭାରତୀୟ କ୍ରିକେଟ୍ ଦଳ ଓ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ)ର ଟାଇଟଲ ସ୍ପନସର ଥିଲେ।

ଅନ୍‌ଲାଇନ୍ ମନି ଗେମିଂ, ବେଟିଂ କିମ୍ବା ଗ୍ୟାମ୍ବଲିଂ ଭଳି ସେବା କିମ୍ବା ଭାରତ କି ବିଦେଶରେ ସମାନ ପ୍ରକାର ପ୍ଲାଟଫର୍ମ ସହ ଜଡ଼ିତ ଥିବା ବିଡର ଆବେଦନ କରିପାରିବେ ନାହିଁ। ପ୍ରମୋଶନ ଆଣ୍ଡ୍ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ ୨୦୨୫ ଆଇନ ଅଧୀନରେ ବାରଣ କରାଯାଇଥିବା କାର୍ଯ୍ୟ କିମ୍ବା ବ୍ୟବସାୟରେ ଜଡ଼ିତ ଥିବା ବିଡରଙ୍କୁ ବିଡ୍ସ ଦାଖଲ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ନିର୍ମାତା, ବ୍ୟାଙ୍କ, ବ୍ୟାଙ୍କିଙ୍ଗ ଆଣ୍ଡ୍ ଫାଇନାନ୍‌ସିଆଲ ସର୍ଭିସେସ୍, ନନ୍-ବ୍ୟାଙ୍କିଙ୍ଗ ଫାଇନାନ୍‌ସିଆଲ କମ୍ପାନୀ, ନନ୍-ଆଲ୍‌କହଲିକ୍ କୋଲ୍ଡ ବେଭରେଜ୍ସ, ଫ୍ୟାନ୍ସ ଓ ମିକ୍ସର ଗ୍ରାଇଣ୍ଡର, ସେଫ୍ଟି ଲକ୍ସ ଓ ଇନ୍‌ସୁରାନ୍ସ କମ୍ପାନୀକୁ ମଧ୍ୟ ବାରଣ କରାଯାଇଛି। ଏହିସମସ୍ତ କାଟେଗୋରିରେ ଆଡିଡାସ୍, କାମ୍ପାକୋଲା, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଓ ଏସ୍‌ବିଆଇ ଲାଇଫ୍ ଆଦି ବିସିସିଆଇ ସହ ଜଡ଼ିତ ରହିଛନ୍ତି।




ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ମଙ୍ଗଳବାର ଅନୁଷ୍ଠିତ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍ ବେଲ୍ଟ ଟେଷ୍ଟରେ ଭାଗ ନେଇଥିବା କରାଟେକା ଓ ଅନ୍ୟମାନେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ